R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୦୨
ତିଥି : ପ୍ରତିପଦ
୨୯ ଏପ୍ରିଲ ୨୦୨୫, ମଙ୍ଗଳବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 202
29 April 2025, Tuesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

### ଲଗାତର ୪ ଦିନ ଧରି ପାକ୍‌ର ଏଲ୍‌ଓସିରେ ଅସ୍ତ୍ର ବିରତି ଉଲ୍ଲଘଂନ

# ଭାରତୀୟ ସେନାର କଡ଼ା ଜବାବ

ନୂଆଦିଲ୍ଲୀ, ୨୮।୪ : ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ପାକିସ୍ତାନ ଲଗାତର ୪ ଦିନ ଧରି ଯୁଦ୍ଧ ବିରତୀକୁ ଉଲ୍ଲଂଘନ କରିଚାଲିଛି । ୨୭-୨୮ ରାତିରେ ପାକ୍ ସେନା ପକ୍ଷରୁ ଗୁଳିଗୁଳା ଆରମ୍ଭ କରାଯାଇଛି । ପାକିସ୍ତାନର ସେନା ପୋଷ୍ଟ ନିକଟରେ ଏଲ୍‌ଓସିକୁ ଅତିକ୍ରମ କରି ଗୁଳି ଚାଳନା କରାଯାଉଛି । କୁପଓ୍ୱାରା ଓ ପୁଞ୍ଚ ଜିଲ୍ଲାର ବିପରିତ ସ୍ଥଳରେ ଏହି ଉଲ୍ଲଂଘନ ହୋଇଛି । ତେବେ ଭାରତୀୟ ସେନା ଏହାର ଦୃଢ଼ ଜବାବ ଦେଇଛି ।



ସେନା ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି ଯେ ପାକିସ୍ତାନ ସେନା ଅଧିକାଂଶ ଭାରତୀୟ ପୋଷ୍ଟ ଯାହା ଏଲ୍‌ଓସି ନିକଟରେ ରହିଛି ତାକୁ ଲଗାତର ୩ ଦିନ ଧରି ଟାର୍ଗେଟ କରୁଛି । ଗତ ୨୬-୨୭ ରାତିରେ ମଧ୍ୟ ପାକିସ୍ତାନ ସେନା ପୋଷ୍ଟରୁ ପ୍ରଥମେ ଏହି ଗୁଳିଗୋଳା ଆରମ୍ଭ ହୋଇଥିଲା । ଛୋଟ ଛୋଟ ଅସ୍ତ୍ର ସାହାଯ୍ୟରେ ଭାରତକୁ ଉତ୍ତେଜିତ କରିବାକୁ ସେ ଚେଷ୍ଟା କରୁଛି । ଆମ ସେନା ପକ୍ଷରୁ ଏହାର ଦୃଢ଼ ଜବାବ ଦିଆଯାଉଛି । ଭାରତ ଓ ପାକିସ୍ତାନ ମଧ୍ୟରେ ପହଲଗାମ୍ ଆକ୍ରମଣକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି । ଗତ ୨୨ ତାରିଖରେ ପହଲଗାମ୍‌ରେ ପାକିସ୍ତାନ ସମର୍ଥିତ ଆତଙ୍କବାଦୀମାନେ ୨୬ ପର୍ଯ୍ୟଟକଙ୍କୁ ହତ୍ୟା କରିଥିଲେ । ଏହାପରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି । ନୂଆଦିଲ୍ଲୀ ପକ୍ଷରୁ ମଧ୍ୟ ଏହାର କଡା ଜବାବ ଦେବାପାଇଁ କୁହାଯାଇଛି । ଭାରତ ମଧ୍ୟ ଭିସାକୁ (୯ ପୃଷ୍ଠାରେ)

### ଗୁଳି ବିନିମୟରେ କମ୍ପୁଛି ଏଲ୍‌ଓସି

## ୩ ଓଡ଼ିଆଙ୍କୁ ପଦ୍ମ ପୁରସ୍କାର





ନୂଆଦିଲ୍ଲୀ, ୨୮।୪ : ଓଡ଼ିଶାର ପଦ୍ମ ପୁରସ୍କାର ବିଜେତାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ପୁରସ୍କାର ପ୍ରଦାନ କରିଛନ୍ତି । ଅଦ୍ୱୈତ ଚରଣ ଗଡନାୟକ କଳା ଲାଗି ପଦ୍ମ ପୁରସ୍କାର ପାଇଥିବାବେଳେ ଡ. ଅଶୋକ ମହାପାତ୍ର ଚିକିତ୍ସା, ଦୁର୍ଗାଚରଣ ରଣବୀର କଳା କ୍ଷେତ୍ର ଲାଗି ପୁରସ୍କାର ପାଇଛନ୍ତି ।

ଅଦ୍ୱୈତ ଚରଣ ଗଡନାୟକ ଜଣେ ପ୍ରସିଦ୍ଧ ଭାରତୀୟ ମୂର୍ତ୍ତିଶିଳ୍ପୀ । କଳା ଜଗତରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସେ ଜଣାଶୁଣା । ଭାରତୀୟ ସଂସ୍କୃତି, ଆଧ୍ୟାତ୍ମିକତା ଏବଂ ଐତିହ୍ୟର ଗଭୀରତାକୁ ପ୍ରତିଫଳିତ କରୁଥିବା ମୂର୍ତ୍ତି ନିର୍ମାଣରେ ତାଙ୍କର ଦକ୍ଷତା ପାଇଁ ସେ ବହୁ ପ୍ରଶଂସିତ । ଡାକ୍ତର ଅଶୋକ କୁମାର ମହାପାତ୍ର ଦେଶର ଜଣେ ବିଶିଷ୍ଟ ନ୍ୟୁରୋ ସର୍ଜନ । ଦିଲ୍ଲୀ ଏମ୍ସରେ ୪ ଦଶନ୍ଧି ଧରି କାର୍ଯ୍ୟ କରିବା ସହ ଭୁବନେଶ୍ୱର ଏମ୍ସର ପ୍ରଥମ ନିର୍ଦ୍ଦେଶକ ଥିଲେ । ଏମ୍ସ କାର୍ଯ୍ୟକାଳରେ ପ୍ରଫେସର ଡ. ମହାପାତ୍ର ୮୬୦ ନିବନ୍ଧ ପ୍ରକାଶ କରିଥିଲେ । ୧୬ ପୁସ୍ତକ ଓ ୧୪୦ରୁ ଅଧିକ ଅଧ୍ୟାୟ ରଚନା କରିଥିଲେ । ଗତ ୩୦ ବର୍ଷ ମଧ୍ୟରେ ସେ ୨୦ରୁ ଅଧିକ ଗବେଷଣା ପ୍ରକଳ୍ପ କରିଛନ୍ତି । ସେହିଭଳି ଓଡ଼ିଶୀ ନୃତ୍ୟରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ହେଉଛନ୍ତି ଦୁର୍ଗାଚରଣ ରଣବୀର । ଅସାଧାରଣ ନୃତ୍ୟ କଳା ପାଇଁ ସେ ଜଣାଶୁଣା । ଏହି କ୍ଷେତ୍ରରେ ଅନ୍ୟତମ ବରିଷ୍ଠ ଗୁରୁ ଭାବେ ତାଙ୍କର ଆନ୍ତର୍ଜାତୀୟ ସ୍ୱିକୃତୀ ତାଙ୍କ ଯୋଗ୍ୟତାର ପ୍ରମାଣ ।

# କାଳବୈଶାଖୀ ଆଣୁଛି ତାତିରୁ ଆଶ୍ୱସ୍ତି

ଭୁବନେଶ୍ୱର, ୨୮।୪ (ସବ୍ୟୁ) : ରାଜ୍ୟରେ କାଳବୈଶାଖୀ ବର୍ଷା ତାଣ୍ଡବ ରଚିଛି। ବିଭିନ୍ନ ସ୍ଥାନରେ କୁଆପଥର ବର୍ଷା ସହ ଜୋର୍‌ରେ ପବନ ବୋହିଛି। ଫଳରେ ଗଛ ଭାଙ୍ଗି ରାସ୍ତାରେ ପଡିବା ସହିତ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଛି। ଆଜି ଭଦ୍ରକ ଜିଲ୍ଲା ସମେତ କଟକ, ଭୁବନେଶ୍ୱର, ଢେଙ୍କାନାଳ, କେନ୍ଦୁଝର, ବାଲେଶ୍ୱର, ନୟାଗଡ, ମୟୂରଭଞ୍ଜ, ଖୋର୍ଦ୍ଧା ଜିଲ୍ଲାରେ ପ୍ରବଳ ବର୍ଷା ହୋଇଛି।

ଉପକୂଳରେ ଦିନବେଳା ଗ୍ରୀଷ୍ମପ୍ରବାହ ହୋଇଥିବା ବେଳେ ସନ୍ଧ୍ୟାରେ ପାଗରେ ପରିବର୍ତ୍ତନ ଆସିଥିଲା। ବିଭିନ୍ନ ସ୍ଥାନରେ କଳାହାଣ୍ଡିଆ ମେଘ ଘୋଟି ଆସିଥିଲା। ଘଡଘଡି ମାରିବା ସହ ପବନର ବେଗ ଘଣ୍ଟାପ୍ରତି ୩୦-୪୦ ରହିଥିଲା। ଦିନରେ ତାତିରୁ ଆଶ୍ୱସ୍ତି ଦେଇଛି ସନ୍ଧ୍ୟାର କାଳବୈଶାଖୀ ବର୍ଷା। ସନ୍ଧ୍ୟା ୭ଟାରୁ ଭୁବନେଶ୍ୱର ପ୍ରବଳ ବର୍ଷା ଆରମ୍ଭ ହୋଇଥିବାବେଳେ ବିଭିନ୍ନ ଜିଲ୍ଲାରେ ସନ୍ଧ୍ୟା ୫ଟାରୁ ବର୍ଷା ହୋଇଥିବା ଜଣାପଡିଛି।

### ରାଜଧାନୀରେ ପ୍ରବଳ ବର୍ଷା

ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଝଡ ତୋଫାନ ବର୍ଷା ଜାରି ରହିବ। ଅପରାହ୍ନ ଓ ସନ୍ଧ୍ୟା ସମୟରେ କାଳବୈଶାଖୀ ପ୍ରଭାବ ଅଧିକ ରହିପାରେ। ଆସନ୍ତାକାଲି(୨୯ ତାରିଖ) ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଭଦ୍ରକ, ଯାଜପୁର ଜିଲ୍ଲାକୁ କାଳବୈଶାଖୀ ଲାଗି ଅରେଞ୍ଜ୍ ଓ୍ୱାର୍ଣ୍ଣିଂ (୯ ପୃଷ୍ଠାରେ)

### ଚଳିତ ମୌସୁମୀରେ ବି ଗରମ ଅଧିକ

ଭୁବନେଶ୍ୱର, ୨୮।୪ (ସବ୍ୟୁ) : ଚଳିତବର୍ଷ ମେ'ମାସରୁ ଅଗଷ୍ଟ ପର୍ଯ୍ୟନ୍ତ ରାଜ୍ୟରେ ସ୍ୱାଭାବିକଠୁ ଅଧିକ ଗରମ ରହିବ । ଜୁଲାଇ ମଧ୍ୟ ଭାଗରୁ ଅଗଷ୍ଟ ମଧ୍ୟ ପର୍ଯ୍ୟନ୍ତ ବର୍ଷା କମ୍ ରହିପାରେ । କାଳବୈଶାଖୀ ବର୍ଷା ଆସନ୍ତା ମେ' ୩ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି ।

ଶ୍ରୀ ପଶୁପାଳକ ପୂର୍ବାନୁମାନ କରି କହିଛନ୍ତି, ଓଡ଼ିଶା ସମେତ ଆନ୍ଧ୍ର ଉପକୂଳ, ଛତିଶଗଡ଼, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରେ ମେ' ମାସରେ ସ୍ୱାଭାବିକ ଠାରୁ ଅଧିକ ଗରମ ହେବ । ଜୁନ ମାସରେ (୯ ପୃଷ୍ଠାରେ)

### ୨୦୩୬ ସୁଦ୍ଧା ସବୁ କୃଷକଙ୍କୁ ସମବାୟ ପରିସରଭୁକ୍ତ କରାଯିବ : ମୁଖ୍ୟମନ୍ତ୍ରୀ

# ୯୫୩୭ ଜମାକାରୀ ଫେରି ପାଇବେ ୨୦.୯୬ କୋଟି

ଭୁବନେଶ୍ୱର, ୨୮।୪ (ସବ୍ୟୁ) : ଓଡ଼ିଶାରେ ସମବାୟ ଆନ୍ଦୋଳନର ଆଦ୍ୟ ପ୍ରବକ୍ତା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ଆଜି ଭୁବନେଶ୍ୱର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ଜମାକାରୀମାନଙ୍କ ଅର୍ଥ ଫେରସ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି । ସମୁଦାୟ ୯,୫୩୭ ଜଣ ଜମାକାରୀ ୨୦ କୋଟି ୯୬ ଲକ୍ଷ ଟଙ୍କା ଫେରସ୍ତ ପାଇବାର ପ୍ରକ୍ରିୟା ଆରମ୍ଭ ହୋଇଛି ।

ଲୋକସେବା ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅର୍ଥ ଫେରସ୍ତ ପ୍ରକ୍ରିୟାର ଶୁଭାରମ୍ଭ କରିଛନ୍ତି । ଆଜି ପ୍ରଥମ ଦିନରେ ୧୧୭ ଜଣ ଜମାକାରୀଙ୍କ ୨ କୋଟି ୮୦ ଲକ୍ଷ ଟଙ୍କା ଫେରସ୍ତ କରାଗଲା । ମୁଖ୍ୟମନ୍ତ୍ରୀ ପ୍ରତିକାତ୍ମକ ଭାବେ ୯ ଜଣ ଜମାକାରୀଙ୍କୁ ଚେକ୍ ପ୍ରଦାନ କରି ଅର୍ଥ ଫେରସ୍ତ କରିଥିଲେ ।

ସୂଚନାଯୋଗ୍ୟ ଯେ, ଦୀର୍ଘଦିନର ପରିଚାଳନାଗତ ତ୍ରୁଟି ଯୋଗୁଁ ଭୁବନେଶ୍ୱର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ଆର୍ଥିକ ପରିସ୍ଥିତି ଖରାପ ହୋଇଯାଇଥିଲା । ୨୦୧୫ ରେ ବ୍ୟାଙ୍କ ବନ୍ଦ ହେବା ବେଳକୁ ୧୧, ୬୭୩ ଜଣ ଜମାକାରୀଙ୍କ ୩୩ କୋଟି ୮୭ ଲକ୍ଷ ଟଙ୍କା ଫେରସ୍ତ ହେବାର ଥିଲା । ଇତି ମଧ୍ୟରେ ୨୭୦୯ ଜଣ ଜମାକାରୀଙ୍କ ମୋଟ ୧୨ କୋଟି ୭୮ ଲକ୍ଷ ଟଙ୍କା ଫେରସ୍ତ କରାଯାଇଥିବା ବେଳେ ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଥିବା ଜମାକାରୀ ସେମାନଙ୍କ ଅର୍ଥ ଫେରସ୍ତ ପାଇ ପାରିନଥିଲେ । ନୂଆ ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ଏହି ଜମାକାରୀମାନଙ୍କର ଅର୍ଥ ଫେରସ୍ତ ପାଇଁ ନିଷ୍ପତ୍ତି ନେଇଥିଲେ ।



### ୧୧୭ ଜମାକାରୀଙ୍କୁ ୨.୮୦ କୋଟି ଟଙ୍କା ଫେରସ୍ତ ହେଲାଣି

ଏହା ସହିତ ଢେଙ୍କାନାଳ, ଛତ୍ରପୁର, ଆସ୍କା ଓ ଭଞ୍ଜନଗର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ଗୁଡ଼ିକର ଜମାକାରୀଙ୍କ (୯ ପୃଷ୍ଠାରେ)

## ବିଦେଶୀଙ୍କ ରାସନ କାର୍ଡ କଟିବ

ଭୁବନେଶ୍ୱର, ୨୮।୪ (ସବ୍ୟୁ) : ଓଡ଼ିଶାରେ ପାକିସ୍ତାନୀ, ବାଂଲାଦେଶୀ, ମିଆଁମାରର ନାଗରିକ ବସବାସ କରିବା ସହିତ ରାସନ କାର୍ଡ ହାତେଇଛନ୍ତି । ସେମାନଙ୍କର ଭୋଟର କାର୍ଡ ଏବଂ ଆଧାର କାର୍ଡ ମଧ୍ୟ ରହିଛି । ସେମାନଙ୍କୁ ଖୁବଶୀଘ୍ର ଚିହ୍ନଟ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏସବୁ ବିଦେଶୀ ନାଗରିକଙ୍କ ରାସନ କାର୍ଡ କଟାଯିବ ।

ରାସନ କାର୍ଡ ପାଇଥିବା ବିଦେଶୀଙ୍କୁ ଚିହ୍ନଟ କରିବା ପାଇଁ ସରକାର ନିର୍ଦ୍ଦେଶ ଜାରି କରିଛନ୍ତି । ସମସ୍ତ ଜିଲ୍ଲାପାଳଙ୍କୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି । ସେମାନଙ୍କୁ ଚିହ୍ନଟ କରି ରାସନ କାର୍ଡ ତାଲିକାରୁ ନାମ କାଟିବାକୁ କୁହାଯାଇଛି । ଏସବୁ ବିଦେଶୀ ସୁଯୋଗ ଦେଖି ଓଡ଼ିଶାରେ ଅନୁପ୍ରବେଶ କରି ସମସ୍ତ ସରକାରୀ ସୁବିଧା ହାସଲ କରିଛନ୍ତି । ସେମାନଙ୍କୁ ଚିହ୍ନଟ କରି ସେମାନଙ୍କର ରାସନ କାର୍ଡ କଟିବା ପରେ ପ୍ରକୃତ ରାସନ କାର୍ଡ ହିତାଧିକାରୀଙ୍କ ସଂଖ୍ୟା ଜଣାପଡ଼ିବ ବୋଲି କୁହାଯାଇଛି । ପ୍ରକ୍ରିୟା ସରିଲେ ସଂଖ୍ୟା ସାମ୍ନାକୁ ଆସିବ ବୋଲି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି ।

## ରାଜଧାନୀରୁ କୋଟିଏ ଟଙ୍କାର ଗଞ୍ଜେଇ ଜବତ, ୨ ଗିରଫ

ଭୁବନେଶ୍ୱର, ୨୮।୪ (ସବ୍ୟୁ) : କମିଶନରେଟ୍ ପୋଲିସର ସ୍ପେଶାଲ୍ କ୍ରାଇମ୍ ୟୁନିଟ୍ ଗଞ୍ଜେଇ ଚାଲାଣ ସମ୍ପର୍କରେ ଖବର ପାଇବା ପରେ ଖଣ୍ଡଗିରି ନିକଟରେ (ଖଣ୍ଡଗିରି) ପୋଲିସ୍ ସହାୟତାରେ ଟ୍ରକ୍‌କୁ କାବୁ କରିବା ପରେ ସେଥିରୁ ୫୨୯ କେଜି ଗଞ୍ଜେଇ ଜବତ ହୋଇଛି। ଟ୍ରକ୍‌ର ଡ୍ରାଇଭର ଓ ହେଲପରଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରିଛି। ଗଞ୍ଜେଇ ଚାଲାଣ ପଛରେ ମାଷ୍ଟରମାଇଣ୍ଡ କିଏ ତାହା ପୋଲିସ ଜାଣିବା ପାଇଁ ତଦନ୍ତକୁ ତ୍ୱରାନ୍ୱିତ କରିଛି।

ଫୁଲବାଣୀରୁ ହିମାଞ୍ଚଳ ପ୍ରଦେଶକୁ ଏପି ୩୦ ଏକ୍ସ ୩୪୯୯ ନମ୍ବର ଟ୍ରକରେ ଗଞ୍ଜେଇ ବୋଝେଇ ହୋଇ ଯାଉଥିବା ସ୍ପେଶାଲ୍ କ୍ରାଇମ୍‌ୟୁନିଟ୍ ଖବର ପାଇବା ପରେ ଖଣ୍ଡଗିରି ଥାନା ପୋଲିସକୁ ଖବର କରିଥିଲା। କ୍ରାଇମ୍‌ୟୁନିଟ୍ ପିଛା କରୁଥିବା ଖଣ୍ଡଗିରି ପାଖରେ ଡ୍ରାଇଭର ଜାଣିବା ପରେ ଟ୍ରକକୁ କୋଳଥିଆ ଅଭିମୁଖେ ଦ୍ରୁତଗତିରେ ଚଳାଇଥିଲା। ସାମ୍ନା ପାଖରୁ ଖଣ୍ଡଗିରି ଥାନା ଆଇଆଇସି ଜଗିବାରୁ ଟ୍ରକ୍ ଖସିପାରିନଥିଲା। କୋଳଥିଆ ଖାରବେଳ ପାର୍କ ନିକଟରେ କ୍ରାଇମ୍‌ୟୁନିଟ୍ ଓ ପୋଲିସ୍ ଟ୍ରକକୁ କାବୁ କରିନେଇଥିଲେ। ଟ୍ରକ ଚଳାଉଥିବା ଡ୍ରାଇଭର ପଞ୍ଜାବ ଅମୃତସରର ମନ୍‌ଦୀପ୍ ସିଂ ଓ ହେଲପର ଫିରିଙ୍ଗିଆର ମହେଶ୍ୱର ମଲ୍ଲିକକୁ ପୋଲିସ ହେପାଜତକୁ ନେବା ପରେ ଟ୍ରକ ତଲାସି ଆରମ୍ଭ ହୋଇଥିଲା। ୧୦ ଚକିଆ ଟ୍ରକର କ୍ୟାବିନ୍‌କୁ ବଡ କରି ଭିତରେ ସିକ୍ରେଟ୍ ଚ୍ୟାମ୍ବର ତିଆରି କରିବା ସହ ସେଥିରେ ବସ୍ତାବସ୍ତା ଗଞ୍ଜେଇ ଲୁଚାଇ ନିଆଯାଉଥିବା ଜଣାପଡିଥିଲା। ଗଞ୍ଜେଇ ବସ୍ତାଗୁଡିକୁ ଚାମ୍ବରରୁ କଢାଯିବା ପରେ ପୋଲିସ ଓଜନ କରି ଜାଣିଥିଲା ଯେ, ତାହା ୫୨୯ କେଜି ବୋଲି। ଗଞ୍ଜେଇ ଗନ୍ଧ ନହେବା ପାଇଁ ସେଥିରେ ଗନ୍ଧ କର୍ପୂର ରଖାଯାଇଥିବା ଜୋନ୍ ୩ ଏସିପି ତାପସ ପ୍ରଧାନ କହିଛନ୍ତି। ୨ ଜଣଙ୍କୁ ଅଟକ ରଖି ମାଷ୍ଟରମାଇଣ୍ଡ ସମ୍ପର୍କରେ ଜାଣିବା ପାଇଁ ସେମାନଙ୍କୁ ବ୍ୟାପକ ଜେରା କରାଯାଉଛି।

ଓଡିଶାରେ ବହୁ ଜିଲ୍ଲା ଗଞ୍ଜେଇ ଚାଷ କରାଯାଇ ରାଜ୍ୟ ବାହାରକୁ ଚାଲାଣ କରାଯାଉଛି। (୯ ପୃଷ୍ଠାରେ)

## ୨୬ ରାଫେଲ ଯୁଦ୍ଧ ବିମାନ ଲାଗି ଚୁକ୍ତି

ନୂଆଦିଲ୍ଲୀ, ୨୮।୪ : ଫ୍ରାନ୍ସ ସହ ଭାରତ ରାଫେଲ ଏମ୍ ଫାଇଟର ସାମୁଦ୍ରିକ ଯୁଦ୍ଧ ବିମାନ କିଣିବା ପାଇଁ ଚୁକ୍ତି କରିଛି । ଏହି ୨୬ ରାଫେଲ ଯୁଦ୍ଧ ବିମାନର ମୂଲ୍ୟ ୬୩୦ ବିଲିୟନ୍ ଟଙ୍କା ଅର୍ଥାତ୍ ୬୩ ହଜାର କୋଟି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି ଯେ ଭାରତ ୨୨ଟି ଏକକ ଚାଳକ ଓ ୪ଟି ଦୁଇ ଆସନ ବିଶିଷ୍ଟ ବିମାନ କିଣିବ । ଫ୍ରାନ୍ସ ସହ ଏହି ଚୁକ୍ତିନାମା ସ୍ୱାକ୍ଷର ହୋଇଛି ।

ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଏହା ଭାରତର ପ୍ରତିରକ୍ଷା ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ କରିବ । ଏସିଆ ଦେଶଗୁଡିକରେ ପ୍ରତିରକ୍ଷା ଚୁକ୍ତି ଅନୁଯାୟୀ ଏହା ଦ୍ୱିତୀୟ ସର୍ବବୃହତ୍ତ ଅସ୍ତ୍ରଯୋଗାଣ ହେବ । ୨୦୩୦ ସୁଦ୍ଧା ଏୟାରକ୍ରାଫ୍ଟ ଯୋଗାଣ ଚୂଡାନ୍ତ ହେବ । ଫ୍ରାନ୍ସ ଓ ଭାରତ ମଧ୍ୟରେ ଏନେଇ କ୍ରିୟୁ ସଦସ୍ୟମାନଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି ଚୁକ୍ତି ହୋଇଛି । ଏହି ଚୁକ୍ତିକୁ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସୁରକ୍ଷା କ୍ୟାବିନେଟ୍ ସଂକ୍ରାନ୍ତ ବୈଠକରେ ଅନୁମୋଦନ ମିଳିଥିଲା । (୯ ପୃଷ୍ଠାରେ)

# ବିଶୃଙ୍ଖଳିତ ୧୦୦ ଛାତ୍ରଛାତ୍ରୀଙ୍କ ଉପରେ ଭିସୁଟ୍‌ର କାର୍ଯ୍ୟାନୁଷ୍ଠାନ

ସମ୍ବଲପୁର, ୨୮।୪ (ସବ୍ୟୁ) : ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ୧୦୦ଜଣ ଛାତ୍ରଛାତ୍ରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ବିଶ୍ୱବିଦ୍ୟାଳୟର ଶୃଙ୍ଖଳା କମିଟି ଦ୍ୱାରା ଛାତ୍ରମାନଙ୍କ ବିଶୃଙ୍ଖଳିତ କାର୍ଯ୍ୟ, ନିମ୍ନ ଉପସ୍ଥାନ ଓ ନିୟମ ଉଲ୍ଲଂଘନ ଆଦି ଉପରେ ହୋଇଥିବା ଅଭିଯୋଗ ଗୁଡିକର ବ୍ୟକ୍ତିଗତ ବିଚାର କରାଯାଇଥିଲା । ଏସବୁର ସମୀକ୍ଷା ପରେ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ଦ୍ୱାରା ସମ୍ପୃକ୍ତ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଦଣ୍ଡରେ ଦଣ୍ଡିତ କରାଯାଇଛି । ଏଥିରେ ଗ୍ରେଡ ହ୍ରାସ , ୧୦୦୦ରୁ ୫୦୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା, କେତେକଙ୍କୁ ହଷ୍ଟେଲରୁ ସସ୍‌ପେଣ୍ଡ ଓ




ସମାଜସେବା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ମିସ୍ ଭିସୁଟ୍ ମୁକୁଟ ମଧ୍ୟ ପ୍ରତ୍ୟାହାର କରିବାକୁ ଛାତ୍ରୀଙ୍କୁ ନିର୍ଦ୍ଦେଶରେ ଦର୍ଶାଯାଇଛି ।

ଅନ୍ୟପଟେ ବାରମ୍ବାର ପାଣିରେ ବୁଡି ଭିସୁଟ୍ ଛାତ୍ରଙ୍କ ମୃତ୍ୟୁ ହେଉଥିବା ବେଳେ ପୂର୍ବରୁ କର୍ତ୍ତୃପକ୍ଷ ସାନି ସତର୍କ ସୂଚନା ଜାରି କରିଥିଲେ । ବିଶେଷ ଭାବେ ୭ଟି ସ୍ଥାନକୁ ନଯିବାପାଇଁ ବାରଣ ରହିଛି । ପାଓ୍ୱାର କେନାଲ, ମହାନଦୀ, ସାଇଫନ, ୧୮ହଜାର, ରାଇଟ୍ ଡାଇକ୍, ଝାଙ୍କରାଣୀ ମନ୍ଦିର ଓ ଫିସରୀ ପଏଣ୍ଟଆଦି ବିପଦଜନକ ସ୍ଥାନକୁ ନଯିବା ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ କଟକଣା ଜାରି କରାଯାଇଥିଲା । କଟକଣା ସତ୍ତ୍ୱେ ଏପ୍ରିଲ ୧୦, ୨୦୨୫ରେ ହୀରାକୁଦ ଡ୍ୟାମ ଫିସରୀ ପଏଣ୍ଟ ଠାରେ ଇଞ୍ଜିନିୟରିଂ ଛାତ୍ରୀ ଶାଶ୍ୱତୀ ଭୋଇଙ୍କ ସଳିଳ ସମାଧି ହୋଇଥିଲା । ଏହି ସ୍ଥାନକୁ ଯାଇଥିବା ଅନ୍ୟ ୬ଜଣ ଛାତ୍ରୀଙ୍କର ମଧ୍ୟ ଗୋଟିଏ ଲେଖାଏଁ ଥିଓରୀ ପେପରର ଗ୍ରେଡ ହ୍ରାସ କରାଯାଇଛି । ଏଥିସହ ଏମାନଙ୍କ ଉପରେ ୫୦୦୦ଟଙ୍କା ଲେଖାଏଁ ଜରିମାନା ଓ ହଷ୍ଟେଲରୁ ବହିଷ୍କାର ଆଦେଶ ଜାରି କରାଯାଇଛି । ବିଶ୍ୱବିଦ୍ୟାଳୟର ଶୃଙ୍ଖଳା କମିଟିର ସୁପାରିଶ କ୍ରମେ କୁଳପତି ଏହି ଆଦେଶନାମା ଜାରି କରିଥିବା ଜଣାପଡିଛି । ସେହିପରି ଧାର୍ଯ୍ୟ ଠାରୁ କମ୍ ଉପସ୍ଥାନ ରହିଥିବା ଛାତ୍ରଛାତ୍ରୀ ମଧ୍ୟ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇଛନ୍ତି । ମାତ୍ର (୯ ପୃଷ୍ଠାରେ)

### ପାରାଦୀପ ପାଇପ ଷ୍ଟକୟାର୍ଡରେ ନିଆଁ

# କୋଟି କୋଟି ଟଙ୍କାର ସମ୍ପତ୍ତି ପାଉଁଶ

ପାରାଦୀପ, ୨୮।୪ (ଜିପ୍ର) : ମାସକରେ ପାଞ୍ଚଟି ଅଗ୍ନିକାଣ୍ଡ ଦେଖିସାରିଲାଣି ବନ୍ଦର ନଗରୀ ପାରାଦୀପ। ସତେ ଯେମିତି ପାରାଦୀପକୁ ରାହୁ ଗ୍ରାସ କରିଛି । ପ୍ଲାଷ୍ଟିକ ପାର୍କ ପଡିଆରେ ଦୁଇ ଥର ଓ ପାରାଦୀପ ମାଛଧରା ବନ୍ଦର ଏବଂ ଦୋଛକିରେ ଥିବା ଗ୍ୟାରେଜ ଲାଇନ ଏବଂ ଆଜି ପାଇପ ଷ୍ଟକୟାର୍ଡରେ ନିଆଁ ଦିନକୁ ଦିନ ଡ଼ରାଇବାରେ ଲାଗିଲାଣି । କୋଟି କୋଟି ଟଙ୍କାର ସମ୍ପତି ପୋଡି ପାଉଁଶ ମଧ୍ୟ ହୋଇଗଲାଣି ।

ଟେକ୍ନୋମାଉଣ୍ଟ-ମେଣ୍ଟାଲକ୍ରାଫ୍ଟ କମ୍ପାନୀ ପାଇପ ଷ୍ଟକୟାର୍ଡରେ ଆଜି ଭୟାଭହ ଅଗ୍ନିକାଣ୍ଡ ଦେଖିବାକୁ ମିଳିଥିଲା। ହୁତୁହୁତୁ ହୋଇ ଜଳିଗଲା ପାଇପ । ନିଆଁର ପ୍ରକୋପ ଏତେ ମାତ୍ରାରେ ଥିଲା ଯେ ଘଟଣାସ୍ଥଳରେ ୭ ଟି ଅଗ୍ନିଶମ ଗାଡ଼ି ନିଆଁ ଲିଭାଇବା କାର୍ଯ୍ୟରେ ନିୟୋଜିତ ଥିଲେ । ଆଜି ମଧ୍ୟାହ୍ନରେ ଏଭଳି ଘଟଣା ଦେଖିବାକୁ ମିଳିଥିଲା ପାରାଦୀପ ଉପକଣ୍ଠ ଜିରୋ ପଏଣ୍ଟ ଠାରେ । ଆଇଓସିଏଲର ତୈଳ ପାଇପ ଲାଇନ ବିଛାଇବା କାର୍ଯ୍ୟ ପାଇଁ ରହିଥିଲା ପାଇପ । ପାଇପ ଉପରେ ରହିଛି ପିଚୁ ଓ ପ୍ଲାଷ୍ଟିକ କୋଟିଂ । ହଠାତ ଏହି ପାଇପରେ ନିଆଁ ଲାଗିଯିବା ପରେ କୋଟି କୋଟି ଟଙ୍କାର ପାଇପ ଜଳିଗଲା। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିଲା ବେଳେ ନିଆଁକୁ ଆୟତ୍ତ କରିବା ପାଇଁ ଆଇଓସିଏଲ, ଇଫକୋ, ପିପିଏଲ, ପାରାଦୀପ ବନ୍ଦର, କୁଜଙ୍ଗ ଅଗ୍ନିଶମ ବିଭାଗର ୭ଟି ଗାଡ଼ି ଲାଗିପଡ଼ିଥିଲେ। ଫୋମ ଓ ପାଣି ମାରି ନିଆଁକୁ ଆୟତ କରିବା ପାଇଁ ଚେଷ୍ଟା କରାଯାଇଥିଲା। ଯେହେତୁ ଏହି ଷ୍ଟକୟାର୍ଡର ଅପର ପାର୍ଶ୍ୱରେ କାର୍ବନ କାରଖାନା ଥିବାବେଳେ, ମାତ୍ର ୫୦ ମିଟର ଦୂରରେ ଏକ ପେଟ୍ରୋଲ ପମ୍ପ, ରାସ୍ତାର ଅପରପାର୍ଶ୍ୱରେ ରହିଛି ପାରାଦୀପ-ହଳଦିଆ ତୈଳ ପାଇପ ଲାଇନ। ଯାହା ବିପଦ ସୃଷ୍ଟି କରିବାର ସମ୍ଭାବନା ରହିଥିଲା । ୭ଟି ଅଗ୍ନିଶମ ଗାଡ଼ି (୯ ପୃଷ୍ଠାରେ)

# ଚର୍ବି ବଢ଼ାଇଥାଏ ଅବସାଦ

ଆଜିକାଲି ଅନକ ସମୟରେ ଦେଖିବାକୁ ମିଳୁଛି ବିଭିନ୍ନ ଲୋକମାନେ ଅବସାଦଗ୍ରସ୍ତ ବା ଡିପ୍ରେସନରେ ରହୁଛନ୍ତି । ଏହାର କାରଣଭାବେ ଅନେକ କଥାକୁ ଦାୟୀ କରାଯାଇଥାଏ । ତେବେ ଏହା ଉପରେ ଆମ ଓଜନର ମଧ୍ୟ ପ୍ରଭାବ ରହିଛି ବୋଲି ଏକ ରିପୋର୍ଟରେ ଜଣା ପଡିଛି । ନିକଟରେ ହୋଇଥିବା ଏକ ଗବେଷଣା ଅନୁସାରେ ଶରୀରରେ ବଢୁଥିବା ଚର୍ବି ଅବସାଦର ଏକ କାରଣ ହୋଇଥାଏ । ଏହି ରିପୋର୍ଟରେ ଆଙ୍ଗଜାଇଟି ଓ ଓବିସିଟି ମଧ୍ୟରେ ସିଧାସଳଖ ସମ୍ପର୍କ ରହିଛି ବୋଲି ଦର୍ଶାଯାଇଛି । ଯେତେବେଳେ ଆମେ ମାନସିକ ସ୍ତରରେ ସମସ୍ୟାରେ ଥିବା ସେତେବେଳେ ଆମ ଶରୀରରେ ଥିବା ଫ୍ୟାଟ୍‌ସେଲରେ ଏକ ପ୍ରକ୍ରିୟା ଘଟିଥାଏ, ଯାହାକୁ ଲିପୋଲିସିସ୍ କୁହାଯାଇଥାଏ । ଯେଉଁକାରଣରୁ ଫ୍ୟାଟ୍ ରିଲିଜ୍ ହୁଏ ଏବଂ ଏହି ଫ୍ୟାଟ୍ ଜିଡିଏଫ୍୧୫ ନାମକ ଏକ ହର୍ମୋନ ନିର୍ଗତ ହେବାର କାରଣ ସାଜିଥାଏ । ଏହାପରେ ଏହି ହର୍ମୋନ କାରଣରୁ ମସ୍ତିଷ୍କରେ ଆଙ୍ଗଜାଇଟ୍ ଦେଖାଦେଇଥାଏ, ଯାହା ଅବସାଦର ପ୍ରଥମ କାରଣ ପାଲଟିଥାଏ ।



## ସୋସିଆଲ କୋଟ୍ସ



“ ବର୍ତ୍ତମାନ ଦର୍ଶକଙ୍କ ପାଇଁ ଫିଲ୍ମ ନିର୍ମାଣ କରିବାର ସମୟ ଆସିଛି । ଯଦି ଆମେ ଆମେ ଦର୍ଶକଙ୍କୁ କିଛି ସତ କାହାଣୀ ଯାହା ଇତିହାସକୁ ରିପ୍ରେଜେଣ୍ଟ କରିବ ଭେଟି ଦେବା ତେବେ ହଲ୍ ଫୁଲ ହେବାର ସମ୍ଭାବନା ରହିଛି ।

ଇମ୍ରାନ ହାସିମ୍, ଅଭିନେତା



“ ଏବେ ବି ପହଲଗାମ୍ ଘଟଣା ମନରେ ଅଛି । ଆଜି ବି ମନରେ ରାଗ ରହିଛି । ସେମାନଙ୍କୁ କଠୋର ଦଣ୍ଡ ଦରକାର । ଏଭଳି ଘଟଣାର ଯେତେ ବି ନିନ୍ଦା କଲେ କମ ହେବ ।

ଅକ୍ଷୟ କୁମାର, ଅଭିନେତା



“ ଅର୍ପିତାଙ୍କୁ ମୁଁ ପ୍ରଥମ ଦେଖାରେ ହିଁ ମନ ଦେଇଥିଲି । ତାଙ୍କର କ୍ୟୁଟ୍‌ନେସ୍ ମୋତେ ଖୁବ ଭଲ ଲାଗିଥିଲା, ସେ ଜଣେ ଖୁବ ଭଲ ବ୍ୟକ୍ତି ।

ଆୟୁଷ ଶର୍ମା, ଅଭିନେତା




# ଆନ୍ତର୍ଜାତିକ ନୃତ୍ୟ ଦିବସ

ନୃତ୍ୟପ୍ରତି ସମସ୍ତଙ୍କର ଆକର୍ଷଣ ରହିଛି । ନୃତ୍ୟ ଆମର ମନକୁଖୁସି କରିବା ସହିତ ଏହା ସମସ୍ତଙ୍କର କଳାକୁ ଅଙ୍ଗିଭଙ୍ଗୀ ମାଧ୍ୟମରେ ପ୍ରକାଶ କରିବାରେ ସାହାଯ୍ୟ କରିଥାଏ । ପ୍ରତିଟି ସ୍ଥାନର ନିଜନିଜର ସ୍ୱତନ୍ତ୍ର ନୃତ୍ୟଶୈଳୀ ରହିଛି ଯାହା ଏହାକୁ ଦେଶ ବିଦେଶରେ ପରିଚୟ ପ୍ରଦାନ କରିଥାଏ । ପ୍ରତି ଦେଶରେ ଭିନ୍ନଭିନ୍ନ ନୃତ୍ୟଶୈଳୀ ଦେଖିବାକୁ ମିଳିଥାଏ । ତେବେ ନୃତ୍ୟ ସମ୍ପର୍କରେ ଲୋକଙ୍କୁ ଅଧିକ ତଥ୍ୟ ଦେବାକୁ ପ୍ରତିବର୍ଷ ଏପ୍ରିଲ ମାସ ୨୯ ତାରିଖ ଦିନ ପାଳନ କରାଯାଏ ଆନ୍ତର୍ଜାତିକ ନୃତ୍ୟ ଦିବସ । ୟୁନେସ୍କୋର ଅଂଶୀଦାର ଅନୁଷ୍ଠାନ ଆନ୍ତର୍ଜାତୀୟ ନାଟ୍ୟ ଅନୁଷ୍ଠାନ(ଆଇଟିଆଇ)ର ନୃତ୍ୟ ସମିତିଦ୍ୱାରା ଏହି ଦିବସ ୧୯୮୨ ମସିହାରୁ ପାଳିତ ହୋଇଆସୁଛି । ଆଧୁନିକ ବାଲେଟ ନୃତ୍ୟର ଜନକ ଜିନ ଜର୍ଜେସ ନଭେରଙ୍କ ଜନ୍ମଦିବସକୁ ଏହି ଦିବସ ଭାବେ ପାଳନ କରାଯାଏ । ଏହି ଦିନ ବିଭିନ୍ନ ସ୍ଥାନରେ ଭିନ୍ନଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଏହି ଦିବସକୁ ପାଳନ କରାଯାଇଥାଏ, ଯେଉଁଥିରେ ନୃତ୍ୟର ଉପକାରୀତା ଓ ଆମ ଜୀବନରେ ଥିବା ଭୂମିକାକୁ ନେଇ ଆଲୋଚନା କରାଯାଇଥାଏ । ଓଡ଼ିଶାରେ ମଧ୍ୟ ଏହାକୁ ପାଳନ କରାଯାଇଥାଏ । ଏହି ଦିନ ଓଡ଼ିଶାର ଶାସ୍ତ୍ରୀୟନୃତ୍ୟ ଓଡ଼ିଶୀ ଯାହା ଓଡ଼ିଶାର ପରିଚୟ ପାଲଟିଛି ତାହାକୁ ବିଭିନ୍ନ କାର୍ଯ୍ୟକ୍ରମରେ ପ୍ରଦର୍ଶନ କରାଯାଇଥାଏ ।



ହାହାଃ..ହାହାଃ..

ସ୍ତ୍ରୀ – ତୁମ ସାଙ୍ଗ ବିବାହ ପୂର୍ବରୁ ଖୁବ ଚିନ୍ତାରେ ଅଛନ୍ତି, ତାଙ୍କୁ ବୁଝାଉନ ।
ସ୍ୱାମୀ – ମୁଁ କାଇଁ ବୁଝାଇବି ?
ସ୍ତ୍ରୀ – ତୁମେ ତାଙ୍କ ସାଙ୍ଗ ଟି, ଆଉ କିଏ ବୁଝେଇବ ।
ସ୍ୱାମୀ – କାଇଁ ସେ ତ ମୋତେ ଭୁଲ ବାଟରେ ନ ଯିବାକୁ ବୁଝାଇ ନକଥିଲା ।




# ଚିଠିର ମୂଲ୍ୟ ତିନି କୋଟି


ଟାଇଟାନିକ ଜାହାଜର ବୁଡିବା ବିଶ୍ୱର ଏକ ଚର୍ଚ୍ଚିତ ଘଟଣା । ନିକଟରେ ଏହି ଜାହାଜ ବୁଡିବା ସମୟରେ ବଞ୍ଚିଥିବା ଜଣେ ବ୍ୟକ୍ତିଙ୍କର ଚିଠି ଏକ ନିଲାମୀରେ ବିକ୍ରି ହୋଇଛି । ଏହି ନିଲାମୀଟି ୟୁକେରେ ହୋଇଥିବା ଜଣା ପଡିଛି । ଚିଠିଟି ପାଖାପାଖି ୩.୪୧ କୋଟିରେ ନିଲାମ ହୋଇଛି । କର୍ନେଲ୍ ଆର୍ଚିବାଲ୍ଡ ଗ୍ରାସି ସେହି ଜାହଜରେ ଫାର୍ଷ୍ଟ କ୍ଲାସ୍ କୋଚରେ ଯାତ୍ରା କରୁଥିଲେ । ଜାହାଜଟି ବୁଡିବା ସମୟରେ ସେ ବର୍ତ୍ତି ଯାଇଥିଲେ, ସେ ସେଠାରୁ ଫେରିବା ପରେ ଏକ ବହି ମଧ୍ୟ ଲେଖିଥିଲେ । ଏହି ବହିରେ ସେ ସେହି ଘଟଣା ବିଷୟରେ ବିସ୍ତୃତଭାବେ ବର୍ଣ୍ଣନା କରିଛନ୍ତି । ତେବେ ଏହି ଲେଟର ଟି ସେ ୧୯୧୨ ଏପ୍ରିଲ ୧୦ରେ ଲେଖିଥିଲେ, ଯାହାକୁ ସେ କ୍ୟାବିନ୍ ସି୫୧ରୁ ଲେଖିଥିବା ସୂଚନା ମିଳିଛି ।

## ଆଜିର ଦିନରେ

୧୬୩୯– ଦିଲ୍ଲୀରେ ଲାଲକିଲ୍ଲାର ଶିଳାନ୍ୟାସ ।
୧୮୪୮– ପ୍ରସିଦ୍ଧ ଚିତ୍ରକାର ରାଜା ରବି ବର୍ମାଙ୍କ ଜନ୍ମ ।
୧୯୩୦– ବ୍ରିଟେନ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଟେଲିଫୋନ ସେବା ଆରମ୍ଭ ।
୧୯୩୯– କଂଗ୍ରେସରୁ ଇସ୍ତଫା ଦେଇଥିଲେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ।
୧୯୫୮– ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କ ନିଧନ ।
୧୯୭୯– ଭାରତୀୟ କ୍ରିକେଟର ଆଶିଷ ନେହରାଙ୍କ ଜନ୍ମ ।
୧୯୯୧– ବାଙ୍ଗଲାଦେଶ ମହାବାତ୍ୟାରେ ୧ଲକ୍ଷ ୩୮ ହଜାର ଲୋକଙ୍କ ମୃତ୍ୟୁ ।
୧୯୯୩– ପ୍ରଥମ ଥର ବର୍କିଂମହମ୍ ପ୍ୟାଲେସ୍ ସାଧାରଣ ଜନତାଙ୍କ ପାଇଁ ଖୋଲାଗଲା ।
୧୯୯୭– ରାସାୟନିକ ଅସ୍ତ୍ରଶସ୍ତ୍ର ଉପରେ ଲାଗିଲା ପ୍ରତିବନ୍ଧକ ।

# ୬ମିନିଟ୍‌କୁ ୮୦୦ ଟଙ୍କା ଚାର୍ଜ

ରାଜସ୍ଥାନର ଏକ ଘଟଣା ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି । ରାଜସ୍ଥାନରେ ଏକ ହୋଟେଲ୍ ଜଣେ ବୃଦ୍ଧାଙ୍କଠାରୁ ମାତ୍ର ୬ ମିନିଟ୍ ପାଇଁ ରୁମ୍ ଭଡା ୮୦୦ ଟଙ୍କା ନେଇଛନ୍ତି । ବୃଦ୍ଧା ଜଣଙ୍କ ମାତ୍ର ୬ ମିନିଟ୍ ପାଇଁ ସେହି ଗେଷ୍ଟହାଉସର ଶୌଚାଳୟ ବ୍ୟବହାର କରିଥିଲେ, ତାହାପୁଣି ସ୍ୱାସ୍ଥ୍ୟସମସ୍ୟା କାରଣରୁ । ହେଲେ ଗେଷ୍ଟହାଉସ୍ ମାଲିକ ତାଙ୍କ ଠାରୁ ସେହି ୬ ମିନିଟ୍ ପାଇଁ ୮୦୦ ଟଙ୍କା ଭଡା ଆଦାୟ କରିଛନ୍ତି । ଘଟଣା ସମ୍ପର୍କରେ ବୃଦ୍ଧାଙ୍କର ପରିବାର ଲୋକ ସୋସିଆଲ ମିଡିଆରେ ଜଣାଇବା ପରେ ଏହା ଭାଇରାଲ ହେବାରେ ଲାଗିଛି । ୟୁଜର୍ସମାନେ ଗେଷ୍ଟ ହାଉସର ଏଭଳି ବ୍ୟବହାର ପାଇଁ ନିନ୍ଦା କରିଛନ୍ତି । ମାନବିକତା ଅନୁଯାୟୀ ବୃଦ୍ଧାଙ୍କୁ ଗେଷ୍ଟହାଉସ ମାଲିକ ଏଭଳି କାହାକୁ ହଇରାଣ ନକରିବା ପାଇଁ ସମସ୍ତେ ମତ ଦେଇଛନ୍ତି ।





୨୦୨୩ରେ ମିସ୍ ଇଣ୍ଡିଆ ଜିତିଥିବା ନନ୍ଦିନୀ ଗୁପ୍ତା ବର୍ତ୍ତମାନ ନିଜର ମିସ୍ ୱାର୍ଲ୍ଡ ପ୍ରତିଯୋଗିତାକୁ ନେଇ ଚର୍ଚ୍ଚାରେ ଅଛନ୍ତି । ଖୁବଶୀଘ୍ର ସେ ଦେଶକୁ ବିଶ୍ୱ ଦରବାରରେ ରିପ୍ରେଜେଣ୍ଟ କରିବେ। ନିକଟରେ ଏକ ସାକ୍ଷାତକାରରେ ଏନେଇ ନନ୍ଦିନୀ ମନଖୋଲି କଥା ହୋଇଛନ୍ତି । ସେ ଏହି ସ୍ଥାନରେ ପହଞ୍ଚିବାକୁ ଖୁବ ପରିଶ୍ରମ କରିଛନ୍ତି । ଅନେକ ସଂଘର୍ଷପରେ ସେ ପ୍ରଥମେ ମିସ୍ ଇଣ୍ଡିଆ ମୁକୁଟ ଓ ପରେ ମିସ୍ ୱାର୍ଲ୍ଡ ପାଇଁ ବର୍ତ୍ତମାନ ପ୍ରତିଯୋଗିତା କରିବାକୁ ଯାଉଛନ୍ତି । ତେବେ ସେ ନିଜ ସଫଳତାର ଶ୍ରେୟ ନିଜ ବାପା ମା’ଙ୍କୁ ଦେଇଛନ୍ତି । ବାପାଙ୍କର ପରିଶ୍ରମ ତାଙ୍କ ଆତ୍ମବିଶ୍ୱାସ ସବୁବେଳେ ବଢାଇଥାଏ । ତାଙ୍କ ପରିବାରର ସମସ୍ତେ ଚାଷ କରନ୍ତି, ଯାହା ତାଙ୍କୁ ସବୁବେଳେ ପ୍ରେରିତ କରିଥାଏ ବୋଲି ନନ୍ଦିନୀ ମତ ଦେଇଛନ୍ତି । ସେହିଭଳି ଘରେ ତାଙ୍କୁ ସବୁବେଳେ ଝିଅ ନୁହେଁ ବରଂ ପୁଅ ଭଳି ବ୍ୟବହାର କରାଯାଇଥାଏ । ସବୁବେଳେ ସବୁ କାର୍ଯ୍ୟ ପାଇଁ ତାଙ୍କୁ ସମସ୍ତେ ପ୍ରେରିତ କରିଥାଆନ୍ତି । ତାଙ୍କ ମାଆ ମଧ୍ୟ ବିୟୁଟି କଣ୍ଟେଷ୍ଟର ବିଜେତା ଥିଲେ । ସେ

## ବାପା ମା’ ଦେଇଥାଆନ୍ତି ପ୍ରେରଣା

ମାତ୍ର ୨୧ ବର୍ଷରେ ମିସ୍ ମଧ୍ୟପ୍ରଦେଶ ଟାଇଟଲ ଜିତିଥିଲେ, ଯାହା ତାଙ୍କୁ ପ୍ରେରିତ କରିଥାଏ । ସେତେବେଳେ ତାଙ୍କର ଆର୍ଥିକ ସ୍ଥିତି ଭଲ ନଥିଲା ତେଣୁ ତାଙ୍କୁ ଏହି ଲାଇନ୍ ଛାଡିବାକୁ ପଡିଥିଲା, କିନ୍ତୁ ସେ ଆଜିଯାଏଁ ନନ୍ଦିନୀଙ୍କୁ କେବେ ବି ଆର୍ଥିକ ଅଭାବ ଦେଖିବାକୁ ଦେଇନାହାନ୍ତି । ସେହିଭଳି ସବୁବେଳେ ନନ୍ଦିନୀଙ୍କୁ ଏହି ଲାଇନ୍‌ରେ ଯିବା ପାଇଁ ପ୍ରୋତ୍ସାହିତ କରିଥାଆନ୍ତି ବୋଲି ନନ୍ଦିନୀ ମତ ଦେଇଛନ୍ତି । ୧୦ ବର୍ଷରୁ ଐଶ୍ୱର୍ଯ୍ୟାଙ୍କୁ ଦେଖି ସେ ମିସ୍ ୱାର୍ଲ୍ଡ ପ୍ରତିଯୋଗିତା ପାଇଁ ପ୍ରେରିତ ହୋଇଥିବା ନନ୍ଦିନୀ ପ୍ରକାଶ କରିଛନ୍ତି । ଐଶ୍ୱର୍ଯ୍ୟାଙ୍କ ସୌନ୍ଦର୍ଯ୍ୟ ତାଙ୍କୁ ଖୁବ ପ୍ରଭାବିତ କରିଥିଲା ସେ ତାଙ୍କୁ ନିଜର ଆଇଡଲ ଭାବେ ଗ୍ରହଣ କରିଥିଲେ । କୋଟା ଭଳି ସହରରୁ ଆସି ଏଭଳି ବଡ ପ୍ଲାଟ୍‌ଫର୍ମରେ ନିଜର ପରିଚୟ ସୃଷ୍ଟି କରିବା ତାଙ୍କ ପାଇଁ ଖୁବ କଷ୍ଟ ଥିଲାବୋଲି ନନ୍ଦିନୀ ଏହି ସାକ୍ଷାତକାରରେ ପ୍ରକାଶ କରିଛନ୍ତି ।

# ସୁଖାସନ

ଏହି ଆସନଟିକୁ କରିବା ପାଇଁ ସର୍ବପ୍ରଥମେ ଯୋଗମ୍ୟାଟ୍ ଉପରେ ଦଣ୍ଡାସନ ପୋଜ୍‌ରେ ବସିଯାଆନ୍ତୁ । ଧ୍ୟାନ ରଖନ୍ତୁ ଏହି ସମୟରେ ଯେମିତି ଆପଣଙ୍କର ମେରୁଦଣ୍ଡ ଓ ମୁଣ୍ଡ ସିଧା ରହିଥିବ । ଏହି ଆସନଟିକୁ ଇଜି ପୋଜ୍ ବୋଲି ମଧ୍ୟ କୁହାଯାଏ । ଏହି ପୋଜ୍‌ରେ ହାତ ଦୁଇଟିକୁ ଆଣ୍ଠୁ ଉପରେ ରଖି ଫଟୋ ଭଳି ହସ୍ତମୁଦ୍ରା କରନ୍ତୁ ।

### ଉପକାର

- ଏକାଗ୍ରତା ବୃଦ୍ଧି କରିବ ।
- ଅବସାଦ ଓ ଆଙ୍ଗ୍‌ଜାଇଟି କମାଇବାରେ ସକ୍ଷମ ହେବ ।
- ପିଠି ମାଂସପେଶୀକୁ ଶକ୍ତ କରିବ ।
- ରକ୍ତ ସଞ୍ଚାଳନକୁ ଉନ୍ନତ କରିବ ।
- ଓଜନକୁ ନିୟନ୍ତ୍ରଣାଧୀନ ରଖିବ ।



# ପାଣି ସିଙ୍ଗଡା ସୁପ୍

**ସାମଗ୍ରୀ–** ୨୫୦ ପାଣି ସିଙ୍ଗଡା, ମରିଚ ଗୁଣ୍ଡ, ଲୁଣ, ୧୦୦ ଗ୍ରାମ କ୍ରିମ୍, ଅଳ୍ପ ପରିମାଣ କେଶର ।

**ପ୍ରଣାଳୀ–** ପ୍ରଥମେ ପାଣି ସିଙ୍ଗଡାକୁ ସିଝାଇ ଏହାର ଚୋପା ଛଡାଇ ନିଅନ୍ତୁ ।ଏହାକୁ ପାଖାପାଖି ଅଧାଘଣ୍ଟା ସିଝାନ୍ତୁ । ଚୋପା ଛଡାଇବା ପରେ ଏହାକୁ କାଟି ନିଅନ୍ତୁ । ଏହି ସିଙ୍ଗଡାକୁ ଗ୍ରାଇଣ୍ଡରରେ ପାଣି ଦେଇ ବାଟି ନିଅନ୍ତୁ । ଏହାକୁ ଏକ ସ୍ମୁଥ୍ ପେଷ୍ଟ ବନାନ୍ତୁ । ଏହାପରେ ଏହି ପେଷ୍ଟକୁ ଏକ ସସ୍ ପ୍ୟାନକୁ କାଢନ୍ତୁ । ବର୍ତ୍ତମାନ ସେଥିରେ କ୍ରିମ୍, ଲୁଣ, ମରିଚ ଗୁଣ୍ଡ ଓ କେଶର ପକାଇ ଗୋଳାନ୍ତୁ । ମିଶାଇବା ପରେ ଏହାକୁ ୫ ମିନିଟ୍ ଯାଏଁ ଫୁଟାନ୍ତୁ । ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ପାଣି ସିଙ୍ଗଡା ସୁପ୍ ।



# ସଂସ୍କୃତରେ ବିବାହ କାର୍ଡ

ଅନେକ ସମୟରେ ସୋସିଆଲ ମିଡିଆରେ ଅନେକ ବିବାହ ନିମନ୍ତ୍ରଣ କାର୍ଡ ଭାଇରାଲ ହୋଇଥାଏ, ଯେଉଁଗୁଡ଼ିକରେ କିଛି ନା କିଛି ସ୍ୱତନ୍ତ୍ରତା ରହିଥାଏ । ସେହିଭଳି ଏକ କାର୍ଡ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ସ୍ୱତନ୍ତ୍ରତା ଦେଖିବାକୁ ମିଳିଛି । ଏହି କାର୍ଡଟି ସଂସ୍କୃତ ଭାଷାରେ ଲେଖାଯାଇଛି, କାରଣ ଉଭୟ ବର କନ୍ୟା ସଂସ୍କୃତ ଶିକ୍ଷକ । କାର୍ଡଟି ସୋସିଆଲ ମିଡିଆରେ ଖୁବ ଭାଇରାଲ ହେଉଛି । ଲୋକମାନେ ଏଭଳି ସ୍ୱତନ୍ତ୍ରତାକୁ ପସନ୍ଦ କରୁଥିବାର ଦେଖିବାକୁ ମିଳୁଛି । ସଂସ୍କୃତ ଆମର ପ୍ରାଚୀନ ଭାଷା ହୋଇଥିବାରୁ ଏହାର ଏଭଳି ପ୍ରଚାର ପ୍ରସାରକୁ ଅନେକ ୟୁଜର୍ସ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି ।



## ଖୁବଶୀଘ୍ର ଦାଖଲ ହେବ ନବଦାସ ହତ୍ୟା ମାମଲାର ରିପୋର୍ଟ : କ୍ରାଇମବ୍ରାଞ୍ଚ ଡ଼ିଜି

କଟକ (ସବ୍ୟୁ): ନବ ଦାସ ହତ୍ୟା ମାମଲାର ଖିଅ ଖୋଜିବା କ୍ରାଇମବ୍ରାଞ୍ଚ ପାଇଁ ଚ୍ୟାଲେଞ୍ଜ ହୋଇଛି । ଘଟଣାର ଏବେବି ତଦନ୍ତ ଚାଲିଛି । ଏ ନେଇ ସୋମବାର ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ମାମଲାର ତଦନ୍ତକୁ ନେଇ ପ୍ରତିକ୍ରିୟା ରଖିଛନ୍ତି କ୍ରାଇମବ୍ରାଞ୍ଚ ଡିଜି ବିନୟ ତୋଷ ମିଶ୍ର । ସେ କହିଛନ୍ତି ଅନ୍ତରୀଣ ଚାର୍ଜସିଟ୍ ଆଧାରରେ ମାମଲାର ବିଚାର ଚାଲିଛି । ନବ ଦାସଙ୍କ ପରିବାରର ଅଭିଯୋଗ ଓ ଅନ୍ୟ କେତେକ ପ୍ରସଙ୍ଗକୁ ନେଇ ତଦନ୍ତ ଜାରି ରହିଛି । ଖୁବ ଶୀଘ୍ର ଫାଇନାଲ ରିପୋର୍ଟ ଦାଖଲ ହେବ ବୋଲି ଡିଜି ସୂଚନା ଦେଇଛନ୍ତି । ପ୍ରକାଶ ଯେ, ମାର୍ଚ୍ଚ ୧୯ରେ ନବ ଦାସଙ୍କ ପୁରା ପରିବାର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଭେଟି ସିବିଆଇ ତଦନ୍ତ ପାଇଁ ଲିଖିତ ଅନୁରୋଧ କରିଥିଲେ। ଲୋକସେବା ଭବନରେ ନବ ଦାସଙ୍କ ପତ୍ନୀ ମୀନତି ଦାସ, ଝିଅ ଦିପାଳି ଓ ପୁଅ ବିଶାଳ ଦାସ ପ୍ରାୟ ଦେଢ ଘଣ୍ଟା ଧରି ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ । ପ୍ରକୃତ ଦୋଷୀକୁ ଧରାଯାଇ ଆଇନ ଅନୁଯାୟୀ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଭରସା ଦେଇଥିଲେ । ଏହା ପରେ ଗତ ମାସରେ ଆରମ୍ଭ ହୋଇଥିଲା ପୁନଃ ତଦନ୍ତ । କ୍ରାଇମବ୍ରାଞ୍ଚ ର ୩ଜଣିଆ ଟିମ୍ ଝାରସୁଗୁଡ଼ା ଏବଂ ବ୍ରହ୍ମପୁରରେ ତଦନ୍ତ କରିଥିଲେ । ଅଭିଯୁକ୍ତ ଗୋପାଳ ଦାସର ବଡଭାଇ,ପୁଅ ଓ ପୁତୁରାକୁ ମଧ୍ୟ ପଚରାଉଚରା କରାଯାଇଥିଲା । ୨୦୨୩ ଜାନୁଆରୀ ୨୯ ତାରିଖରେ ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଗାନ୍ଧି ଛକରେ ଦିନ ପ୍ରାୟ ସାଢେ ୧୧ଟା ବେଳେ ନବ ଦାସଙ୍କ ଉପରକୁ ଗୁଳିମାଡ଼ ହୋଇଥିଲା । ପ୍ରଥମେ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ପରେ ଅବସ୍ଥା ସଂକଟାପନ୍ନ ହେବାରୁ ଏୟାରଲିଫ୍ଟ କରି ଭୁବନେଶ୍ୱର ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲା ।

## ଦିଲ୍ଲୀ ଉତ୍କଳ ଅସ୍ମିତାଏବଂ ଥିଙ୍କର୍ସ କ୍ଲବ ପକ୍ଷରୁ ମନୋଜ ଦାସଙ୍କ ସ୍ମୃତିଚାରଣ

ଭୁବନେଶ୍ୱର (ସବ୍ୟୁ): ଦିଲ୍ଲୀ ଉତ୍କଳ ଅସ୍ମିତା ଏବଂ କଟକର ଥିଙ୍କର୍ସ କ୍ଲବ ତରଫରୁ ଦ୍ୱିଭାଷୀ ଲେଖକ ମନୀଷୀ ମନୋଜ ଦାସଙ୍କର ପଞ୍ଚମ ତିରୋଧାନ ଦିବସ ସ୍ମୃତିସଭା ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି ।

ପ୍ରାରମ୍ଭରେ ଦିଲ୍ଲୀ ଉତ୍କଳ ଅସ୍ମିତାର ସଭାପତି ଡ଼ା. ଅନୀତା ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରି କହିଥିଲେ, ଆମେ ସମସ୍ତ ଭାରତବାସୀ ଆଧୁନିକ ବିଷ୍ଣୁ ଶର୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସମୟରେ ମନକୁ ଆସୁଛି ଆନ୍ତର୍ଜାତିକ ଖ୍ୟାତି ସଂପନ୍ନ ଦ୍ୱିଭାଷୀ ସାହିତ୍ୟିକ ଆଜି ଆମମାନଙ୍କ ଗହଣରେ ସଶରୀରେ ନାହାନ୍ତି ସିନା ତାଙ୍କର ଚିତ ସାହିତ୍ୟ ମାନଙ୍କର ପ୍ରତିଟି ଅକ୍ଷରରେ ଆମେ ସେଇ ମହାପୁରୁଷଙ୍କର ସ୍ଥିତି ଅନୁଭବ କରିପାରୁଛୁ । ପ୍ରାକ୍ତନ ପ୍ରଫେସର ଡ଼. ମଣୀନ୍ଦ୍ର ମେହେର ତାଙ୍କର ଭାଷଣରେ ମନୀଷୀ ମନୋଜଙ୍କ ଗଳ୍ପରେ ମାନବଜୀବନ ଉପସ୍ଥାପିତ କରିଥିଲେ । ପ୍ରାକ୍ତନ ଅଧ୍ୟକ୍ଷ ଛାୟା କାନ୍ତ ଷଡଙ୍ଗୀ ଧାର୍ମିକ ଏବଂ ଆଧ୍ୟାତ୍ମିକ ତାରତମ୍ୟ ଦର୍ଶାଇ ଶ୍ରୋତାଗଣଙ୍କୁ ସମ୍ମୋହିତ କରି ଦେଇଥିଲେ।

ଶ୍ରୀମତୀ ବିଜୟିନୀ ସିଂହଦେଓ ମଧ୍ୟ ଅଭିଭାଷଣ ଦେଇଥିଲେ । ଅବଶେଷରେ ମନୀଷୀ ମନୋଜଙ୍କ ଉପରେ ଏକ କବିତାଞ୍ଜଳି କାର୍ଯ୍ୟକ୍ରମ ମଧ୍ୟ ପ୍ରସ୍ତୁତ ହୋଇଥିଲା। ଶ୍ରୀ ଦାସଙ୍କର ପ୍ରଥମ କବିତା 'ସୂର୍ଯ୍ୟୋଦୟ' ଏବଂ ଦ୍ୱିତୀୟକବିତା 'ସୂର୍ଯ୍ୟାସ୍ତ' ଯାହା ଦେଶ ସ୍ୱାଧୀନତା ଏବଂ ଗାନ୍ଧୀଜୀଙ୍କର ତିରୋଧାନ ଦିବସରେ ଥିଲା ତାହା ଉପରେ ସେ ଆଲୋକ ପାତ କରିଥିଲେ । ହରିଶ୍ଚନ୍ଦ୍ର ବେହେରା,ଡ଼. ସୁନନ୍ଦା ମିଶ୍ର, ରିତା ତ୍ରିପାଠୀ, ଗୋପାଳ ମିଶ୍ରଙ୍କ ସମେତ ଅନ୍ୟ କେତେ ଜଣ କବି, କବୟତ୍ରୀ ମଧ୍ୟ କବିତା ପାଠକରିଥିଲେ । ଡ଼. ନିବେଦିତା ଗିରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

## ମଧୁସୂଦନ ଥିଲେ ଓଡ଼ିଶାର ପ୍ରଥମ ସ୍ୱପ୍ନଦ୍ରଷ୍ଟା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ମଧୁବାବୁ ଥିଲେ ଓଡ଼ିଶାର ପ୍ରଥମ ସ୍ୱପ୍ନଦ୍ରଷ୍ଟା, ଯିଏ ଓଡ଼ିଆ ଜାତିର ଅସ୍ମିତା ଓ ସ୍ୱାଭିମାନକୁ ଜାଗ୍ରତ କରିଥିଲେ । ମଧୁବାବୁଙ୍କ ଦେହାବସାନ ପରେ ୧୯୩୬ରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହୋଇ ତାଙ୍କର ସ୍ୱପ୍ନ ସାକାର ହୋଇଥିଲା । ୨୦୩୬ରେ ଗଠନ ହେବ ସମୃଦ୍ଧ ଓଡ଼ିଶା । ସେତେବେଳେ ମଧୁବାବୁଙ୍କ ଆଉ ଏକ ସ୍ୱପ୍ନ ସାକାର ହେବ । ତାହାହିଁ ହେବ ଉତ୍କଳ ଗୌରବଙ୍କ ପ୍ରତି ଓଡ଼ିଆ ଜାତିର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି । ସୋମବାର ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଜୟଦେବ ଭବନ ଠାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଯେଉଁ ଅସ୍ମିତା ପାଇଁ ଆଜି ଆମେ ଗୌରବ ଅନୁଭବ କରୁଛୁ ତାର ମୂଳ ଉଦ୍ୟୋକ୍ତା ହେଉଛନ୍ତି ମଧୁବାବୁ। ସେ ଥିଲେ ସ୍ୱାଭିମାନୀ ପୁରୁଷ, ଓଡ଼ିଆ ଜାତିର ଗର୍ବ ଓ ଗୌରବର ପ୍ରତୀକ ।





ମଧୁବାବୁ ଥିଲେ ସବୁ କ୍ଷେତ୍ରରେ ପ୍ରଥମ । ସେ ଥିଲେ ପ୍ରଥମ ଓଡ଼ିଆ ଗ୍ରାଜୁଏଟ୍, ପ୍ରଥମ ଓଡ଼ିଆ ବିଦେଶ ପଢୁଆ ଓକିଲ, ପ୍ରଥମ ଓଡ଼ିଆ ଶିଳ୍ପପତି... ଏମିତି ଅନେକ କ୍ଷେତ୍ରରେ ସେ ଥିଲେ ପ୍ରଥମ । ଓଡ଼ିଶାରେ ଏକ ନୂତନ ରାଜନୈତିକ ଚେତନା ସୃଷ୍ଟି କରି ଓଡ଼ିଆ ଜାତିର ସ୍ୱାର୍ଥ ଓ ସ୍ୱାଭିମାନ ରକ୍ଷା କରିବା ପାଇଁ ସେ ସାରା ଜୀବନ ସଂଗ୍ରାମ କରିଥିଲେ ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ମଧୁବାବୁ ଉତ୍କଳ ସମ୍ମିଳନୀ ଗଠନ କରିଥିଲେ । ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ଏକାଧିକ ବାର ଲଣ୍ଡନ ଯାତ୍ରା କରି ବ୍ରିଟିଶ ସରକାରଙ୍କ ନିକଟରେ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିଥିଲେ । ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ, କୁଟୀର ଶିଳ୍ପର ବିକାଶ ସହିତ କୃଷି, ବାଣିଜ୍ୟ, ଶିକ୍ଷା ସଂସ୍କୃତି ସବୁ କ୍ଷେତ୍ରରେ ଏକ ନୂତନ ଜାଗରଣ ସୃଷ୍ଟି କରିବା ପାଇଁ ଉତ୍କଳ ସମ୍ମିଳନୀ ଥିଲା ତାଙ୍କ ପାଇଁ ସବୁଠାରୁ ବଡ଼ ପ୍ଲାଟଫର୍ମ । ବର୍ତ୍ତମାନର ସରକାର ପୂଜ୍ୟପୂଜା ପରମ୍ପରାରେ ବିଶ୍ୱାସ କରନ୍ତି ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପୂର୍ବ ସରକାର କେବଳ ଲୋକ ଦେଖାଣିଆ କାମ କରୁଥିଲେ । ଆଜି ରାଜ୍ୟ ସରକାର ଉତ୍କଳ ଦିବସକୁ ମଧୁବାବୁଙ୍କ ଜନ୍ମମାଟି ସତ୍ୟଭାମାପୁରରେ ପାଳନ କରି ପୂଜ୍ୟପୂଜା ପରମ୍ପରାକୁ ଏକ ନୂଆ ସ୍ତରକୁ ଆଣିଛନ୍ତି । ମଧୁବାବୁଙ୍କ ଜନ୍ମପୀଠକୁ ଓଡ଼ିଆ ଜାତୀୟତାର କେନ୍ଦ୍ରସ୍ଥଳ ଭାବେ ବିକଶିତ କରିବା ପାଇଁ କାମ ଆରମ୍ଭ ହୋଇଛି । ଜନ୍ମପୀଠର ବିକାଶ ପାଇଁ ୨୧ କୋଟି ଟଙ୍କା ବିନିଯୋଗରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ ଆରମ୍ଭ ହୋଇଛି । ସ୍ମୃତିପୀଠ ଓ ଜନ୍ମପୀଠର ବିକାଶ ପାଇଁ ଆହୁରି ଅଧିକ ଟଙ୍କା ବିନିଯୋଗ କରାଯିବ । ଏଥିପାଇଁ ଆଉ ଥରେ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏହା ସହିତ ମଧୁବାବୁଙ୍କ ସ୍ମୃତି ସହିତ ଜଡ଼ିତ ଉତ୍କଳ ଟ୍ୟାନେରୀକୁ ଏକ କୀର୍ତ୍ତିସ୍ତମ୍ଭ ଭାବେ ବିକଶିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସମଗ୍ର ଓଡ଼ିଆ ଜାତି ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଥିଲେ । ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସ୍ତମ୍ଭକାର ଦାଶ ବେନହୁର ମଧୁବାବୁଙ୍କୁ ସ୍ମରଣ କରିବା ଅର୍ଥ ହେଉଛି, ଓଡିଆ ଅସ୍ମିତା ଜାଗରଣକୁ ସ୍ମରଣ କରିବା । ଅନ୍ୟତମ ଅତିଥି ତଥା ଶ୍ୟାମାପ୍ରସାଦ ମୁଖାର୍ଜୀ ଫାଉଣ୍ଡେସନର ଉପଦେଷ୍ଟା ଗୋଲକ ପ୍ରସାଦ ମହାପାତ୍ର କହିଥିଲେ ଯେ ମଧୁବାବୁଙ୍କ ଜୀବନ ବୃତ୍ତାନ୍ତ ଏବଂ ଓଡିଶା ପାଇଁ ଅବଦାନ ଅବିସ୍ମରଣୀୟ । ଓଡିଆ ଜାତିର ଉତ୍ଥାନ ପାଇଁ ସେ ସର୍ବଦା ଲଢେଇ ଜାରି ରଖିଥିଲେ । ଆଜି ଆମେ ଯଦି ଓଡିଆ ଜାତି, ଭାଷା, ସାହିତ୍ୟ ଓ ଅସ୍ମିତାକୁ ସୁରକ୍ଷିତ ରଖିପାରିବା ତେବେ ତାହା ହେବ ମଧୁବାବୁଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି । ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂହ କହିଥିଲେ ଯେ ଆମ ସରକାର ମଧୁବାବୁଙ୍କ କୀର୍ତ୍ତି ଓ ଅସ୍ମିତାକୁ ଆଗାମୀ ପିଢି ପାଖରେ ପହଞ୍ଚାଇବା ପାଇଁ ସମସ୍ତ ଉଦ୍ୟମ ଜାରି ରଖିବେ । ସଭା ପରେ ଭୁବନେଶ୍ୱର ଲାବଣ୍ୟ ଥିଏଟର ପକ୍ଷରୁ ମଧୁବାବୁଙ୍କ ଅବଦାନ ସଂପର୍କିତ ନାଟକ 'ନିଶୀଥ ସୂର୍ଯ୍ୟ' ପରିବେଷଣ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କଳାକାର ଓ ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମରେ ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ନିର୍ଦ୍ଦେଶକ ଦେବ ପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ତହସିଲଦାରଙ୍କ କାର୍ଯ୍ୟାଳୟ ଆଗରେ ସିପିଆଇର ବିକ୍ଷୋଭ

ନିମାପଡା,(ସବ୍ୟୁ):୧୧ ଦଫା ଦାବୀ ପୁରଣ ନେଇ ଆଜି ନିମାପଡା ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସିପିଆଇ ନେତା କୃଷ୍ଣଚନ୍ଦ୍ର ରାଉତ,ଦେବେନ୍ଦ୍ର ସାହୁ,ସନାତନ ପାତ୍ର,ପ୍ରଫୁଲ୍ଲ ସାହୁ,ଦଣ୍ଡପାଣି ସାହୁଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା । ଦାବୀ ଗୁଡିକ ମଧ୍ୟରେ ଅତ୍ୟାବଶ୍ୟକୀୟ ନିତ୍ୟ ବ୍ୟବହୃତ ସାମଗ୍ରୀର ଦରଦାମ ବୃଦ୍ଧି ନିୟନ୍ତ୍ରଣ କରାଯିବା,ଆୟୁଷ୍ମାନ ଭାରତ ଯୋଜନାରେ ୧୦ ଓଟିପି ସମେତ ଦେଖାଦେଇଥିବା ସମସ୍ତ ତ୍ରୁଟିର ସଂଶୋଧନ ପର୍ଯ୍ୟନ୍ତ ବିଜୁ ସ୍ୱାସ୍ଥ୍ୟବୀମା କାର୍ଡକୁ କାଏମ ରଖିବା,ଦୈନିକ ମଜିରୀକୁ ୬ଶହ ଟଙ୍କାକୁ ବୃଦ୍ଧି କରିବା,ଭୂମିହୀନ ଓ ଦଖଲ ଜମିର ପଟ୍ଟା ପ୍ରଦାନ ସହ ରାଜ୍ୟରେ ତୁରନ୍ତ ଜମି ବନ୍ଦୋବସ୍ତକୁ କାର୍ଯ୍ୟକାରୀ କରିବା,ନିମାପଡା ବଜାର ରାସ୍ତା ପାର୍ଶ୍ୱ ଦୋକାନ ଉଚ୍ଛେଦ ହୋଇଥିବା ବ୍ୟବସାୟୀଙ୍କୁ ତୁରନ୍ତ ଥଇଥାନ କରିବା, ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଶୁଦ୍ଧ ପାନୀୟ ଜଳର ଅଭାବ ଓ ଆବଶ୍ୟକତା ଅନୁଯାୟୀ ତୁରନ୍ତ ଗ୍ରାମାଚଂଳ ଓ ସହରାଂଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ଆଦି ଅନ୍ୟତମ । ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧ ଦଫା ସମ୍ବଳିତ ଏକ ଦାବୀ ପତ୍ର ସ୍ଥାନୀୟ ତହସିଲଦାରଙ୍କୁ ଦଳ ପକ୍ଷରୁ ପ୍ରଦାନ କରାଯାଇଥିଲା ।



ରାମ ମନ୍ଦିର ପରିସରରେ ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ରତିକାନ୍ତ ମହାନ୍ତିଙ୍କ ଦ୍ୱାଦଶାହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ।

### ପୁରୀ ପୋଲିସ ପକ୍ଷରୁ ଚନ୍ଦନ ଯାତ୍ରା ପାଇଁ

## ବ୍ୟାପକ ସୁରକ୍ଷା ବ୍ୟବସ୍ଥା, ସମୀକ୍ଷା କଲେ ଏସପି

ପୁରୀ, (ସବ୍ୟୁ) : ଆସନ୍ତା ୩୦ ତାରିଖ ରେ ପଡୁଛି ପବିତ୍ର ଅକ୍ଷୟ ତୃତୀୟା । ଏହି ଦିନ ମହାପ୍ରଭୁଙ୍କର ତିନି ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ ଓ ଶୁଭାରମ୍ଭ ହେବ । ସେହିପରି ଅକ୍ଷୟ ତୃତୀୟା ଦିନ ପୁରୀ ନରେନ୍ଦ୍ର ପୁଷ୍କରିଣୀରେ ଅନୁଷ୍ଠିତ ହେବ ଶ୍ରୀଜୀଉଙ୍କ ପବିତ୍ର ଚନ୍ଦନ ଯାତ୍ରାଛ ଅସହ୍ୟ ଗ୍ରୀଷ୍ମ ତାପରୁ ଉପଶମ ପାଇଁ ପୁଷ୍କରିଣୀରେ ଚାପ୍ ଖେଳିବେ ପଞ୍ଚୁ ପାଣ୍ଡବ । ଶ୍ରୀମନ୍ଦିରରୁ ବିମାନ ଓ ପାଲିଙ୍କିରେ ପଟୁଆରରେ ଚନ୍ଦନ ଚକଡାକୁ ବିଜେ କରିବେ ପଞ୍ଚୁ ପାଣ୍ଡବ ଓ ଭୁ ଦେବୀ ଓ ଶ୍ରୀ ଦେବୀ । ଶ୍ରୀ ଜୀଉମାନଙ୍କର ଚାପ୍ ଖେଳ ଦେଖିବା ପାଇଁ ନରେନ୍ଦ୍ର ପୁଷ୍କରିଣୀରେ ଭକ୍ତଙ୍କ ପ୍ରବଳ ଭିଡ଼ ଜମିବ । ନରେନ୍ଦ୍ର ପୁଷ୍କରିଣୀରେ ହଜାର ହଜାର ଭକ୍ତଙ୍କ ସମାଗମ ଓ ନିରାପଦ ଚନ୍ଦନ ଯାତ୍ରା ପାଇଁ ପୁରୀ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଓ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ସୁରକ୍ଷା ବ୍ୟବସ୍ଥା ପ୍ରସ୍ତୁତିକୁ ସମୀକ୍ଷା କରିଛନ୍ତି ଖୋଦ୍ ପୁରୀ ଏସପି ବିନୀତ କୁମାର ଅଗ୍ରୱାଲ । ତେବେ ପୂର୍ବ ବର୍ଷ ଚନ୍ଦନ ଯାତ୍ରାରେ ବାଣ ବିସ୍ଫୋରଣ ଘଟି ୧୮ ଜଣ ଲୋକଙ୍କର ପ୍ରାଣ ହାନୀ ଘଟିଥିବା । ତେଣୁ ଚଳିତ ବର୍ଷ ଚନ୍ଦନ ଯାତ୍ରା ସମୟରେ ଶ୍ରୀ ଜୀଉମାନେ ଶ୍ରୀମନ୍ଦିରରୁ ବଡ ଦାଣ୍ଡ ଦେଇ ଆସିଲା ବେଳେ ବାଣ ଫୁଟା ଯିବ ନାହିଁ । ସେହିପରି ନରେନ୍ଦ୍ର ପୁଷ୍କରିଣୀରେ ମଧ୍ୟ ଠାକୁର ଚାପ୍ ଖେଳିବା ବେଳେ ବାଣ ଫୁଟା ଯିବ ନାହିଁ । ଶୃଙ୍ଖଳିତ ଚନ୍ଦନ ଯାତ୍ରା ପାଇଁ ସୁରକ୍ଷା ନିମନ୍ତେ ୫ ପ୍ଲାଟୁନ ଫୋର୍ସ ମୁତୟନ ରହିବେ । ସୁରକ୍ଷା ବ୍ୟବସ୍ଥା ତଦାରଖ ଦାୟିତ୍ୱରେ ଜଣେ ଅତିରିକ୍ତ ଏସପି, ୫ ଜଣ ଡେପୁଟି ଏସପି ବା ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ପାହ୍ୟାର, ୮ ଜଣ ଇନ୍ସପେକ୍ଟର, ୨୦ ଜଣ ସବ୍ ଇନ୍ସପେକ୍ଟର ଅବା ଆସିଷ୍ଟାଣ୍ଟ ସବ୍ ଇନସ୍ପେକ୍ଟର, ୪ ଜଣ ହାବିଲଦାର, ୩୭ ଜଣ କନଷ୍ଟେବଲଙ୍କ ସମେତ ୫ ପ୍ଲାଟୁନ ଫୋର୍ସ ଓ ୫୮ ଜଣ ହୋମଗାର୍ଡ ମୁତୟନ ରହିବେ । ସେପଟେ ଚନ୍ଦନ ଚକଡାରେ ବାଣ ଫୁଟାଇବା ସମ୍ପୁର୍ଣ୍ଣ ରୂପେ ବାରଣ କରାଯାଇଛି । ପ୍ରଥମଥର ପାଇଁ ପୁରୀ ପୋଲିସ ତରଫରୁ ଏକ ଫିଡ଼ବ୍ୟାକ ସେଣ୍ଟର ନରେନ୍ଦ୍ରକୋଣ ଠାରେ କରାଯିବ । ଏଥିରେ ସମସ୍ତ ଅଭିଯୋଗ ଗ୍ରହଣ କରାଯିବ ସହ ନିଜର ଯାତ୍ରା ଅନୁଭୂତି ଦେଇପାରିବେ ।



## ଜିଲ୍ଲା ପ୍ରଶାସନ ପକ୍ଷରୁ ଉତ୍କଳ ଗୌରବ ମଧୁବାବୁ ଜୟନ୍ତୀ ପାଳିତ

କଟକ, (ସବ୍ୟୁ):ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପବିତ୍ର ଜନ୍ମବାର୍ଷିକୀ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ନିର୍ଦ୍ଧିଷ୍ଟ କାର୍ଯ୍ୟସୂଚୀ ଅନୁଯାଇ ସକାଳ ୭ଟା ସମୟରେ ଗୋରାକବର ସ୍ଥିତ ମଧୁବାବୁଙ୍କ ସମାଧିପୀଠ ଓ ସେଠାରେ ଅବସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ଓ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେଛ ଓଡ଼ିଶା ଇତିହାସରେ ତାଙ୍କର ଅଭୁଲା ଛାପ ତାଙ୍କର ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ, ଅଟଳ ସମର୍ପଣ ତଥା ଓଡିଶାର ପରିଚୟ ଏବଂ ବିକାଶ ପ୍ରତି ମଧୁସୂସନ ଦାସଙ୍କ ଅବଦାନ ପିଢ଼ିକୁ ପ୍ରେରଣା ଦେଇ ଆସୁଛି । ଶିକ୍ଷା, ଶିଳ୍ପ ଏବଂ ସମାଜ କଲ୍ୟାଣକୁ ପ୍ରୋତ୍ସାହିତ କରିବା ପାଇଁ ତାଙ୍କର ଅକ୍ଳାନ୍ତ ପ୍ରୟାସ ଏକ ଇତିହାସ ବୋଲି ଜିଲ୍ଲାପାଳ ଏହି ଅବସରରେ ସମ୍ବୋଧନ କରିଥଲେଛପରେ ପରେ ନିକଟସ୍ଥ ମଧୁସୂଦନ ପାର୍କ ଏବଂ କ୍ୟାଣ୍ଟନମେଣ୍ଟ ଛକଠାରେ ଅବସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏଥି ସହ ପଡ଼ିହାରୀ ପାଠାଗାର ଓ ସୂଚନା କେନ୍ଦ୍ରଠାରେ ମଧୁବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରଯାଇଥିଲା । ଅନୁରୂପ ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଓ ମଧୁସୂଦନ ସାଂସ୍କୃତିକ ପରିଷଦ, ସତ୍ୟଭାମାପୁ, ମିଳିତ ଆନୁକୁଲ୍ୟରେ ସତ୍ୟଭାମାପୁର ଠାରେ ମଧୁବାବୁଙ୍କ ଜନ୍ମପୀଠରେ ଶ୍ରଦ୍ଧାଞ୍ଜଳି ପୂର୍ବକ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ସନ୍ଧ୍ୟାରେ ଏକ ସଭା ଆୟୋଜନ କରାଯାଇଥିଲା ।

ସନ୍ଧ୍ୟାରେ ଅତିଥି ମାନଙ୍କ ଦ୍ୱାରା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବାପରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କସ୍ତୁରବା ଗାନ୍ଧୀ ଟ୍ରଷ୍ଟ ପକ୍ଷରୁ ବନ୍ଦେ ଉତ୍କଳ ଗାନ ସହ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ଉଚ୍ଚ ନ୍ୟାଳୟର ନ୍ୟାୟମୂର୍ତ୍ତି, ମୁରାହରି ଶ୍ରୀ ରମଣ, ସମ୍ମାନିତ ଅତିଥିଭାବେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉ ସାହେବ ଶିନ୍ଦେ, ମୁଖ୍ୟବକ୍ତା ଭାବେ ପ୍ରଫେସର ଡ଼ଃ ସନ୍ତୋଷ ତ୍ରିପାଠୀ, ପ୍ରମୁଖ ଯୋଗଦେଇ, ମଧବାବୁଙ୍କ ଓଡିଆ ଜାତି ଓ ଭାଷା ପ୍ରତି ଅବଦାନ ସମ୍ପର୍କରେ ଆଲୋକପାତ କରିବା ସହ ଓଡ଼ିଶାର ଏହି ମହାନ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ତାଙ୍କ ଦ୍ୱାରା ଆଦରଣ କରାଯାଇଥିବା ଆଦର୍ଶକୁ ବଜାୟ ରଖିବା ପାଇଁ ଦୃଢ ପ୍ରତିବଦ୍ଧତାର ଆବଶ୍ୟକତା ଅଛି । ତାଙ୍କର ଐତିହ୍ୟ ଆମକୁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଆଡ଼କୁ ମାର୍ଗଦର୍ଶନ କରିବା ଏବଂ ତାଙ୍କ ଅବଦାନ ସମସ୍ତଙ୍କ ପାଇଁ ପ୍ରେରଣାର ଏକ ଚିରନ୍ତନ ଉତ୍ସ ହୋଇ ରହୁ ବୋଲି ଆଜିର ଜନ୍ମ ଜୟନ୍ତୀ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଆୟୋଜିତ ସଭାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ସ୍ୱାଗତ ଭାଷଣ ଦେଇଥିବା ବେଳେ ମଧୁସୂଦନ ସାଂସ୍କୃତିକ ପରିଷଦର ସଭାପତି ଶ୍ରୀ ପ୍ରଶାନ୍ତ କୁମାର ରାଉତ ସଭା ପରିଚାଳାନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ପରିଷଦର ସମ୍ପାଦକ ଦିଲୀପ କୁମାର ସାମଲ ବିବରଣୀ ପାଠ କରିଥଲେ ।ଏହି ପରିପ୍ରେକ୍ଷୀରେ ସେଠାରେ ବିଭିନ୍ନ ଅନୁଷ୍ଠାନ ମାନଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ଏବଂ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରଯାଇଥିଲା ।

### ରାଜ୍ୟ କ୍ରାଇମ୍ ବ୍ରାଞ୍ଚ ହାତରେ ୭ ଠକ ସର୍ଦ୍ଦାର

## ନୀଳାଦ୍ରି ଭକ୍ତ ନିବାସ ନାମରେ ନକଲି ୱେବସାଇଟ ଖୋଲି ଲକ୍ଷାଧିକ ଟଙ୍କା ଠକେଇ

କଟକ, (ସବ୍ୟୁ):ରାଜ୍ୟ କ୍ରାଇମବ୍ରାଞ୍ଚକୁ ମିଳିଛି ଏକ ବଡ ସଫଳତା । ଉପସ୍ଥିତିରେ ଜଗତସିଂହପୁରର ୬ଟି ପୃଥକ ମାମଲାର ଅଭିଯୋଗକୁ ଭିତ୍ତି କରି ବିଭିନ୍ନ ଲୋକଙ୍କ ପାଖରେ ବିଶ୍ୱାସ ଜନ୍ମାଇ କୋଟି କୋଟି ଟଙ୍କା ଲୁଟି ନେଇଥିବା ଠକ ସର୍ଦ୍ଦାର ଏବଂ ସେମାନଙ୍କ ସହଯୋଗୀ ମାନଙ୍କୁ ଗିରଫ କରିବାକୁ ସକ୍ଷମ ହୋଇଛି କ୍ରାଇମ୍ ବ୍ରାଞ୍ଚ । ଏହି ଅଭିଯୁକ୍ତ ମାନଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା କ୍ରାଇମବ୍ରାଞ୍ଚ ଡିଜିପି ବିନୟତୋଷ ମିଶ୍ର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ବିଶେଷ କରି ଶ୍ରୀଜୀଉଙ୍କ ଉପରେ ଅଗାଧ ବିଶ୍ୱାସ ରଖୁଥିବା ଭକ୍ତମାନଙ୍କ ଭାବାବେଗ ର ସୁଯୋଗ ନେଇ ପୁରୀର ନୀଳାଦ୍ରୀ ଭକ୍ତ ନିବାସ ନାମରେ ନକଲି ୱେବସାଇଟ୍ ପ୍ରସ୍ତୁତ କରି ଭକ୍ତମାନଙ୍କ ଠାରୁ ଲକ୍ଷାଧିକ ଟଙ୍କା ଠକେଇ କରିଥିବା ଦୁଇ ଅଭିଯୁକ୍ତଙ୍କୁ କ୍ରାଇମ୍ ବ୍ରାଞ୍ଚ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଉଛନ୍ତି ଆଗ୍ରାର ଅଂଶୁମାନ ଶର୍ମା ଏବଂ ତାଙ୍କ ସହଯୋଗୀ ପ୍ରୟାଗରାଜର ବାସିନ୍ଦା ଅରବିନ୍ଦ କୁମାର । ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକଙ୍କ ଅଭିଯୋଗ ଆଧାରରେ ଏହି ଠକେଇ ମାମଲା ରୁଜୁ ହୋଇଥିଲା । ଅଭିଯୋଗ ମୁତାବକ ଅଭିଯୁକ୍ତ ମାନେ ଏକ ନକଲି ୱେବସାଇଟ୍ ଖୋଲି ଭକ୍ତମାନଙ୍କୁ ଏକ ମୋବାଇଲ୍ ନମ୍ବର ଓ ୱାଟସଆପ୍ ଜରିଆରେ ଯୋଗାଯୋଗ କରୁଥିଲେ । ସେମାନେ ନୀଳାଦ୍ରୀ ଭକ୍ତ ନିବାସରେ ରହଣୀ ସୁନିଶ୍ଚିତ କରିବା ନାମରେ ଅନଲାଇନ୍ ମାଧ୍ୟମରେ ଟଙ୍କା ଜମା କରିବାକୁ କହୁଥିଲେ । ଏହି ଠକେଇ ପାଇଁ କାନରା ବ୍ୟାଙ୍କର ଏକ ସେଭିଂସ୍ ଆକାଉଣ୍ଟ ବ୍ୟବହାର ହୋଇଥିଲା । ଦୁଇ ଅଭିଯୁକ୍ତଙ୍କ ନିକଟରୁ ଏକ ଲାପଟପ୍, ମୋବାଇଲ୍ ଫୋନ୍, ସିମ୍ କାର୍ଡ, ନୀଳାଦ୍ରୀ ଭକ୍ତ ନିବାସ ୱେବସାଇଟ୍ର ବିବରଣୀ, ଆଧାର କାର୍ଡ, ପାନ୍ କାର୍ଡ ଏଂ ହୋଷ୍ଟିଂ ବିବରଣୀ ଜବତ କରାଯାଇଛି । ସେହିପରି ପୁଞ୍ଜି ନିବେଶ ନାମରେ ଲୋକଙ୍କଠାରୁ କୋଟି କୋଟି ଟଙ୍କା ଠକେଇ କରିଥିବା ଠକଙ୍କୁ ଗିରଫ କରାଯାଇଛି । ସେହିପରି ସାଇବର ଠକେଇ ମାଧ୍ୟମରେ ପୂର୍ବତନ ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଠାରୁ ଏକ କୋଟି ଚାଳିଶ ଲକ୍ଷ ଟଙ୍କା ଲୁଟିଥିବା ସାଇବର ଠକ ଅଭିଯୁକ୍ତ ଆକାଶ କେଶରୱାନୀଙ୍କୁ ପ୍ରୟାଗରାଜରୁ କ୍ରାଇମବ୍ରାଞ୍ଚ ଗିରଫ କରିଛି । ଠକେଇ ହୋଇ ଥିବା ୩ ଲକ୍ଷ ୭୦ ହଜାର ଟଙ୍କା ଆକାଶର ଆକାଉଣ୍ଟରେ ଡିପୋଜିଟ ହୋଇଥିଲା । ଏହି ଗିରଫଦାରୀ ସହ ଏହି ମାମଲାରେ ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୮କୁ ପହଞ୍ଚିଛି । ସେୟାର ମାର୍କେଟରେ ନିବେଶ କରିବା ନାଁରେ ଏହି ଠକେଇ କରାଯାଇଥିଲା । କ୍ରାଇମ ବ୍ରାଞ୍ଚ ଏହି ମାମଲାର ତଦନ୍ତ ଜାରି ରଖିଛି ଏବଂ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚେଷ୍ଟା ଚଳାଇଛି ବୋଲି କ୍ରାଇମ ବ୍ରାଞ୍ଚ ଡିଜି ଶ୍ରୀ ମିଶ୍ର କହିଛନ୍ତି ।

ସେହିପରି କ୍ରାଇମ ବ୍ରାଞ୍ଚ (କେସ୍ ନଂ:-୫୦/୨୦୨୪) ମାମଲାରେ ପୋଲିସ ଗୁଜୁରାଟ ରାଜ୍ୟର ସୁରଟ ଅଞ୍ଚଳରେ ରହୁଥିବା ହିତେଶଭାଇ ପାତ୍ର (୩୯ ବର୍ଷ) ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତ ହିତେଶ ବାଲେଶ୍ୱର ଜିଲ୍ଲାର ମୂଳ ବାସିନ୍ଦା ଏବଂ ସେ ଏବେ ଗୁଜରାଟର ସୁରଟରେ ୱେବସାଇଟ୍ ଡେଭଲପର/ଡିଜାଇନର୍ ଭାବେ କାର୍ଯ କରୁଥିଲେ। ପୁଞ୍ଜି ନିବେଶ କରିବା ନାମରେ ହିତେଶ ଓ ଅନ୍ୟ ଅଭିଯୁକ୍ତ ମାନେ ପ୍ରାୟ ୧.୨୮ କୋଟି ଟଙ୍କା ଠକେଇ କରିଥିଲେ । ସେଥିମଧ୍ୟରୁ ୨୭ ଲକ୍ଷ ଟଙ୍କା ହିତେଶଙ୍କ ଆକାଉଣ୍ଟରେ ଜମା ହୋଇଥିଲା । ତାଙ୍କ ନିକଟରୁ ୬ଟି ବ୍ୟାଙ୍କ ଚେକ୍ ବୁକ୍, ୩୧ଟି ଡେବିଟ୍/କ୍ରେଡିଟ୍ କାର୍ଡ, ବିଭିନ୍ନ ନକଲି କମ୍ପାନିର ୧୩ଟି ରବର ଷ୍ଟାମ୍ପ, ୧୨ ନମ୍ବର ମୋବାଇଲ୍ ହ୍ୟାଣ୍ଡସେଟ୍, ସିମ୍ କାର୍ଡ, ୪ ନମ୍ବର ପେନ୍ ଡ୍ରାଇଭ୍, ଏବଂ ବିଭିନ୍ନ ବେସରକାରୀ ପରିଚୟପତ୍ର ସାମଗ୍ରୀ ଜବତ କରାଯାଇଛି ।

ସେହିପରି ଅନ୍ୟ ଏକ ମାମଲା (କେସ ନଂ:-୬୦/୨୦୨୪) ରେ ଅହମ୍ମଦାବାଦ ସର୍ଦ୍ଦାର ପଟେଲ ରିଙ୍ଗରୋଡ ଅଞ୍ଚଳରେ ରହୁଥିବା ପାର୍ଥ ପରମାର (୨୫)କୁ କ୍ରାଇମ ବ୍ରାଞ୍ଚ ଗିରଫ କରିଛି । ଏହି ମାମଲାରେ ଅଭିଯୁକ୍ତମାନେ ପୁଞ୍ଜି ନିବେଶ ନାମରେ ୭.୫ କୋଟି ଟଙ୍କାର ଠକେଇ କରିଥିବା ସଂକ୍ରାନ୍ତରେ ଅଭିଯୋଗ ହୋଇଥିଲା । ସେହିପରି ଅନ୍ୟ ଏକ ମାମଲା (କେସ ନଂ:- ୫୭/୨୦୨୪) ରେ ଗୁଜରାଟ, ବେମ୍ୟାର୍ଡି, ବୋଲୋଧାମ ଅଞ୍ଚଳରେ ରହୁଥିବା ଠକ୍କର କରସାନଜୀ ସୋଭାଜୀ (୪୮) ଏବଂ ଗୁଜରାଟ, ଖେଡା ଜିଲ୍ଲା, କପାଦଭଞ୍ଜ ଅଞ୍ଚଳର ବାସିନ୍ଦା କୁରେଶି ମହମ୍ମଦ ଅସଲମ୍ (୩୧ ବର୍ଷ)ଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଛି । ସେହିପରି ଅନ୍ୟ ଏକ ପୃଥକ ମାମଲା (କେସ ନଂ:- ୦୩/୨୦୨୫) ରେ ଉତ୍ତରପ୍ରଦେଶ ପ୍ରୟାଗରାଜର ଆକାଶ କେଶରୱାନି, (୩୩ )ଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଛି । ଅଭିଯୁକ୍ତ ଆକାଶ ୧.୪ କୋଟି ଟଙ୍କାର ଏକ ପୁଞ୍ଜି ନିବେଶ ଠକେଇ ମାମଲାରେ ସମ୍ପୃକ୍ତ ଥିବା ପୋଲିସ ତଦନ୍ତ ସମୟରେ ଜାଣିବାକୁ ପାଇଛି । ତାଙ୍କ ଆକାଉଣ୍ଟକୁ ୩.୭ ଲକ୍ଷ ଟଙ୍କା ସ୍ଥାନାନ୍ତର ହୋଇଥିବା ସେ କହିଛନ୍ତି । ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି ବୋଲି କ୍ରାଇମବ୍ରାଞ୍ଚ ଡିଜି ଶ୍ରୀ ମିଶ୍ର ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

### ଏସ୍‌ସିବି ମେଡିକାଲରେ କମୁନି ଦଲାଲଙ୍କ ରାଜୁତି

## ଚାକିରୀ ଆଶାୟୀ ମହିଳାଙ୍କୁ ଠକି ନକଲି ଡାକ୍ତର ଗିରଫ

କଟକ,(ସବ୍ୟୁ): ଏସ୍‌ସିବି ମେଡିକାଲରେ ଦିନକୁ ଦିନ ଦଲାଲଙ୍କ ରାଜୁତି ବିବାରେ ଲାଗିଛି । ଜଣେ ମହିଳାଙ୍କୁ ଚାକିରୀ ଦେବା ଆଳରେ ଲକ୍ଷାଧିକ ଟଙ୍କା ଠକି ଫେରାର୍ ହୋଇଯାଇଥିବା ନକଲି ଡାକ୍ତରକୁ ମଙ୍ଗଳାବାଗ ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ୍ ନାମଞ୍ଜୁର ହେବାରୁ ତାକୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି । ଅଭିଯୁକ୍ତର ନାଁ ପବିତ୍ର ନାୟକ(୩୮) ହୋଇଥିବା ବେଳେ ତା'ଘର ଅନୁଗୋଳ ଜିଲ୍ଲା ବଅଁରପାଳ ଅଞ୍ଚଳରେ ବୋଲି ଜଣାପଡ଼ିଛି । ସେ ନିଜକୁ ଏସ୍‌ସିବି ମେଡିକାଲର ଇଏନ୍‌ଟି ବିଭାଗର ଡାକ୍ତର ବୋଲି ପରିଚୟ ଦେଇ ଠକେଇ କରୁଥିଲା । ଅଭିଯୁକ୍ତ ପବିତ୍ର କେବଳ ଜଣେ ମହିଳାଙ୍କ ଠାରୁ ଠକେଇ କରିନି ବରଂ ଏକାଧିକ ଆଶାୟୀଙ୍କ ଠାରୁ ଲକ୍ଷାଧିକ ଟଙ୍କା ଠକି ନେଇଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ଏହାର ତଦନ୍ତ ଚାଲିଥିବା ବେଳେ ଯେଉଁମାନେ ଠକେଇର ଶିକାର ହୋଇଛନ୍ତି, ସେମାନେ ଏ ସମ୍ପର୍କରେ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିବାକୁ ଆଇଆଇସି ଉମାକାନ୍ତ ସାହୁ କହିଛନ୍ତି । ଅଭିଯୁକ୍ତ ପବିତ୍ର ମଙ୍ଗଳାବାଗ ଅଞ୍ଚଳରେ ଭଡ଼ାରେ ରହୁଥିବା ବେଳେ ଅଧିକାଂଶ ସମୟ ଏସ୍‌ସିବିରେ ଆସି ବୁଲାବୁଲି କରେ । ଇଏନ୍‌ଟି ବିଭାଗରେ ସେ ବୁଲି ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଘରୋଇ ନର୍ସିଂହୋମକୁ ପଠାଇ ଟଙ୍କା ଲୁଟିଥାଏ । ଅନେକ ସମୟରେ ରୋଗୀଙ୍କର ଡାକ୍ତରୀ ପରୀକ୍ଷା ସେ ଘରୋଇ ଲ୍ୟାବ୍‌ରେ କରାଇ ମୋଟା ଅଙ୍କର ଟଙ୍କା ଜୋରଜବରଦସ୍ତି ଆଦାୟ କରିଥାଏ । ତେବେ ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ତୁଳଙ୍ଗ ଗ୍ରାମର ଜଣେ ମହିଳା ଚାକିରୀ ଆଶାୟୀ ଥିବା ବେଳେ ସେ ଏସ୍‌ସିବିରେ ଇଏନ୍‌ଟି ବିଭାଗକୁ ଚିକିତ୍ସିତ ହେବାକୁ ଆସିଥିଲେ । ସେଠାରେ ସମ୍ପୃକ୍ତ ମହିଳାଙ୍କ ସହିତ ପବିତ୍ରର ଦେଖା ହୋଇଥିଲା । ପବିତ୍ର ନିଜକୁ ଡାକ୍ତର ବୋଲି କହିଥିଲା । ବେକରେ ଷ୍ଟେଥୋ ପକାଇବା ସହିତ ଯେମିତି ମହିଳାଙ୍କର ସନ୍ଦେହ ହେବ ନାହିଁ, ସେମିତି ଅଭିନୟ କରିଥିଲା । ତା'ହାତରେ ଏସ୍ସିବି ମେଡିକାଲର ବିଭିନ୍ନ ବିଭାଗରେ ବାହାରୁଥିବା ଚାକିରୀ ରହିଛି ବୋଲି କହିଥିଲା । ସେ ପୂର୍ବରୁ ଅନେକ ଆଶାୟୀଙ୍କୁ ଏଠାରେ ଚାକିରୀ କରାଇ ଦେଇଥିବା ମଧ୍ୟ କହିବା ସହିତ ମହିଳାଙ୍କ ବିଶ୍ୱାସ ବାଇବା ପାଇଁ ନକଲି ନିଯୁକ୍ତି ପତ୍ର ଦେଖାଇଥିଲା । ଏହାକୁ ବିଶ୍ୱାସକୁ ନେଇ ଗୋଟିଏ ସପ୍ତାହ ପରେ ସମ୍ପୃକ୍ତ ମହିଳା ଜଣକ ତାଙ୍କର ଶିକ୍ଷାଗତ ପ୍ରମାଣପତ୍ର ଆଣି ପବିତ୍ରକୁ ଦେଇଥିଲେ । ପବିତ୍ର ୫ଲକ୍ଷ ଟଙ୍କା ନେବା ପାଇଁ ଦାବୀ କରିଥିବା ବେଳେ ମହିଳା ତାକୁ ପ୍ରଥମ ପର୍ଯ୍ୟାୟରେ ୨ଲକ୍ଷ ୨୦ହଜାର ଟଙ୍କା ଉଭୟ ଫୋନ୍-ପେ' ଓ ନଗଦ ଟଙ୍କା ଆକାରରେ ଦେଇଥିଲେ । ବାକି ୨ଲକ୍ଷ ୮୦ହଜାର ଟଙ୍କା ନଦେଲେ ନିଯୁକ୍ତିପତ୍ର ଦେଇହେବ ନାହିଁ ବୋଲି ପବିତ୍ର କହିଥିଲା । ମହିଳା ଜଣକ ଅବଶିଷ୍ଟ ଅର୍ଥରାଶି ଯୋଗାଡ କରୁଥିଲେ । ଏହାରି ଭିତରେ ତାଙ୍କର ସନ୍ଦେହ ହେବାରୁ ସେ ପବିତ୍ରକୁ ଦେଖା କରିବାକୁ କହିଥିଲେ । ପିବତ୍ର କିନ୍ତୁ ଆଉ ଧରାଛୁଆଁ ଦେଇନଥିଲା । ସେ ବ୍ୟକ୍ତିଗତ ଭାବେ ଏସ୍ସିବି ମେଡିକାଲ ଆସି ବୁଝାବୁଝି କରିବାରୁ ଅଭିଯୁକ୍ତ ପବିତ୍ର ଆଦୌ ଡାକ୍ତର କିମ୍ବା ଏସ୍ସିବିର ଷ୍ଟାଫ୍ ନୁହେଁ ବୋଲି ଜାଣିବାକୁ ପାଇଥିଲେ । ମହିଳା ଜଣକ ନିଶ୍ଚିତ ଠକେଇର ଶିକାର ହୋଇଛନ୍ତି ବୋଲି ଜାଣିବା ପରେ ଗତ ମାସ ୨୫ ତାରିଖରେ ମଙ୍ଗଳାବାଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

ସମୟ

## ବଜ୍ରପାତ ଓ ପୋଖରୀରେ ବୁଡ଼ି ହୁଇ ମୃତ

ରାଜନଗର ,(ସବ୍ୟୁ) :ସୋମବାର ପୋଖରୀରେ ବୁଡ଼ି ଦୁଇ ବର୍ଷର ଶିଶୁର ମୃତ୍ୟୁ ଘଟିଥିବା ବେଳେ ବଜ୍ରପାତରେ ଅଷ୍ଟମ ଶ୍ରେଣୀ ଛାତ୍ରର ମୃତ୍ୟୁ ଘଟିଛି । ଆଜି ଅପରାହ୍ନ ପ୍ରାୟ ୩ ଘଟିକା ସମୟରେ ରାଜନଗର ବ୍ଲକ ତାଳଚୁଆ ଗ୍ରାମର ବିଶ୍ୱଜିତ ମାନ୍ନାଙ୍କ ପୁଅ ସୁକୁମାର ମାନ୍ନା ( ୧୨ ) ଘର ପାଖ ବିଲରେ ଚରୁଥିବା ଗୋରୁଙ୍କୁ ଆଣିବାକୁ ଯାଇଥିବା ବେଳେ ହଠାତ ବଜ୍ରପାତ ହୋଇଥିଲା । ଘରକୁ ଦୌଡି ଆସିବା ବେଳେ ସୁକୁମାରଙ୍କ ଉପରେ ବଜ୍ରପାତ ପଡ଼ିଥିଲା । ଘଟଣା ସ୍ଥଳରେ ସୁକୁମାର ଟଳି ପଡିଥିଲେ । ସୁକୁମାରଙ୍କ ଛାତି ଉପରେ ବଜ୍ରପାତ ପଡିଥିଲା । ଗୁରୁତର ଅବସ୍ଥାରେ ପ୍ରଥମେ ତାଳଚୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରଯାଇଥିଲା । ମେଡିକାଲ ରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେହିପରି ମହାକାଳପଡା ବ୍ଲକ ଦୋଳିଗାଁର ଜନ୍ମେଜୟ ନାୟକଙ୍କ ଝିଅ ଅନ୍ନପୂର୍ଣ୍ଣା ନାୟକ ( ୨ ) ଘର ନିକଟରେ ପୋଖରେ ବୁଡିଯାଇଥିଲେ ।

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା

## ଜିଲ୍ଲାରେ ଲଜିଷ୍ଟିକ୍ସ ହବ, ବ୍ୟାରେଜ୍, ହସ୍ପିଟାଲ, ଶୀତଳ ଭଣ୍ଡାର ନେଇ ଆଲୋଚନା



ଭୁବନେଶ୍ୱର, (ସବ୍ୟୁ): କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା ଭବନ ଠାରେ ସାକ୍ଷାତ କରିବା ସହିତ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି । କେନ୍ଦ୍ରାପଡାର ତଳି ଅଞ୍ଚଳକୁ ଜଳମଗ୍ନ ହେବାରୁ ମୁକ୍ତ କରିବା ତଥା ବନ୍ୟା ନିୟନ୍ତ୍ରଣ ପାଇଁ ଲୁଣାନଦୀ ଉପରେ ଏକ ବ୍ୟାରେଜ ନିର୍ମାଣ କରାଯିବା ପାଇଁ ସାଂସଦ ପ୍ରସ୍ତାବ ଦେଇଥିଲେ । ଜିଲ୍ଲାର ଗରଦପୁର ବ୍ଲକ ଅନ୍ତର୍ଗତ ଗହଗପାଟ ଅଞ୍ଚଳ, କେନ୍ଦ୍ରାପଡା-ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବିସିବିଲପାଟ ଅଞ୍ଚଳରେ ବନ୍ୟା ଦ୍ୱାରା ଜଳମଗ୍ନ ହେଉଥିବା ଅଞ୍ଚଳ ଗୁଡିକୁ କିପରି ସୁରକ୍ଷିତ ରଖାଯାଇ ପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା ।


ଏହା ସହିତ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ ଏକ ଚାରିଟେବୁଲ ମଲ୍ଟିସ୍ପେଷାଲିଟି ହସ୍ପିଟାଲ ନିର୍ମାଣ ନିମନ୍ତେ ଜମି ଚିହ୍ନଟ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ସୂଚନାଯୋଗ୍ୟ ଯେ ସତ୍ୟସାଇ ସେବା ସମିତି ପକ୍ଷରୁ କେନ୍ଦ୍ରାପଡାରେ ଏକ ହସ୍ପିଟାଲ ସ୍ଥାପନ କରାଯିବା ପାଇଁ ପ୍ରସ୍ତାବ ଅଛି । ଏହା ସହିତ କେନ୍ଦ୍ରାପଡା ଜିଲ୍ଲାରେ ଏକ ଲଜିଷ୍ଟିକ୍ସ ପାର୍କ ନିର୍ମାଣ, ଶୀତଳ ଭଣ୍ଡାର ପ୍ରତିଷ୍ଠା, ପାନୀୟ ଜଳ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ଏବଂ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଡାଙ୍ଗମାଳ ଅଞ୍ଚଳରେ ଇକୋ ଟୁରିଜିମ, ଲଳିତଗିରିରେ ବୌଦ୍ଧ ପର୍ଯ୍ୟଟନକୁ ଆହୁରି ବ୍ୟାପକ କରିବା ସମ୍ପର୍କରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । କେନ୍ଦ୍ରାପଡା ଜିଲ୍ଲାରେ ଖାଲି ପଡିଥିବା ସରକାରୀ ପଦବୀ ଗୁଡିକୁ ପୂରଣ କରିବା ପାଇଁ ଏହି ବୈଠକରେ ଆଲୋଚନା ହୋଇଥିବା ବେଳେ ଜିଲ୍ଲାରେ ଅନ୍ୟାନ୍ୟ ବିକାଶ ମୂଳକ କାର୍ଯ୍ୟ ବିଷୟରେ ଏହି ବୈଠକରେ ଆଲୋଚନା ହୋଇଥିଲା । ଉକ୍ତ ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ପ୍ରମୁଖ ଉପସ୍ଥିତ ଥିଲେ ।

### 'ଲକ୍ଷ୍ୟ ୟୁପିଏସସି: ଯୁବା ଆଇଏଏସ୍ ଅଧିକାରୀଙ୍କ ପ୍ରେରଣାଦାୟୀ କାହାଣୀ' ପୁସ୍ତକ ଉନ୍ମୋଚିତ

## 'ବିକଶିତ ଭାରତ' ସାକାର ପାଇଁ ସମୟୋପଯୋଗୀ ଢାଞ୍ଚା ତିଆରି କରିବା ଦରକାର : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ନୂଆଦିଲ୍ଲୀର କନଷ୍ଟିଚ୍ୟୁସନ କ୍ଲବରେ ଡଃ ସଜ୍ଜନ ଯାଦବଙ୍କ ଦ୍ୱାରା ଲିଖିତ 'ଲକ୍ଷ୍ୟ ୟୁପିଏସସି : ଯୁବା ଆଇଏଏସ୍ ଅଧିକାରୀଙ୍କ ପ୍ରେରଣାଦାୟୀ କାହାଣୀ' ପୁସ୍ତକକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଛନ୍ତି । ଶ୍ରୀ ପ୍ରଧାନ ଲେଖକ ଡଃ ଯାଦବଙ୍କୁ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି ଯେ ପ୍ରଶାସନିକ ସେବା ପରୀକ୍ଷାରେ ସଫଳତା ପାଇଁ ଅଭ୍ୟର୍ଥୀମାନଙ୍କର ଅଥକ ପରିଶ୍ରମ, ପୁରୁଷାର୍ଥ ଓ ସଂକଳ୍ପଶକ୍ତିକୁ ଦର୍ଶାଉଥିବା ଏହି ପୁସ୍ତକ, ପ୍ରଶାସନିକ ସେବା କରିବାକୁ ଚାହୁଁଥିବା ଅଗଣିତ ଯୁବବର୍ଗଙ୍କ ପାଇଁ ଏକ ପ୍ରେରଣା ସ୍ରୋତ ହେବ । ଏହି ପୁସ୍ତକ ୟୁପିଏସସି ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ବ୍ୟକ୍ତିଙ୍କ ପାଇଁ ନିଶ୍ଚିତ ଭାବେ ଏକ ଉପଯୋଗୀ ଓ ପ୍ରେରଣାଦାୟୀ ପଦକ୍ଷେପ ।

ସେ କହିଛନ୍ତି ଯେ ଗଣତନ୍ତ୍ରରେ ଅଧିକାରଗୁଡିକର ଯେତିକି ଦାୟିତ୍ୱ ଅଛି, କର୍ତ୍ତବ୍ୟର ମଧ୍ୟ ସେତିକି ମହତ୍ତ୍ୱ ଅଛି । ବଦଳୁଥିବା ସମୟ ସହିତ, ଆମର କର୍ତ୍ତବ୍ୟ ଏବଂ ଆକାଂକ୍ଷାଗୁଡ଼ିକର ସ୍ୱରୂପ ମଧ୍ୟ ବଦଳୁଛି । ସର୍ଦ୍ଦାର ପଟେଲ ସିଭିଲ ସେବାକୁ ଭାରତର ଷ୍ଟିଲ୍ ଫ୍ରେମ୍ ବୋଲି ଅଭିହିତ କରିଥିଲେ । ଆଜି, ପ୍ରଯୁକ୍ତିବିଦ୍ୟାର ବିକାଶ ସହିତ ଯେତେବେଳେ ଷ୍ଟିଲକୁ ଅଧିକ ଶକ୍ତିଶାଳୀ କରାଯାଉଛି, ଆମକୁ ସମୟ ଅନୁସାରେ ନିଜକୁ ବିକଶିତ କରିବା ଦରକାର । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ନିର୍ଦ୍ଧାରିତ ବିକଶିତ ଭାରତ- ୨୦୪୭ର ସଂକଳ୍ପକୁ ପୂରା କରିବା ପାଇଁ ଆମକୁ ସମୟୋପଯୋଗୀ ଢାଞ୍ଚା ତିଆରି କରିବା ଦରକାର । ସମସ୍ତଙ୍କୁ ନିଜର ଦାୟିତ୍ୱକୁ ସମ୍ପୂର୍ଣ୍ଣ ନିଷ୍ଠାରେ ନିର୍ବାହ କରିବାକୁ ପଡ଼ିବ । ଯେତେବେଳେ ପ୍ରତ୍ୟେକ ନାଗରିକ ନିଜର ଦାୟିତ୍ୱ ପାଳନ କରିବେ, ସେତେବେଳେ ୧୪୦ କୋଟି ଦେଶବାସୀଙ୍କର ଅଧିକାର ସୁରକ୍ଷିତ ଓ ସଶକ୍ତ ରହିବ ବୋଲି ଶ୍ରୀ ପ୍ରଧାନ ମତ ପ୍ରକାଶ କରିଛନ୍ତି ।




### ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ ସହିତ

## ବିଭିନ୍ନ ବିଭାଗର ଭିତ୍ତିଭୂମି ସମୀକ୍ଷା କଲେ ଉପଜିଲାପାଳ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଉପଜିଲାପାଳ କିଶୋର ଚନ୍ଦ୍ର ପଣ୍ଡା ଜିଲା ମୁଖ୍ୟ ଚିକିତ୍ସାଳୟ ସୋମବାର ଅଚାନକ ପୂର୍ବାହ୍ନ ସାଢେ ୧୧ଟାରେ ପରିଦର୍ଶନ କରିଥିଲେ । ଜନ୍ମ ମୃତ୍ୟୁ ପ୍ରମାଣପତ୍ର କିପରି କରାଯାଉଛି, ତାହାର ରେକେର୍ଡପତ୍ର ଯାଞ୍ଚ ସହ ଦାୟିତ୍ୱରେ ଥିବା ଅଧୁକାରୀ ଏବଂ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧକାରୀ ଓ ଅଧକ୍ଷକ ଡା.ଶ୍ୟାମା ପ୍ରସନ୍ନ ମିତ୍ରଙ୍କ ସହ ଆଲୋଚନା କରିଥିଲେ । ଜନ୍ମମୃତ୍ୟୁ ପ୍ରମାଣପତ୍ର ସୁପରିଚାଳନା ପାଇଁ ତାଗିଦ୍ କରିଥଲେ । ତୃଣମୂଳ ସ୍ତରରୁ ଡାଟାବେସ ଏବଂ ଡିଏଚଏଚରେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ଡାଟା ତୁରନ୍ତ ଡିଜିଟାଲାଇଜେସନ ଉପରେ ଗୁରୁତ୍ୱ ଦେଇଥଲେ ।



ଉପଜିଲାପାଳ ପଣ୍ଡା କହିଲେ ଜନ୍ମମୃତ୍ୟୁ ପ୍ରମାଣ ପତ୍ର ପାଇଁ ଲୋକେ ଅଯଥା ମେଡିକାଲରେ ଲମ୍ବାଲାଇନରେ ଅପେକ୍ଷା ନକରି ବିଭାଗୀୟ ସାଇଟକୁ ଯାଇ ନିଜେ ମୋବାଇଲ ରେ ଆବେଦନ କରିପାରିବେ । ସମସ୍ତ ତଥ୍ୟ ପ୍ରମାଣ ଦେଇ ଆବେଦନ ପରେ ତାହାକୁ ସହଜରେ ଡାଉନଲୋଡ କରିପାରିବେ, ଅଥବା ଗ୍ରାହକ ସେବା କେନ୍ଦ୍ର ବା ଜନସେବା କେନ୍ଦ୍ରରେ ଆବେଦନ କରିପାରିବେ । ଯଦ୍ୱାରା ସମୟ ଅପଚୟ କମିବା ସହ ସାଧାରଣ ଲୋକ ସହଜରେ ଏହାକୁ ପାଇପାରିବେ । ଗ୍ରାମାଂଚଳ ସ୍ତରରେ ଏହାର ସରଳୀକରଣ, ଡାଟା ସଂଗ୍ରହ ପାଇଁ ଆଶା, ଅଙ୍ଗନବାଡି ଏବଂ ଏଏନଏମଙ୍କ ସହ ଆଲୋଚନା କରାଯିବ ବୋଲି କହିଥିଲେ । ଏଥି ସହିତ ଡାକ୍ତରଖାନାର ବିଭିନ୍ନ ଭିତ୍ତିଭୂମି ସମ୍ପର୍କରେ ଉପଜିଲ୍ଲାପାଳ ଶ୍ରୀ ପଣ୍ଡା ଡାକ୍ତର ମିତ୍ରଙ୍କ ସହ ଆଲୋଚନା କରିଥିଲେ ।

## ଭୁବନେଶ୍ୱର ରେଳ ଷ୍ଟେସନ୍‌ରେ ଆରପିଏଫ୍‌ର ଫ୍ଲାଗ୍‌ମାର୍ଚ୍ଚ

ଭୁବନେଶ୍ୱର, (ସବ୍ୟୁ) : ଜାମ୍ମୁ-କାଶ୍ମୀର ପହଲଗାମ ଆତଙ୍କୀ ହମଲା ପରେ ଭାରତର ସବୁ ରେଳ ଷ୍ଟେସନ୍ ଆଲର୍ଟ କରାଯାଇଛି। ସେଥିପାଇଁ ଭୁବନେଶ୍ୱର ରେଳ ଷ୍ଟେସନ୍‌ରେ ଗତ ତିନି ଚାରିଦିନ ହେବ ଫ୍ଲାଗ୍‌ମାର୍ଚ୍ଚ କରାଯାଇ ଯାତ୍ରୀଙ୍କୁ ସତର୍କ କରାଯାଉଛି।

ସୋମବାର ଫ୍ଲାର୍ଗମାର୍ଚ୍ଚ କରାଯିବା ସମୟରେ ଡାକବାଜି ଯନ୍ତ୍ରରେ ଯାତ୍ରୀମାନଙ୍କୁ ସଚେତନ କରାଯିବା ସହ ସନ୍ଦିଗ୍ଧଙ୍କୁ ଦେଖିଲେ ପୋଲିସକୁ ଜଣାଇବାକୁ ସତର୍କ କରାଇଦିଆଯାଉଥିଲା। ଅଚିହ୍ନା ଲୋକଙ୍କ ସହ କଥା ନହେବା ପାଇଁ ଯାତ୍ରୀମାନଙ୍କୁ ଡାକବାଜି ଯନ୍ତ୍ରରେ ଆରପିଏଫ୍ ପରାମର୍ଶ ଦେଇଛି।

ଦୁଇ ପ୍ଲାଟୁନ୍ ଫୋର୍ସ ଷ୍ଟେସନ୍‌ର ଦୁଇ ପାର୍ଶ୍ୱରେ ଫ୍ଲାଗ୍‌ମାର୍ଚ୍ଚ କରିଥିଲେ। ମାଷ୍ଟରକ୍ୟାଣ୍ଟିନ୍ ପାଖ ଓ କଟକ ରୋଡ୍ ପାର୍ଶ୍ୱ ଫ୍ଲାର୍ଗମାର୍ଚ୍ଚ କରାଯାଇଥିଲା। ଷ୍ଟେସନ ଭିତରେ ମଧ୍ୟ ଫୋର୍ସମାନେ ସତର୍କ କରାଇବା ପାଇଁ ଫ୍ଲାର୍ଗମାର୍ଚ୍ଚ କରିଛନ୍ତି। କେବଳ ଭୁବନେଶ୍ୱର ଷ୍ଟେସନ୍‌ରେ ଆତଙ୍କୀ ହମଲା ପରେ ଭାରତର ସବୁ ରେଳ ଷ୍ଟେସନ୍‌ରେ ଯାତ୍ରୀମାନଙ୍କୁ ସତର୍କ କରାଇବା ପାଇଁ ଏହିପରି ଫ୍ଲାର୍ଗମାର୍ଚ୍ଚ ଓ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଉଛି।




ମଧୁସୂଦନ ଦାସଙ୍କ ଜୟନ୍ତୀ ଉପଲକ୍ଷେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ପକ୍ଷରୁ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

## ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ସୌରଶକ୍ତି ପ୍ରକଳ୍ପ ଦ୍ୱାରା ପରିଚାଳିତ

ଖଣ୍ଡପଡା,(ସବ୍ୟୁ):ବିଦ୍ୟୁତ ଶକ୍ତିର ବିକଳ୍ପ ସୌରଶକ୍ତି ପ୍ରକଳ୍ପ ସ୍ଥାପନ ଉପରେ କେନ୍ଦ୍ର ସରକାର ଯଥେଷ୍ଟ ଗୁରୁତ୍ୱ ଦେଉଥିବା ଜଣାପଡିଛି । ଏବେ ସୌରଶକ୍ତି ପ୍ରକଳ୍ପ ଦ୍ୱାରା ଖଣ୍ଡପଡା ସହରର ବିଭିନ୍ନ ଅନୁଷ୍ଠାନ ଓ ସରକାରୀ କାର୍ଯ୍ୟାଳୟ ଗୁଡିକ ପରିଚାଳିତ ହେଉଥିବା ଜଣାପଡିଛି । ଖଣ୍ଡପଡା ପୂର୍ତ୍ତବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମେତ ପୂର୍ତ୍ତବିଭାଗ ପରିଦର୍ଶନ ବଙ୍ଗଳା ଏବେ ସୌର ଶକ୍ତି ପ୍ରକଳ୍ପ ଦ୍ୱାରା ପରିଚାଳିତ ହେଉଥିବା ବିଭାଗୀୟ ସହକାରୀ ନିର୍ବାହୀଯନ୍ତ୍ରୀ ରାଧେଶ୍ୟାମ କାଲୋଙ୍କ ଠାରୁ ପ୍ରକାଶ । ସୌରଶକ୍ତି ପ୍ରକଳ୍ପ ଦ୍ୱାରା ସରକାରୀ କାର୍ଯ୍ୟାଳୟ ଗୁଡିକ ପରିଚାଳିତ ହେବା ଦ୍ୱାରା ବିଦ୍ୟୁତ ଶକ୍ତିର ବ୍ୟବହାର ଅପେକ୍ଷାକୃତ କମ ହେବ ବୋଲି ଜଣାପଡିଛି । ପର୍ଯ୍ୟାୟକ୍ରମେ ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଧିନରେ ଥିବା କଣ୍ଟିଲୋ ଓ ଭାପୁର ବଙ୍ଗଳାରେ ମଧ୍ୟ ସୌର ଶକ୍ତି ପ୍ରକଳ୍ପ ସ୍ଥାପନ କରାଯିବ ବୋଲି ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି ।

## କମିଶନରେଟ୍ ପୋଲିସ, ଆର୍ମି ସମନ୍ୱୟ ବୈଠକ




ଭୁବନେଶ୍ୱର, (ସବ୍ୟୁ) : କମିଶନରେଟ୍ ପୋଲିସ, ଆର୍ମି ଅଫିସରଙ୍କ ମଧ୍ୟରେ ସୋମବାର ସନ୍ଧ୍ୟାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ପୋଲିସ ସେବା ଭବନ କନ୍‌ଫରେନ୍ସ ହଲରେ ହେଉଥିବା ଏହି ବୈଠକରେ ବହୁ ଆର୍ମି ଅଫିସର ଓ ପୋଲିସ ଅଫିସରମାନେ ଯୋଗଦେଇଥିଲେ। ବୈଠକରେ ପୋଲିସ କମିଶନରେଟ୍ ଏସ୍ ଦେବଦତ୍ତ ସିଂ ଅଧ୍ୟକ୍ଷତା କରିଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ସମନ୍ୱୟ ବୈଠକରେ ଅତିରିକ୍ତ ପୋଲିସ କମିଶନ୍‌ର ନରସିଂହ ଭୋଳ, ଡିସିପି ଜଗମୋହନ ମିନା ପ୍ରଭୃତି ଅଫିସରମାନେ ଯୋଗ ଦେଇଥିଲେ। ସେହିପରି ଆର୍ମି ମୁଖ୍ୟାଳୟ ଅଫିସରଙ୍କ ମଧ୍ୟରେ ଆଡମିନ୍ ଷ୍ଟେଟିଭ୍ କମାଣ୍ଡାଣ୍ଟ ଏଲଟି କୋଲ୍ ରାଜେନ୍ଦ୍ର ସିଂ, ଷ୍ଟାଫ୍ ଅଫିସର କୋଲ୍ ନିହାର୍ କୁଅଁର, କୋଲ୍ କେଜି ମହାନ୍ତି (ଷ୍ଟାଫ୍ ଅଫିସର) ବୈଠକରେ ଉପସ୍ଥିତ ଥିଲେ। ଏମାନଙ୍କ ସହ କମିଶନରେଟ୍ ପୋଲିସର ମୁଖ୍ୟାଳୟ ଡିସିପି, ଟ୍ରାଫିକ୍ ଡିସିପିଙ୍କ ସମେତ ଅନ୍ୟାନ୍ୟ ଅଫିସରମାନେ ମଧ୍ୟ ଉପସ୍ଥିତ ଥିଲେ।

## ଜମିବାଡ଼ି ବିବାଦରୁ ଅସହାୟ ବିଧବା ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

ମଙ୍ଗଳପୁର,(ସବ୍ୟୁ) : ଦଶରଥପୁର ବ୍ଲକ ମଙ୍ଗଳପୁର ଥାନା ନିଜାମପୁର ପଂଚାୟତସ୍ଥ ନଛିଦ୍ରପୁର ଗ୍ରାମରେ ଜମିବାଡି ବିବାଦକୁ କେନ୍ଦ୍ର କରି ଜଣେ ବିଧବା ମହିଳା ରଂଜିତା ବିଶ୍ୱାଳଙ୍କୁ ପଡୋଶୀ ମାଡ ମାରିବା ସହ ଲହୁଲୁହାଣ କରିଛନ୍ତି । ଜୀବନରୁ ମାରିଦେବାକୁ ଧମକ ଦେବା ସହ ତାଙ୍କ ଘରେ ପଶି ଲୁହା ରଡ଼, କାଠ ଫଳିଆରେ ମରଣାନ୍ତକ ଆକ୍ରମଣ କରିଥିଲେ ପଡୋଶୀ ମନୋରମା ବିଶ୍ୱାଳ, ବୀଣାପାଣି ବିଶ୍ୱାଳ, ସୂର୍ଯ୍ୟ ପ୍ରକାଶ ବିଶ୍ୱାଳଙ୍କ ସହ ଏକାଧିକ ବ୍ୟକ୍ତି ସାମିଲ ଥିଲେ ।ଜମିବାଡିକୁ କେନ୍ଦ୍ରକରି ପଡିଶାଙ୍କ ସହ ମହିଳାଙ୍କର ପୂର୍ବରୁ ବହୁ ମାମଲା ଥାନାରେ ରହିଛି ।କିନ୍ତୁ ମହିଳାଙ୍କ ପୁଅ ଝିଅ ବାହାରେ ରହୁଥିବା ବେଳେ ଏକାକୀର ସୁଯୋଗ ନେଇ ପଡୋଶୀ ପରିବାର ତାଙ୍କୁ ସଂଘବଦ୍ଧ ଆକ୍ରମଣ କରିଛନ୍ତି । ଥାନାରେ ଥିବା ମାମଲାକୁ ଉଠାଇବାକୁ ତାଙ୍କୁ ଚାପ ପକାଉଥିବା ବେଳେ ସେ ସେଥିରେ ରାଜି ନହେବାରୁ ଏପରି ଆକ୍ରମଣ ହୋଇଛି । ପୂର୍ବରୁ ଆକ୍ରମଣରେ ମୁଣ୍ଡ ଫଟାଇଦେବା ସହ ବାରମ୍ବାର ଆକ୍ରମଣ କରାଯାଇ ମାମଲା ହୋଇଥିଲେ ମଧ୍ୟ ଆକ୍ରମଣ କାରୀଙ୍କୁ ପୁଲିସ୍ କୌଣସି ଥର ଗିରଫ କରିନାହିଁ କି କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନାହିଁ । ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା । ପୁଲିସ୍ ଆକ୍ରମଣକାରୀଙ୍କୁ ଯଦି ତୁରନ୍ତ ଗିରଫ୍ ନକରନ୍ତି ତେବେ ଏସ୍ ପିଙ୍କ କାର୍ଯ୍ୟାଳୟ ନିକଟରେ ଧାରଣାରେ ବସିବେ ବୋଲି କହିଛନ୍ତି ।

## ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି

କଟକ, (ସବ୍ୟୁ) : ଉତ୍କଳଗୌରବ ମଧୁସୂଦନ ଦାସଙ୍କ ୧୭୭ତମ ଜୟନ୍ତୀରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କ ଉଦ୍ଦେଶ୍ୟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି ଉପଲକ୍ଷେ ବିଶ୍ୱବିଦ୍ୟାଳୟ ପରିସରରେ ପୁଣ୍ୟାତ୍ମା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ତାଙ୍କର ଅବିସ୍ମରଣୀୟ ଅବଦାନ ଉପରେ ଆଲୋକପାତ କରି ଯୁବ ପିଢୀଙ୍କ ପାଇଁ ତାଙ୍କର ଜୀବନୀ ପ୍ରେରଣାର ଉତ୍ସ ବୋଲି କହିଥିଲେ । ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ଉତ୍ସବରେ ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ, ଡେପୁଟୀ ରେଜିଷ୍ଟ୍ରାର ଶିଶିର କୁମାର ସାହୁ, ପରୀକ୍ଷା ନିୟନ୍ତ୍ରକ ଡ. ଦୟାନନ୍ଦ ଷଡଙ୍ଗୀ, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଡିନ୍ ଡ. ନୟନ ରଂଜନ ସାମଲ, ଡ. ଶ୍ରୀତା ଭୋଳ,



ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀରେ ପ୍ରଜ୍ଞାପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଛାତ୍ରଛାତ୍ରୀମାନେ ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହେବା ସହିତ ବିକଶିତ ଓଡିଶା ଗଠନରେ ବ୍ରତୀ ହେବାକୁ ଦିଗଦର୍ଶନ ଦେଇଥିଲେ । ମୁଖ୍ୟଅତିଥି କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ମଧୁବାବୁଙ୍କ ଜାତି ପ୍ରେମ ଏବଂ ପୌରହିତ୍ୟ କରି କହିଲେ ମଧୁବାବୁଙ୍କ ଜୀବନୀ ଓଡିଶାର ଅର୍ଦ୍ଧ ଶତାବ୍ଦୀର ଇତିହାସ । ଓଡିଆ ଜାତିର ସଙ୍କଟ କାଳରେ ସେ ଯେଭଳି ତ୍ରାଣକର୍ତ୍ତା ସାଜିଛନ୍ତି ତାହା ଅବର୍ଣ୍ଣନୀୟ। ନିଜର ଜ୍ଞାନଗାରିମା ଓ ଜାତିପ୍ରେମ ପାଇଁ ପ୍ରତ୍ୟେକ ଓଡିଆଙ୍କ ହୃଦୟରେ ସେ ଚିର ସ୍ମରଣୀୟ ହୋଇରହିବେ ବୋଲି ମତ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା, ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ, ଡା. ଦୁର୍ଗା ପ୍ରସାଦ ମିଶ୍ର, ଅଧ୍ୟାପକ ଗୁରୁ ପ୍ରସାଦ ମୁଖାର୍ଜୀ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସଚିବ ସୁଧାଂଶୁ ଭୂଷଣ କର, ସୁନୟ ମିଶ୍ର, ମୃତ୍ୟୁଞ୍ଜୟ ପରିଡା, ବିଶ୍ୱଜତ୍ ଦାଶଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ, କର୍ମଚାରୀ ଯୋଗଦେଇ ମଧୁବାବୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ ।

### ଓଡିଶାରେ ପାକିସ୍ତାନ ନାଗରିକ

## ପରବର୍ତ୍ତୀ ନିର୍ଦ୍ଦେଶ ପରେ ପଦକ୍ଷେପ

ଭୁବନେଶ୍ୱର, (ସବ୍ୟୁ) : ଓଡିଶାରେ ରହୁଥିବା ୧୨ ପାକିସ୍ତାନ ନାଗରିକଙ୍କୁ ଓଡିଶା ପୋଲିସ ପକ୍ଷରୁ ନୋଟିସ୍ ଦିଆଯାଇଛି। ସେମାନଙ୍କ ମଧ୍ୟରୁ ଭୁବନେଶ୍ୱରରେ ରହୁଥିବା ମହମ୍ମଦ ନିଜାମଉଦ୍ଦିନ୍‌ଙ୍କ ପତ୍ନୀ ନଗ୍‌ମା ଇସୁଫ୍ ଭାରତ ଛାଡି ପାକିସ୍ତାନ ଅଭିମୁଖେ ଯାଇଛନ୍ତି। ଅନ୍ୟ ଯେଉଁ ୧୧ ଜଣ ଅଛନ୍ତି ସେମାନଙ୍କ ମଧ୍ୟରୁ କେତେକଙ୍କର ଲଙ୍ଗ୍ ଟର୍ମ ଭିସା ଥିବାବେଳେ ଅନ୍ୟ କେତେକ ଲଙ୍ଗ୍ ଟର୍ମ ଭିସା ପାଇଁ ଆବେଦନ କରିଛନ୍ତି। ଏହି ସମ୍ପର୍କରେ ଡିଜିପି ୱାଇବି ଖୁରାନିଆଙ୍କ କହିବା ଅନୁଯାୟୀ ଜଣେ ଭାରତ ଛାଡିଛନ୍ତି। ଆମ ରାଜ୍ୟରେ ଆଉ ଯେଉଁ ୧୧ ଜଣ ଅଛନ୍ତି ସରକାରଙ୍କ ପରବର୍ତ୍ତୀ ନିର୍ଦ୍ଦେଶନାମା ପରେ ପଦକ୍ଷେପ ନିଆଯିବ। ପହଲଗାମରେ ଆତଙ୍କୀ ହମଲା ପରେ ଭାରତରେ ଥିବା ପାକିସ୍ତାନ ନାଗରିକଙ୍କୁ ଦେଶ ଛାଡିବାକୁ ନିର୍ଦ୍ଦେଶ ହୋଇଥିଲା। ନିର୍ଦ୍ଧାରିତ ସମୟ ଦିଆଯାଇଥିବା ବେଳେ ତାହା ଗତକାଲି ଶେଷ ହୋଇଯାଇଛି। ଅବଧି ଶେଷ ହୋଇଥିବାରୁ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଅପେକ୍ଷା କରାଯାଇଥିବା ପୋଲିସ କହିଛି। ଏହି ଅବଧି ମଧ୍ୟରେ ବହୁ ପାକିସ୍ତାନ ନାଗରିକ ଭାରତ ଛାଡି ତାଙ୍କ ଦେଶକୁ ଚାଲିଯାଇଛନ୍ତି।

## ମଧୁ ଜୟନ୍ତୀରେ ଶିଳ୍ପୋଦ୍ୟୋଗୀଙ୍କୁ ସମ୍ମାନିତ କଲା ବିଶ୍ୱଓଡିଆ ପରିବାର

ଭୁବନେଶ୍ୱର, (ସବ୍ୟୁ): ଅନ୍ୟତମ ଅଗ୍ରଣୀ ଅନୁଷ୍ଠାନ ବିଶ୍ୱଓଡ଼ିଆ ପରିବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମଜୟନ୍ତୀକୁ ସୋମବାର ଭୁବନେଶ୍ୱର ସ୍ଥିତ ଆରସିଏମର ପ୍ରେକ୍ଷାଳୟରେ ପାଳନ କରିଛି । ଏହି ଅବସରରେ ଓଡ଼ିଶାର ସମୃଦ୍ଧିରେ ବିଶେଷ ଭୂମିକାରେ ଥିବା ବରିଷ୍ଠ ଶିଳ୍ପୋଦ୍ୟୋଗୀଙ୍କୁ 'କୁଳଗୌରବ 'ସମ୍ମାନରେ ସମ୍ମାନିତ କରିଛି । ଅନୁଷ୍ଠିତ ସମାରୋହରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତି ଡ଼ଃ ଦୁର୍ଗା ପ୍ରସନ୍ନ ଚୌଧୁରୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇ କୁଳବୃଦ୍ଧ ମଧୁସୂଦନଙ୍କର ଜାତିପ୍ରିତି, ଆଇନ ପ୍ରତି ସମ୍ବେଦନ ଶୀଳତା ଓ ଶିଳ୍ପକ୍ଷେତ୍ରରେ ଓଡ଼ିଶାକୁ ଦେଶରେ ଅଗ୍ରଣୀ ଭାବରେ ଦେଖିଥିବା ସ୍ୱପ୍ନକୁ ଉପସ୍ଥାପନ କରିଥିଲେ । ବିଶ୍ୱଓଡ଼ିଆ ପରିବାର ସଭାପତି ସଜ୍ଜନ ଶର୍ମା। କାର୍ଯ୍ୟକ୍ରମରେ ଅଧକ୍ଷୀୟ ମନ୍ତବ୍ୟରେ ସଭାର ଆଭିମୁଖ୍ୟ ଓ ଅନୁଷ୍ଠାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ ।

ଏହି ଅବସରରେ ସମ୍ମାନିତ ଅତିଥିମାନେ ସେମାନଙ୍କ ଉଦ୍‌ବୋଧନରେ କହିଥିଲେ ଯେ, କେବଳ ଭାଷା ବଞ୍ଚାଇବା ପାଇଁ କିମ୍ବଦନ୍ତୀ ପୁରୁଷ ମଧୁଦନ ଦାସ ସଂଗ୍ରାମ କରିନଥିଲେ । ଓଡ଼ିଶାରେ ଶିଳ୍ପର ଅଗ୍ରଗତି ମଧ୍ୟ ଏହି ପ୍ରବାଦ ପୁରୁଷଙ୍କ ସ୍ୱପ୍ନ ଥିଲା ବୋଲି ଉଲ୍ଲେଖ କରିଥିଲେ । କାର୍ଯ୍ୟକ୍ରମରେ ଉତ୍କଳ ଗୌରବ ସମ୍ମାନରେ ପବନ ସୁଲତାନିଆ, ନିକୁଞ୍ଜ ଛୋଟରାୟ, ଦିଲ୍ଲୀପ ଦାସ, ଗୌରୀ ଶଙ୍କର ଦାଶ, ଡଃ ପ୍ରବୀର ପାଲ୍, ରିଜିଓନାଲ୍‌କଲେଜ ଅଫ୍ ମ୍ୟାନେଜମେଣ୍ଟ ଓଡ଼ିଶା, ଜଗଦୀଶ ମିଶ୍ର ଓ ଘନଶ୍ୟାମ ମିଶ୍ର ଆଦି ରାଜ୍ୟର ପ୍ରମୁଖ ଶିଳ୍ପଦ୍ୟୋଗୀଙ୍କୁ ସମ୍ମାନୀତ କରାଯାଇଥିଲା । ଓଡିଶାକୁ ନୂତନ ସୋପାନରେ ପହଞ୍ଚାଇବାରେ ସଫଳ ହୋଇଥିବା ୫ ଜଣ ନବଉଦ୍ୟେମୀ, ବୋଧିସତ୍ୱ ସଂଘପ୍ରିୟ, ଦୀପକ କୁମାର ନାଥ, ନିହାର ରଂଜନ ପଣ୍ଡା, ପରିଚାଳନା ନିର୍ଦ୍ଦେଶ ତଥା ମୁଖ୍ୟକାର୍ଯ୍ୟନିର୍ବାହୀ, ଶ୍ରୀମତୀ ସ୍ନିଗ୍ଧାରାଣୀ ପାତ୍ର, ଶ୍ରୀଜୟ ନାୟକ ପ୍ରମୁଖ ଶିଳ୍ପୋଦ୍ୟୋଗୀଙ୍କୁ ସମ୍ମାନିତ କରାଯାଇଥିଲା । ଅନୁଷ୍ଠାନର ବରିଷ୍ଠ ସଭ୍ୟ ଭବାନୀ ପ୍ରାସାଦ ମିଶ୍ର ଓ ଇଂ. ଶାକ୍ୟସିଂହ ମହାପାତ୍ର ସମାରୋହର ପରିଚାଳନା କରିଥିଲେ। ପରିବାରର ମୁଖପାତ୍ର ସୁରେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



## ବଳରାମ ଗୌଡ ହତ୍ୟା ଘଟଣା : ବାପା - ପୁଅ ଗିରଫ

ଭଞ୍ଜନଗର, (ସବ୍ୟୁ): ସାନଭାଇକୁ ଗଛରେ ବାନ୍ଧି, ପିଟିପିଟି ହତ୍ୟା କରିଥିବା ଘଟଣାରେ ସଂପୃକ୍ତ ବଡ଼ଭାଇ ଏବଂ ପୁତୁରାକୁ ଗିରଫ କରିଛି ପୋଲିସ । ତାରାସିଙ୍ଗି ଥାନା ଅନ୍ତର୍ଗତ ବ୍ରାହ୍ମଣପଦର ଗାଁରେ ଶନିବାର ରାତିରେ ଘଟିଥିଲା ହତ୍ୟାକାଣ୍ଡ । ଗାଁ ଦାଣ୍ଡରେ ଗଛରେ ବାନ୍ଧି, ବଡ଼ଭାଇ ଏବଂ ପୁତୁରା ଦୁହେଁ ମିଶି ପିଟିପିଟି ହତ୍ୟା କରିଥିଲେ। ଏଥିରେ ସାନଭାଇ ବଳରାମ ଗୌଡ(୩୦)ର ଘଟଣା ସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ ମୃତଦେହକୁ ଜବତ କରିବା ସହ, ବ୍ୟବଚ୍ଛେଦ କରିଥିଲା ପୋଲିସ। ତାରାସିଙ୍ଗି ଥାନା କେଶ୍ ନମ୍ବର ୧୬୯/୨୫ ରେ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ପୋଲିସ ପରେ ହତ୍ୟାକାଣ୍ଡରେ ସଂପୃକ୍ତ ବଡ଼ଭାଇ ଶଙ୍କର ଗୌଡ ଏବଂ ତାଙ୍କ ପୁଅକୁ ଗିରଫ କରିଥିଲା ପୋଲିସ । ଗିରଫ ପରେ ଅଭିଯୁକ୍ତ ଶଙ୍କରକୁ ଭଞ୍ଜନଗର ଜେଲକୁ ପଠାଯାଇଥିବା ବେଳେ ତାଙ୍କ ନାବାଳକ ପୁଅକୁ ବ୍ରହ୍ମପୁର ବାଳସୁଧାର ଗୃହକୁ ପଠାଯାଇଥିବା ନେଇ ଏଏସପି ସମୀର ବେହେରା ସୂଚନା ଦେଇଛନ୍ତି । ଜମିରେ ବିବାଦ ଯୋଗୁଁ, ହତ୍ୟାକାଣ୍ଡ ଘଟିଥିବା ପୋଲିସ କହିଛି । ପୂର୍ବରୁ ମଧ୍ୟ ସମାନ ଘଟଣାକୁ ନେଇ, ପ୍ରାୟ ୭/୮ ମାସ ପୂର୍ବରୁ ସାନଭାଇ ବଳରାମକୁ ମରଣାନ୍ତକ ଆକ୍ରମଣ କରିଥିଲା ବଡ଼ଭାଇ । ବ୍ରହ୍ମପୁର ମେଡ଼ିକାଲରେ ଦୀର୍ଘଦିନ ଧରି ଚିକିତ୍ସିତ ହେବା ପରେ, ସୁସ୍ଥ ହୋଇ ଘରକୁ ଫେରୁଥିଲେ ବଳରାମ । ପୁଣି ସମାନ ବିବାଦକୁ କେନ୍ଦ୍ରକରି ଦ୍ୱିତୀୟ ଥରପାଇଁ ହୋଇଥିବା ମାରପିଟ ଘଟଣା, ଶେଷରେ ହତ୍ୟାକାଣ୍ଡରେ ରୂପନେଲା ।

## ବିଜେପି ସରକାରର ଅପାରଗତା ବିରୁଦ୍ଧରେ ସିପିଆଇର ବିକ୍ଷୋଭ



ବାରିପଦା, (ସବ୍ୟୁ) : ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ଓଡ଼ିଶା ରାଜ୍ୟ ପରିଷଦର ଆହ୍ୱାନ କ୍ରମେ, ବିଜେପି ସରକାରର ଅପାରଗତା ବିରୁଦ୍ଧରେ ରାଜ୍ୟ ବ୍ୟାପୀ ବିକ୍ଷୋଭ, ପ୍ରତିବାଦର ଅଂଶବିଶେଷ ଭାବେ ସିପିଆଇ ସାରସକଣା ଜୋନ୍ ପକ୍ଷରୁ ବିଡ଼ିଓ ସାରସକଣା କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ସାଥୀ ପରମେଶ୍ୱର ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଜନଦାବୀ ସମ୍ବଳିତ ଦାବିପତ୍ର ବିଡ଼ିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ଦାବି ଗୁଡ଼ିକ ମଧ୍ୟରେ ବିଦ୍ୟୁତକାର୍ଟ ବନ୍ଦ କରିବା, ସ୍ମାର୍ଟ ମିଟର ଉଚ୍ଛେଦ ସହ ୩୦୦ ୟୁନିଟ ମାଗଣା ବିଦ୍ୟୁତ ଯୋଗାଇବା, ଆୟୁଷ୍ମାନ କାର୍ଡ ବଦଳରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ଚିକିତ୍ସା ସୁବିଧା ଚଳାଇ ରଖିବା, ଦରଦାମ ବୃଦ୍ଧି ବନ୍ଦ କରିବା, ମାଇକ୍ରୋ ଫାଇନାନ୍ସ ହିତାଧିକାରୀଙ୍କ ଉପରେ ଜୁଲୁମ ବନ୍ଦ କରିବା, ବାର୍ଦ୍ଧକ୍ୟ, ବିଧବା ଭତ୍ତା ମାସିକ ୩୦୦୦ ଟଙ୍କା ପ୍ରଦାନ କରିବା, ସ୍ୱଚ୍ଛ ପିଇବା ପାଣି ପ୍ରତି ପରିବାରକୁ ଯୋଗାଇବା, ବାଦ୍ ପଡ଼ିଥିବା ଯୋଗ୍ୟ ହିତାଧିକାରୀଙ୍କୁ ରେସନ କାର୍ଡ ତୁରନ୍ତ ଯୋଗାଇବା, କୃଷି ଋଣ ଛାଡ଼ କରିବା ଇତ୍ୟାଦି ଅନ୍ତର୍ଭୁକ୍ତ। ଏହି ବିକ୍ଷୋଭ ଆନ୍ଦୋଳନରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ସିପିଆଇ ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ ଡାଃ ପ୍ରଶାନ୍ତ କୁମାର ମିଶ୍ର ବିଭିନ୍ନ ପ୍ରତିଶୃତି ଦେଇ କ୍ଷମତାକୁ ଆସିଥିବା ଡବଲ ଇଂଜିନ ବିଜେପି ସରକାର ସମ୍ପୂର୍ଣ୍ଣ ବିଫଳ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ସଂପାଦକ ମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ, ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର, ହୃଷିକେଶ ସାହୁ, ନାରାୟଣ ଟୁଡୁ ଓ ପ୍ରତାପ ନାଏକ ପ୍ରମୁଖ ସରକାରଙ୍କର ଜନବିରୋଧୀ ନୀତି ଗୁଡିକୁ କଡ଼ା ସମାଲୋଚନା କରିଥିଲେ। ହାଟ ପଡ଼ିଆରୁ ଶତାଧିକ ଜନଗଣ ଶୋଭାଯାତ୍ରାରେ ଆସି ବିକ୍ଷୋଭ ସ୍ଥଳରେ ପହଞ୍ଚିଥିଲେ। ଏଥିରେ ସର୍ବ ସାଥୀ ରୁପାଏ ମାଝୀ, ଶୁକଦେବ ସିଂ, କମଳିନୀ ରାଜ, ରୁହିଆ ସିଂ, ଝୁନୁ ଧଳ ପ୍ରମୁଖ ସାଥୀମାନେ ସାମିଲ ଥିଲେ।

## ହୃଦ୍‌ରୋଗ ଅସ୍ତ୍ରୋପଚାର ପାଇଁ ୪୪ ଶିଶୁଙ୍କ ମୁମ୍ବାଇ ଯାତ୍ରା

ବ୍ରହ୍ମପୁର, (ସବ୍ୟୁ): ନୂତନ ଜୀବନ ପ୍ରଦାନ କରୁଛି ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ (ଆରବିଏସକେୱାଇ) କାର୍ଯ୍ୟକ୍ରମ। ଜଟିଳ ହୃଦ୍‌ରୋଗ ଅସ୍ତ୍ରୋପଚାର ପାଇଁ ସୋମବାର ଜିଲ୍ଲାରୁ ୪୪ ଜଣ ଶିଶୁ ମୁମ୍ବାଇ ଅଭିମୁଖେ ଯାତ୍ରା କରିଛନ୍ତି । ବ୍ରହ୍ମପୁର ରେଲଷ୍ଟେସନରୁ ବିଶାଖା ଏକ୍ସପ୍ରେସ ଟ୍ରେନରେ ସେମାନେ ଯାତ୍ରା କରିଛନ୍ତି। ମିଳିଥିବା ସୂଚନା ଅନୁସାରେ ଜିଲ୍ଲାର ବିଭିନ୍ନ ବ୍ଲକ ତଥା ମହାନଗରରୁ ହୃତପିଣ୍ଡ ଜନିତ ସମସ୍ୟାରେ ପୀଡ଼ିତ ହୋଇଥିବା ପିଲା ମାନଙ୍କୁ ମୁମ୍ବାଇ ସ୍ଥିତ ଏସଆରସିସି ଶିଶୁ ଡାକ୍ତରଖାନାରେ ଚିକିତ୍ସା କରାଯିବ। ଦୁଇମାସରୁ ଶିଶୁଙ୍କ ଠାରୁ ଆରମ୍ଭ କରି ୧୫ବର୍ଷ ପର୍ଯ୍ୟନ୍ତ ପିଲାମାନେ ଏହି ସୂଚୀରେ ରହିଛନ୍ତି। ସୂଚନାନୁସାରେ ଆରବିଏସକେୱାଇ କାର୍ଯ୍ୟକ୍ରମ ଜରିଆରେ (୦-୧୮ବର୍ଷ) ଶିଶୁମାନଙ୍କର ଜନ୍ମଗତ ତ୍ରୁଟି ଓ ବିଳମ୍ବିତ ବିକାଶଜନିତ ସମସ୍ୟାର ଉପଚାର ସହ ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟପରୀକ୍ଷା କରାଯାଇ ସ୍ୱାସ୍ଥ୍ୟ ସମସ୍ୟା, ଅକ୍ଷମତାର ସହଜ ଚିହ୍ନଟକରଣ ଓ ଆବଶ୍ୟକୀୟ ପଦକ୍ଷେପ ରାଷ୍ଟ୍ରୀୟ ବାଲସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧୀନରେ କରାଯାଉଛି। ଜିଲ୍ଲାର ବିଭିନ୍ନ ବ୍ଲକ ତଥା ମହାନଗରରୁ ହୃତପିଣ୍ଡ ଜନିତ ସମସ୍ୟାରେ ଆକ୍ରାନ୍ତ ଥିବା ଛୁଆ ମାନଙ୍କୁ ମୁମ୍ବାଇ ସ୍ଥିତ ଏସଆରସିସି ଶିଶୁ ଡାକ୍ତରଖାନାରେ ଚିକିତ୍ସା କରାଯିବ। ରୋଗୀ ମାନଙ୍କ ସହ ତାଙ୍କର ସମ୍ପର୍କୀୟ ଯାତ୍ରା କରୁଛନ୍ତି ସେହିପରି ସେମାନଙ୍କ ସହିତ ଡାକ୍ତର କିରଣ କୁମାର ପଣ୍ଡିତ, ଡା. ସତ୍ୟନାରାୟଣ ପୋଲାଇ, ଡା. ମନୋରଞ୍ଜନ ପଣ୍ଡା ଓ ଡା. ଜି. ବିହାରୀ ପାତ୍ର ମଧ୍ୟ ଯାତ୍ରା କରୁଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଭବାନୀ ମିଶ୍ର, ଡ଼ିପିଏମ ବୁଲୁନାଥ ସାହୁ, ଆରବିଏସକେୱାଇ ମ୍ୟାନେଜର ଲୋପାମୁଦ୍ରା ମିଶ୍ର ଆକ୍ରାନ୍ତ ମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

## ଟ୍ରକ୍ ଧକ୍କାରେ ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ ଅଧିକାରୀଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି, (ସବ୍ୟୁ): ଗଜପତି ଜିଲ୍ଲାର ସଦର ମହକୁମା ପାରଳାଖେମୁଣ୍ଡି ସହର ଉପକଣ୍ଠ ଆଲ୍ଲୁରିନଗର ସ୍ଥିତ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଆଡ୍‌ମିଶନ ବିଭାଗର ବରିଷ୍ଠ ପରିଚାଳକ ଏସ. ଫାଲଗୁନା ରାଓ ଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ଘଟଣାରୁ ପ୍ରକାଶ ଯେ ଏକ ମିଟିଂରେ ଯୋଗ ଦେବାକୁ ପାରଳାଖେମୁଣ୍ଡିରୁ ଫାଲଗୁନା କାରରେ ଭୁବନେଶ୍ୱର ଯାଉଥିଲେ । ସକାଳ ପ୍ରାୟ ୭ଟା ବେଳେ ଗୋଳନ୍ତରା ଥାନା ନିକଟସ୍ଥ ଏକ ପେଟ୍ରୋଲ ପମ୍ପ ନିକଟରେ ଗାଡ଼ିରୁ ଓହ୍ଲାଇ ଡ୍ରାଇଭରଙ୍କୁ ପେଟ୍ରୋଲ ପକାଇବାକୁ କହିଥିଲେ । ସେ ଗାଡ଼ିରୁ ଓହ୍ଲାଇ ରାସ୍ତା ଅତିକ୍ରମ କରୁଥିବା ବେଳେ ଟ୍ରକ ଧକ୍କାରେ ଗୁରୁତର ଆହତ ହୋଇ ତଳେ ପଡ଼ିଥିଲେ । ତାଙ୍କୁ ସ୍ଥାନୀୟ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା । ହେଲେ ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ତାଙ୍କ ଭାଇ ଏସ୍. ଲିଙ୍ଗରାଜ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ତାଙ୍କର ମୃତ୍ୟୁ ଖବର ଜଣା ପଡ଼ିବା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ବିୟୋଗରେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ସଭାପତି ଡ. ମୁକ୍ତିକାନ୍ତ ମିଶ୍ର, ଉପ-ସଭାପତି ପ୍ରଫେସର ଡି.ଏନ.ରାଓ, କୁଳପତି ସୁପ୍ରିୟା ପଟ୍ଟନାୟକ, ରେଜିଷ୍ଟ୍ରାର ଡ. ଅନିତା ପାତ୍ର, ଅନ୍ୟାନ୍ୟ କର୍ମଚାରୀ , ଅଧ୍ୟାପକ, ଅଧ୍ୟାପିକା, ଆଇନଜୀବୀ ଅରୁଣ ପରିଡ଼ା, ପୂର୍ବତନ କର୍ମଚାରୀ ରାମ ପ୍ରସାଦ ଦାସ, କୃଷ୍ଣ ମିଶ୍ର, ରବି ପାତ୍ର, ଗଜପତି ଜିଲ୍ଲା ସାମ୍ବାଦିକ ସଂଘର (ଏସୟୁଜେ) ସଭାପତି ଗରୁଡ ଧ୍ୱଜ ଚୌଧୁରୀ, ସାଧାରଣ ସମ୍ପାଦକ ତାରିଣୀ ପ୍ରାସାଦ ପଣ୍ଡା, ବରିଷ୍ଠ ସାମ୍ବାଦିକ ଗଣେଶ ରାଜୁ, ରଶ୍ମି ରଞ୍ଜନ ମିଶ୍ର ପ୍ରମୁଖ ଶୋକ ପ୍ରକାଶ କରିବା ସହ ଶୋକ ସନ୍ତପ ପରିବାରଙ୍କୁ ସମବେଦନା ଜଣାଇଛନ୍ତି ।

## ଡିଏଭି ସ୍କୁଲ୍ ଭଞ୍ଜନଗରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ

ଭଞ୍ଜନଗର, (ସବ୍ୟୁ): ସୋମବାର ଡିଏଭି ପବ୍ଲିକ୍ ସ୍କୁଲ୍, ଭଞ୍ଜନଗରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୭ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ପୃଷ୍ଟି ମଧୁବାବୁଙ୍କ ସ୍ମୃତିରେ ଫୁଲମାଳା ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି କାର୍ଯ୍ୟକ୍ରମକୁ ମୀରା ରାଣୀ ପାଣିଗ୍ରାହୀ ପରିଚାଳନା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ । ଶିକ୍ଷକ ଚିତ୍ତରଞ୍ଜନ ଆଚାର୍ଯ୍ୟ କୁଳବୃଦ୍ଧ ମଧୁସୂଦନ ଦାସଙ୍କ କାଳଜୟୀ କୀର୍ତ୍ତି ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମଧୁବାବୁଙ୍କ ଜୀବନ ଓ ତାଙ୍କ ଦ୍ୱାରା ଦିଆଯାଇଥିବା ଶିକ୍ଷା ଓ ଦେଶପ୍ରେମର ଅନୁପ୍ରେରଣା ସର୍ବଦା ପ୍ରଦାନ କରିଥାଏ। ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ପୃଷ୍ଟି ଉତ୍କଳ ଜାତିର ମଉଡ଼ମଣୀ ମଧୁସୂଦନ ଦାସଙ୍କ ଅବଦାନ ବିଷୟରେ ନିଜର ଉଦବୋଧନ ଜ୍ଞାପନ କରି କହିଥିଲେ । ମଧୁବାବୁ ଓଡ଼ିଆ ଜାତିର ଗର୍ବ। ତାଙ୍କ ଦୃଢ଼ ସଂକଳ୍ପ ଓ ଅଦମ୍ୟ ଚେଷ୍ଟା ଫଳରେ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟ ଭାବେ ପରିଚିତ ହୋଇପାରିଛି। ଶେଷରେ ଶିକ୍ଷୟିତ୍ରୀ ରୀନା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିମିଳିପାଳ ଜୈବମଣ୍ଡଳ ସହ ୧୦ କି.ମି ଅଞ୍ଚଳକୁ ଇକୋ ସେନ୍‌ସିଟିଭ୍ ଜୋନ୍ ଘୋଷଣା ଦାବି : ଭଞ୍ଜସେନା

ବାରିପଦା, (ସବ୍ୟୁ) : ଦୀର୍ଘ ବର୍ଷ ଧରି ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷା, ପାହାଡ଼ ପର୍ବତ ସୁରକ୍ଷା ସହିତ ସେହିଠାରେ ବସବାସ କରୁଥିବା ବିଭିନ୍ନ ପଶୁ ପକ୍ଷୀ ସମେତ ମୂଲ୍ୟବାନ ଗଛ ଗୁଡିକୁ ସୁରକ୍ଷା ଦେବା ସହିତ ଜୈବ ମଣ୍ଡଳ ପରିବେଶକୁ ସନ୍ତୁଳିତ ରଖିବା ପାଇଁ ୨୭୫୦ ବର୍ଗ କିଲୋମିଟର ବ୍ୟାସାର୍ଦ୍ଧ ଥିବା ଶିମିଳିପାଳ ଜୈବମଣ୍ଡଳ ପରିଧି ସହିତ ଚର୍ତୁପାର୍ଶ୍ୱରେ ଆଉ ୧୦ କିମି ଅଞ୍ଚଳ ସଂଲଗ୍ନ କରି ଇକୋ ସେନ୍‌ସିଟିଭ୍ ଜୋନ୍ ଭାବେ ତୁରନ୍ତ ଘୋଷଣା କରିବାକୁ ଦାବୀ ହୋଇଆସୁଛି । ସେହି ପରିପ୍ରେକ୍ଷୀରେ ସେମବାର ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ମୟୂରଭଞ୍ଜର ସୁପୁତ୍ରି ତଥା ଭାରତ ବର୍ଷର ମହାମହିମ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଓଡିଶା ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଓ ରାଜ୍ୟ ଜଙ୍ଗଲ ପରିବେଶ ବିଭାଗକୁ ଯଥାଶୀଘ୍ର ଶିମିଳିପାଳ ଜୈବମଣ୍ଡଳ ସହିତ ଚାରିପାଖରେ ଥିବା ଆଉ ୧୦କିଲୋମିଟର ଅଞ୍ଚଳକୁ ସଂଲଗ୍ନ କରି ଇକୋ ସେନ୍‌ସିଟିଭ୍ ଜୋନ୍ ଭାବେ ଘୋଷଣା କରିବାକୁ ଏକ୍ସ ଯୋଗେ ନିବେଦନ କରିଛନ୍ତି। ଏହା ପୂର୍ବରୁ ଶନିବାର ଦିନ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଓଡ଼ିଶା ଜଙ୍ଗଲ ପରିବେଶ ଓ ଶ୍ରମ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆଙ୍କୁ ତାଙ୍କ ଯଶିପୁର ସ୍ଥିତ ବାସଭବନ ଠାରେ ଭେଟି ଦୀର୍ଘ ବର୍ଷ ଧରି ଭଞ୍ଜସେନାର ଆନ୍ଦୋଳନ ଏବଂ ବର୍ତ୍ତମାନର ଜଙ୍ଗଲ ମନ୍ତ୍ରୀଙ୍କ ନିଜ ଜିଲ୍ଲାର ଉନ୍ନତି ପାଇଁ ପ୍ରଚେଷ୍ଟା ଫଳରେ ଶିମିଳିପାଳ ଜାତୀୟ ଉଦ୍ୟାନ ମାନ୍ୟତା ପାଇପାରି ଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନା ଅବସରରେ ଯେଉଁ ୮୪୫ ବର୍ଗ କିଲୋମିଟର ଜାତୀୟ ଉଦ୍ୟାନ ଘୋଷଣା କରାଯାଇଛି, ତାର ପରିସୀମା ବୃଦ୍ଧି କରିବା, ଶିମିଳିପାଳରେ ପଶୁପକ୍ଷି ଶିକାରକୁ ସମ୍ପୂର୍ଣ୍ଣ ଭାବରେ ରୋକା ଯିବା ସହିତ ଅବାଧ ଗଛକଟାକୁ ବନ୍ଦ କରିବା, ବାଘ ସଂଖ୍ୟା ବୃଦ୍ଧି ପାଇଁ ସରକାରୀ ସ୍ତରରେ ଯେଉଁ ଯୋଜନା ହେଉ ଅଛି ତାକୁ କ୍ରିୟାଶୀଳ କରିବା, ପୂର୍ବରୁ ଶିମିଳିପାଳରୁ ବାହାରିଥିବା ଚିରସ୍ରୋତା ନଦୀ ଗୁଡିକ ଏବେ ଅତି ଦୟନୀୟ ଅବସ୍ଥାରେ ଏଣୁ ସେଗୁଡିକୁ ପୁଣି ତାର ପୂର୍ବ ଅବସ୍ଥାକୁ ଫେରାଇବା ପାଇଁ ସରକାରୀ ସ୍ତରରେ ପ୍ରୟାସ କରିବା, ଅଭ୍ୟାଶଗତ ଶିକାରୀଙ୍କୁ ସମସ୍ତ ସରକାରୀ ସୁବିଧା ରୁ ବଞ୍ଚିତ କରିବା, ୨୭୫୦ ବର୍ଗ କିଲୋମିଟର ବ୍ୟାସାର୍ଦ୍ଧ ଥିବା ଶିମିଳିପାଳ ଜୈବମଣ୍ଡଳ ପରିଧି ସହିତ ଚତୁପାର୍ଶ୍ୱରେ ଆଉ ୧୦କିଲୋମିଟର ଅଞ୍ଚଳ ସଂଲଗ୍ନ କରି ଇକୋ ସେନ୍‌ସିଟିଭ୍ ଜୋନ୍ ଭାବେ ତୁରନ୍ତ ଘୋଷଣା କରାଇବାକୁ ସରକାରୀ ସ୍ତରରେ ପ୍ରଚେଷ୍ଟା କରିବାନେଇ ବାର୍ତ୍ତାଳାପ ହୋଇଥିଲା । ଆଲୋଚନା ସମୟରେ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ସମେତ ଉପାଧକ୍ଷ ଦକ୍ଷିଣା ମହାନ୍ତ, ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ ।

## ପୋଖରୀରେ ବୁଡ଼ି ଯୁବକ ମୃତ

ବ୍ରହ୍ମପୁର, (ସବ୍ୟୁ): ସଦର ଥାନା ଅନ୍ତର୍ଗତ ଆମ୍ବଗଡ଼ ଗ୍ରାମର ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଦକ୍ଷିଣପୁର ଗ୍ରାମର କବି ଦାସ। ସୂଚନା ପ୍ରକାରେ କବି ଦାସ ସୋମବାର ମଧ୍ୟାହ୍ନରେ ଆମ୍ବଗଡର ଏକ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ସେଠାରେ ଗୋଡ଼ ଖସିବାରୁ ପୋଖରୀ ଭିତରେ ସେ ବୁଡିଯାଇଥିଲେ। ସେଠାରେ ସ୍ନାନ କରୁଥିବା ଲୋକ ଓ ପରେ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ନିରାଶ ହୋଇଥିଲେ । କିଛି ସମୟ ପରେ ଉକ୍ତ ପୋଖରୀରେ ଏକ ମୃତ ଶରୀର ଭାସୁଥିବା ଦେଖି କିଛି ବ୍ୟକ୍ତି ଥାନାକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ସେଠାରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ । ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ ମେଡ଼ିକାଲକୁ ପଠାଇଛି। ପାଣିରେ ବୁଡିଯିବାରୁ ଶ୍ୱାସରୁଦ୍ଧ ହୋଇ ଯୁବକଙ୍କ ମୃତ୍ୟୁ ଘଟିଥିବା ପୋଲିସ ସନ୍ଦେହ କରୁଛି ।

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଇ ପରିବାର ଭିତରେ ଗଣ୍ଡୋଗଳ : ୩ ଗୁରୁତର

ଧରାକୋଟ, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଜଗମୋହନ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି । ଏହି ଘଟଣାରେ ତିନି ଜଣ ଗୁରୁତର ଆହତ ହୋଇଛନ୍ତି । ଗୁରୁତରମାନେ ହେଲେ ଜଗମୋହନ ଗୋଲା ସାହିର ଶିବ ପାତ୍ର, ସୁବାଷ ପାତ୍ର ଓ ରମେଶ ପାତ୍ର। ଗୁରୁତର ମାନଙ୍କ ମଧ୍ୟରୁ ଶିବପାତ୍ରଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଥିବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ମୁଣ୍ଡକୁ କାତି ଓ ଧାରୁଆ ଅସ୍ତ୍ରରେ ଆକ୍ରମଣ ହୋଇଛି। ସେହିପରି ଅନ୍ୟ ଦୁଇ ଗୁରୁତର ମଧ୍ୟରୁ ରମେଶ ପାତ୍ର ଧରାକୋଟ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ସୁବାଷ ପାତ୍ରଙ୍କୁ ଆସିକା ମେଡିକାଲରେ ଭର୍ତ୍ତି କରାଯାଇଛି । ସୂଚନା ଅନୁସାରେ ଜଗମୋହନ ଗ୍ରାମର ଶିବ ପାତ୍ରଙ୍କ ପରିବାର ସହ ରମେଶ ପାତ୍ରଙ୍କ ପରିବାର ମଧ୍ୟରେ ପୂର୍ବରୁ କେମେଣ୍ଟ ମରାକୁ କେନ୍ଦ୍ର କରି ତିକ୍ତତା ଲାଗି ରହିଥିଲା । ଏ ସମସ୍ୟା ନେଇ ଦୁଇ ପରିବାର ପୂର୍ବରୁ ଧରାକୋଟ ଥାନାର ଦ୍ୱାରସ୍ଥ ମଧ୍ୟ ହୋଇଥିଲେ । ଏମିତି ଅନେକ ଥର ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିବା ବେଳେ ଗତକାଲି ମଧ୍ୟ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଯାହାକୁ ନେଇ ରମେଶ ପାତ୍ର ଥାନାରେ ଅଭିଯୋଗ କରିବାକୁ ଯାଇଥିଲେ । ତେବେ ଆଜି ପୁଣି ଥରେ ପୂର୍ବ କଥାକୁ କେନ୍ଦ୍ର କରି ଦୁଇ ପରିବାର ଭିତରେ ଗଣ୍ଡଗୋଳ ହୋଇଥିଲା । ଉଭୟ ଉଭୟଙ୍କୁ କାତି ଓ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ଫଳରେ ଗୋଟିଏ ପରିବାରର ଶିବ ପାତ୍ର ନାମକ ଜଣେ ଗୁରୁତର ହୋଇଥିବାବେଳେ ଅନ୍ୟ ପରିବାର ରମେଶ ପାତ୍ର ଓ ତାଙ୍କ ପିଉସୀ ପୁଅ ଭାଇ ସୁବାଷ ପାତ୍ର ଦୁଇଜଣ ଗୁରୁତର ହୋଇଛନ୍ତି। ଘଟଣା ସ୍ଥଳରେ ଧରାକୋଟ ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି। ଏହି ଘଟଣା ସଂକ୍ରାନ୍ତରେ ତଦନ୍ତ ଜାରି ରହିଥିବା ବେଳେ ଦୁଇ ଜଣଙ୍କୁ ଥାନାରେ ଅଟକ ରଖାଯିବା ସହ ପୃଥକ ପୃଥକ ଭାବେ ଦୁଇ ଗୋଟି ମାମଲା ରୁଜୁ କରାଯିବ ବୋଲି ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ ସୂଚନା ଦେଇଛନ୍ତି ।

## ସ୍ୱର୍ଗତ ଜଗନ୍ନାଥ ଦାସଙ୍କ ୨୩ତମ ଶ୍ରାଦ୍ଧବାର୍ଷିକୀ

ବ୍ରହ୍ମପୁର, (ସବ୍ୟୁ): ସ୍ଥାନୀୟ ନୂଆ ବାରକ୍ସ ସାହି ସ୍ଥିତ ବାସଭବନରେ ରବିବାର ଦିନ ବରିଷ୍ଠ ଫାର୍ମାସିଷ୍ଟ ସ୍ୱର୍ଗତ ଜଗନ୍ନାଥ ଦାସଙ୍କ ୨୩ତମ ଶ୍ରାଦ୍ଧବାର୍ଷିକୀ ଏବଂ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ସ୍ମୃତିଚାରଣ କରାଯାଇଛି। ସ୍ୱର୍ଗତ ଦାସ ଫର୍ମାସୀ କ୍ଷେତ୍ରରେ ପ୍ରଥମ ଏମ.ଏଲ. ସ୍କ୍ରଫ ଜାତୀୟ ପୁରସ୍କାର ପାଇଥିବା ବେଳେ ତାଙ୍କ ଉଦ୍ୟମରେ ବ୍ରହ୍ମପୁର ଉପକଣ୍ଠ ମହୁଡାଠାରେ ଓଡିଶାର ପ୍ରଥମ ଫାର୍ମାସି କଲେଜ (କଲେଜ ଅଫ ଫାର୍ମାସିଟିୟୁକାଲ ସାଇନ୍ସସେସ) ପ୍ରତିଷ୍ଠା ହୋଇପାରିଛି।

## ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ପହଲଗାମ ନିହତଙ୍କ ପାଇଁ ଶ୍ରଦ୍ଧାଞ୍ଜଳି

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ ଆନୁକୂଲ୍ୟରେ ଜାମ୍ମୁ କାଶ୍ମୀରର ପହଲଗାମରେ ଆତଙ୍କବାଦୀଙ୍କ ଗୁଳିରେ ୨୬ଜଣ ପ୍ରାଣ ହରାଇଥିବା ଘଟଣାକୁ ତୀବ୍ର ନିନ୍ଦା କରାଯାଇଛି । ତତ୍‌ସହିତ ପ୍ରାଣ ହରାଇଥିବା ଭାରତୀୟଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ସୋମବାର ସନ୍ଧ୍ୟା ୬ଟା ୩୦ମିନିଟ୍ ସମୟରେ ବାରିପଦା ଛଉପଡିଆ ଠାରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ନୀରବ ପ୍ରାର୍ଥନା କରାଯାଇଥିଲା ।

## ବରିଷ୍ଠ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା

ହିଞ୍ଜିଳିକାଟୁ, (ସବ୍ୟୁ): ହିଞ୍ଜିଳିକାଟୁ ବ୍ଲକର ବରିଷ୍ଠ ଗୋଷ୍ଠି ଶିକ୍ଷାଧିକାରୀ ଏସ୍ ଗିରଧରଙ୍କୁ ସୋମବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରୂପେ ଗଜପତି ଜିଲ୍ଲାରେ କାର୍ଯ୍ୟ କରୁଥିଲେ । ଏହି ଅବସରରେ ହିଞ୍ଜିଳିକାଟୁ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ତରଫରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁସିଲ ପାତ୍ର, ବାଳକୃଷ୍ଣ ପାତ୍ର, ସୂର୍ଯ୍ୟ କାନ୍ତି ପାତ୍ର, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ସଭାପତି କାହ୍ନୁଚରଣ ସାହୁ, ଉପ ସଭାପତି ଜି.ତ୍ରିପତି, ସଂପାଦକ ପି.ଶିଶିର କୁମାରଙ୍କ ସହିତ ବହୁସଂଖ୍ୟକ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ଏସ୍. ଗିରିଧରଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁଁ ଆମ ହିଞ୍ଜିଳିକାଟୁ ବ୍ଲକ ଶିକ୍ଷାରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିପାରିଥିଲା। ସେ ଜଣେ ମିଷ୍ଟଭାଷୀ ଓ ମେଳାପି ଗୋଷ୍ଠି ଶିକ୍ଷାଧିକାରୀ ରୂପେ ଶିକ୍ଷକ/ଶିକ୍ଷୟତ୍ରୀ ମାନଙ୍କ ପ୍ରିୟପାତ୍ର ହୋଇପାରିଥିଲେ।

## ତାଲା ଭାଙ୍ଗି ୬୦ ହଜାର ଟଙ୍କା ଚୋରି

ବ୍ରହ୍ମପୁର, (ସବ୍ୟୁ): ନିମଖଣ୍ଡି ଥାନା ଅନ୍ତର୍ଗତ ଅଳକାପୁରୀ ପଞ୍ଚମ ଲାଇନରେ କ୍ରାଫ୍ଟ ନାମକ ଏକ କାର୍ଯ୍ୟାଳୟ ରହିଛି । ଚୋର ଗ୍ୟାଙ୍ଗ ତାଲା ଭାଙ୍ଗି ଉକ୍ତ ଅଫସରେ ପଶି ସେଠାରେ ଥିବା ନଗଦ ୬୦ ହଜାର ଟଙ୍କା, ଗୋଟିଏ ଘଣ୍ଟା ଓ ଲାଇଟ ଓ ସିସିଟିଭିର ହାଡ଼ଡିସ୍କ ଚୋରି କରିନେଇଯାଇଛନ୍ତି । ଉକ୍ତ ଅଫିସର କର୍ମଚାରୀ ରଞ୍ଜନ କୁମାର ମହାରଣା ନିମଖଣ୍ଡି ଥାନାରେ ଏନେଇ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି ।

## ବୁଗୁଡ଼ା ଓକିଲ ସଂଘ ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ଓକିଲ ସଂଘ ପକ୍ଷରୁ କୋର୍ଟ ପରିସରରେ ମଧୁବାବୁ ଜୟନ୍ତୀ ତଥା ଆଇନଜୀବୀ ଦିବସ ପାଳିତ ହୋଇଯାଇଛି । ଓକିଲ ସଂଘ ସଭାପତି ଅମର କୁମାର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଜେଏମଏଫସି ବିଚାରପତି ପରିଣିତା ନାୟକ, ମୁଖ୍ୟବକ୍ତା ଭାବେ ଭଞ୍ଜନଗର କଲେଜ ପ୍ରାକ୍ତନ ଅଧ୍ୟକ୍ଷ କୃତିବାସ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଲାଲବାହାଦୁର ପଟ୍ଟନାୟକ ଯୋଗଦେଇ ଓଡ଼ିଆଜାତିର ଅମ୍ଳାନ ପ୍ରତିଭା ସମ୍ପନ୍ନ ଯଶସ୍ୱୀ ସ୍ୱାଭିମାନୀ ଭୌମିକ ପୁରୁଷ ମଧୁବାବୁଙ୍କ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଅତୁଳନୀୟ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥି ସହ କୋଟିକୋଟି ଓଡିଆଙ୍କ ପ୍ରାଣରେ ଜାତି ପ୍ରେମ ଓ ସ୍ୱଦେଶ ପ୍ରେମ ବହ୍ନି ପ୍ରଜ୍ୱଳିତ କରିଥିବା ସ୍ୱାଭିମାନୀ ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏ ଅବସରରେ କୋର୍ଟ ପରିସରସ୍ଥ ମଧୁବାବୁଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ବରେଣ୍ୟ ଅତିଥି ତ୍ରୟଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ହର ପ୍ରସାଦ ଦାଶଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜୀବନ ସଂଗ୍ରାମ ହୋତା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ଆଇନଜୀବୀ ସିମାଞ୍ଚଳ ନନ୍ଦ ସମ୍ପାଦକ ବିବରଣୀ ପାଠ, ମାନସ ରଞ୍ଜନ ହୋତା ସମାପନ ସଙ୍ଗୀତ ଗାନ ଏବଂ ଶେଷରେ ଓକିଲ ଆର୍ତ୍ତବନ୍ଧୁ ଖାଡ଼ଙ୍ଗା ଧନ୍ୟବାଦ ଅର୍ପଣ କରିଥିଲେ।


## ସ୍ୱଚ୍ଛସାଥୀ ବିଦ୍ୟୁତପ୍ରଭାଙ୍କ ବିୟୋଗରେ ଶୋକସଭା

କଟକ, (ସ୍ୱପ୍ର) : ସିଏମ୍‌ସି ଅନ୍ତର୍ଗତ ୫୩ନଂ ୱାର୍ଡର ସ୍ୱଚ୍ଛସାଥୀ ବିଦ୍ୟୁତପ୍ରଭା ଭଦ୍ରଙ୍କ ବିୟୋଗରେ ଏକ ଶୋକସଭା ସୋମବାର ଅନୁଷ୍ଠିତ ହୋଇଯାଇଛି । ୱାର୍ଡ କର୍ପୋରେଟର ଅରବିନ୍ଦ ଜେନାଙ୍କ ନେତୃତ୍ୱରେ ଅନ୍ଦରପୁର ସ୍ଥିତ ରେଡକ୍ରସ ଖେଳପଡିଆରେ ଏହି ଶୋକସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ଅମରଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରି ସ୍ୱର୍ଗତ ବିଦ୍ୟୁତପ୍ରଭାଙ୍କ ପରିବାର ଲୋକଙ୍କୁ ପ୍ରଭୁ ଜଗନ୍ନାଥ ଏହି ବିପଦ ସମୟରେ ସହାୟ ହୁଅନ୍ତୁ ବୋଲି କହିଥିଲେ । ଏହି ଶୋକସଭାରେ ସାହି ଅଧିକାରୀ ପ୍ରମୋଦ କୁମାର ଭୋଳ, ମୁରବୀ ଅମର ସାମନ୍ତରାୟ, ବିଜୟାନନ୍ଦ ସାହୁ, ମହିଳା କର୍ମୀ ପ୍ରିୟମ୍ୱଦା ପାଢ଼ୀ, ସରିତା ସାହୁ, ବିଦୁଲତା ସ୍ୱାଇଁ, ତନୁଶ୍ରୀ ମହାନ୍ତି, ସୁଜାତା ସ୍ୱାଇଁ, କଲ୍ୟାଣୀ ଦାସ, ଶ୍ରଦ୍ଧାଞ୍ଜଳି ପରିଡା, ସବିତା ଦାସ, ସୁଲୋଚନା ସ୍ୱାଇଁ, ମଧୁସ୍ମିତା ସାହୁ, ସୁକାନ୍ତି ସ୍ୱାଇଁଙ୍କ ସମେତ କଟକ ସହରର ବିଭିନ୍ନ ୱାର୍ଡରୁ ଆସିଥିବା ବହୁ ସ୍ୱଚ୍ଛସାଥୀମାନେ ସାମିଲ ହୋଇ ସ୍ୱର୍ଗତ ବିଦ୍ୟୁତପ୍ରଭାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରିଥିଲେ।



## ମୋଦିଙ୍କ ଶପଥ

● ଦିଲ୍ଲୀପ ମହାନ୍ତି



ଏବେ ବି କାଶ୍ମୀରରୁ କାନ୍ଦଣାର ସ୍ୱର ଶୁଭୁଛି । ପହଲଗାମରେ ନିରୀହ ଲୋକଙ୍କର ଯେଉଁ ରକ୍ତ ବୋହିଛି ତାହା କେବଳ ଭାରତବାସୀଙ୍କ ହୃଦୟକୁ ଦୋହଲାଇ ଦେଇନି ବରଂ ସାରା ଦେଶକୁ ରକ୍ତରେ ଗାଧୋଇଛି । ପୃଥିବୀର ଏମିତି ଗୋଟିଏ ଦେଶ ଆମ ପଡ଼ୋଶୀ ଭାବେ ଅଛି ଯେଉଁଠି ହିଂସାର ହିଡ଼ ଉପରେ ବସି ଧାନବିଲରେ ବୋମା ଓ ବନ୍ଧୁକ ଚାଷ କରୁଛି । ଧର୍ମ ଆଉ ଭାତହାଣ୍ଡିରେ ଭୋକ ସହ ରାନ୍ଧୁଛି ବାରୁଦ । ମଣିଷକୁ ମାଟି କରିବାର ଉଦ୍ଦେଶ୍ୟ ରଖି ସେଠି ମୃତ୍ୟୁର ଅକ୍ଷିମୁଠି ଅନୁକୂଳ କରୁଛନ୍ତି କିଛି ସୈତାନ। ମୁମ୍ବାଇ ହେଉ କି ନ୍ୟୁୟର୍କ ଲାଗୁଛି ଯେମିତି ମୃତ୍ୟୁର ମ୍ୟୁଜିକ୍ ଚେୟାର ଆୟୋଜନ କରି ସେମାନେ ମଣିଷ ମାରୁଛନ୍ତି । ଆଶ୍ଚର୍ଯ୍ୟର କଥା ହେଉଛି ସେମାନଙ୍କ ମଥା କେବେ ବି ଅପରାଧବୋଧରେ ନଇଁ ପଡ଼ିନି ବରଂ ମଲା। ଆଉ ଦରମଲା। ମଣିଷଙ୍କ ରକ୍ତବାସ୍ନା ସେମାନଙ୍କ ନାକରେ ବାଜିଲେ ସେମାନେ ଆହୁରି ଉତଫୁଲ୍ଲିତ ଓ ଉଲ୍ଲସିତ ହେଉଛନ୍ତି। ହେଲେ ଏବେ ବହୁତ ହୋଇଗଲା। ଭାରତ ଆଉ ଅଟକି ରହିବନି କୋଉ ଦ୍ରୋହ ଆଉ ଦହନ ପାଖରେ । ଅଟକିବନି ଅଧମ ମୁହୂର୍ତ୍ତମାନଙ୍କ ମିଛ ଠିକଣାରେ । ସେଥିପାଇଁ ତ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ତଥା ବିକାଶର ସାରଥି ନରେନ୍ଦ୍ର ମୋଦି ବିହାର ମାଟିରୁ ପହଲଗାମର ମହାପାପୀଙ୍କର ହିସାବ କରିବା ପାଇଁ ବେଶ୍ ଲାଉଡ୍ ଆଣ୍ଡ କ୍ଲିଅର୍ ମେସେଜ୍ ଦେଇଛନ୍ତି। ଏପ୍ରିଲ ୨୨, ୨୦୨୫ରେ ପହଲଗାମର ବେସରନ ଉପତ୍ୟକାରେ ବୁଲୁଥିବା ବେଳେ ହଠାତ୍ ଚାରି ପାଞ୍ଚ ପ୍ରବଞ୍ଚକ ଆତଙ୍କବାଦୀ ନିରୀହ ପର୍ଯ୍ୟଟକଙ୍କୁ ହତ୍ୟା କରିଥିଲେ । ଯାହାଙ୍କ ଭିତରେ ଥିଲେ କର୍ଣ୍ଣାଟକର ମଞ୍ଜୁନାଥ । ମଞ୍ଜୁନାଥଙ୍କୁ ହତ୍ୟା ପରେ ପତ୍ନୀ ତାଙ୍କର ନେହୁରା ହେଉଥିଲେ । ଆକୁଳ ପ୍ରାର୍ଥନା କରିଥିଲେ, ସ୍ୱାମୀଙ୍କ ଜୀବନ ଯଦି ନେଲ ମୋତେ ବି ମାରିଦିଅ । ହେଲେ ଆତଙ୍କୀ କହିଲେ ମୋଦିଙ୍କୁ ଦେବ ଆମ ପୈଗାମ୍ । ତେଣୁ ମଞ୍ଜୁନାଥଙ୍କ ପତ୍ନୀ ସାର୍ବଜନୀନ ଭାବେ ଏଇ କଥା କହିବା ପରେ ମଧୁବନୀରୁ ହିଁ ଆତଙ୍କବାଦୀ ଆଉ ତାଙ୍କର ଆକ୍କାମାନଙ୍କୁ ମୃତ୍ୟୁର ପୈଗାମ ପଠାଇଛନ୍ତି ମୋଦି । ଭାରତର ଆତ୍ମା ଉପରେ ହମ୍‌ଲା କରିବାର ଦୁଃସାହସ କରିଥିବା ଆତଙ୍କୀଙ୍କୁ ଏମିତି ଦଣ୍ଡ ଦିଆଯିବ, କେବେ କେହି କଳ୍ପନା କରିନଥିବେ। ପାତାଳରେ ଛପିଥିଲେ ବି ବାହାର କରି ମୂଳପୋଛ କରିବୁ ବୋଲି ସଫାସଫା ଶୁଣାଇଛନ୍ତି ପିଏମ୍ । ଆତଙ୍କୀଙ୍କ ଆଡ୍ଡାକୁ ସମୂଳେ ଧ୍ୱଂସ କରାଯିବ, ଚିହ୍ନବର୍ଣ୍ଣ ରହିବନି । ଆତଙ୍କୀଙ୍କ ଆକ୍କା ବି ତ୍ରାହି ପାଇବେନି। ଯେଉଁ ଭୂଖଣ୍ଡକୁ ଆତଙ୍କୀ ବ୍ୟବହାର କରୁଛନ୍ତି ତାକୁ ଧ୍ୱଂସ କରାଯିବ କହି ବି ପାକିସ୍ତାନକୁ ପରୋକ୍ଷରେ ବି ଚରମବାଣୀ ଶୁଣାଇଛନ୍ତି । ଆତଙ୍କବାଦୀଙ୍କ ଅଣ୍ଟା ଭାଙ୍ଗି ଦିଆଯିବାର ଷ୍ଟ୍ରଙ୍ଗ ମେସେଜ ଦେଇଛନ୍ତି। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ହିନ୍ଦୀରେ ଚମତ୍କାର ବକ୍ତବ୍ୟ ରଖୁଥିବା ପ୍ରଧାନମନ୍ତ୍ରୀ ବିହାର ମାଟିରୁ ଇଂରାଜୀରେ ବି ଶୁଣାଇଛନ୍ତି ଅଲଟିମେଟମ୍। ସାରା ବିଶ୍ୱକୁ ମେସେଜ୍ ଦେବା ପାଇଁ ମଞ୍ଚରୁ ହିଁ ଇଂରାଜୀରେ କହିଛନ୍ତି ଯେ ଆତଙ୍କବାଦୀଙ୍କୁ କୌଣସି ପରିସ୍ଥିତିରେ ବି ଛଡ଼ାଯିବନି। ଯାହାକୁ ନେଇ ଏବେ ସାରା ଦେଶରେ ଚର୍ଚ୍ଚା ଆରମ୍ଭ ହୋଇସାରିଛି। ଭାରତ ମାଟିରେ ଥିବା ପହଲଗାମ ଅପରାଧୀଙ୍କ ଘରର ଶେଷ ପରିଣତି ସାରା ଦୁନିଆ ଦେଖିସାରିଛି । ଏବେ ପାକିସ୍ତାନରେ ଲୁଚି ବସିଥିବା ସେମାନଙ୍କର ଆକ୍କାମାନଙ୍କର ଏଭଳି ଦଣ୍ଡ ପାଇବା ବାକି ଅଛି। ଆଉ ଏହି ଡରରେ ହିଁ ଥରହର ହେଉଛି ପାକିସ୍ତାନ। ପାକିସ୍ତାନରେ କାହା ପେଟ ଖରାପ ହେଲେ ବି ଡର ଭାରତର ହିଁ ରହୁଛି। ପାକିସ୍ତାନ ସର୍ଜିକାଲ ଷ୍ଟ୍ରାଇକ ଆଉ ଏୟାର ଷ୍ଟ୍ରାଇକର କଥା ହିଁ ଭାବି ଅଧା ନଇଁ ପଡ଼ିଲାଣି । ହିନ୍ଦୁସ୍ତାନର ଆହ୍ୱାନ ଦେଖି ପାକିସ୍ତାନ ଏବେ ଚୀନ ଗୋଡ଼ ଧରିଲାଣି । ପାକିସ୍ତାନ ସରକାର ଆଉ ଅପାରଗ ସେନା ଯିଏ ଆଜି ଯାଏଁ କୌଣସି ବି ଯୁଦ୍ଧ ଜିତିନି ତା ଭରସାରେ ଦେଶର ଲୋକେ ଏବେ ରହିବାକୁ ନାରାଜ। ପାକିସ୍ତାନ ମିଡିଆ ନିଜେ ହିଁ ସରକାର ଆଗରେ ଗୁହାରୀ କରୁଛି, ଚୀନ ସହ କଥାହୁଅ। ପାକିସ୍ତାନ ଭାରତକୁ ଏତେ ମାତ୍ରାରେ ଭୟ କରୁଛି ଯେ କାମରା ଏୟାରବେସରେ ରଏ ଥଣ୍ଡର ବିମାନ ରାତିସାରା ଚକ୍କର କାଟୁଛି । ଏଲଓସିରେ ପାକିସ୍ତାନୀ ପୋଷ୍ଟ ରାତିସାରା ଗୁଳିବର୍ଷା କରିଛି । ଭାରତୀୟ ସେନା ପକ୍ଷରୁ ଏହାର ମୁହଁତୋଡ଼ ଜବାବ ବି ଦିଆଯାଇଛି । ଭାରତ ଏଯାଏଁ ହାତଗୋଡ଼ ହଲେଇନି ହେଲେ ପାକିସ୍ତାନକୁ ନ୍ୟୁକ୍ଲିଅର ଆଟାକର ଡର ଘାରିଲାଣି। ପୂର୍ବରୁ ଭାରତ ସହ ପଙ୍ଗା ନେବାର ପରିଣାମ ବି ଦେଖିସାରିଛି ପାକିସ୍ତାନ । ପାକିସ୍ତାନ ୧୯୪୭ରେ ଲଢ଼ିଥିଲା, ପିଓକେର ସେ ଅଂଶ ବି ଭାରତ କବ୍‌ଜାରେ ଥିଲା। ୧୯୬୫ରେ ଲଢ଼ିଥିଲା, ୧୭ ଦିନ ଭିତରେ ଭାରତର ଗୋଡ଼ ତଳେ ପଡ଼ିଥିଲା। ୧୯୭୧ରେ ଲଢ଼ିଥିଲା । ୯୪ ହଜାର ସୈନିକ ସରେଣ୍ଡର କରିବା ସହ ପୂର୍ବ ପାକିସ୍ତାନକୁ ସବୁଦିନ ପାଇଁ ଭୁଲିଗଲା। ୧୯୯୯ରେ ଲଢ଼ିଥିଲା। ଆଉ କାରଗିଲରୁ ମୁଥ ଖାଇ ଲେଉଟି ପଡିଥିଲା । ଆଉ ଏଥର ପୁଣି ଥରେ ଯୁଦ୍ଧ ଭାବନା ଘାରିଛି ପାକିସ୍ତାନ ମନରେ। ଯେତେବେଳେ କି ଚୀନ ଆଉ ଆରବ ଦେଶଗୁଡ଼ିକର ଦୟାରୁ ବଞ୍ଚିଥିବା ପାକିସ୍ତାନର ସାମର୍ଥ୍ୟ କେବଳ ଏତିକି ବଞ୍ଚିଛି ଯେ, ୩୦୩୫ କୋଟି ଡଲାରର ଋଣର କିସ୍ତି ଆଗାମୀ ୧୫ ବର୍ଷ ମଧ୍ୟରେ ତାକୁ ପରିଶୋଧ କରିବାକୁ ପଡ଼ିବ । ଆଗାମୀ ୪ ବର୍ଷରେ ୧୦ ହଜାର କୋଟି ଡଲାର ଋଣ ତାକୁ ସୁଝିବାକୁ ପଡ଼ିବ । ଯାହା ଭିତରୁ ୨୨୦୦ କୋଟି ଡଲାର ଆସନ୍ତା ୮ ମାସରେ ହିଁ ଫେରେଇବାକୁ ପଡ଼ିବ। ୧୩,୦୮୫ କୋଟି ଡଲାର ତଳେ ଚାପି ହୋଇଯାଇଥିବା ପାକିସ୍ତାନ ସୀମାରେ କୌଣସି ପରିସ୍ଥିତିରେ ବି ଯୁଦ୍ଧ ଲଢ଼ିପାରିବ। କାହିଁକି ନା ପାକିସ୍ତାନର ଜିଡିପି ତୁଳନାରେ ଋଣର ଅନୁପାତ ହେଉଛି ୬୫.୭% । କେବଳ ଏପ୍ରିଲରେ ହିଁ ୧ କୋଟି ପାକିସ୍ତାନୀ ଖାଦ୍ୟ ପାଇଁ ହାହାକାର କରୁଛନ୍ତି। ସେପଟେ ଭାରତ ସିନ୍ଧୁ ଜଳ ସନ୍ଧି ବାତିଲ କରିବା ପରେ ସିନ୍ଧୁରେ ପାଣି ପାଇଁ ପଞ୍ଜାବରେ ବାରମ୍ବାର ବିକ୍ଷୋଭ କେତେବେଳେ ଗୃହଯୁଦ୍ଧରେ ଯେ ବଦଳିଯିବ ତାହା କହିବା କଷ୍ଟ । ସିନ୍ଧିମାନଙ୍କୁ ପ୍ରତି ବୁନ୍ଦା ପାଣି ପାଇଁ ତଡପଉଥିବା ପାକିସ୍ତାନୀ ସରକାରକୁ ଜନତା ଅଲଟିମେଟମ୍ ଉପରେ ଅଲଟିମେଟମ୍ ଦେଉଛନ୍ତି । ଭୟରେ ସରକାର ଏବେ କେନାଲ ତିଆରି କରିବା ବନ୍ଦ କରିଦେଇଛନ୍ତି । ସିନ୍ଧ ତ ସିନ୍ଧ ବଲୁଚ ଆଉ ପଖତୁନ ବାସିନ୍ଦା ପଶ୍ଚିମ ଓ ଉତ୍ତର ସୀମାରେ ପାକିସ୍ତାନୀ ସେନାର ଅବସ୍ଥା ସାଙ୍ଘାତିକ କରିସାରିଲେଣି। ବାକି ପାକିସ୍ତାନ ଯେଉଁଭଳି ଭାବେ ଇସଲାମ କଟ୍ଟରପନ୍ଥୀର ଶିକାର ହୋଇଥିବା ସରକାରୀ ନୀତିରେ ଆଗକୁ ବଢ଼ି କାଙ୍ଗାଳୀର କାଦୁଅ ଭିତରେ ପଶିଯାଇଛି, ସେମିତିରେ ଭାରତର ଗୋଟିଏ ଆହ୍ୱାନ ହିଁ ପାକିସ୍ତାନକୁ ଚାରିଖଣ୍ଡ କରିଦେବ କାହିଁକି ନା ପାକିସ୍ତାନର ଆଭ୍ୟନ୍ତରୀଣ ବ୍ୟବସ୍ଥା ଏମିତି ଅଛି ଯେ ଉତ୍ତରରେ ପଖତୁନ୍ ବନ୍ଧୁକ ଉଠାଇଛନ୍ତି ତ ପଶ୍ଚିମରେ ବଲୁଚ୍ ସ୍ୱାଧୀନତାର ଅପେକ୍ଷାରେ ଅଛନ୍ତି । ମଝିରେ ସିନ୍ଧୁ ଦେଶ ବନେଇବାର ଡିମାଣ୍ଡ ଆଉ ବାକି ରହୁଥିବା ପଞ୍ଜାବକୁ ନେଇ ହିଁ ପାକିସ୍ତାନ ନିଜ ଭାଗ୍ୟକୁ ନିନ୍ଦିବ । ସେପଟେ ୧୮ ଡିସେମ୍ବର ୨୦୧୬ରେ ହୋଇଥିଲା ଉରୀ ଆକ୍ରମଣ । ଆଉ ଏହାର ୧୧ ଦିନରେ ହିଁ ସର୍ଜିକାଲ ଷ୍ଟ୍ରାଇକ୍ କରି ବଦଲା ନେଇଥିଲା ଭାରତ। ୧୪ ଫେବୃଆରୀ ୨୦୧୯ରେ ହୋଇଥିଲା ପୁଲୱାମା ଆଟାକ୍। ୧୩ ଦିନରେ ବାଲାକୋଟ୍ ଏୟାରଷ୍ଟ୍ରାଇକ କରି ପ୍ରତିଶୋଧ ନେଇଥିଲା ଭାରତ । ତେଣୁ ସର୍ଜିକାଲ ଷ୍ଟ୍ରାଇକ୍ କରି ଟିଜର୍ ଆଉ ଏୟାର ଷ୍ଟ୍ରାଇକ୍ କରି ଟ୍ରେଲର ଦେଖାଇଥିବା ଭାରତ ଏବେ ପହଲଗାମ ପୁରା ଫିଲ୍ମ ରିଲିଜ୍ କରିବାକୁ ଯାଉଛି। ବିହାରର ଫୁଲବଣୀରୁ ଖୋଦ ମୋଦୀ ସ୍ପଷ୍ଟ ଶବ୍ଦରେ ଆତଙ୍କବାଦୀ ଏବଂ ତାଙ୍କ ଆକାଙ୍କୁ ଧ୍ୱଂସ କରିଦେବାର ବାର୍ତ୍ତା ଦେଇଛନ୍ତି । ମୋଦୀଙ୍କ ଇସାରାରୁ ପାକିସ୍ତାନକୁ ପରିମାଣ ଆଉ ଅଛପା ନାହିଁ ।

( ମୁଖପାତ୍ର, ରାଜ୍ୟ ବିଜେପି, ଓଡିଶା)

## ଅନନ୍ୟ କଥାକଳ୍ପ 'ଭଞ୍ଜ ରାଇଜର ରାଜା ଲୋକାର୍ପଣ



ବାରିପଦା, (ସବ୍ୟୁ) : ରାଜ୍ୟର ଅଗ୍ରଣୀ ପ୍ରକାଶନୀ ସଂସ୍ଥା କୁସୁମିତା ପବ୍ଲିକେସନ୍' ଭୁବନେଶ୍ୱର ଆନୁକୁଲ୍ୟରେ, ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତଥା ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ସାହିତ୍ୟ/ସାହିତ୍ୟିକାଙ୍କ ସଦୟ ଉପସ୍ଥିତିରେ, ଭଞ୍ଜମାଟିର ଅନ୍ୟତମ ସାରସ୍ୱତ ପ୍ରତିଭା ଶାନ୍ତନୁ କୁମାର ବେଜଙ୍କ ଲେଖନୀ ପ୍ରସୂତ ଗଡ଼ଜାତ ମୟୂରଭଞ୍ଜ ରାଜବଂଶର ଐତିହାସିକ କଥାକଳ୍ପ 'ଭଞ୍ଜ ରାଇଜର ରାଜା ଓ ଗଳ୍ପସଂକଳନ 'ମନମର୍ମର ଏବଂ ଓଡିଶା ସାହିତ୍ୟ ଏକାଡେମୀ ସମ୍ବର୍ଦ୍ଧନା ପ୍ରାପ୍ତ ସ୍ୱନାମଧନ୍ୟ କଥାକାର କୃପା ସାଗର ସାହୁଙ୍କ ରଚିତ ଉପନ୍ୟାସ ଚମ୍ପାଫୁଲ, ତିନି ଉପାଦେୟ ପୁସ୍ତକର ଲୋକାର୍ପଣ ଉତ୍ସବ ମୟୂରଭଞ୍ଜ ଆଥେଲେଟିକ୍ ଆସୋସିଏସନ୍ ବାରିପଦା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ବିଶିଷ୍ଟ ପରିବେଶବିତ ବରିଷ୍ଠ ସାମ୍ବାଦିକ ଡଃ ବିଜୟ କୁମାର ଅଗ୍ରୱାଲ ପୌରୋହିତ୍ୟ କରିଥିବାବେଳେ ଚମ୍ପାଫୁଲ'ର ଲେଖକ ଔପନ୍ୟାସିକ କୃପାସାଗର, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପ୍ରଫେସର୍ ଡଃ ବବ୍ରୁବାହନ ମହାପାତ୍ର, ମୟୂରଭଞ୍ଜ ସାହିତ୍ୟ ପରିଷଦର ସମ୍ପାଦକ ନାଟ୍ୟକାର ଓ କବି ଇଂ. ମନୋଜ କୁମାର ଦଳବେହେରା, ଶିକ୍ଷାବିତ୍ ପ୍ରଭାତ ମଞ୍ଜରୀ ଦାଶଶର୍ମା ତଥା ପୂର୍ବତନ କଲେଜ ଅଧକ୍ଷ ଉଷା ଶତପଥୀ ଯଥାକ୍ରମେ ମୁଖ୍ୟଅତିଥି, ମୁଖ୍ୟବକ୍ତା, ସମ୍ମାନିତ ଅତିଥି, ବିଶେଷ ଅତିଥି ଏବଂ ସମୀକ୍ଷିକା ଭାବେ ଯୋଗଦେଇ ପୁସ୍ତକ ତ୍ରୟୋର ପୃଷ୍ଠଭୂମି, କଥାବସ୍ତୁ ଓ ପ୍ରକୃତି ବର୍ଣ୍ଣନାର ମାର୍ମିକ ଦିଗ ଉପରେ ବିଶେଷ ଆଲୋକପାତ କରିଥିଲେ। ଲୋକାର୍ପଣ ସଭାରେ ଲେଖକ ଶ୍ରୀ ବେଜ୍ ବକ୍ତବ୍ୟ ପ୍ରଦାନ କରି, ପୁସ୍ତକର କଥାବସ୍ତୁ ଓ ରୂପରେଖ ନିର୍ମାଣ ସମୟ ଦୀର୍ଘ ଛଅବର୍ଷ କାଳ, ମୟୂରଭଞ୍ଜର ଗାରୀମାମୟ ଇତିହାସ ସହ କିଭଳି ସଂଶ୍ଳିଷ୍ଟ ଓ ଏକାତ୍ମ ହୋଇଥିଲେ ତା'ର ଏକ ସଂକ୍ଷିପ୍ତ ଲେଖାଯୋଖା ଶ୍ରୋତା ମଣ୍ଡଳୀଙ୍କ ସମ୍ମୁଖରେ ପ୍ରକାଶ କରିଥିଲେ। ସାରସ୍ୱତ ଉତ୍ସବରେ ମଞ୍ଚ ଆମନ୍ତ୍ରଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ବାରିପଦାର ବରିଷ୍ଠ ଅଧିବକ୍ତା, ସାହିତ୍ୟିକା ପାର୍ବତୀ ବାରିକ। ଅଲ୍ ଇଣ୍ଡିଆ ରେଡିଓର ପୂର୍ବତନ ଜିଲ୍ଲା ପ୍ରତିନିଧି, ବିଶିଷ୍ଟ ସାମ୍ବାଦିକ କଲ୍ୟାଣ କୁମାର ସିହ୍ନା ଧନ୍ୟବାଦ ଜ୍ଞାପନ କରିଥିଲେ ।

# ବୁଢ଼ିବାହାଲ ଗାଁ ରେ ପାନୀୟ ଜଳର ସମସ୍ୟା
# ତିନି ବର୍ଷ ହେଲା କଚ୍ଛପ ଗତିରେ ଜଳ ଯୋଗାଣ ପ୍ରକଳ୍ପ



ଖପ୍ରାଖୋଲ,(ସବ୍ୟୁ): ସରକାର ପାନୀୟ ଜଳ ଯୋଗାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ଏଥି ପାଇଁ ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ ହୋଇ କାମ ମଧ୍ୟ ଆରମ୍ଭ ହୋଇଛି। ହେଲେ କେଉଁଠି ପେଟି ଠିକାଦାର ତ କେଉଁଠି ଠିକାଦାର ଏକାଧିକ କାମ ପାଇଥିବାରୁ ପ୍ରକଳ୍ପ ଗୁଡ଼ିକ ବର୍ଷ ବର୍ଷ ଧରି କଛପ ଗତିରେ ଚାଲିଥିବାରୁ ଲୋକେ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କେବଳ ପ୍ରତିଶ୍ରୁତି ମିଳୁଥିବା ଅଭିଯୋଗ ହେଉଛି। ଏହାର ଉଦାହରଣ ଖପ୍ରାଖୋଲ ବ୍ଲକ୍ ଓଡ଼ିଆପାଳି ପଞ୍ଚାୟତ ବୁଢ଼ିବାହାଲ ଗାଁ। ଗାଁ ର ପାନୀୟ ଜଳ ସମସ୍ୟା ର ସମାଧାନ ପାଇଁ ୨୦୨୨ ରେ ପ୍ରାୟ ଏକ କୋଟି ଟଙ୍କା ବ୍ୟୟବରଦ ରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ ହୋଇଥିଲା। ଇନ୍ ଟେକ୍ ୱେଲ, ଓଭର ହେଡ ଟ୍ୟାଙ୍କ, ଗାଁରେ ପାଣି ସଂଯୋଗ ଆଦି କାମ ଶେଷ ହୋଇଥିଲେ ମଧ୍ୟ ବିଦ୍ୟୁତ ସଂଯୋଗ,ଇନ୍ ଟେକ୍ ୱେଲ୍‌ର ସଫେଇ ଆଦି କାମ ବାକି ରହିଛି। ଫଳରେ ଗ୍ରାମବାସୀଙ୍କ ପାନୀୟ ଜଳ ପାଇବା ଆଶା ଆଶାରେ ରହିଯାଇଛି। ଗାଁ ର ଜନସଂଖ୍ୟା ପ୍ରାୟ ୧୬ ଶହରୁ ଅଧିକ ହେବା ଗାଁ ଲୋକ କିଏ କୂଅରୁ ତ କିଏ ନଳ କୂଅରୁ ପାଣି ସଂଗ୍ରହ କରି ପିଉଛନ୍ତି। ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଚିନ୍ମୟ ପ୍ରଧାନଙ୍କୁ ପଚାରିବାରୁ ପ୍ରାୟ କାମ ଶେଷ ହୋଇଛି, କୂଅ ସଫେଇ ଓ ବିଦ୍ୟୁତ୍ ସଂଯୋଗ ପରେ ସପ୍ତାହେ ମଧରେ ପ୍ରକଳ୍ପ କାର୍ଯ୍ୟକାରୀ ହେବ ବୋଲି କହିଛନ୍ତି।

# ଅଜଣା ଗାଡ଼ି ଧକ୍କାରେ ଶିଶୁ ଗୁରୁତର
# ପୋଲିସର ନିଷ୍କ୍ରିୟତା ନେଇ ଥାନା ଘେରାଓ



ପଦ୍ମପୁର,(ସବ୍ୟୁ): ବର୍ତ୍ତମାନ ବରଗଡ଼ ଜିଲ୍ଲାରେ ବେଆଇନ ନିଶା କାରବାର ବୃଦ୍ଧି ପାଉଥିବାରୁ ତାହାର ବିଭିନ୍ନ ପାର୍ଶ୍ଵ ପ୍ରତିକ୍ରିୟା ଦେଖିବାକୁ ମିଳୁଛି। ନିଶାଶକ୍ତ ଡ୍ରାଇଭର ମାନେ ବେପରୁଆ ଗାଡ଼ି ଚାଳନା ଯୋଗୁଁ ଅନେକ କ୍ଷୟକ୍ଷତି ଘଟୁଛି। ଅନେକ ଧନଜୀବନ ନଷ୍ଟ ମଧ୍ୟ ହେଉଛି। ଏହାଛଡ଼ା ଅପରାଧ ନିୟନ୍ତ୍ରଣରେ ପୋଲିସର ନିଷ୍କ୍ରିୟତା ମଧ୍ୟ ପଦାରେ ପଡୁଛି ଯେଉଁଥିପାଇଁ ଲୋକଙ୍କ ମଧ୍ୟରେ ଆକ୍ରୋଶ ଦେଖିବାକୁ ମିଳିଛି। ଏମିତି ଘଟଣା ଦେଖିବାକୁ ମିଳିଛି ପଦ୍ମପୁର ଅଞ୍ଚଳରେ। ଗତ ୨୪ ତାରିଖ ମଧ୍ୟାହ୍ନ ୧୨ ଟା ସମୟରେ ବରଗଡ ଜିଲ୍ଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ଖଇରପାଲି ଗ୍ରାମରେ ପପୁ ମେହେର(୪) ଘର ସାମ୍ନାରେ ଖେଳୁଥିବା ସମୟରେ ହଠାତ ଏକ ବୋଲେରୋ ଗାଡି ଆସି ଛୁଆକୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ପରିବାର ଲୋକ ତୁରନ୍ତ ହସ୍ପିଟାଲ ନେଇଥିଲେ। ବର୍ତ୍ତମାନ ଛୁଆର ଅବସ୍ଥା ଗୁରୁତର ଥିବା ଜଣା ପଡ଼ିଛି। ପରିବାର ଲୋକ ଉଚ୍ଚତର ଚିକିତ୍ସା ସହ ଫେରାର ଗାଡି ଚାଳକକୁ ଧରାଯାଉ ବୋଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହେଲେ କିଛି ସୁଫଳ ମିଳିନପାରିବାରୁ ଗ୍ରାମର ଶତାଧିକ ମହିଳା ପୁରୁଷଙ୍କ ସମେତ ସରପଞ୍ଚ, ସମିତିସଭ୍ୟ, ୱାର୍ଡମେମ୍ବର ପଦ୍ମପୁର ଆଦର୍ଶ ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ଉପଯୁକ୍ତ ଚିକିତ୍ସା ସହ ଫେରାର ହୋଇଥିବା ଗାଡି ଚାଳକକୁ ଧରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ୨୪ ଘଣ୍ଟା ମଧ୍ୟରେ ଦୋଷୀକୁ ଗିରଫ କରିବା ପାଇଁ ପ୍ରତିଶୃତି ଦେବା ପରେ ଦୀର୍ଘ ପାଞ୍ଚ ଘଣ୍ଟା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା ।

# ପ୍ରଧାନ ଶିକ୍ଷକଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା

ଗୋଲାମୁଣ୍ଡା,(ସବ୍ୟୁ): ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଉଦେଶୃଙ୍ଗ ପଞ୍ଚାୟତ ଡଙ୍ଗରିଗୁଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶ୍ଵିନ କୁମାର ରାଉତଙ୍କୁ ସ୍କୁଲ ପରସରରେ ଅବସର କାଳୀନ ସମ୍ବର୍ଦ୍ଧନା କରାଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସହକାରୀ ଗୋଷ୍ଠି ଶିକ୍ଷାଧିକାରୀ ଲିନା ଦାସ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ସି ଆର୍ ସି ସି ଗଜିନ୍ଦ୍ର ନାଏକ, ଉଦେସୃଙ୍ଗ ସରପଞ୍ଚ ନାରାୟଣ ଆଗ୍ରିଆ,ସ୍କୁଲ ପରିଚାଳନା ସଭାପତି ହୃଷୀକେଶ ଅଗ୍ରୀଆ, ଯାଞ୍ଚ କମିଟିର ସଭାପତି କବି କେତନ ଭୋଇ ମଞ୍ଚାସୀନ ଥିଲେ। ସଭାଟିକୁ ପରିଚାଳନା କରିଥିଲେ ବରିଷ୍ଠ ଶିକ୍ଷକ ମୂରଲୀଧର ଅଗ୍ରୀଆ । ଶ୍ରୀ ରାଉତଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ଵାରା ଉପଢ଼ୌକନ ସହ ମାନପତ୍ର ପ୍ରଦାନ କରାଯାଇଥିଲା । ଶେଷରେ ଅବସର କାଳୀନ ସଙ୍ଗୀତ ପରିବେଷଣ କରିଥିଲେ ସହ ଶିକ୍ଷକ ହରେକୃଷ୍ଣ ମାଝୀ।

# ସଇଁତଲାରେ ମଧୁବାବୁଙ୍କ ଜୟନ୍ତୀ ପାଳିତ

ସଇଁତଲା,(ସବ୍ୟୁ): ସଇଁତଲା ଓକିଲ ସଂଘ ପକ୍ଷରୁ କୋର୍ଟ ପରିସରସ୍ଥିତ ଓକିଲ ସଂଘ ସଭାଗୃହରେ ମଧୁବାବୁଙ୍କ ଜୟନ୍ତୀ ମହାସମାରୋହର ସହ ପାଳିତ ହୋଇଯାଇଛି । ଓକିଲ ସଂଘ ସଭାପତି ସୁବୋଧ ମିଶ୍ରଙ୍କ ସଭାପତିତ୍ଵରେ ଅନୁଷ୍ଠିତ ସଭାରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଭାଗ୍ୟଶ୍ରୀ ପତି ମୁଖ୍ୟ ଅତିଥି, ସମ୍ମାନୀତ ଅତିଥ ତହସିଲଦାର ଆଶିଶ ଏକ୍କା, ଆଇନଜୀବୀ ଶ୍ରୀ ତାଣ୍ଡି ଯୋଗଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀମତୀ ପତି ମଧୁବାବୁଙ୍କ ଜୀବନୀ ବିଷୟରେ ଆଲୋକପାତ କରିଥିଲେ । ସଭାରେ ଓକିଲ ସଂଘ ଉପ–ସଭାପତି ହିମାଂଶୁ ଶେଖର ଦାଶ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ଫିରୋଜ ବର୍ଗତିଧନ୍ୟବାଦ ଜ୍ଞାପନ କରିଥିଲେ ।ସଭାରେ ସଂଘର ସହ–ସମ୍ପାଦକ ମନୋଜ ପୃଷେଠ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ମାଝୀ, ଦେବରାଜ ପଣ୍ଡା, ମାନରଂଜନ ପାଣିଗ୍ରାହୀ, ସତ୍ୟନାରାୟଣ ସାହୁ, ଜ୍ୟୋସ୍ନାରାଣୀ ବାଗ ପ୍ରମୁଖ ଉପସ୍ଥିତ ଥିଲେ ।

# ନର୍ଲା ଓକିଲ ସଂଘ ପକ୍ଷରୁ ସ୍ଵାଭିମାନ ଦିବସ ପାଳିତ

ନର୍ଲା,(ସବ୍ୟୁ ): ନର୍ଲା ଓକିଲ ସଂଘ କାର୍ଯ୍ୟାଳୟରେ ମଧୁବାବୁ ଜୟନ୍ତୀ ଓ ସ୍ଵାଭିମାନ ଦିବସ ପାଳିତ ହୋଇଯାଇଛି। ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ପ୍ରଦିପ ପ୍ରଜ୍ଜ୍ଵଳନ କରାଯାଇ ସଭା ଆରମ୍ଭ ହୋଇଥଲା। ମଧୁ ବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ଗଠନ ମୁଳକ କାମରେ ସହଯୋଗ କରିବାକୁ ସଭାପତି ଗୌର ହରିଜନ ସମସ୍ତ ସଭ୍ୟ ମାନଙ୍କୁ ଆହ୍ଵାନ ଦେଇଥିଲେ। ସଭାରେ ସଂଘର ସଂପାଦକ ବିଶ୍ଵ ରଞ୍ଜନ ଭୋଇ, ଯୁଗ୍ମ ସଂପାଦକ ବିଭୂତି ଭୂଷଣ ବହିଦାର, କୋଷାଧ୍ୟକ୍ଷ ଡ. ସଞ୍ଜୟ ଧଙ୍ଗଡାମାଝୀଙ୍କ ସମେତ ସମସ୍ତ ଓକିଲ ଉପସ୍ଥିତ ଥିଲେ। ଏହିଅବସରରେ ନୀରିହ ଗରିବ ଲୋକମାନଙ୍କୁ ଆଇନ ସହାୟତା ଅତି କମ ମୂଲ୍ୟରେ ଯୋଗାଇ ଦେବା ପାଇଁ ମତ ପ୍ରକାଶ ପାଇଥିଲା।

# ପୁରୀକୁ ଗଲା ରଥ କାଠ
## ଜୟ ଜଗନ୍ନାଥ ଓ ହରିବୋଲ, ହୁଳହୁଳି ଧ୍ଵନିରେ କମ୍ପିଲା ରାଜପଥ



ବୌଦ୍ଧ,(ସବ୍ୟୁ): ଶ୍ରୀଜଗନ୍ନାଥଙ୍କ ରଥ ନିର୍ମାଣ ପାଇଁ ଚଳିତ ବର୍ଷ ରବିବାର ଦିନ ପ୍ରଥମ ରଥ କାଠ ବୌଦ୍ଧ ବନଖଣ୍ଡରୁ ପୁରୀକୁ ପଠାଯାଇଛି । ବନଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ସନ୍ଧ୍ୟାରେ ପୂଜାର୍ଚ୍ଚନା କରାଯାଇ ଅତିଥି ଭାବେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ,ଉପ ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ, ପୂର୍ବତନ ବିଜେପି ଜିଲ୍ଲା ସଭାପତି ବିପ୍ରଚରଣ ମହାନ୍ତି ପ୍ରମୁଖ ସବୁଜ ପତାକା ଦେଖାଇ ରଥକାଠକୁ ବିଦାୟ ଦେଇଥିଲେ । ସଂର୍କିର୍ତନ ମଣ୍ଡଳୀ ସହିତ ରଥକାଠ ବୋଝେଇ ଗାଡିକୁ ବୌଦ୍ଧ ବନଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରୁ କଳସ ବସାଯାଇ ପୁଜାର୍ଚ୍ଚନା , ଘଣ୍ଟ ବାଦ୍ୟ , ହରିବୋଲି ଓ ହୁଳହୁଳି ପରିବେଶ ମଧ୍ୟରେ ଜାତୀୟ ରାଜପଥ କମ୍ପି ଉଠିଥିଲା । ବୌଦ୍ଧ ବନଖଣ୍ଡର ପ୍ରତ୍ୟକ୍ଷ ତତ୍ତ୍ଵାବଧାନରେ କନ୍ଧମାଳ ରେଞ୍ଜରୁ ଏହି କାଠ କଟାଯାଇ ପଠାଯାଇଥିବା ଜଣାଯାଇଛି । ରଥ ନିର୍ମାଣ ପାଇଁ ବୌଦ୍ଧରୁ ପ୍ରଥମ ଥର ୨୦ ଖଣ୍ଡ କାଠ ଯାଇଥିବା ବେଳେ ସେଥିମଧ୍ୟରୁ ୧୨ ଖଣ୍ଡ ଧଉରା ଓ ୮ ଖଣ୍ଡ ଅସନ କାଠ ଗୋଟିଏ ଟ୍ରକ ଯୋଗେ ପଠାଯାଇଛି ।

# ଅମ୍ବେଦକରଙ୍କ ପ୍ରତିମୂର୍ତ୍ତି ସ୍ଥାପନ

ମ.ରାମପୁର,(ସବ୍ୟୁ): ମଦନପୁର ରାମପୁର ସ୍ଥିତ ହାଇସ୍କୁଲ ଛକ ଠାରେ ଭାରତରତ୍ନ ଡ଼. ବି. ଆର. ଅମ୍ବେଦକରଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ କାର୍ଯ୍ୟକ୍ରମ ଅଲ୍ ଓଡିଶା ସିଡ୍ୟୁଲ୍ କାଷ୍ଟ ଫେଡେରେସନ୍ ମ. ରାମପୁର ଶାଖା ଓ ଏସସି/ଏସଟି ମିଳିତ ମହାସଂଘ ଓ ଦୟାବନ୍ତ କ୍ଲବ ପକ୍ଷରୁ ପାଳିତ ହୋଇଯାଇଛି। ଶୋଭାଯାତ୍ରା ମ. ରାମପୁର ଚାରିଛକ ଠାରୁ ଆରମ୍ଭ ହୋଇ ହାଇସ୍କୁଲ ଛକ ପର୍ଯ୍ୟନ୍ତ ଯାଇଥିଲା। ନର୍ଲା ବିଧାନସଭା ମଣ୍ଡଳୀର ବିଧାୟିକା ମନୋରମା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓ ଏବଂ ସ୍ଥାନୀୟ ମଦନପୁର ରାମପୁର ସରପଞ୍ଚ ବୀଣାପାଣି ସାହୁ ସମ୍ମାନିତ ଅତିଥି ,ପୂର୍ବତନ ବ୍ଲକ ଅଧ୍ୟକ୍ଷ ଜିବେଶ କୁମାର ପଣ୍ଡା ମଧ୍ୟ ଯୋଗଦାନ କରିଥିଲେ । ମୁଖ୍ୟ ବକ୍ତା ଆଇନଜୀବୀ ଭୋଦେବ ମହାନନ୍ଦିଆ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ବିଧାୟୀକା ଶ୍ରମତୀ ମହାନ୍ତି ଦୀପ ପ୍ରଜ୍ଜ୍ଵଳନକରି ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ଅତିଥି ମାନେ ମଧ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ଅନୁସୂଚିତ ଜାତି ଓ ଜନଜାତି ତଥା ସଂଖ୍ୟାଲଘୁ ସମ୍ପ୍ରଦାୟର ଅନେକ ବ୍ୟକ୍ତି ଯୋଗ ଦେଇଥିବା ବେଳେ ବରିଷ୍ଠ ସାମ୍ବାଦିକ ଅଭିରାମ ନନ୍ଦ ଉପସ୍ଥିତ ଥିଲେ ।

# ଖଲିଆପାଲି ସରପଞ୍ଚ ସ୍ଵାମୀଙ୍କ ପରଲୋକ

କନ୍ଧମାଳ,(ସବ୍ୟୁ) : ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଖଲିଆପାଲି ଗ୍ରାମପଞ୍ଚାୟତ ସରପଞ୍ଚ ରେଣୁକା ନାୟକଙ୍କ ସ୍ୱାମୀ ଯୁବ ସମାଜସେବୀ ଦୁଷ୍ମନ୍ତ ନାୟକଙ୍କ(୩୬) ଭୁବନେଶ୍ଵରର ଏକ ଘରୋଇ ଡ଼ାକ୍ତରଖାନାରେ ସୋମବାର ଭୋରରୁ ପରଲୋକ ହୋଇଯାଇଛି । ସେ ଦୀର୍ଘ ଦିନ ଧରି ବ୍ରେନ ଟ୍ୟୁମର ର ଚିକିତ୍ସାଧୀନ ଥିଲେ । ସେ ଜଣେ ସମାଜସେବୀ, ପରୋପକାରୀ, ମିଷ୍ଟଭାସି ଓ ମେଳାପୀ ଯୁବକ ହୋଇଥିବାରୁ ତାଙ୍କ ମୃତ୍ୟୁ ଖବର ପ୍ରଚାର ହେବାପରେ ଖଲିଆପାଲି ସମେତ ସମଗ୍ର କନ୍ଧମାଳ ବ୍ଲକ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଥିଲା । ଗାଁ ମଶାଣିରେ ତାଙ୍କର ଶେଷ କୃତ୍ୟସମ୍ପନ୍ନ ହୋଇଥିଲା । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ସମସ୍ତ ପରିବାର ପରିଜନ ଓ ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ ।

# ପୋଡା ତେଲ ପଡି ୧୫ ଆହାତ

ରାୟଗଡା,(ସବ୍ୟୁ): ପୌରପରିଷଦ ମଧ୍ୟରେ ଥିବା ବ୍ୟାଙ୍କ କଲୋନୀ ପ୍ରଥମ ଗଳିରେ ଅନେକ ବାଇକ୍ ଦୁର୍ଘଟଣାରେ ୧୫ ଜଣ ଆହତ। ନିଳାଞ୍ଚଳ ମିଠା ଦୋକାନୀ ପୋଡା ତେଲ ଓମିନି ଓଡି ୩୩ଏଲ ୨୪୪୧ ନମ୍ବର ଗାଡ଼ିରେ ଧରିଯିବା ସମୟରେ ୫୦ ଲିଟରରୁ ଉର୍ଦ୍ଧ ତେଲ ରାସ୍ତାରେ ପଡି ଯାଇଥିଲା। ରାସ୍ତାରୁ ତେଲ ନହଟାଇ ଅତି ଚତୁରତା ସହିତ ଗାଡ଼ି ସେଠାରୁ ଚାଲି ଯାଇଥିଲା। ରାସ୍ତାରେ ପଡିଥିବା ତେଲ ଦେଇ ଯାଉଥିବା ୧୦ରୁ ଉର୍ଦ୍ଧ ଗାଡ଼ି ଦୁର୍ଘଟଣା ହୋଇ ପ୍ରାୟ ୧୫ ଜଣ ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିଲେ। ପରବର୍ତ୍ତୀ ସମୟରେ ଜଣେ ସଚେତନ ନାଗରିକ ସୁଜିତ କୁମାର ପଣ୍ଡା ପରିବାର ସହ ଦୁର୍ଘଟଣାର ଶିକାର ହୋଇ କୁନି ଝିଅ ଏବଂ ତାଙ୍କ ପତ୍ନୀଙ୍କୁ ଆଘାତ ଲାଗିଥିଲା। ଏନେଇ ମୁଖ୍ୟ ଚିକିତ୍ସାଳୟକୁ ଯାଇ ଆଶୁ ଚିକିତ୍ସା କରି ଫେରିବା ପରେ ଦୁର୍ଘଟଣା ସ୍ଥାନକୁ ଯାଇ କାଉନସିଲର ସନ୍ତୋଷ ଦଳାଇଙ୍କ ସହାୟତା କେଉଁ ଗାଡ଼ିର ତେଲ ପଡିଛି ବୋଲି ଅନୁସନ୍ଧାନ କରିବା ପରେ ଜଣାପଡିଛି ଯେ କପିଳାସ ରାସ୍ତାରେ ଥିବା ମିଠା ଦୋକାନି। ଏନେଇ ଶ୍ରୀ ଦଳାଇ ମିଠା ବ୍ୟବସାୟଙ୍କୁ ତାଗିଦ କରିବା ପରେ ରାସ୍ତାରେ ବାଲି ପକେଇ ରାସ୍ତାରୁ ତେଲ ହଟେଇ ଥିଲେ।

# ଖଲିଆପାଲିରେ ଶନି ଜୟନ୍ତୀ ପାଳିତ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଖଲିଆପାଲି ଗ୍ରାମ ଶନି ମନ୍ଦିରରେ ପ୍ରଭୃ ଶନି ମହାରାଜଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ପଣ୍ଡିତ ଅଭୟ ନାୟକଙ୍କ ପୌରହିତ୍ୟରେ ଷୋଡଶ ଉପଚାର ପୂଜା, ହୋମଯଜ୍ଞ ଓ ଆଳତୀ ହୋଇଥିଲା । ବିଶ୍ଵରଞ୍ଜନ ବଡପଣ୍ଡା ଓ କଲ୍ୟାଣୀ ବଡପଣ୍ଡା କର୍ତ୍ତା ଦାୟିତ୍ଵ ତୁଲାଇଥିଲେ । ଏଥିରେ ପ୍ରବୀଣ ସୁପକାର, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ଶେଷଦେବ ପଣ୍ଡା, ବରୁଣ ସାହୁ, ସଚ୍ଚିଦାନନ୍ଦ ନାୟକ, ପ୍ରକାଶ ସୁପକାର, ମାନଭଞ୍ଜନ ପଣ୍ଡା, ଆଶାରାମ ନାୟକ, ଅମ୍ବରିଶ ନାୟକ, ଅମୂଲ୍ୟ ପୁଜାରୀଙ୍କ ସମେତ ଶତାଧିକ ଭକ୍ତ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଖଲିଆପାଲି ଗ୍ରାମରେ ଗତ ୨୮ଜୁନ୍, ୨୦୧୪ରେ ଏକ ଶନି ମନ୍ଦିର ନିର୍ମାଣ ହୋଇଛି । ପ୍ରତ୍ୟେକ ବର୍ଷ ଜ୍ୟେଷ୍ଠ ମାସ ଅମାବାସ୍ୟାରେ ଶନି ଜୟନ୍ତୀ ପାଳନ କରାଯାଉଛି ।

# ବେଙ୍ଗାଲୁରୁରେ ଓଡ଼ିଆ ଝିଅ ମାରାଥନରେ ଭାଗ ନେଇ ପୁରସ୍କୃତ

ପଦ୍ମପୁର,(ସବ୍ୟୁ): ଟିସିଏସ ୱାଲ୍ଡ଼ ଟେନକେ ବେଙ୍ଗାଲୁରୁ ୨୦୨୫ ମାରାଥନରେ ଓଡ଼ିଆ ଝିଅ ଭାଗନେଇ ପୁରସ୍କୃତ ହୋଇଛନ୍ତି। ସେ ହେଲେ ବରଗଡ ଜିଲା ପଦ୍ମପୁର ଉପଖଣ୍ଡ ପାଇକମାଳ ବ୍ଲକର ବଡ ଶତପଥୀଙ୍କ ଝିଅ ସଫ୍ଟୱେର ଇଞ୍ଜିନିଅର ଅଙ୍କିତା ଶତପଥି। ଟିସିଏସ ୱାର୍ଲଡ ଟେନକେ ବେଙ୍ଗଲୁରୁ ୨୦୨୫ ତରଫରୁ ହେଉଥିବା ମାରାଥନ ଦୌଡ଼ରେ ଭାଗ ନେଇ ରବିବାର ସକାଳ ୬ ଟାରେ ରାଜେନ୍ଦ୍ର ସିଂଜୀ ଆର୍ମି ଅଫିସର ଇନ୍ଷ୍ଟିଚ୍ୟୁଟ କ୍ରିକେଟ ଗ୍ରାଉଣ୍ଡରୁ ବାହାରି ଦୀର୍ଘ ଦଶ କି.ମି.ରାସ୍ତା ଦୌଡ଼ି ଏକ ଘଣ୍ଟା ୧୫ ମିନିଟରେ ସମ୍ପୂର୍ଣ୍ଣ କରିଥିଲେ । ପୁରସ୍କାର ସ୍ଵରୂପ ଟ୍ରଫି ପାଇଥିଲେ । ଖବର ପାଇ ଯସବନ୍ତପୁର ବେଙ୍ଗୁଲୁରୁ ତାଙ୍କ ସାଙ୍ଗସାଥି ମାନେ ଓଡ଼ିଆ ପରିବାର ତରଫରୁ ଅଭିନନ୍ଦନ ଜଣାଇଥିଲେ । ଏହି ଦୌଡରେ ପ୍ରାୟ ୩୫ ହଜାର ପୁଅ ଝିଅ ଯୁବକ ଯୁବତୀ ୧୬ ବର୍ଷରୁ ୬୦ ବର୍ଷ ଯାଏ ଭାଗ ନେଇଥିଲେ। ୧ ଘଣ୍ଟା ୨୦ ମିନିଟ ମଧରେ ଯେଉଁମାନେ ୧୦ କିମି ରାସ୍ତା ଦୌଡ଼ି ଥିଲେ ତାଙ୍କୁ ସ୍ବତନ୍ତ୍ର ପୁରସ୍କାର ମିଳିବା ସହ ବାକି ଯେଉଁମାନେ ୧୦ କିମି ରାସ୍ତା ଦୌଡ଼ି ଥିଲେ ତାଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। କୁମାରୀ ଇଂ ଅଙ୍କିତା ଏକାଧାରରେ ଜଣେ ପର୍ବତ ଚଢ଼ାଳି, ଦୌଡାଳି,ପ୍ରକୃତି ପ୍ରେମି, ଯୋଗ, ପ୍ରାଣାୟାମ ନିଜେ କରି ଅନ୍ୟ ଲୋକଙ୍କୁ ଶିଖାଇବା, ଲୋକଙ୍କୁ ସାହାଯ୍ୟ କରିବା, ବିଶେଷକରି ବୃଦ୍ଧ ବୃଦ୍ଧା ମାନଙ୍କୁ ଭଲପାଇ ସାହାଯ୍ୟ କରିବା ଇଂ ଅଙ୍କିତାର ନିତିଦିନିଆ କାମ ବୋଲି ସେ କହିଛନ୍ତି । ତାଙ୍କ ସଫଳତାରେ ଅଞ୍ଚଳରେ ଶୁଭେଚ୍ଛାର ସୁଅ ଛୁଟୁଛି।

# ମୁରିବାହାଲ ବାର ଆସୋସିଏସନ୍ ପକ୍ଷରୁ ଓକିଲ ଦିବସ ପାଳିତ



ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବାର ଆସୋସିଏସନ୍ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୭ତମ ଜନ୍ମଜୟନ୍ତୀ ତଥା ଓକିଲ ଦିବସ ସୋମବାର ସଂଘ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଏହି ଅବସରରେ ବାର ଆସୋସିଏସନର ସମସ୍ତ ସଦସ୍ୟ ଓ କର୍ମକର୍ତ୍ତାଙ୍କ ତରଫରୁ ମଧୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଅତିଥିମାନେ ମଧୁବାବୁ ହେଉଛନ୍ତି ଉତ୍କଳ ପ୍ରଦେଶ ଗଠନର ମହାନ ବିଦ୍ଧାଣୀ । ଭାଷା ଭିତ୍ତିକ ଓଡିଶା ପ୍ରଦେଶ ଗଠନରେ ତାଙ୍କର ଅତୁଳନୀୟ ଅବଦାନ ରହିଥିଲା । ସେ ଥିଲେ ଓଡ଼ିଆ ଜାତିର ସ୍ଵାଭିମାନର ପ୍ରତୀକ। ଓଡ଼ିଶାରେ ଅନେକ ଶିଳ୍ପ,କଳ କାରଖାନା ପ୍ରତିଷ୍ଠା କ୍ଷେତ୍ରରେ ତାଙ୍କର ଅନେକ ପ୍ରଚେଷ୍ଟା ରହିଥିଲା ବୋଲି ମତ ପ୍ରକାଶ ପାଇଥିଲା । ଏହା ସହ ସାରା ବିଶ୍ଵ ଏବଂ ଦେଶରେ ପ୍ରଖ୍ୟାତ ବାରିଷ୍ଟର ଭାବରେ ମଧ ତାଙ୍କର ଅନେକ ଖ୍ୟାତି ରହିଥିଲା । ତାଙ୍କର ଚିନ୍ତା ଏବଂ ଚେତନାକୁ ଓଡ଼ିଆ ଜାତି ନିଶ୍ଚିତ ମନେ ରଖିବ । ଏହାକୁ ଯଦି କିଛି ମାତ୍ରାରେ ଆମେ ନିଜ ଜୀବନରେ ରୂପାୟିତ କରିପାରିବା ତେବେ ତାହାହିଁ ହେବ ମଧୁବାବୁଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ମତବ୍ୟକ୍ତ କରିଥିଲେ। ମୁରିବାହାଲ ବାର ଆସୋସିଏସନ୍ ସଭାପତି ବିଦ୍ୟାଧର ହାତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସାଧାରଣ ସମ୍ପାଦକ ଜିତେନ ହାତୀ,ସହସମ୍ପାଦକ ସୁନୀଲ ପୁଟେଲ,କୋଷାଧ୍ୟକ୍ଷ ପ୍ରଶାନ୍ତ କମ୍ପ, ଉପଦେଷ୍ଟା କୁମାର ଚନ୍ଦ୍ର ଖମାରୀ,ଜୟକୃଷ୍ଣ ଦାସ,ଚୂଡ଼ାମଣି ମେହେର,ଶମ୍ଭୁ ପ୍ରସାଦ ଭୋଇ,ହୃଷୀକେଶ ଭୋଇ,ରଏବାରୁ ପୁଟେଲ,ପ୍ରଶାନ୍ତ ଲୁହା,ଶୁକଦେବ ତ୍ରିପାଠୀ,ଦୀନେଶ ଚିନ୍ଦା ପ୍ରମୁଖ ଓକିଲ ଉପସ୍ଥିତ ଥିଲେ। ଉପସଭାପତି ସୁଦାମ ଚରଣ ବଘାର ସଭା ସଂଯୋଜନା କରିଥିବା ବେଳେ ସାଧାରଣ ସମ୍ପାଦକ ଜିତେନ ହାତୀ ଧନ୍ୟବାଦ୍ ଦେଇଥିଲେ।

# ନାଗରିକ କମିଟିର ପୂର୍ବତନ ସଭାପତିଙ୍କ ପରଲୋକ

ବୌଦ୍ଧ,(ସବ୍ୟୁ): ନାଗରିକ କମିଟିର ପୂର୍ବତନ ସଭାପତି ତଥା ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପୂର୍ବତନ ଶିକ୍ଷକ ହରପ୍ରସାଦ ମିଶ୍ରଙ୍କ (୮୦) ଭବାନିପାଟଣାସ୍ଥିତ ତାଙ୍କ ବଡଝିଅଙ୍କ ଘରେ ଗତ ୨୬ ତାରିଖ ରାତିରେ ପରଲୋକ ଘଟିଛି । ସେ ଜଣେ ଛାତ୍ର ବତ୍ସଳ,କୃତି ଶିକ୍ଷକଭାବେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ କରିଥିଲେ । ସେ ଏକାଧାରରେ ନାଗରିକ କମିଟି ସଭାପତି, ଜିଲ୍ଲା ବ୍ରାହ୍ମଣ ସମାଜରେ ସଂପାଦକ, ମଞ୍ଚ କଳାକାର, କବି ଭାବରେ ନିଜର କାର୍ଯ୍ୟ ନିଷ୍ଠାର ସହ ସଂପାଦନ କରି ତାଙ୍କର ଦକ୍ଷତା ପ୍ରତିପାଦନ କରିଥିଲେ। ତାଙ୍କର ବିୟୋଗରେ ବୌଦ୍ଧରେ ଶୋକରଛାୟା ଖେଳିଯାଇଛି । ନାଗରିକ କମିଟି ସଂପାଦକ ବିଶେଶ୍ଵର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ସ୍ଥାନିୟ ଜଗନ୍ନାଥ ମନ୍ଦିର ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ କମିଟିର ସଦସ୍ୟ ମାନେ ଯୋଗଦେଇ ସ୍ଵର୍ଗତ ଆତ୍ମାର ସ୍ମୃତିଚାରଣ କରିବାସହ ନିରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ସେହିପରି ସ୍ଥାନିୟ ଆଳତିଘାଟ ଠାରେ ପୁଜ୍ୟପୂଜା କମିଟି ପକ୍ଷରୁ ସମାଜସେବୀ ଦେବାଶିଷ ପୁରୋହିତଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭାରେ ସହରର ବୁଦ୍ଧିଜୀବୀ ଉପସ୍ଥିତ ହୋଇ ଆତ୍ମାର ସଦଗତି କାମନା କରିଥିଲେ । ସେହିପରି ଜିଲ୍ଲା ବ୍ରାହ୍ମଣ ସମାଜ ପକ୍ଷରୁ ସ୍ଥାନିୟ ଜଗନ୍ନାଥ ମନ୍ଦିର ଠାରେ ସଭାପତି ରାଜେନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭାରେ ସମାଜର ସଦସ୍ୟମାନେ ଯୋଗଦେଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ ।

# ଗଙ୍ଗାଧର ସାରସ୍ଵତ ସମିତି ପକ୍ଷରୁ ମଧୁବାବୁ ଜୟନ୍ତୀ ପାଳିତ



ସିନାପାଲି,(ସବ୍ୟୁ): ନୂଆପଡ଼ା ଜିଲ୍ଲା ସିନାପାଲିର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଗଙ୍ଗାଧର ସାରସ୍ଵତ ସମିତି ପକ୍ଷରୁ ସ୍ଥାନୀୟ ସ୍ଵର ସଙ୍ଗମ କଳା ପରିଷଦ ପରିସରରେ ସୋମବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପବିତ୍ର ଜୟନ୍ତୀ ଉତ୍ସବ ପାଳନ କରାଯାଇଛି । ଏନେଇ ରବୀଂଦ୍ରନାଥ ଯୋଷୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ଶିକ୍ଷାବିତ ଚିନ୍ତାମଣି ସାହୁ, ମୁରଲୀଧର ସା, କୁମୁଦ ବନ୍ଧୁ ଯୋଷୀ ପ୍ରମୁଖ ନିଜ ନିଜ ବକ୍ତବ୍ୟ ମାଧ୍ୟମରେ ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ଵାନ କରିଥିଲେ । ଆରମ୍ଭରେ ସାରସ୍ଵତ ସମିତି ସଭାପତି ବୈଷ୍ଣବ ମେହେର ସମସ୍ତଙ୍କୁ ସ୍ଵାଗତ କରିଥିବା ସହ ସଭାର ଆଭିମୂଖ୍ୟ ପ୍ରଦାନ କରିଥିଲେ । ଏହା ପରେ ମଧୁବାବୁଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଏ ଅବସରରେ କଣ୍ଠଶିଳ୍ପୀ ନିକୁଞ୍ଜ ବିହାରୀ ସା ମଧୁବାବୁଙ୍କ ରଚିତ ସଙ୍ଗୀତ ଗାନ କରିଥିଲେ । ଏହି ଅବସରର ସମିତିର ସଂପାଦକ ତରୁଣ କୁମାର ମେହେର ମଂତ୍ରପାଠ କରିଥିଲେ । ଏ ଅବସରରେ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ମତକଙ୍କ ଅମରଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ତ୍ରିନାଥ ମେହେର, ପ୍ରଦ୍ୟୁମ୍ନ କୁମାର ସିଂହ ଚିନ୍ଦା, ଡିସମ୍ବର ମେହେର, ପ୍ରେମାନନ୍ଦ ମେହେର, ଗୌତମ ମେହେର, ହରେକଷ୍ଣ ମେହେର, ରଶ୍ମିରଞ୍ଜନ ସା, ବଂଶୀଧର ଜଗତ, ମନୋଜ ଜଗତ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ପରେଶନାଥ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ ।

# ଆଦିତ୍ୟ ଆଲୁମିନାରେ ମହିଳାଙ୍କୁ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଶିବିର



ରାୟଗଡା,(ସବ୍ୟୁ): ଆଦିତ୍ୟ ଆଲୁମିନା ରିଫାଇନାରୀ ପକ୍ଷରୁ ମହିଳା ସଶକ୍ତିକରଣକୁ ପ୍ରୋତ୍ସାହିତ କରିବା ପାଇଁ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାଶୀପୁର ବ୍ଲକ୍ ଫୁଲଜବାରେ ଏପ୍ରିଲ୍ ୨୫ରୁ ପ୍ରଥମ ବ୍ୟାଚର ପ୍ରଶିକ୍ଷଣ ଆରମ୍ଭ ହୋଇଛି। ଆଦିତ୍ୟ ଆଲୁମିନା ରିଫାଇନେରୀ ୟୁନିଟ୍ ମୁଖ୍ୟ ମଜହର ବେଗ କାର୍ଯ୍ୟକ୍ରମର ଉଦ୍ଘାଟନ କରିଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମହିଳାଙ୍କ ଆତ୍ମ ସମ୍ମାନ, ସ୍ଵାଧୀନ ଭବିଷ୍ୟତ ଗଠନ ଏବଂ ଗୋଷ୍ଠୀ ବିକାଶ ପ୍ରୟାସରେ ଅପୂର୍ବ ସୁଯୋଗ ସୃଷ୍ଟି କରିବ ବୋଲି ଶ୍ରୀ ବେଗ୍ କହିଥିଲେ । ଏଥିରେ କାଶୀପୁର ବ୍ଲକର ବାଙ୍କାମ୍ବ, ପୋଡାପାଡ଼ି, ନକଟିଗୁଡ଼ା ପଞ୍ଚାୟତ ସହିତ ଲକ୍ଷ୍ମୀପୁର ବ୍ଲକ ଓଡ଼ିଆପେଣ୍ଠ ପଞ୍ଚାୟତର ସରପଞ୍ଚ, ଆରପିଡିଏସି ସଦସ୍ୟ, କମୁନିଟ୍ ଲିଡର ଓ ଆଖପାଖ ଅଞ୍ଚଳବାସୀ ଉପସ୍ଥିତ ଥିଲେ। କମ୍ପାନୀର ଟେକ୍ନିସିଆନ ପରିଚାଳକ କୌଶିକ ମିଶ୍ର, ଫାଇନାନ୍ସ ଏବଂ କମର୍ସିଆଲ ମୁଖ୍ୟ ବାସୁଦେବ ଖୁଣ୍ଟିଆ, ଆଡମିନଷ୍ଟ୍ରେସନ୍ ଓ ସିକ୍ୟୁରିଟ୍ ପ୍ରୋଜେକ୍ଟ ମୁଖ୍ୟ ବିଗ୍ରେସ ମହାନ୍ତି, ମାନବ ସମ୍ବଳ ବିଭାଗ ମୁଖ୍ୟ ଦୀପକ ମହାନ୍ତି, ସିଏସଆର ମୁଖ୍ୟ ତନ୍ମୟ ମହାନ୍ତି, ବସନ୍ତ ପାଣିଗ୍ରାହୀ, ପ୍ରକଳ୍ପ ମାର୍ଗଦର୍ଶକ ମୁଖ୍ୟ ଭି. ସନ୍ୟାନେ ପ୍ରମୁଖ ଉପସ୍ଥିତ ଥିଲେ । କାରଖାନା ପ୍ରଭାବିତ ପ୍ରଭାବିତ ଅଞ୍ଚଳ ସହିତ ଆଖପାଖ ଗ୍ରାମର ସପ୍ତମରୁ ଅଧିକ ପାଠ ପଢ଼ିଥିବା ଶିକ୍ଷିତ ଯୁବତୀ, ମହିଳାଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ଦେବା ନେଇ ମନୋନୀତ କରାଯାଇଛି। ଭୁବନେଶ୍ଵର ଏବଂ ନୂଆଦିଲ୍ଲୀସ୍ଥିତ ଆଦିତ୍ୟ ବିର୍ଲା ଫ୍ୟାସନ୍ ଆଣ୍ଡ ରିଟେଲ୍ ଲିମିଟେଡ୍ (ଏବିଏଫ୍ଆରଏଲ୍) ୟୁନିଟରେ ୮ ମାସର ପ୍ରଶିକ୍ଷଣ ପାଇବା ପରେ ଫୁଲଜବାରେ ହେବାକୁ ଥିବା ପୋଷାକ ତିଆରି କାରଖାନାରେ ଯୋଗ୍ୟତା ଅନୁସାରେ ମାଷ୍ଟର ଟ୍ରେନର, ସୁପରଭାଇଜର, ଲ୍ୟାବ ଟେକ୍ନିସିଆନ, ଅପରେଟର ଭାବେ କାର୍ଯ୍ୟ କରିବାର ସୁଯୋଗ ମିଳିବା ଆତ୍ମ ନିଯୁକ୍ତି ନେଇ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରିବାକୁ କମ୍ପାନୀ ମନୋନୀତ କରିଥିବାରୁ ମହିଳାଙ୍କ ସହିତ ଅଞ୍ଚଳବାସୀ ଖୁସି ପ୍ରକଟ କରିଛନ୍ତି ।

## ଉଲୁଣ୍ଡାରେ ଜିଲ୍ଲାପାଳ ଓଏସପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



ସୋନପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅନ୍ୟା ଦାସ, ଅତିରିକ୍ତ ଏସପି ବୀରେନ୍ଦ୍ର କୁମାର ନାୟକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୫୮ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୫୦ ଗୋଟି ଗ୍ରହଣ କରାଯାଇଥିବା ବେଳେ ୦୮ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି । ଗୋଟିଏ ଦରଖାସ୍ତ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ସହାୟତା ନିମନ୍ତେ ଗ୍ରହଣ କରାଯାଇଛି। ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ବିଡିଓ ଚିନ୍ମୟ ମହାନନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ଉପ ଜିଲ୍ଲାପାଳ ବୀରମହାରାଜପୁର ଲଲାଟେନ୍ଦୁ ସି ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକସ୍ତରୀୟ ଅଧିକାରୀ ,ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗଦାନ କରିଥିଲେ।

## ଠକେଇ ଅଭିଯୋଗରେ ହରିଜନ ଆଦିବାସୀ ଉନ୍ନୟନ ଟ୍ରଷ୍ଟର ସମ୍ପାଦକ ଗିରଫ



ଦେବଗଡ଼, (ସବ୍ୟୁ): ଠକେଇ ଅଭିଯୋଗରେ ଦେବଗଡ ପୌରାଞ୍ଚଳର ନୀଳବେଣ୍ଡୀ ସାହିର ବାସିନ୍ଦା ତଥା ନିଜକୁ ହରିଜନ ଆଦିବାସୀ ଉନ୍ନୟନ ଟ୍ରଷ୍ଟର ସମ୍ପାଦକ ପରିଚୟ ଦେଉଥିବା ଉଇଲିୟମ ହେନେଜ (୪୯)ଙ୍କୁ ଦେବଗଡ ଆଦର୍ଶ ଥାନା ପୁଲିସ ଗିରଫ କରିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ,ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ କେଜିଏଫ ମାଇନିଂ ମାଲିକ ରବି ଚନ୍ଦ୍ର ରାଜଙ୍କ ସହ ଫୋଟ ଦେଖାଇ ପାଖଲୋକ ପରିଚୟ ଦେଇ ଏନଏଚଏଆଇ, ଓଏମସି,ରେଲୱେରେ ଚାକିରୀ କରାଇବା ଓ ପେଟ୍ରୋଲ ପମ୍ପ ଓ ମଦ ବାର ଖୋଲାଇବାର ପ୍ରଲୋଭନ ଦେଖାଇ ଏକାଧିକ ବ୍ୟକ୍ତିଙ୍କ ଠାରୁ ୮୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହଡପ ନେଇ ସୁନ୍ଦରଗଡ ଜିଲ୍ଲାର କେ. ବଲାଙ୍ଗ ଥାନାଞ୍ଚଳର ପୁରନ୍ଦର କୁମ୍ଭାରଙ୍କ ଅଭିଯୋଗ ଆଧାରରେ ତାଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ,ସୁନ୍ଦରଗଡ ଜିଲ୍ଲାର କେ. ବଲାଙ୍ଗ ଥାନାଞ୍ଚଳର ପୁରନ୍ଦର କୁମ୍ଭାରଙ୍କୁ ଉଇଲିୟମ ଏଚଏଡିଟି, ଜାତିସଂଘ ସଂସ୍ଥାର ଦେଶର ଏଗାରଟି ରାଜ୍ୟର ସାଧାରଣ ସମ୍ପାଦକ ପରିଚୟ ଦେଇ ଶ୍ରୀ କୁମ୍ଭାରଙ୍କ ସମେତ ଅନ୍ୟ ୨୦/୨୫ ଜଣଙ୍କ ଠାରୁ ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ବିଭିନ୍ନ ସମୟରେ ଲକ୍ଷାଧିକ ଟଙ୍କା ନେଇଥିଲେ। ସେହିପରି ଶ୍ରୀ କୁମ୍ଭାରଙ୍କୁ ଟ୍ରଷ୍ଟ ଜରିଆରେ ସ୍କର୍ପିଓ ଓ ଷୋହଳ ଚକିଆ ହାଇୱା କରାଇବା ନାମରେ ଲକ୍ଷାଧିକ ଟଙ୍କା ନେଇଥିଲେ। ମାତ୍ର କିଛି ମାସ ବିତିଗଲା ପରେ ମଧ୍ୟ କିଛି ନହେବାରୁ ସେ ଉଇଲିୟମଙ୍କୁ ଟଙ୍କା ଫେରାଇବାକୁ କହିବାରୁ ସେ ଦିନ ଗଡ଼ାଇ ଚାଲିବା ସହ ଧମକ ଚମକ ଦେବାରୁ ଶ୍ରୀ କୁମ୍ଭାର ଗତ ୨୪ରେ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ପ୍ରାଥମିକ ତଦନ୍ତ ରୁ ଅଭିଯୁକ୍ତ ଉଇଲିୟମ ଏକ କୋଟି ଟଙ୍କାର ଠକେଇ କରିଥିବା ସ୍ପଷ୍ଟ ହୋଇଥିଲା। ପ୍ରାଥମିକ ତଦନ୍ତ ରୁ ପ୍ରମାଣ ପାଇବା ପରେ ଦେବଗଡ ଆଦର୍ଶ ଥାନା ପୋଲିସ ଅଭିଯୁକ୍ତ ଉଇଲିୟମକୁ ତାଙ୍କ ବାସଭବନରୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିଲେ। ଉଇଲିୟମ ନାମରେ ଦଫା : ୩୧୯(୨), ୩୧୮(୪), ୩୫୧(୩) ବିଏନଏସ ଆଇନ ଅନୁଯାଇ ଦେବଗଡ ଆଦର୍ଶ ଥାନାରେ କେଶ ନମ୍ବର ୧୭୭ ରୁଜୁ କରାଯାଇଛି। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେହିପରି ଏହି ମାମଲାର ତଦନ୍ତ ଜାରିରହିଥିବା ବେଳେ ଉକ୍ତ ଘଟଣାରେ ଅନ୍ୟ କାହାର ସଂପୃକ୍ତି ଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦେବଗଡ ଏସପି ଅନୀଲ ମିଶ୍ର ସୂଚନା ଦେଇଛନ୍ତି।

## ପର୍ଶୁରାମ ଜୟନ୍ତୀ ଅବସରରେ ମଙ୍ଗଳ ଆଳତୀ ସହ ଭବ୍ୟ ଶୋଭାଯାତ୍ରା

ସମ୍ବଲପୁର,(ସବ୍ୟୁ): ଆସନ୍ତା ପବିତ୍ର ଅକ୍ଷୟ ତୃତୀୟା ଦିନ ଭଗବାନ ପର୍ଶୁରାମଙ୍କ ଜୟନ୍ତୀ ପାଳନ କରାଯିବ । ଏହି ଅବସରରେ ସମ୍ବଲପୁର ସହରର ବୈଦ୍ୟନାଥ ଛକରେ ପର୍ଶୁରାମଙ୍କ ପ୍ରତିମୂର୍ତ୍ତିରେ ଭକ୍ତି ସହ ପୂଜାର୍ଚ୍ଚନା, ଦେଶର ଶାନ୍ତି ଓ ସମୃଦ୍ଧି କାମନା କରି ମଙ୍ଗଳ ଆଳତୀ କରାଯିବ। ଏହାପରେ ଏକ ଭବ୍ୟ ଶୋଭାଯାତ୍ରା ସହର ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି । ସୋମବାର ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ପଶ୍ଚିମ ଓଡିଶା ବ୍ରାହ୍ମଣ ସମାଜ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ସଂଯୋଜକ ବେଣୁଧର ଦାଶ ଏହା କହିଥିଲେ। ସେ ଆହୁରି କହିଥିଲେ ଯେ, ଏହି ଦିନ ପୂର୍ବାହ୍ନ ୮ଟାରେ ଭଗବାନଙ୍କ ପ୍ରତିମୂର୍ତ୍ତିରେ ପଞ୍ଚୋପଚାର ପୂଜା ଓ ମଙ୍ଗଳ ଆଳତୀ ପରେ ଶୋଭାଯାତ୍ରା ବାହାରି ନୃସିଂହଗୁରୁ ଟାଉନ ହାଇସ୍କୁଲ, କଂସାରୀପଡା, ନନ୍ଦପଡା ଦେଇ ଝାଡୁଆପଡା ସ୍ଥିତ ବ୍ରହ୍ମପୁରା ମନ୍ଦିରରେ ପହଞ୍ଚିବ । ସେଠାରେ ବ୍ରହ୍ମପୁରା ମହାପ୍ରଭୁଙ୍କ ନିକଟରେ ପୂଜାର୍ଚ୍ଚନା କରାଯିବ । ଏହି ଶୋଭାଯାତ୍ରାରେ ଶଙ୍ଖ, ଘଣ୍ଟ, କୀର୍ତ୍ତନ ଦଳ ସାମିଲ ହେବେ । ବ୍ରାହ୍ମଣ ସମାଜର ବରିଷ୍ଠ ଉପଦେଷ୍ଟା ରାମେଶ୍ୱର ପୁରୋହିତ ସମାଜର ଗଠନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ମିଡିଆ ସଂଯୋଜକ ବ୍ୟୋମକେଶ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଆବାହକ ଦେବାଶିଷ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପର୍ଶୁରାମ ଜୟନ୍ତୀର ସଂଯୋଜକ ନିଶିକାନ୍ତ ବିଶ୍ୱାଳ, କାର୍ଯ୍ୟକାରୀ ଅଧ୍ୟକ୍ଷ ଫଣିନ୍ଦ୍ର ପଣ୍ଡା, ସୌଭାଗ୍ୟ ରଞ୍ଜନ ମହାପାତ୍ର, ଅରବିନ୍ଦ ନାଏକ, ତୃପ୍ତି ପଣ୍ଡା, ବସନ୍ତ ମିଶ୍ର ଓ ବ୍ରହ୍ମପଣ୍ଡିତ ମହାସଭାର ସଭାପତି ରବିନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଖଟ ଭିତରୁ ସ୍ତ୍ରୀର ମୃତଦେହ ମିଳିବା ଘଟଣା
## ଅଭିଯୁକ୍ତ ସ୍ୱାମୀ ଗିରଫ

ନବରଙ୍ଗପୁର,(ସବ୍ୟୁ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ହଳଦୀ ଗ୍ରାମରେ ସ୍ତ୍ରୀକୁ ହତ୍ୟା କରି ସ୍ୱାମୀ ଖଟ ଭିତର ବାକ୍ସରେ ଭର୍ତ୍ତି କରି ଫେରାର ହୋଇଯାଇଥିବା ଘଟଣାରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି । ହଳଦୀ ଗ୍ରାମର ଦୁଷ୍ମନ୍ତ ନାୟକ ସୀମାନ୍ତ ଛତିଶଗଡ଼ ରାଜ୍ୟ ଭତରା ବହେଲି ଗ୍ରାମର ଅନିତା ସୋରିଙ୍କୁ ଗତ ଦୁଇ ବର୍ଷ ପୂର୍ବେ ବିବାହ କରିଥିବା ବେଳେ ତାଙ୍କର ଗୋଟିଏ ଏକ ବର୍ଷର ସନ୍ତାନ ରହିଛି। ଦୁଇ ଦିନ ଧରି ଘର କବାଟ ବନ୍ଦ ଥିବାରୁ ସନ୍ଦେହ କରି ଝିଅର ବାପା ଚନ୍ଦାହାଣ୍ଡି ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ଚନ୍ଦାହାଣ୍ଡି ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଥିବା ବେଳେ ଉମରକୋଟ ଏସଡିପିଓ ଶୁଭେନ୍ଦୁ ଶବର ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ କରିଥିଲେ ।

ଅଭିଯୁକ୍ତ ସ୍ୱାମୀ ଫେରାର ହୋଇଯାଇଥିବା ବେଳେ ରବିବାର ପୁଲିସ ଗିରଫ କରିଥିବା ବେଳେ ସେ ନିଜ ସ୍ତ୍ରୀକୁ ହତ୍ୟା କରି ନିଜ ଖଟରେ ଥିବା ବାକ୍ସ ଭିତରେ ଲୁଚାଇ ଦେଇ ଫେରାର ହୋଇ ଯାଇଥିବା ପୁଲିସ ନିକଟରେ ସ୍ୱୀକାର କରିଥିବା ତଦନ୍ତ ଅଧିକାରୀ ବିଜୁ ରାମ ବାଘ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ଦୁଷ୍ମନ୍ତକୁ ସୋମବାର ଉମରକୋଟ ପ୍ରଥମ ଶ୍ରେଣୀ ବିଚାରପତିଙ୍କ ଅଦାଲତକୁ ପ୍ରେରଣ କରା ଯାଇଥିବା ବେଳେ ତାଙ୍କର ଜାମିନ ଖାରଜ ହୋଇଥିଲା। ଏହାପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆ ଯାଇଥିବା ପୁଲିସ ସୂତ୍ରରୁ ପ୍ରକାଶ।

## ସମ୍ବଲପୁରରେ ହିନ୍ଦୁ ଆକ୍ରୋଶ ଶୋଭାଯାତ୍ରା



ସମ୍ବଲପୁର,(ସବ୍ୟୁ): ହନୁମାନ ଜୟନ୍ତୀ ସମନ୍ୱୟ ସମିତି ସମ୍ବଲପୁର ପକ୍ଷରୁ ହିନ୍ଦୁ ଆକ୍ରୋଶ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପଶ୍ଚିମବଙ୍ଗର ମୁର୍ସିଦାବାଦ ଓ କାଶ୍ମୀର ପହଲଗାମ ଠାରେ ହିନ୍ଦୁ ଦମନ ଘଟଣାକୁ ଦୃଢ ଭାବେ ନିନ୍ଦା କରିବା ସହ ଲକ୍ଷ୍ମୀଟକିଜ ଛକରୁ ଏକ ଶୋଭାଯାତ୍ରା ବାହାରିଥିଲା । ଏହା ଗୋଲବଜାର, ମ୍ୟୁନସିପାଲଟି ଛକ ଦେଇ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲା। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏନେଇ ଆୟୋଜିତ ସଭାରେ ସମିତିର ସଭାପତି ତଥା ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରୀ ନାୟକ, ଡ. ପ୍ରମୋଦ କୁମାର ରଥ, ଜୟବ୍ରତ ଦେ, ସୁଶାନ୍ତ ପୁରୋହିତ, ସମୀର ରଞ୍ଜନ ବାବୁ, ସତ୍ୟନାରାୟଣ ସେନାପତି, ରାଜୀବ ଶତପଥି ପ୍ରମୁଖ ଯୋଗ ଦେଇ ଉଦ୍‌ବୋଧନ ଦେଇଥିଲେ । ଏଥିରେ ଗୋବିନ୍ଦ ଅଗ୍ରୱାଲ, ମାନସ ରଞ୍ଜନ ବକ୍ସି, ସୁଜାତା ଗୁରୁ, ପ୍ରଭାସିନୀ ଦାଶ, ସୁବର୍ଣ୍ଣ କୁଅଁର, କାନ୍ତି ମେହେର, ବିପିନ ଭାଟିଆ, ଅନୀଲ ବେହେରା, ସୌମିତ୍ର ଯତି, ସଞ୍ଜିବ ବର୍ମା, କାହ୍ନୁରାମ ଶର୍ମା,ଦାମୋଦର କର, ରାମଚନ୍ଦ୍ର ମେହେର, ଆଶିଷ ବାବୁ, ସରୋଜିନୀ ବନଛୋର, କାଞ୍ଚନ ଲୁହା ପ୍ରମୁଖ ସାମିଲ ଥିଲେ।

## ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଜିଲ୍ଲା କ୍ରୀଡା ସଂଘ ପକ୍ଷରୁ ୬୦ତମ ଦୁଇ ଦିବସୀୟ ଜିଲ୍ଲା ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ଦୌଡ, ଉଚ୍ଚଡିଆଁ, ଲମ୍ବଡିଆଁ, ଲୁହାଗୋଳା ଫିଙ୍ଗା, ଥାଳିଆ ଫିଙ୍ଗା, ବର୍ଚ୍ଛା ଫିଙ୍ଗା ଆଦି କ୍ରୀଡା ଅନୁଷ୍ଠିତ ହୋଇଥିଲା । ଦଳଗତ ବର୍ଗରେ ଦୟାନନ୍ଦ ପବ୍ଲିକ ସ୍କୁଲ ସମ୍ବଲପୁର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଅର୍ଡାବାହାଲ, ହୀରାଖଣ୍ଡ ଆଥଲେଟିକ୍ସ ଆସୋସିଏସନ୍, ସମ୍ବଲପୁର ଆଥଲେଟିକ୍ସ କ୍ଲବ ଓ ରେଖା ଦେ ଆଥଲେଟିକ୍ସ ଏକାଡେମୀ ଚାମ୍ପିଆନ ହୋଇଥିଲା । ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚାମ୍ପିଆନ କ୍ଲବ ଗୁଡିକୁ ସମ୍ମାନିତ କରିଥିଲେ । ଏଥିରେ ଜିଲ୍ଲା କ୍ରୀଡା ସଂଘର ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ, କ୍ରୀଡା ସମ୍ପାଦକ ବିକାଶ ମିଶ୍ର, ଫୁଟବଲ ସମ୍ପାଦକ ଅବଦୁଲ ଗଫାରଙ୍କ ସମେତ ସବୀର ଅହମ୍ମଦ, ଦୁଲାଲ ପ୍ରଧାନ, ରାଜେଶ ସେଠ୍, ବିନୋଦ ଟପ୍ପୋ, ସୁବୋଧ ସାହୁ, ମନୋଜ ଭୋଇ, ପଦ୍ମ ନାୟକ, ଗୋପାଳ ନନ୍ଦ, ମହମ୍ମଦ ଇସାକ, ହର୍ଷ ସାହୁ, ଜଗବନ୍ଧୁ ବେହେରା ଓ ପ୍ରସନ୍ନ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ ।

## ବିଷାକ୍ତ ନାଗ ସାପ କାମୁଡ଼ାରେ ମହିଳା ମୃତ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଗୁଡିଘାଟ ପଞ୍ଚାୟତ ଘୁଷୁରାମୁଣ୍ଡା ନିକଟସ୍ଥ ଡେଙ୍ଗପଦର ଗ୍ରାମର ବିଳାସ ନାଗ(୫୨) ବିଷାକ୍ତ ନାଗ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ଡେଙ୍ଗପଦର ଗ୍ରାମର ଦୁର୍ଯୋଧନ ନାଗଙ୍କ ସ୍ତ୍ରୀ ବିଳାସ ସୋମବାର ଅପରାହ୍ନରେ ତାଙ୍କ ଘରେ ଥିବା ବେଳେ ତାଙ୍କୁ ବିଷାକ୍ତ ନାଗ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତୁରନ୍ତ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ମୁରିବାହାଲ ସିଏଚସି ଓ ଅବସ୍ଥା ଗୁରୁତର ହେବାରୁ ଟିଟିଲାଗଡ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଥିଲା। ମହିଳାଙ୍କ ପୁଅ ରମେଶ ନାଗଙ୍କ ଏତଲା ଆଧାରରେ ଥାନା ଏସଆଇ ପ୍ରମୋଦ କୁମାର ପଧାନ ଟିଟିଲାଗଡ ମେଡିକାଲ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ମୃତ ମହିଳାଙ୍କ ୩ ପୁଅଝିଅ ବିବାହିତ ହୋଇଥିବା ଜଣାପଡିଛି। ଏ ସମ୍ପର୍କରେ ଥାନାରେ ଅପମୃତ୍ୟୁ କେଶ ନ ୧୧/୨୫ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଥାନା ଆଇଆଇସି ସିପୋରା ସରାୟ ଲୁଗୁନ ପ୍ରକାଶ କରିଛନ୍ତି। ଆରଆଇଙ୍କ ରିପୋର୍ଟ ଓ ଶବ ବ୍ୟବଚ୍ଛେଦ ଆଧାରରେ ମୃତ ମହିଳାଙ୍କ ପରିବାର ଲୋକଙ୍କୁ ସାପ କାମୁଡ଼ା ବାବଦ ୪ଲକ୍ଷ ଟଙ୍କା ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ତହସିଲଦାର ଜଗଦୀଶ କର୍ତ୍ତାମୀ ପ୍ରକାଶ କରିଛନ୍ତି ।

## ସଂସ୍କୃତି ମନ୍ତ୍ରୀଙ୍କୁ ଭେଟିଲେ ବଡବଜାର ଶୀତଳ ଷଷ୍ଠୀ ଯାତ୍ରା କମିଟି

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ସହର ବଡବଜାର ଶୀତଳ ଷଷ୍ଠୀ ଯାତ୍ରା କମିଟିର କର୍ମକର୍ତ୍ତାମାନେ କ୍ରୀଡା ଓ ସଂସ୍କୃତି ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏଥିସହ ଆଗାମୀ ଶୀତଳ ଷଷ୍ଠୀ ଓ ଅନୁଦାନ ସମ୍ପର୍କରେ ଆଲୋଚନା କରିଥିଲେ । ଦିନକୁ ଦିନ ଅନୁଦାନ କମୁଥିବା ବେଳେ ଯାତ୍ରାର କାୟା ଓ ଖର୍ଚ୍ଚ ବୃଦ୍ଧି ପାଇବାରେ ଲାଗିଛି । ତେଣୁ ପୂର୍ବାପେକ୍ଷା ଅନୁଦାନ ବୃଦ୍ଧି ନେଇ ଅନୁରୋଧ କରାଯାଇଥିଲା । ଏହି ଆଲୋଚନାରେ ସରୋଜ ସାହୁ, ଭାବେଶ ଚାନ୍ଦ, କିଶୋର ପ୍ରଧାନ, ରିଙ୍କନ ପଟ୍ଟନାୟକ, ମଣ୍ଟୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ସାମ୍ବାଦିକଙ୍କ ନାମରେ ମିଛ ଖବର ପ୍ରସାରଣ
## କେସିଙ୍ଗା ସାମ୍ବାଦିକ ମହାସଂଘ ପକ୍ଷରୁ ପ୍ରତିବାଦ

କେସିଙ୍ଗା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଉତକେଲା ଓ ଚାଞ୍ଚେର ପଞ୍ଚାୟତର ପୂର୍ବତନ ନିର୍ବାହୀ ଅଧିକାରୀ ଲମ୍ବୁ ଶିଖାଙ୍କ ଦୁର୍ନୀତି ନେଇ ସରକାର ସ୍ୱତନ୍ତ୍ର ଅଡିଟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପଟେ ଦୁର୍ନିତିଗ୍ରସ୍ତ ନିର୍ବାହୀ ଅଧିକାରୀ କିଛି ୟୁଟ୍ୟୁବରଙ୍କୁ ହାତ କରି ଦୁର୍ନୀତିକୁ ଉଜାଗର ଜରିଥିବା ଗଣମାଧ୍ୟମ ପ୍ରତିନିଧିଙ୍କ ବିରୁଦ୍ଧରେ ଖବର ପ୍ରସାରଣ କରି ଚପାଇବା ଉଦ୍ୟମ କରୁଛି ବୋଲି କେସିଙ୍ଗା ସାମ୍ବାଦିକ ମହାସଂଘ କହିଛି। ଭୁଲ ଖବର ପ୍ରସାରଣ କରି ସଙ୍ଘସଭାପତି ସୁଶାନ୍ତ ମହାପାତ୍ରଙ୍କୁ ବଦନାମ ଚେଷ୍ଟା କରୁଛି। ଏନେଇ କେସିଙ୍ଗା ଥାନାରେ ଅଭିଯୋଗ ହୋଇଛି।ଏହା ସହ ଏଡ଼ଭୋକେଟଙ୍କ ଜରିଆରେ ମାନ ହାନୀ ନୋଟିସ କରାଯାଇଛି। କେସିଙ୍ଗା ବ୍ଲକର ପୂର୍ବତନ ଭାରପ୍ରାପ୍ତ ଜିପିଡିଓ ଲମ୍ବୁ ଶିଖା ବ୍ଲକ ଅଧିନସ୍ଥ ୨୬ଟି ପଞ୍ଚାୟତର ପିଇଓ ମାନଙ୍କର ମୁଖିଆ ଥିବାବେଳେ ଏହା ପୂର୍ବରୁ ଚାଞ୍ଚେର ଓ ଉତ୍କେଲା ପଞ୍ଚାୟତର ପିଇଓ ଥିଲେ। ସେହି ସମୟରେ ଏକ ବିଜ୍ଞାପନର ଟଙ୍କା ଦେଣଲେଣକୁ ନେଇ ବିବାଦ ଦେଖାଦେଇଥିବା ଜଣାପଡ଼ିଛି । ।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଦେବଗଡ଼,(ସବ୍ୟୁ):ଦେବଗଡ଼ ଜିଲ୍ଲା ତିଲେଇବଣି ବ୍ଲକ ଦୁଧିଆନାଳୀ ଗ୍ରାମପଂଚାୟତ ସମ୍ମିଳନୀ କକ୍ଷ ଠାରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇ ୪୪ ଟି ଅଭିଯୋଗ ଗ୍ରହଣ କରିବା ସହ ଏହାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ମଧ୍ୟରେ ୨୨ଟି ବ୍ୟକ୍ତିଗତ ଏବଂ ୨୨ଟି ସାମୁହିକ ଅଭିଯୋଗ ହୋଇଥିବା ଜଣାପଡିଛି । ବିଶେଷ କରି ପାନୀୟ ଜଳ ସମସ୍ୟା , ଘର ଡିହ ପଟ୍ଟା, ରାସନ କାର୍ଡରେ ନାମ ସଂଯୋଗ, ଖେଳ ପଡିଆ ଉନ୍ନତି କରଣ ଓ ରାସ୍ତା ମରାମତି ଆଦି ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା । ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶିବିରରେ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର , ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ତିଲେଇବଣୀ ବ୍ଲକ ବିଡ଼ିଓ ପ୍ରିୟଦର୍ଶିନୀ ମିର୍ଦ୍ଧା, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ ଓ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଗୁଣି ଗାରେଡ଼ିକୁ ନେଇ ହତ୍ୟା ମାମଲା
## ୫ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

ଝାରସୁଗୁଡ଼ା,(ସବ୍ୟୁ) : ୨୦୧୭ ମସିହା ମାର୍ଚ୍ଚ ୨ ତାରିଖରେ ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ବିଜାପାଲି ଗ୍ରାମରେ ଜଣେ ଅସୁସ୍ଥ କଲେଜ ଛାତ୍ରୀଙ୍କ ଚିକିତ୍ସା କରିବାକୁ ଯାଇ ତାଙ୍କ ଉପରେ ଶିବ ତାଣ୍ଡବ ନୃତ୍ୟ କରାଯାଇଥିଲା। ଏହି ଘଟଣାରେ ଯୁବତୀ ସଂଯୁକ୍ତା ଜୟପୁରିଆଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏହି ଘଟଣା ସେତେବେଳେ ସମଗ୍ର ରାଜ୍ୟରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଥିବା ବେଳେ କ୍ରାଇମବ୍ରାଞ୍ଚ ମାମଲାର ତଦନ୍ତ କରି ଶିବ ତାଣ୍ଡବ କରିଥିବା ୨ ଯୁବତୀ, ତାଙ୍କର ୩ ସହଯୋଗୀ ଓ ଛାତ୍ରୀଙ୍କ ବାପ ମାଙ୍କୁ ଗିରଫ କରିଥିଲା। ଝାରସୁଗୁଡ଼ା ଏଡିଜେ କୋର୍ଟ ଏହି ମାମଲାର ଶୁଣାଣି କରିବା ସହ ସମସ୍ତ ସାକ୍ଷ୍ୟ ପ୍ରମାଣ ଆଧାରରେ ଉକ୍ତ ୨ ଯୁବତୀଙ୍କ ସମେତ ୫ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଛାତ୍ରୀଙ୍କ ବାପ ମା ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି।

ଘଟଣା କ୍ରମରେ ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ବିଜାପାଲି ଗ୍ରାମରେ ଜଣେ ଅସୁସ୍ଥ କଲେଜ ଛାତ୍ରୀଙ୍କ ଚିକିତ୍ସା କରିବାକୁ ଯାଇ ତାଙ୍କ ଉପରେ ଶିବ ତାଣ୍ଡବ ନୃତ୍ୟ କରାଯାଇଥିଲା। ଏହି ଘଟଣାରେ ଯୁବତୀ ସଂଯୁକ୍ତା ଜୟପୁରିଆଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏହି ଘଟଣା ସେତେବେଳେ ସମଗ୍ର ରାଜ୍ୟରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଥିବା ବେଳେ କ୍ରାଇମବ୍ରାଞ୍ଚ ମାମଲାର ତଦନ୍ତ କରି ଶିବ ତାଣ୍ଡବ କରିଥିବା ୨ ଯୁବତୀ, ତାଙ୍କର ୩ ସହଯୋଗୀ ଓ ଛାତ୍ରୀଙ୍କ ବାପ ମାଙ୍କୁ ଗିରଫ କରିଥିଲା। ଝାରସୁଗୁଡ଼ା ଏଡିଜେ କୋର୍ଟ ଏହି ମାମଲାର ଶୁଣାଣି କରିବା ସହ ସମସ୍ତ ସାକ୍ଷ୍ୟ ପ୍ରମାଣ ଆଧାରରେ ଉକ୍ତ ୨ ଯୁବତୀଙ୍କ ସମେତ ୫ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଛାତ୍ରୀଙ୍କ ବାପ ମା ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତମାନେ ହେଲେ ସୌଦାମିନୀ ଜୟପୁରିଆ(୨୨), ସନ୍ତୋଷିନୀ ଜୟପୁରିଆ(୨୩), ନବୀନ ଭୋଇ(୨୨), ସହଦେବ ଜୟପୁରିଆ(୧୯), ଅକ୍ଷୟ ଜୟପୁରିଆ(୧୯)। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତମାନେ ହେଲେ ସୌଦାମିନୀ ଜୟପୁରିଆ(୨୨), ସନ୍ତୋଷିନୀ ଜୟପୁରିଆ(୨୩), ନବୀନ ଭୋଇ(୨୨), ସହଦେବ ଜୟପୁରିଆ(୧୯), ଅକ୍ଷୟ ଜୟପୁରିଆ(୧୯)।

## ସମ୍ବଲପୁର କବାଡି ପ୍ରିମିୟର ଲିଗ୍ ସିଜନ-୨ ଉଦ୍‌ଯାପିତ
## ମାଁ ଘିକୁଣ୍ଡି ଯୋଦ୍ଧା ଦଳ ଚାମ୍ପିଅନ




ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଟାଉନ ହଲ ପଡିଆ ଠାରେ ସମ୍ବଲପୁର କବାଡି କ୍ଲବ ପକ୍ଷରୁ ଚାଲିଥିବା ସମ୍ବଲପୁର କବାଡି ପ୍ରିମିୟର ଲିଗ ସିଜନ-୨ ଉଦ୍‌ଯାପିତ ହୋଇଛି । ଫାଇନାଲ ମାଚ୍ ମାଁ ଘିକୁଣ୍ଡି ଯୋଦ୍ଧା ସହ ଅଯୋଧ୍ୟା ସରୋବର ମଧ୍ୟରେ ହୋଇଥିଲା । ଏଥିରେ ମାଁ ଘିକୁଣ୍ଡି ଯୋଦ୍ଧା ଦଳ ୧୨ପଏଣ୍ଟ ଅଧିକ ପାଇ ବିଜୟ ହୋଇଥିଲା । ପୂର୍ବରୁ ସେମି ଫାଇନାଲରେ ମାଁ ଘିକୁଣ୍ଡି ଯୋଦ୍ଧା ଦଳ ବୁଢିମାଁ ଟାଇଗର ଦଳ ଓ ୨ୟ ସେମି ଫାଇନାଲରେ ଘଣ୍ଟେଶ୍ୱରୀ ୱାରିୟର୍ସ ଠାରୁ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା । ପ୍ରତିଯୋଗିତାରେ ଘଣ୍ଟେଶ୍ୱରୀ ୱାରିୟର୍ସ ୪ର୍ଥ ଓ ବୁଢିମାଁ ଟାଇଗର ଦଳ ୩ୟ ସ୍ଥାନ ଅଧିକାର କରିଛି । ଉତ୍ତମ ଖେଳ ପ୍ରଦର୍ଶନ ପାଇଁ ଭୁପେନ ରାଉତ ମ୍ୟାନ ଅଫ୍ ଦି ମ୍ୟାଚ ଓ ମ୍ୟାନ ଅଫ୍ ଦି ଟୁର୍ଣ୍ଣାମେଣ୍ଟ , ଆର୍ଯ୍ୟନ ମହାନନ୍ଦ ବେଷ୍ଟ ରିଡର, ଜଗଦିଶ ପରିଡା ଓ ରୋସନ ମହତ୍ତମ ବେଷ୍ଟ ଡିଫେଣ୍ଡର, ଶୃଙ୍ଖଳିତ ଦଳ ଭାବେ ପଶ୍ଚିମାଞ୍ଚଳ ୱାରିୟର ଦଳ ପୁରସ୍କୃତ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ଝାରସୁଗୁଡାର ପୂର୍ବତନ ବିଧାୟିକା ଦୀପାଳି ଦାସ , ଜିଲ୍ଲା କ୍ରୀଡା ସଂଘର ଉପସଭାପତି ଦୁଲାଲ ପ୍ରଧାନ, ଏକେଏଫ୍‌ଆଇର ଯୁଗ୍ମ ସମ୍ପାଦକ ଜୟଶ୍ରୀ ସ୍ୱାଇଁ, ଓଡିଶା କବାଡି ସଂଘର ସମ୍ପାଦକ ଅଜୟ ବେହେରା , ଯୁଗ୍ମ ସମ୍ପାଦକ ସୂର୍ଯ୍ୟ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ । ଆୟୋଜକ କ୍ଲବ ସଭାପତି ସିଦ୍ଧାର୍ଥ ଶାହା, ଉପସଭାପତି ଅଭିନାଶ ମିଶ୍ର, ରତନ ତରିଆ, ଭଜନ ତରିଆ, ସମ୍ପାଦକ ରବି ମୁଖିଙ୍କ ସମେତ ବଚନ ବେରିହା, ଇନ୍ଦ୍ରଜିତ୍ ବାଗ, ବିମଳ ବେରିହା, ଅଭିନାଶ ବେହେରା, ରାହୁଲ ଦାଶ ମଂଚାସୀନ ଥିଲେ ।

## ଜିଲ୍ଲାସ୍ତରୀୟ ସମବାୟ ମହୋତ୍ସବ ଓ ମଧୁବାବୁଙ୍କ ଜୟନ୍ତୀ ପାଳିତ



ଦେବଗଡ଼,(ସବ୍ୟୁ): ଉପନିବନ୍ଧକ ସମବାୟ ସମିତି ଦେବଗଡ଼ ବିଭାଜନ ସମବାୟ ବିଭାଗ ପକ୍ଷରୁ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ଆନ୍ତର୍ଜାତିକ ସମବାୟ ବର୍ଷ- ୨୦୨୫ ଅବସରରେ ଜିଲ୍ଲାସ୍ତରୀୟ ସମବାୟ ମହୋତ୍ସବ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଉପନିବନ୍ଧକ ସମବାୟ ସମିତି ଦେବଗଡ଼ ବିଭାଜନର ସହ ପ୍ରବନ୍ଧିକା ମୋନିକା ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଓ ସମ୍ମାନୀତ ଅତିଥି ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଅରୁଣ କୁମାର ସାହୁ, ଦେବଗଡ ବିଧାୟକଙ୍କ ପ୍ରତିନିଧି ଚନ୍ଦ୍ରଶେଖର ଭୁକ୍ତା , ବରିଷ୍ଠ ସହକାରୀ ନିବନ୍ଧକ ଭବାନୀକାନ୍ତ ନାୟକ, ନାବାର୍ଡ ଦେବଗଡ ଜିଲ୍ଲା ବିକାଶ ପ୍ରବନ୍ଧକ ଧୀରେନ୍ଦ୍ର କୁମାର ଦାସ ଯୋଗଦେଇ ମଧୁବାବୁ ସ୍ୱତନ୍ତ୍ର ଓଡ଼ିଶା ଗଠନରେ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କରିବା ଓ ସମବାୟ ଆନ୍ଦୋଳନରେ ମୁଖ୍ୟ ଭୂମିକା ଗ୍ରହଣ କରିବା ନେଇ ଆଲୋଚନ କରିଥିଲେ । ସେ କୁଟୀର ଶିଳ୍ପ ଓ ହସ୍ତତନ୍ତ୍ର ଇତ୍ୟାଦି ପ୍ରତି ବିଶେଷ ଧ୍ୟାନ ଦେଇଥିଲେ । ମହାଜନ ମାନଙ୍କ ଅତ୍ୟାଚାରରୁ ଚାଷୀ ମାନଙ୍କୁ ବଂଚେଇବା ପାଇଁ କଟକ ଠାରେ କୋଅପରେଟିଭ ସୋସାଇଟିର ମୂଳଦୁଆ ପକାଇଥିଲେ । ୧୯୦୪ ରେ ସମବାୟ ନିୟମ ଆସିବାର ବହୁ ପୂର୍ବରୁ ସେ ସମବାୟ ସମିତି ଗଠନ କରି ସ୍ୱଦେଶୀ ଜିନିଷ ନିର୍ମାଣ ଓ ବିକ୍ରୀ ଦିଗରେ ପଦକ୍ଷେପ ନେଇଥିଲେ । ମହିଳା ସମବାୟ ସମିତି, ଖାଉଟି ସମବାୟ ସମିତି, କ୍ଷୁଦ୍ର ଶିଳ୍ପ, କୁଟୀର ଶିଳ୍ପ, ସମବାୟ ସମିତି, କୃଷକ ସମବାୟ ସମିତି ଗଠନ କରିଥିବା ଉପରେ ଅତିଥି ମାନେ ଆଲୋକପାତ କରିଥିଲେ । ପରେ ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥି ମାନଙ୍କ ଦ୍ୱାରା ପେକ୍ସ ସମବାୟ ବିଭାଗ ପକ୍ଷରୁ ବାରକୋଟ ବ୍ଲକର କଣ୍ଢେଳ ସମବାୟ ସମିତି, ତିଳେଇବଣୀ ବ୍ଲକର ଲଇମୁରା ସମବାୟ ସମିତି,ରିଆମାଳ ବ୍ଲକର ନାଉଲପଡା ସମବାୟ ସମିତି, ବେଷ୍ଟ ଡିପୋଜିଟର ଭାବେ ଦେବଗଡ ର ଦକ୍ଷ କୁମାର ମିଶ୍ର, ସୁଜ୍ଞାନୀ ମିଶ୍ର, ଲୋକନାଥ ରଣା, ରିଆମାଳର ଉମାକାନ୍ତ ପ୍ରଧାନ, ରିଆମାଳ ର ମା ମହାଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ, ରିଆମାଳ ର ଆଶାବତୀ ପ୍ରଧାନ ଓ ବାରକୋଟ ବ୍ଲକର ପ୍ରଫୁଲ୍ଲ କୁମାର ପ୍ରଧାନଙ୍କୁ ଟ୍ରଫି, ମାନପତ୍ର ଓ ଅର୍ଥରାଶି ପ୍ରଦାନ କରାଯାଇଥିଲା । ବୈଠକରେ କଣ୍ଢେଳ ସେବା ସମବାୟ ସମିତିର ସଭାପତି ଦେବେନ୍ଦ୍ର କୁମାର ବେହେରା, ଖଜୁରୀଖମଣ ସେବା ସମବାୟ ସମିତି ର ସଭାପତି ଭାରତ ଭୂଷଣ ପ୍ରଧାନ, ଲଇମରା ସେବା ସମବାୟ ସମିତିର ସଭାପତି ରଂଜିତ କୁମାର ପଟେଲ, ଡ଼ଅଁରା ସେବା ସମବାୟ ସମିତି ର ସଭାପତି ପ୍ରତାପ ପ୍ରଧାନ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । ବୈଠକରେ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ସମବାୟ ବିଭାଗର ସେକ୍ରେଟାରୀ, ପ୍ରେସିଡେଣ୍ଟ ଓ ଚାଷୀ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ଲୋକ ସମ୍ପର୍କ ବିଭାଗର ଭାରପ୍ରାପ୍ତ ଅଧିକାରୀ ମନୋରଞ୍ଜନ ସୁତାର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

## ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ପକ୍ଷରୁ ଆବାହକ, ସହଆବାହକ ନିଯୁକ୍ତ

ଭବାନୀପାଟଣା, (ସବ୍ୟୁ): ରାଜୀବ ଗାନ୍ଧୀ ପଂଚାୟତିରାଜ ସଂଗଠନ କଳାହାଣ୍ଡିର ଜିଲ୍ଲା ଆବାହକ ଓ ସହ ଆବାହକ, ସମସ୍ତ ବ୍ଲକର ଜଣେ ଲେଖାଏଁ ଆବାହକ ଓ ସହ ଆବାହକ ଏବଂ ତିନିଗୋଟି ଏନ ଏ ସି ଓ ଗୋଟିଏ ପୌର ପରିଷଦରେ ନିଯୁକ୍ତ କରାଯାଇଛି । ଚଳିତ ମାସ ୧୨ ଓ ୧୩ ଏପ୍ରିଲରେ ଭବାନୀପାଟଣା ଠାରେ ସଂଗଠନର ସର୍ବୋଦୟ ସଂକଳ୍ପ ଶିବିର ଅନୁଷ୍ଠିତ ହୋଇଥିଲା । ସେଥିରେ ଜିଲ୍ଲାର ସମସ୍ତ ବ୍ଲକ ରୁ ୧୦୦ ଜଣ ତାଲିମପ୍ରାର୍ଥୀ ଯୋଗ ଦେଇଥିଲେ । ପିସିସି ସଭାପତି ଭକ୍ତ ଚରଣ ଦାସ, ବିଧାୟକ ସାଗର ଚରଣ ଦାସ, ଜିଲ୍ଲା ସଭାପତି ଭାରତ ବେମାଲ ଓ ରାଜୀବଗାନ୍ଧୀ ପଂଚାୟତିରାଜ ସଂଗଠନର ରାଜ୍ୟ ସଭାପତି ସୁଦର୍ଶନ ଦାସ ଓ ଜାତୀୟ ସାଧାରଣ ସମ୍ପାଦକ କୁନାଲ ବାନାର୍ଜୀଙ୍କ ସମେତ ରାଜ୍ୟ କାର୍ଯ୍ୟକାରିଣୀର ସଦସ୍ୟ ମାନେ ଉପସ୍ଥିତ ଥିଲେ । ଶିବିରର ଉଦଯାପନୀ ଦିନରେ ସଂଗଠନ ରାଜ୍ୟ ସାଧାରଣ ସରୋଜ ବାଗ ଜିଲ୍ଲା ସ୍ତରୀୟ କମିଟି ର ନମଃ ଘୋଷଣା କରିବା ସହ ବ୍ଲକ ଓ ମୁନ୍ସିପାଲଟି, ଏନ ଏ ସି ସ୍ତରୀୟ ଆବାହକ ଓ ସହ ଆବାହକଙ୍କ ନାମ ଘୋଷଣା କରିଥିଲେ ଓ ରାଜ୍ୟ ସଭାପତିଙ୍କୁ ପ୍ରଦାନ କରିଥିଲେ । ରାଜ୍ୟ ସଂଗଠନ ସଭାପତି ସୁଦର୍ଶନ ଦାସ ଜିଲ୍ଲା ଆବାହକ ଭାବେ ଯୌଷ୍ଣାମୟୀ ବର୍ଗତି ଏବଂ ସହ ଆବାହକ ଭାବେ ବେଣୁ ଦୁର୍ଗାଙ୍କୁ ନିଯୁକ୍ତ କରିଛନ୍ତି । ସେହିପରି ବ୍ଲକ ଆବାହକ ଓ ସହ ଆବାହକ ଭାବେ ଭବାନୀପାଟଣା ରୁ ଚୂଡ଼ାମଣି ବାଗ ଓ କୁମୁଦି ନାଏକ, କେସିଙ୍ଗାରୁ ଶେଷଦେବ ମାଝୀ ଓ ରାଜକୁମାରୀ ସରାଫ, କର୍ଲାମୁଣ୍ଡାରୁ ଚୈତନ୍ୟ ସାହୁ ଓ ମମତା ସାହୁ, ନର୍ଲାରୁ ରୋଶନ ମାଝୀ ଓ ଜ୍ୟୋତି ବେହେରା,ମଦନପୁର ରାମପୁରରୁ ଦୁଷ୍ମନ୍ତ ରଣା ଓ ରୁମନ୍ତି ମାଝୀ,ଲାଞ୍ଜିଗଡ଼ରୁ ମୁଲୁ ମାଝୀ ଓ ମାଧୁରୀ ଦୁର୍ଗା,ଥୁଆମୂଳ ରାମପୁରରୁ ପରମେଶ୍ୱର ନାଏକ ଓ ଭାବିନିକା ବାଗ, କଳମପୁରରୁ ପଦ୍ମକିଶୋର ନାଏକ ଓ ରଂଜିତା ନାଏକ, ଜୟପାଟଣାରୁ ଲକ୍ଷ୍ମଣ ମାଝୀ ଓ ବନିତା ସୁନାନୀ, କୋକସରାରୁ ଅରୁଣ ମାଝୀ ଓ ମାଧୁରୀ ନିଆଲ, ଧର୍ମଗଡ଼ରୁ ନୀଳାଞ୍ଚଳ ସେଠିଆ ଓ ପିଙ୍କି ସୁନାନୀ, ଗୋଲାମୁଣ୍ଡାରୁ ଭିପି ହଂସ ଓ ଦେବକୀ ହଂସ, ଜୁନାଗଡ଼ରୁ ଫିରୋଜ ମାଝୀ ଓ ବୃନ୍ଦାବତୀ ବାରିକ,ଏନ ଏ ସି ଧର୍ମଗଡ଼ରୁ ଚନ୍ଦ୍ର ଶେଖର ବିହାରୀ, ଜୁନାଗଡ଼ରୁ କୁମୁଦ ଗହୀର, କେସିଙ୍ଗାରୁ ରୋହିତ ଜୈନ ଏବଂ ଭବାନୀପାଟଣା ପୌରପାଳିକାରୁ ମନ୍ଦାକିନୀ ବଝଣୁଆଙ୍କୁ ନିଯୁକ୍ତି ଦିଅ ଯାଇଛି ।

(ଶ୍ରୀମଦ୍‌ଭଗବଦ୍ ଗୀତା ୧୪/୨୩)
–କ୍ଷେତ୍ର–ଗୁଣତ୍ରୟ ବିଭାଗଯୋଗଃ–
(ଶ୍ରୀଭଗବାନୁବାଚ)

**ସମଦୁଃଖସୁଖଃ ସ୍ୱସ୍ଥଃ ସମଲୋଷ୍ଟାଶ୍ମକାଞ୍ଚନଃ ।**
**ତୁଲ୍ୟପ୍ରିୟାପ୍ରିୟୋ ଧୀରସ୍ତୁଲ୍ୟନିନ୍ଦାତ୍ମସଂସ୍ତୁତିଃ ।।୨୪।।**

ଯେ ସୁଖଦୁଃଖରେ ସମଜ୍ଞାନୀ, ଯେ ଆତ୍ମାରେ ଅବସ୍ଥିତ, ଯେ ଟେକା, ପଥର ଓ ସୁନା ପ୍ରଭୃତିରେ ସମବୁଦ୍ଧି, ଯେ ପ୍ରିୟ ଓ ଅପ୍ରିୟ ପଦାର୍ଥରେ ସମଭାବାପନ୍ନ, ଧୀର, ଯେ ନିଜର ନିନ୍ଦା ଓ ପ୍ରଶଂସାରେ ସମାନଜ୍ଞାନୀ (ସେ ଗୁଣାତୀତ ବୋଲି ଅଭିହିତ ହୁଅନ୍ତି )।।୨୪।।

# ଭାରତୀୟ ପାଠ୍ୟକ୍ରମରେ ସଂଶୋଧନ

## ସମ୍ପାଦକୀୟ

ଏନ୍‌ସିଇଆର୍‌ଟି (ଜାତୀୟ ଶିକ୍ଷାଗତ ଗବେଷଣା ଓ ତାଲିମ ପରିଷଦ) ପକ୍ଷରୁ ଅଷ୍ଟମ ଶ୍ରେଣୀର ସାମାଜିକ ବିଜ୍ଞାନ ପାଠ୍ୟକ୍ରମରୁ ମୋଗଲମାନଙ୍କ ରାଜତ୍ୱ ସଂକ୍ରାନ୍ତୀୟ ଅନାବଶ୍ୟକୀୟ ବିଷୟଗୁଡିକ ବାଦ୍ ଦେଇ ଭାରତୀୟ ଗୌରବ ଗାଥା ସଂକ୍ରାନ୍ତୀୟ ବିଷୟଗୁଡିକ ସଂଯୁକ୍ତ କରିଥିବା ପ୍ରକୃତରେ ସ୍ୱାଗତଯୋଗ୍ୟ ପଦକ୍ଷେପ । ନିକଟରେ ପ୍ରକାଶିତ ଏହି ପୁସ୍ତକର ନାମ ହେଉଛି 'ଏକ୍ସପୋର୍ଟିଙ୍ଗ ସୋସାଇଟି: ଇଣ୍ଡିଆ ଆଣ୍ଡ ବିୟଣ୍ଡ'( ସାମାଜିକ ଉପଲବ୍ଧ: ଭାରତ ଓ ଅତିକ୍ରାନ୍ତ) । ମାତ୍ର ଏହି ପୁସ୍ତକଟି ହେଉଛି ସଂଶୋଧିତ ପାଠ୍ୟକ୍ରମର ପ୍ରଥମ ଭାଗ । ଏହାର ଦ୍ୱିତୀୟ ସଂଶୋଧିତ ଭାଗ ଆଗାମୀ ମାସରେ ପ୍ରକାଶ ପାଇବ ବୋଲି ଆଶା କରାଯାଉଛି । ସେହିପରି ଇଂରାଜୀ ଭାଷାର ପାଠ୍ୟ ପୁସ୍ତକ 'ପୂର୍ବୀ' ଯାହା ପ୍ରକାଶ ପାଇଛି, ସେଥିରେ ମଧ୍ୟ କେତେକ ସଂଶୋଧନ କରାଯାଇଛି । ବିଭିନ୍ନ ୧୫ ଗୋଟି ଗଳ୍ପ, କବିତା ଓ ବର୍ଣ୍ଣନାତ୍ମକ ପ୍ରବନ୍ଧ ମଧ୍ୟରୁ ୯ଟି ଲେଖା ଭାରତୀୟ ଲେଖକଙ୍କର କିମ୍ବା ଭାରତୀୟ ବିଷୟବସ୍ତୁ ଉପରେ ରହିଛି । ସ୍ୱର୍ଗୀୟ ରବୀନ୍ଦ୍ର ନାଥ ଠାକୁର, ସ୍ୱର୍ଗୀୟ ଏ. ପି.ଜେ ଅବଦୁଲ କାଲାମ ଓ ରସ୍କିନ ବଣ୍ଡଙ୍କ ପରି ପ୍ରଖ୍ୟାତ ଲେଖକମାନଙ୍କର ଲେଖା ଏଥିରେ ସ୍ଥାନିତ ହେବା ବଡ କଥା । ଏନ୍.ସି.ଇ.ଆର୍.ଟି.ଙ୍କ ଦ୍ୱାରା ପୂର୍ବରୁ ପ୍ରକାଶିତ ହନିକୋମ୍ବ (ମହୁଫେଣା) ପାଠ୍ୟ ପୁସ୍ତକରେ ମାତ୍ର ଚାରିଜଣ ଭାରତୀୟ ଲେଖକଙ୍କର ଲେଖା ସ୍ଥାନିତ ହୋଇଥିଲା । ଏହି ପୁସ୍ତକର ମଧ୍ୟ ସଂଶୋଧନ ଓ ପରିବର୍ତ୍ତନ ହୋଇଛି ।

ସାମାଜିକ ବିଜ୍ଞାନର ଯେଉଁ ନୂତନ ପୁସ୍ତକ ଏନ୍.ସି.ଇ.ଆର୍.ଟି.ଙ୍କ ଦ୍ୱାରା ଚଳିତ ସପ୍ତାହରେ ପ୍ରକାଶିତ ହୋଇଛି, ସେଥିରେ ଅନେକ ସଂଶୋଧନ ଓ ପରିବର୍ତ୍ତନ ହୋଇଥିବା ଏବଂ ଭାରତୀୟ ରାଜାମାନଙ୍କ ବିଷୟ ରହିଥିବା କୁହାଯାଉଛି । ଏଥିରେ ବିଭିନ୍ନ ସାଂସ୍କୃତିକ ବିକାଶଧାରା ସମେତ ସରକାରୀ ବିକାଶମୂଳକ ଯୋଜନାର ସଫଳ ରୂପାୟନ ମଧ୍ୟ ସ୍ଥାନ ପାଇଛି । ସ୍କୁଲ ପାଠ୍ୟକ୍ରମରେ ଏସବୁ ବିଷୟ ଓ ଭବିଷ୍ୟତର ଦୃଷ୍ଟିକୋଣ, ଯାହା ଗତ ୨୦୨୦ର ଜାତୀୟ ଶିକ୍ଷାନୀତି ଓ ୨୦୨୩ର ଜାତୀୟ ପାଠ୍ୟକ୍ରମ ଖସଡ଼ା (ସ୍କୁଲଶିକ୍ଷା) ଉପରେ ଆଧାରିତ । ଭାରତୀୟ ପରମ୍ପରା ଅନୁଯାୟୀ, ଦର୍ଶନ ଓ ସ୍ଥାନୀୟ ଜ୍ଞାନ ଆହରଣ ପ୍ରକ୍ରିୟାର ଅନୁସରଣ ଏହି ପାଠ୍ୟ ପୁସ୍ତକରେ ହୋଇଥିବା ମଧ୍ୟ କୁହାଯାଉଛି ।

ସାମାଜିକ ବିଜ୍ଞାନର ସଂଶୋଧିତ ପୁସ୍ତକରେ ଭାରତୀୟ ରାଜବଂଶ ମଗଧ ଓ ମୌର୍ଯ୍ୟ ପ୍ରଭୃତି ଉପରେ ଗୁରୁତ୍ୱାରୋପ କରାଯାଇଛି । ଏଥିରେ ଗୋଟିଏ ଅଧ୍ୟାୟ ରହିଛି, ଯେଉଁଥିରେ ଏ ଭୂମି କିପରି ପବିତ୍ର ଭୂମିରେ ପରିଣତ ହୋଇପାରିଛି । ଭାରତର ତୀର୍ଥକ୍ଷେତ୍ର ସମେତ ବିଶ୍ୱର ତୀର୍ଥକ୍ଷେତ୍ର, ବିଭିନ୍ନ ଧର୍ମଧାରା ଯଥା- ହିନ୍ଦୁ, ଇସଲାମ୍, ଖ୍ରୀଷ୍ଟ, ବୌଦ୍ଧ ଓ ଶିଖ ଧର୍ମ ପ୍ରଭୃତି ବିଷୟରେ ମଧ୍ୟ ବର୍ଣ୍ଣନା ରହିଛି । ଭାରତର ପବିତ୍ର ୧୨ଟି ଜ୍ୟୋର୍ତିଲିଙ୍ଗ, ଚାରିଧାମ ଯାତ୍ରା, ଶକ୍ତିପୀଠ, ପବିତ୍ର ସ୍ମାରକୀ ସମେତ ନଦୀ, ଜଙ୍ଗଲ ପ୍ରଭୃତି ବିଷୟରେ ସୂଚନା ମଧ୍ୟ ଏଥିରେ ନିହିତ ।

ଏଇ କେତେ ମାସ ତଳେ ଯେଉଁ ମହାକୁମ୍ଭ ପ୍ରୟାଗରାଜରେ ଅନୁଷ୍ଠିତ ହୋଇଥିଲା, ତାହା ସମଗ୍ର ବିଶ୍ୱକୁ ଚକିତ କରିଥିଲା । ୬୬୦ ନିୟୁତ ଲୋକଙ୍କ ଯୋଗଦାନ ବିଷୟ ମଧ୍ୟ ଏଥିରେ ଅର୍ନ୍ତଭୁକ୍ତ । ଯଦିଓ ଦଳାଚକଟାରେ ପ୍ରାୟ ୩୦ ଜଣ ବ୍ୟକ୍ତି ସ୍ୱର୍ଗାରୋହଣ କରିଥିଲେ, ତାହା ମନୁଷ୍ୟକୃତ ଥିଲା । ସେଥିପାଇଁ ସମ୍ଭବତଃ କୌଣସି ସୂଚନା ଏହି 'କୁମ୍ଭମେଳା' ବିଷୟରେ ଦିଆଯାଇ ନାହିଁ ।

କେବଳ ଭାରତୀୟ ଇତିହାସ ନୁହେଁ, ଓଡ଼ିଶାର ଇତିହାସ ମଧ୍ୟ ବିକୃତ ହୋଇଛି । 'ଉତ୍କଳ ଦିବସ' ବା 'ଓଡ଼ିଶା ଦିବସରେ' ଓଡ଼ିଶାର ଯେଉଁ ମାନଚିତ୍ରରେ ଓଡ଼ିଶାର ବରପୁତ୍ରମାନଙ୍କ ଫଟୋଚିତ୍ର ପ୍ରକାଶ ପାଉଛି, ସେଥିରେ ଓଡ଼ିଶାର କେତେକ ବରପୁତ୍ରଙ୍କୁ ବଞ୍ଚିତ କରାଯାଇଛି । ନୂତନ ସରକାର ତାହାର ପରିବର୍ତ୍ତନ କରିବା ଉଚିତ । ଓଡ଼ିଶା ବିଧାନସଭା ପରିସରରେ ବିହାର-ଓଡ଼ିଶାର ପ୍ରଥମ ଓଡ଼ିଆ ଉପ-ବାଚସ୍ପତି ଚୌଧୁରୀ ଭାଗବତ ପ୍ରସାଦ ସାମନ୍ତରାୟ ମହାପାତ୍ର, ଓଡ଼ିଶାର ପ୍ରଥମ ବାଚସ୍ପତି ମୁକୁନ୍ଦ ପ୍ରସାଦ ଦାସ, ଦ୍ୱିତୀୟ ବାଚସ୍ପତି ନନ୍ଦକିଶୋର ଦାସ, ପ୍ରଥମ ଓଡ଼ିଆ ମହିଳା ସ୍ୱାଧୀନତା ସଂଗ୍ରାମୀ ଓ ଓଡ଼ିଶା ବିଧାନସଭାର ପ୍ରଥମ ଅଧିବେଶନରେ ବିଧାୟିକା ଥିବା ସରଳାଦେବୀଙ୍କର ପ୍ରତିମୂର୍ତ୍ତି ନାହିଁ । ଏପରିକି ସ୍ୱର୍ଗୀୟା ସରଳା ଦେବୀଙ୍କ ଜନ୍ମ ତାରିଖ ୧୯୦୪ ଅଗଷ୍ଟ ୯କୁ ଉଦ୍ଦେଶ୍ୟମୂଳକ ଭାବେ କେତେଜଣ ଅଗଷ୍ଟ ୧୯ ବୋଲି ବିଭ୍ରାନ୍ତି କରୁଛନ୍ତି । ଏ ବିଷୟରେ ରାଜ୍ୟର ସଂସ୍କୃତି ବିଭାଗ କାହିଁକି କେଜାଣି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି । ଏ ସବୁ ପ୍ରତି ନୂତନ ସରକାରଙ୍କୁ ଦୃଷ୍ଟି ଦେବାକୁ ହେବ ।

**ସଙ୍କଳ୍ପ**

**ମିଶୁ ମୋର ଦେହ**
**ଏ ଦେଶ ମାଟିରେ,**
**ଦେଶବାସୀ**
**ଚାଲିଯାଆନ୍ତୁ ପିଠିରେ ।**
**ଦେଶର ସ୍ୱରାଜ୍ୟ ପଥେ**
**ଯେତେ ଗାଡ଼,**
**ପୂରୁ ତହିଁ ପଡ଼ି**
**ମୋର ମାଂସ ହାଡ଼ ।**

**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ଗାନ୍ଧିବାଦୀ ନେତା ଗୋପବନ୍ଧୁ ଚୌଧୁରୀ




ହିମାଂଶୁ ଶେଖର ଆଚାର୍ଯ୍ୟ

ବ୍ୟକ୍ତି ସମକାଳର । ବ୍ୟକ୍ତିତ୍ୱ ଚିରକାଳର । ଆଦର୍ଶ ବ୍ୟକ୍ତିତ୍ୱର ମହକ ବିଚ୍ଛୁରିତ ହୋଇ ପଡେ ସମାଜରୁ ରାଷ୍ଟ୍ରକୁ । ଏହିପରି ଜଣେ ବ୍ୟକ୍ତି ଥିଲେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ତଥା ଜଗତସିଂହପୁର ଚୌଧୁରୀ ପରିବାରର ବଡପୁଅ ଗୋପବନ୍ଧୁ ଚୌଧୁରୀ । ଏକାଧାରରେ ସେ ଥିଲେ ସ୍ୱାଧୀନତା ସଂଗ୍ରାମୀ, ସ୍ୱାଧୀନଚେତା ମଣିଷ, ଧୂଳିମାଟିର ସନ୍ଥ, ଖଟିଖିଆ ମେହନତି ମଣିଷର ସୁଖଦୁଃଖର ବନ୍ଧୁ ଓ ସର୍ବୋପରି ଗାନ୍ଧିବାଦୀ ନେତା। ଏହିପରିବାର ଦେଶକୁ ସ୍ୱାଧୀନ କରିବା ଲାଗି ନିଜର ସର୍ବସ୍ୱ ଜଳାଞ୍ଜଳି ଦେଇଥିଲେ।

ଏହି ମହାନ୍ ଜନନାୟକ ୧୮୯୫ ମସିହା ମେ ୮ତାରିଖ କଟକ ସହରର ସ୍ୱରାଜ ଆଶ୍ରମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପୈତୃକ ଜନ୍ମସ୍ଥାନ ଜଗତସିଂହପୁରର ଖେରସ ଗ୍ରାମରେ। ବାଲ୍ୟକାଳରୁ ବାପା ଗୋକୁଳାନନ୍ଦ ଚୌଧୁରୀ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ଜୀବନାଦର୍ଶ ତାଙ୍କୁ ବେଶ୍ ପ୍ରଭାବିତ କରିଥିଲା । ସୌଭାଗ୍ୟକୁ ସେ ଏମିତି ଏକ ପରିବାରରେ ଜନ୍ମ ନେଇଥିଲେ ଯେଉଁଠି ପ୍ରବାହିତ ହେଉଥିଲା ସ୍ୱାଧୀନତା ସଂଗ୍ରାମର ଆବହାଓ୍ୱା । ପରବର୍ତ୍ତୀ ପର୍ଯ୍ୟାୟରେ ଏହି ପରିବାରରୁ ନିଜର ସହଧର୍ମିଣୀ ରମାଦେବୀ, ସାନଭାଇ ନବକୃଷ୍ଣ ଚୌଧୁରୀ, ଭାଇବୋହୂ ମାଳତୀ ଚୌଧୁରୀ, ପୁଅ ମନମୋହନ ଚୌଧୁରୀ, ଝିଅ ଅନ୍ନପୂର୍ଣ୍ଣା ମହାରଣା ଓ ପରେ ଜ୍ୱାଇଁ ଶରତ ଚନ୍ଦ୍ର ମହାରଣା ଏହି ମୁକ୍ତି ସଂଗ୍ରାମରେ ସାମିଲ ହୋଇ ଇତିହାସ ରଚିଥିଲେ । ବିଶେଷକରି ତ୍ୟାଗ ଓ ସେବା କ୍ଷେତ୍ରରେ ସେ ଯେଉଁ ଉଚ୍ଚ ପରମ୍ପରା ସୃଷ୍ଟି କରିଯାଇଛନ୍ତି, ତାହା ଏବେବି ଅନତିକ୍ରମ୍ୟ ହୋଇ ରହିଅଛି ।

ଗୋପବନ୍ଧୁ ଚୌଧୁରୀ ଥିଲେ ଜଣେ ମେଧାବୀ ଛାତ୍ର । ସେ କଟକରୁ ମାଧ୍ୟମିକ ଶିକ୍ଷା ସମାପ୍ତ କରି କଲିକତାରେ କୃତିତ୍ୱର ସହ ବି.ଏ. ଓ ଏମ୍.ଏ ପାଶ୍ କରିଥିଲେ। ପରେ କଲିକତାରେ ଆଇନ ପରୀକ୍ଷାର ପ୍ରଥମ ଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତି ଯୋଗୁଁ ଆଇନ ପାଠ ଅସମାପ୍ତ ରଖି କଟକରେ ଡେପୁଟି ମାଜିଷ୍ଟ୍ରେଟ୍ ରୂପେ ଅବସ୍ଥାପିତ ହୋଇଥିଲେ । ମାତ୍ର ଏହି ଚାକିରି ତାଙ୍କୁ ଭଲ ଲାଗୁନଥିଲା । ଓଡ଼ିଆମାନଙ୍କ ପ୍ରତି ଇଂରେଜ ମାନଙ୍କ ତାଚ୍ଛଲ୍ୟ ବ୍ୟବହାର ତାଙ୍କୁ ବ୍ୟଥିତ କରି ପକାଇଥିଲା । ୧୯୨୦ ମସିହାରେ ଯେତେବେଳେ ଯାଜପୁର ଅଞ୍ଚଳରେ ଭୀଷଣ ନଈବଢି ସମୟରେ ବନ୍ୟା ବିଧ୍ୱସ୍ତ ଗ୍ରାମମାନଙ୍କୁ ଦେଖି ସେ କାନ୍ଦି ପକାଇଥିଲେ ଓ ସରକାରଙ୍କୁ ସାହାଯ୍ୟ ଯଥେଷ୍ଟ ନୁହେଁ ବୋଲି ଦାବି ଜଣାଇଥିଲେ । ସରକାର ଗୋପବନ୍ଧୁଙ୍କ ଦାବିକୁ ଆଗ୍ରାହ୍ୟ କରିଦେବାରୁ ବାଧ୍ୟ ହୋଇ ସେ ସରକାରୀ ଚାକିରିରୁ ଇସ୍ତଫା ଦେଇଥିଲେ । ଇସ୍ତଫାପତ୍ରରେ ମୋଟେ ଗୋଟେ ଧାଡି ଲେଖାଥିଲା- 'ଚାକିରିରେ ମଣିଷର ବିକାଶର ସ୍ଥାନ ନାହିଁ ।' ଏପରିକି ସରକାରୀ ଚାକିରିରେ ଥାଇ ମଧ୍ୟ ସେ କଟକରେ ଭାରତୀ ମନ୍ଦିର ନାମକ ଏକ ଲାଇବ୍ରେରୀ ଓ ଆଲୋଚନା ଚକ୍ର ପ୍ରତିଷ୍ଠା କରିଥିଲେ । ଯେଉଁଠିକୁ ନବକୃଷ୍ଣ ଚୌଧୁରୀ, ହରେକୃଷ୍ଣ ମହତାବ, ଯଦୁମଣି ମଙ୍ଗରାଜ, ରାଜକୃଷ୍ଣ ବୋଷ ଓ ଅନ୍ୟାନ୍ୟ କଲେଜ ଛାତ୍ରମାନେ ନିୟମିତ ଯାଇ ସେଠାକୁ ଆସୁଥିବା ବିଭିନ୍ନ ପତ୍ର ପତ୍ରିକା ଓ ସମ୍ବାଦପତ୍ର ପାଠକରି ଦେଶର ରାଜନୈତିକ ଓ ଅର୍ଥନୈତିକ ସ୍ଥିତି ସଂପର୍କରେ ଜାଣିପାରୁଥିଲେ ।



୧୯୨୧ ମସିହାର କଥା, ମହାତ୍ମା ଗାନ୍ଧିଙ୍କ ଅସହଯୋଗ ଆନ୍ଦୋଳନର ଡାକରା ସମଗ୍ର ଦେଶରେ ଚହଳ ସୃଷ୍ଟି କରିଥିଲା । ଓଡ଼ିଶାରେ ମଧ୍ୟ ଏହି ଆନ୍ଦୋଳନ ଜୋର ଧରିଥାଏ । ଏହି ଅସହଯୋଗ ଆନ୍ଦୋଳନକୁ ସମର୍ଥନ ଜଣାଇ ଯେଉଁ ସ୍କୁଲ କଲେଜ ଛାତ୍ରମାନେ ଅଧାରୁ ପାଠ ଛାଡିଦେଇ ସ୍ୱାଧିନତା ସଂଗ୍ରାମୀ ହୋଇଥିଲେ ସେମାନଙ୍କୁ ତାଲିମ ଦେବାପାଇଁ ବିଭିନ୍ନ ସ୍ଥାନରେ ଆଶ୍ରମ ଓ ଜାତୀୟ ବିଦ୍ୟାଳୟ ମାନ ପ୍ରତିଷ୍ଠା କରାଗଲା । ସେଥିମଧ୍ୟରୁ ଅଳକାଶ୍ରମ ଥିଲା ଅନ୍ୟତମ । ୧୯୨୨ ମସିହା ଶ୍ରୀପଞ୍ଚମୀ ଦିନ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଦ୍ୱାରା ଏହା ଶୁଭ ଉଦ୍‌ଘାଟିତ ହୋଇଥିଲା। ଜଗତସିଂହପୁରଠାରେ ମାଛଗାଁ ମୁଖ୍ୟ କେନାଲର ଦକ୍ଷିଣ ପାର୍ଶ୍ୱ ଓ ମୃତ ଅଳକା ନଈର ଉତ୍ତରପାର୍ଶ୍ୱରେ ଥିବା ସୋମନାଥ ହାଟକୁ ଲାଗି ପ୍ରଶସ୍ତ ଓ ବିସ୍ତୃତ ଆମ୍ବ ତୋଟାରେ ଆରମ୍ଭ ହୋଇଥିଲା। ଏହି ଅନୁଷ୍ଠାନ- ସ୍ୱାଧୀନତା ସଂଗ୍ରାମର ତୀର୍ଥଭୂମି। ଏଥିପାଇଁ ଜମି ଦାନ କରିଥିଲେ ଚାତ୍ରା ଗ୍ରାମର ଭାଗିରଥୀ ମହାପାତ୍ର ଓ ବଂଶୀଧର ପଟ୍ଟନାୟକ । ଡେପୁଟି କଲେକ୍ଟର ଚାକିରି ଛାଡିଥିବା ଗୋପବନ୍ଧୁ ଚୌଧୁରୀ ହୋଇଥିଲେ ଅଳକାଶ୍ରମର ତତ୍ତ୍ୱାବଧାରକ ।

ମହାତ୍ମା ଗାନ୍ଧିଙ୍କର ଲବଣ ସତ୍ୟାଗ୍ରହର ଡାକରା ଓଡିଶାରେ ମଧ୍ୟ ବ୍ୟାପକ ଜନଜାଗରଣ ସୃଷ୍ଟି କରିଥିଲା । ୧୯୩୦ ମସିହା ମାର୍ଚ୍ଚ ୧୬ ତାରିଖରେ ଉତ୍କଳପ୍ରଦେଶ କମିଟିର ବାଲେଶ୍ୱର ଅଧିବେଶନରେ ଗୋପବନ୍ଧୁ ଚୌଧୁରୀଙ୍କ ନେତୃତ୍ୱରେ ଲବଣ ସତ୍ୟାଗ୍ରହ କରିବା ପାଇଁ ନିଷ୍ପତି ନିଆଯାଇଥିଲା । ବାଲେଶ୍ୱର ଜିଲ୍ଲାର ରେମୁଣା ବ୍ଲକ ଅନ୍ତର୍ଗତ ଇଞ୍ଚୁଡି ଗ୍ରାମକୁ ସତ୍ୟାଗ୍ରହ ପାଇଁ ମନୋନୀତ କରାଯାଇଥିଲା। ୧୯୩୦ ମସିହା ଏପ୍ରିଲ ୬ ତାରିଖରୁ ଗୋପବନ୍ଧୁ ଚୌଧୁରୀ ଓ ଆଚାର୍ଯ୍ୟ ହରିହରଙ୍କ ନେତୃତ୍ୱରେ ୨୧ଜଣ ସତ୍ୟାଗ୍ରହୀ ପ୍ରଥମ ପର୍ଯ୍ୟାୟରେ ଇଞ୍ଚୁଡି ଯାତ୍ରା କଲେ ।

କଟକରୁ ହିଁ ଗୋପବନ୍ଧୁଙ୍କୁ ସରକାର ଗିରଫ କଲେ । ପରେ ଆଚାର୍ଯ୍ୟ ହରିହରଙ୍କ ନେତୃତ୍ୱରେ ହରେକୃଷ୍ଣ ମହତାବ, ପ୍ରାଣକୃଷ୍ଣ ପଢିହାରୀ ଓ ଅନ୍ୟମାନେ ଏପ୍ରିଲ ୧୩ ତାରିଖରେ ଇଞ୍ଚୁଡିଠାରେ ପହଞ୍ଚି ଲବଣ ଆଇନ ଭଙ୍ଗ କରିଥିଲେ ଓ ଲୁଣ ମାରିଥିଲେ । ଏଥିରେ ମହାନ୍ ସର୍ବୋଦୟ ନେତା ମନମୋହନ ଚୌଧୁରୀ ମାତ୍ର ୧୫ ବର୍ଷ ବୟସରେ ଏହି ସତ୍ୟାଗ୍ରହରେ ସାମିଲ ହୋଇ ନିଜ ପିତା ଗୋପବନ୍ଧୁ ଚୌଧୁରୀ, ମା' ରମାଦେବୀ, ଦାଦା ନବକୃଷ୍ଣ ଚୌଧୁରୀ ଓ ଖୁଡି ମାଳତୀ ଚୌଧୁରୀଙ୍କ ସହ ମଧ୍ୟ ଗିରଫ ହୋଇଥିଲେ । ନିଜର ପରିବାରକୁ ଦେଶ ସେବାରେ ନିୟୋଜିତ କରିବାକୁ ଉଦ୍‌ବୁଦ୍ଧ କରିଥିଲେ ଏହି ଧୂଳି ମାଟିର ସନ୍ଥ । ଇତିହାସରେ ଏହି ପରିବାରର ଚରମ ତ୍ୟାଗ ଏବେବି ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇ ରହିଛି ।

୧୯୩୪ ମସିହାରେ ଗୋପବନ୍ଧୁ ଚୌଧୁରୀ ଗାନ୍ଧିଜୀଙ୍କ ନିର୍ଦ୍ଦେଶରେ ବରୀକୁ ନିଜର କର୍ମକ୍ଷେତ୍ର ରୂପେ ବାଛି ନେଇଥିଲେ ଓ ଏଇଠି ଗଢ଼ି ଉଠିଥିଲା ମାନବ ସେବା - ମାଧବ ସେବାର ଯଜ୍ଞବେଦୀ ବହୁ ଚର୍ଚ୍ଚିତ ବରୀ ଆଶ୍ରମ । ଗ୍ରାମ ସଫେଇ, ନିଶା ନିବାରଣ, ପୌଢଶିକ୍ଷା, ହରିଜନ ସେବା, ମୌଳିକ ଶିକ୍ଷା ସହ ଗ୍ରାମ୍ୟ ଅର୍ଥନୀତିର ଉନ୍ନତି ପାଇଁ ସେ ଅହରହ ଉଦ୍ୟମ ଜାରି ରଖିଥିଲେ । କାରଣ ସେ ମର୍ମେ ମର୍ମେ ଅନୁଭବ କରିଥିଲେ ଗ୍ରାମ୍ୟ ଅର୍ଥନୀତିର ବିକାଶ ନହେଲେ ସଂପୂର୍ଣ୍ଣ ସ୍ୱରାଜ ଆସିପାରିବ ନାହିଁ । ଏହି ଗଠନ ମୂଳକ କାର୍ଯ୍ୟରେ ତାଙ୍କର ଏକମାତ୍ର ପୁତ୍ର ମନମୋହନ, ପତ୍ନୀ ରମାଦେବୀ ଓ ଝିଅ ଅନ୍ନପୂର୍ଣ୍ଣା ମଧ୍ୟ ତାଙ୍କୁ ପୂର୍ଣ୍ଣ ସହଯୋଗ କରିଥିଲେ । ଗୋପବନ୍ଧୁ ଚୌଧୁରୀ ପ୍ରତ୍ୟକ୍ଷ ରାଜନୀତିରେ ରହିବାକୁ ପସନ୍ଦ କରୁନଥିଲେ । ତାଙ୍କର ଏହି ସେବା କାର୍ଯ୍ୟଦ୍ୱାରା ସ୍ୱରାଜ ଚେତନା ଓ ଦେଶପ୍ରେମ ଭାବ ଉଦ୍ରେକ ହେଉଥିଲା, ସେଥିପାଇଁ ସେ ଇଂରେଜ ସରକାରଙ୍କ ରୋଷର ଶିକାର ହୋଇଥିଲେ । ସ୍ୱାଧୀନତା ଆନ୍ଦୋଳନର ବିଭିନ୍ନ ପର୍ଯ୍ୟାୟରେ ଲବଣ ସତ୍ୟାଗ୍ରହ, ଅଗଷ୍ଟ ବିପ୍ଳବ ଓ ଭାରତଛାଡ ଆନ୍ଦୋଳନରେ ସାମିଲ ହୋଇ ସେ ଅନେକବାର କାରାବରଣ କରିଥିଲେ ।

୧୯୪୭ ମସିହାରେ ଦେଶ ସ୍ୱାଧୀନ ହେଲା। ହେଲେ ଗୋପବନ୍ଧୁ ଚୌଧୁରୀ ଅନୁଭବ କଲେ ଯେ, ଏ ସ୍ୱରାଜ ଗାନ୍ଧିଜୀଙ୍କ ପରିକଳ୍ପିତ ସ୍ୱରାଜ ନୁହେଁ । ସେଥିପାଇଁ ସେ କ୍ଷମତା ରାଜନୀତିରୁ ଦୂରେଇ ଯାଇଥିଲେ । ଅର୍ଥନୈତିକ ସମତା ପ୍ରତିଷ୍ଠା ତାଙ୍କ ଜୀବନର ପରମ ମନ୍ତ୍ର ଥିଲା। ସମାଜରୁ କିପରି ଶୋଷଣ ହଟିବ, ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ଦୂରହେବ ସେଥି ନିମନ୍ତେ ସେ ନିରନ୍ତର ପ୍ରୟାସ ଜାରି ରଖିଥିଲେ । ଗରିବ, ନିଃସହାୟ ଜନତାଙ୍କ ପ୍ରତି ସେ ସର୍ବଦା ସମ୍ବେଦନଶୀଳ ଥିଲେ । ଶେଷ ନିଃଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ସେ କେବଳ ସେଇମାନଙ୍କ କଥା ଚିନ୍ତା କରୁଥିଲେ ଓ ନିଜ ଆଦର୍ଶରୁ କେବେବି ବିଚ୍ୟୁତ ହୋଇନଥିଲେ । ସେଥିପାଇଁ ସେ ଲୋକମୁଖରେ ଲୋକବନ୍ଧୁ ଭାବେ ସୁପରିଚିତ ଥିଲେ ତ କେହି କେହି ତାଙ୍କୁ ଓଡିଶାର ଗାନ୍ଧି ବୋଲି ମଧ୍ୟ କହୁଥିଲେ ।

କ୍ଷମତା ରାଜନୀତିରୁ ଦୂରେଇ ରହିଥିବା ଗୋପବନ୍ଧୁଙ୍କର କୌଣସି ଉପାଧି ବା ସମ୍ମାନ ପ୍ରତି ତିଳେମାତ୍ର ଆସକ୍ତି ନଥିଲା । ଏହାହିଁ ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ ।୧୯୫୬ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନ ସୂଚକ ପିଏଚ୍.ଡି ଦେବାକୁ ନିଷ୍ପତ୍ତି କଲେ । ଏଥିପାଇଁ ସ୍ୱୀକୃତି ଦେବାକୁ କୁଳପତି ଡ. ପ୍ରାଣକୃଷ୍ଣ ପରିଜା ତାଙ୍କୁ ପତ୍ର ଲେଖିଲେ । ମାତ୍ର ଗୋପବନ୍ଧୁ ଉତ୍ତରରେ ଲେଖିଥିଲେ- ଯେତିକି ଉପାଧି ମୋ ସହିତ ଯୋଡାହୋଇଛି ତାହା ଜନଗଣଙ୍କ ସଙ୍ଗେ ଏକାତ୍ମ ହେବାରେ ବାଧାସୃଷ୍ଟି କରୁଛି ବୋଲି ମୁଁ ମନେ କରୁଛି । ଏ ଉପାଧି ଯୋଡାହେଲେ ମୁଁ ଲୋକମାନଙ୍କଠାରୁ ଆହୁରି ଦୂରେଇଯିବା ଆଶଙ୍କା ହେଉଥିବାରୁ ମୁଁ ଏ ଉପାଧି ଗ୍ରହଣ କରିପାରିବି ନାହିଁ । ଗୋପବନ୍ଧୁ ଚୌଧୁରୀ ଆଜି ଆମ ଗହଣରେ ନାହାଁନ୍ତି । ୧୯୫୮ ମସିହା ଏପ୍ରିଲ ୨୯ ତାରିଖରେ ତାଙ୍କର ଦେହାବସାନ ଘଟିଛି । ତାଙ୍କୁ ହରାଇ ଦେଶ ବିଶେଷକରି ଓଡିଶା ଜଣେ ଏପରି ନିଷ୍ଠାପର ସେବକକୁ ହରାଇଲା, ଯେ କେବଳ ଦୀନତମ,ଦରିଦ୍ରତମର ସେବା ପାଇଁ ବ୍ୟାକୁଳ ଥିଲେ । ସେ କେବଳ ନିଜେ ସେବାରେ ଲାଗିନଥିଲେ - ନିଜର ପରିବାରକୁ ଦେଶସେବାରେ ଆତ୍ମ ନିଯୋଗ କରିବାକୁ ଉଦ୍‌ବୁଦ୍ଧ କରିଥିଲେ ।

ଜଗତସିଂହପୁର
ମୋ-୯୩୩୭୨୨୧୯୨୪

# ଧର୍ମ, ସତ୍ୟ ଓ ଦୃଷ୍ଟିକୋଣ ଚକ୍ରରେ ମନୁଷ୍ୟ

ଅମୂଲ୍ୟ କୁମାର ପଣ୍ଡା

ଆମମାନଙ୍କ ମନରେ ଏକ ପ୍ରଶ୍ନ ଉଠେ ଯେ ଧର୍ମ କଣ ? ଏହାର ସଂଜ୍ଞା କଣ ? ଉତ୍ତର ହେଉଛି ଧର୍ମ ଏକ ନିର୍ଦ୍ଦିଷ୍ଟ ଆଚରଣ ଏବଂ ଅଭ୍ୟାସ, ବିଶ୍ୱ ଦୃଷ୍ଟିକୋଣ, ଦିବ୍ୟଗ୍ରନ୍ଥ, ତୀର୍ଥ, ଭବିଷ୍ୟବାଣୀ, ନୈତିକତା ଇତ୍ୟାଦି ଯାହା ମାନବକୁ ଆଲୌକିକ, ଆଧ୍ୟୟନିକ କିମ୍ବା ଆଧ୍ୟାତ୍ମିକ ଉପାଦାନ ସହିତ ଜଡ଼ିତ କରୁଥିବା ସାମାଜିକ-ସାଂସ୍କୃତିକ ବ୍ୟବସ୍ଥା । ତେବେ ସ୍ପଷ୍ଟ ଭାବରେ ଧର୍ମର ସଂଜ୍ଞା ଉପରେ ଏପର୍ଯ୍ୟନ୍ତ କୌଣସି ଅଧ୍ୟୟନପ୍ରସୂତ ସହମତି ନାହିଁ । ତେବେ ଏହାର ସଂକ୍ଷିପ୍ତ ଉତ୍ତର ହେଉଛି, ଉତ୍ତମକର୍ମ ଆଚରଣ କରିବା ହିଁ ଧର୍ମ । ତଦ୍ଦ୍ୱାରା ମନୁଷ୍ୟର ଉନ୍ନତି ସାଧିତ ହୋଇଥାଏ । ଧର୍ମଦ୍ୱାରା ହିଁ ମନୁଷ୍ୟ ସମାଜର ଧାରଣ ଅବା ରକ୍ଷଣାବେକ୍ଷଣ କରିବାରେ ସମର୍ଥ ହୋଇଥାଏ ।

ଧର୍ମାଚରଣ ଦ୍ୱାରା ପ୍ରକୃତ ସୁଖ-ଶାନ୍ତି ମିଳିଥାଏ । ତେବେ ପ୍ରାଚୀନ ମୁନିଋଷିଗଣ ଧର୍ମ ଶବ୍ଦର ଅର୍ଥ ଅଲଗା ଅର୍ଥରେ କହିଛନ୍ତି ଯେ ସମସ୍ତଙ୍କ ପକ୍ଷରେ ଯାହା ହେଉଛି ଧାରଣ ଯୋଗ୍ୟ, କିମ୍ବା ଯଦ୍ଦ୍ୱାରା ସମସ୍ତଙ୍କ ପ୍ରକୃତ ଉନ୍ନତି ହୁଏ, ଏବଂ ଯାହା ପ୍ରେମପୂର୍ବକ ସମସ୍ତଙ୍କୁ ମିଳିତ କରାଏ, ତାହାହିଁ ହେଉଛି ଧର୍ମ । ଯେଉଁ ନୀତିନିୟମ ବା ବିଷୟବସ୍ତୁ ସମାଜର କ୍ଷତି କରେ, ଯଦ୍ଦ୍ୱାରା ମଣିଷ ମଣିଷ ଭିତରେ ଶତ୍ରୁତା, ମନୋମାଳିନ୍ୟ ବା ତିକ୍ତତା ବୃଦ୍ଧିପାଏ, ତା କଦାପି ଧର୍ମ ହୋଇ ନ ପାରେ । ସମଗ୍ର ସଂସାରର ଉନ୍ନତି ଓ ନିଃଶ୍ରେୟ ସିଦ୍ଧିଃ ସର୍ବଦା ଏକ ରସରେ ବିଦ୍ୟମାନ ଆନନ୍ଦ ବା ମୋକ୍ଷ ମିଳେ ତାହା ପ୍ରକୃତରେ ଧର୍ମ । ତେଣୁ ଯଦ୍ଦ୍ୱାରା ସମଗ୍ର ସଂସାରର ଉନ୍ନତି ହୋଇଥାଏ, ପ୍ରକୃତ ଆନନ୍ଦ ଓ ଶାନ୍ତି ମିଳେ, ତାକୁ ଧର୍ମ ବୋଲି କୁହାଯାଏ ।

ଆମ ଜୀବନର ଯାବତୀୟ କାର୍ଯ୍ୟକଳାପ ସହିତ ଧର୍ମର ନିବିଡ଼ ସଂପର୍କ ରହିଛି । ଶରୀର, ମନ, ଆତ୍ମା, ସମାଜ, ଦେଶ ଓ ଜଗତର ଉନ୍ନତି ସକାଶେ ଯେଉଁ ସବୁ ଉପାୟମାନ ରହିଛି ସେଗୁଡ଼ିକୁ ଧର୍ମ ବୋଲି କହନ୍ତି । ଦୁନିଆଁରେ ସତ୍ୟଠାରୁ ବଳି ଶ୍ରେଷ୍ଠ ଧର୍ମ, ମିଥ୍ୟାଠାରୁ ବଳି ମହାପାପ ଅନ୍ୟ କିଛି ନାହିଁ । ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ସତ୍ୟ ପଥରେ ଚାଲି ସମସ୍ତଙ୍କ ପାଇଁ ଆଦର୍ଶ ହୋଇପାରିଛନ୍ତି । ସେହିପରି ସତ୍ୟବାଦୀ ରାଜାହରିଶ୍ଚନ୍ଦ୍ର, ମହର୍ଷି ଦୟାନନ୍ଦ ସରସ୍ୱତୀ, ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀ, ମହାତ୍ମା ଗାନ୍ଧି ପ୍ରଭୃତି ମହାତ୍ମା ମହାପୁରୁଷମାନେ କେବଳ ସତ୍ୟ ଯୋଗୁ ହିଁ ଆଜି ସମଗ୍ର ସଂସାରରେ ପ୍ରସିଦ୍ଧି ଲାଭ କରିଛନ୍ତି । ସେମାନଙ୍କପରି ସତ୍ୟବାଦୀ ହେବାପାଇଁ ଦୃଢସଙ୍କଳ୍ପ କରିବା ଉଚିତ । ସାଧାରଣ ଭାବରେ କହିବାକୁ ଗଲେ ଧର୍ମ ହେଉଛି ଚାରି ପ୍ରକାରର । ପ୍ରଥମରେ ବ୍ୟକ୍ତିଗତ ଧର୍ମ, ଦ୍ୱିତୀୟରେ ପାରିବାରିକ ଧର୍ମ, ତୃତୀୟରେ ସାମାଜିକ ଧର୍ମ ଓ ଚତୁର୍ଥରେ ରାଷ୍ଟ୍ରୀୟ ଧର୍ମ । ଯେଉଁ ଧର୍ମକୁ ପାଳନ କରିବା ଦ୍ୱାରା କେବଳ ନିଜର ଉନ୍ନତି ହୁଏ, ତାକୁ ବ୍ୟକ୍ତିଗତ ଧର୍ମ କହନ୍ତି । ପିତା-ମାତା, ପତ୍ନୀ-ପୁତ୍ର, ଭାଇ-ଭଉଣୀ, ଏବଂ ପରିବାରର ଅନ୍ୟମାନଙ୍କ ସହିତ ଧର୍ମର ଯେଉଁ ସଂପର୍କ ରହିଛି, ପରସ୍ପର ପରସ୍ପର ପ୍ରତି ଯେଉଁ କର୍ତ୍ତବ୍ୟ ଅଛି ତାକୁ ପାରିବାରିକ ଧର୍ମ କହନ୍ତି । କୌଣସି ବ୍ୟକ୍ତି କେବେ ହେଲେ ଏକୁଟିଆ ରହିବାପାଇଁ ଭଲପାଏ ନାହିଁ ।

ସାରାଜୀବନ ଏକାକୀ ରହୁଥିବା ବ୍ୟକ୍ତି ସକଳ ପ୍ରକାର ଉନ୍ନତି କରିପାରେ ନାହିଁ । ତେଣୁ ସମାଜରେ ରହିବାପାଇଁ ସମସ୍ତେ ଚାହିଁଥାନ୍ତି, କାରଣ ସମାଜଦ୍ୱାରା ସମସ୍ତଙ୍କର ଲାଭ ହୋଇଥାଏ । ଯେଉଁ ସମାଜରେ ମନୁଷ୍ୟ ବସବାସ କରୁଛି, ସେ ସମାଜପ୍ରତି ମଧ୍ୟ ତାର ଅନେକ କିଛି କର୍ତ୍ତବ୍ୟ ରହିଛି । ସେହି କର୍ତ୍ତବ୍ୟକୁ ସାମାଜିକ ଧର୍ମ କହନ୍ତି । ଯେଉଁ ଦେଶରେ ଆମେ ଜନ୍ମଗ୍ରହଣ କରିଛୁ, ଯାହାର ପାଣି ପବନରେ ଆମ ଶରୀର ଗଠିତ ଓ ବର୍ଦ୍ଧିତ, ସେ ଦେଶପାଇଁ ମଧ୍ୟ ଆମର କେତେକ ଅପରିହାର୍ଯ୍ୟ କର୍ତ୍ତବ୍ୟ ରହିଛି । ସେହି କର୍ତ୍ତବ୍ୟକୁ ରାଷ୍ଟ୍ରୀୟ ଧର୍ମ କହନ୍ତି । ରାଷ୍ଟ୍ରର ଉନ୍ନତିପାଇଁ ପ୍ରତ୍ୟେକ ବ୍ୟକ୍ତି ଚିନ୍ତାକରିବା ଓ ତାପାଇଁ କାର୍ଯ୍ୟକରିବା ସର୍ବାଦୌ ଆବଶ୍ୟକ ।

ଅନ୍ୟ ଅର୍ଥରେ କହିବାକୁ ଗଲେ ଧର୍ମ ଏକ ନୀତି ଓ ଆଚରଣ ଧାରା ଯାହା ଆଧ୍ୟାତ୍ମିକ ଓ ଆଦି ଭୌତିକ ଅନୁଭୂତିକୁ ପ୍ରକାଶ କରିଥାଏ । ଧର୍ମଧାରା ଭିତରେ ନାନାଦି ଚଳଣି, ପ୍ରାର୍ଥନା, ପୂଜା ଆଦି ରହିଥାଏ । ତେବେ ଭିନ୍ନ ଭିନ୍ନ ଧର୍ମରେ ଦିବ୍ୟ, ପବିତ୍ର ବସ୍ତୁ , ବିଶ୍ୱାସ, ଅଲୌକିକ ଜୀବ କିମ୍ବା ଅଲୌକିକ ଜୀବନ କିମ୍ବା ଅବଶିଷ୍ଟ ଜୀବନ ପାଇଁ ମାନଦଣ୍ଡ ଏବଂ ଶକ୍ତି ପ୍ରଦାନ କରିବା ଭଳି କିଛି ଚିରନ୍ତନତା ଏବଂ ଅପାର୍ଥିବତା ଆଦି ବିଷୟ ରହିଥାଇପାରେ କିମ୍ବା ନଥାଇପାରେ । ଧାର୍ମିକ ଅଭ୍ୟାସଗୁଡ଼ିକ ଭିତରେ ରୀତିନିତି, ଧର୍ମୋପଦେଶ, ସ୍ମାରକ କିମ୍ବା ଅତ୍ୟଧିକ ସମ୍ମାନ , ବଳିଦାନ, ପର୍ବ, ଭୋଜି, ପ୍ରଣାମ, ଅନ୍ତିମକ୍ରିୟା, ବିବାହ କାର୍ଯ୍ୟ, ଧ୍ୟାନ, ପ୍ରାର୍ଥନା, ସଂଗୀତ, କଳା, ନୃତ୍ୟ, ଜନ ସେବା କିମ୍ବା ମାନବ ସଂସ୍କୃତିର ଅନ୍ୟ ଦିଗ ଅନ୍ତର୍ଭୁକ୍ତ ହୋଇପାରେ ।

ଧର୍ମଗୁଡ଼ିକରେ ବିଭିନ୍ନ ପରାଭୌତିକ କାହାଣୀସବୁ ରହିଛି । ଏସବୁ ପବିତ୍ର ଶାସ୍ତ୍ର, ପ୍ରତୀକ ଏବଂ ପବିତ୍ର ସ୍ଥାନମାନଙ୍କରେ ସଂରକ୍ଷିତ ହୋଇ ରହେ ଏବଂ ତାହାର ଉଦ୍ଦେଶ୍ୟ ସାଧାରଣତଃ ଜୀବନକୁ ଅର୍ଥପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ ହୋଇଥାଏ । ଧର୍ମରେ ଥିବା ସାଙ୍କେତିକ କାହାଣୀ ସବୁକୁ ବେଳେବେଳେ ଅନୁଗାମୀ ମାନେ ସତ୍ୟ ବୋଲି କହିଥାନ୍ତି । ଏସବୁର ଉଦ୍ଦେଶ୍ୟ ଜୀବନର ଉତ୍ପତ୍ତି, ବ୍ରହ୍ମାଣ୍ଡ ଏବଂ ଅନ୍ୟାନ୍ୟ ଜିନିଷର ବ୍ୟାଖ୍ୟା କରିବା । ତେବେ ଗୋଟିଏ କଥା ସତ ଧର୍ମ ସବୁବେଳେ ଉତ୍ତମ କର୍ମ ଓ ସତ୍ୟତା ଉପରେ ଦଣ୍ଡାୟମାନ । ମନୁଷ୍ୟ ଜୀବନ ମଧ୍ୟରେ ସତ୍ୟ ଓ କର୍ମ ପଥରେ ଥିଲେ ଧର୍ମ ସଦା ତା' ସହିତ ଅଙ୍ଗାଙ୍ଗୀ ଭାବେ ଜଡିତ ରହିବ ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋ- ୯୯୩୮୯୦୬୦୭୦

# ସମାଜସେବୀ ଶୈଳବାଳା ଦାସ

ଡ. ଅରୁନ୍ଧତୀ ଦେବୀ

ଶୈଳବାଳା ଦାସ ଜଣେ ସମାଜସେବୀ ଥିଲେ। ଓଡ଼ିଶାର ନାରୀ ଶିକ୍ଷା ପ୍ରସାରରେ ତାଙ୍କର ମୁଖ୍ୟ ଭୂମିକା ଥିଲା। ମଧୁସୂଦନ ଦାସ ତାଙ୍କୁ ପୋଷ୍ୟ କନ୍ୟା ଭାବେ ଗ୍ରହଣ କରିଥିଲେ। ସେ କଂଗ୍ରେସ ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇ ୧୯୫୨ ଅପ୍ରେଲ ୩ ତାରିଖରୁ ୧୯୫୪ ମସିହା ଅପ୍ରେଲ ୨ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସଭାର ସଦସ୍ୟ ଭାବେ କାମ କରିଥିଲେ । ଶୈଳବାଳା ମହାବିଦ୍ୟାଳୟ ତାଙ୍କ ନାମରେ ନାମିତ ହୋଇଛି ।

୧୯୫୯ ମସିହାରେ ସମାଜସେବାରେ ବିଶେଷ ଅବଦାନ ପାଇଁ ଭାରତ ସରକାରଙ୍କ ତୃତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମଶ୍ରୀ ମିଳିଥିଲା। ୧୮୭୫ ମସିହା ମାର୍ଚ୍ଚ ୨୫ରେ କୋଲକାତାର ଭବାର୍ନିପୁରରେ ଶୈଳବାଳା ଜନ୍ମ ଗ୍ରହଣ କରିଥିଲେ। ସେ ଆଇ.ଏ.ପାସ କରିବା ପରେ ମଧୁସୂଦନ ତାଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିଲେ । ଶୈଳବାଳା ତାଙ୍କର ପ୍ରାଥମିକ ଶିକ୍ଷା ଲଣ୍ଡନ ମିସନ ବାଳିକା ବିଦ୍ୟାଳୟରେ ଆରମ୍ଭ କରିଥିଲେ। ପରେ ସେ ସିମଳା ପଢ଼ିବାକୁ ଯାଇଥିଲେ। ୧୯୦୬ ମସିହାରେ ସେ ଉଚ୍ଚ ଶିକ୍ଷା ପାଇଁ ଇଂଲଣ୍ଡ ଯାଇଥିଲେ। ସେ ପ୍ରଥମ ଓଡ଼ିଆ ମହିଳା ଭାବେ ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯାତ୍ରା କରିଥିଲେ ।



ଓଡ଼ିଶାର ନାରୀ ଶିକ୍ଷା ପ୍ରସାରରେ ଶୈଳବାଳାଙ୍କ ଅବଦାନ ଅତୁଳନୀୟ ଅଟେ । ୧୯୬୯ ମସିହା ଅପ୍ରେଲ ୨୯ ତାରିଖରେ ୯୩ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହୋଇଥିଲା ।

କଟକ,ମୋ- ୯୯୩୭୧୭୨୮୧୦

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାରତୀୟ...

ବାତିଲ କରିବା ୧୯୬୦ରେ ହୋଇଥିବା ସିନ୍ଧୁ ନଦୀ ଚୁକ୍ତିକୁ ବାତିଲ୍ କରିଛି । ପାକିସ୍ତାନ ମଧ୍ୟ ଅନୁରୂପ ପଦକ୍ଷେପ ସ୍ୱରୂପ ୧୯୭୨ର ସିମଲା ଚୁକ୍ତି ମଧ୍ୟ ବାତିଲ କରିବା ସହ ପାକିସ୍ତାନର ଆକାଶମାର୍ଗକୁ ଭାରତକୁ ବ୍ୟବହାର ନ କରିବା ପାଇଁ ନିଷ୍ପତ୍ତି ନେଇଛି । ସେହିଭଳି ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲା ଆତଙ୍କବାଦୀଙ୍କ ଆକ୍ରମଣ ବିରୋଧରେ ଭାରତର ପଦକ୍ଷେପକୁ ସମର୍ଥନ କରିଛନ୍ତି । ସେ କହିଛନ୍ତି ଯେ ପହଲଗାମ୍ ଆତଙ୍କୀ ଆକ୍ରମଣ ପରେ ଆତଙ୍କବାଦ ବିରୋଧରେ ନିର୍ଣ୍ଣାୟକ ଲଢ଼େଇ ଲଢ଼ିବାର ଆବଶ୍ୟକତା ରହିଛି । କାଶ୍ମୀର ଲୋକମାନେ ଆତଙ୍କବାଦ ବିରୋଧରେ ଖୋଲାଖୋଲି ସମର୍ଥନ କରୁଛନ୍ତି । ତେଣୁ ବର୍ତ୍ତମାନ ସମୟ ଆସିଛି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାର ଓ ଦୋଷୀକୁ ଦଣ୍ଡ ଦେବାର ।

### କାଳବୈଶାଖୀ...

ଜାରି କରାଯାଇଛି । ଏହି ସବୁ ଜିଲ୍ଲାଗୁଡ଼ିକରେ ଝଡ଼ତୋଫାନ ବର୍ଷା ସହ ପବନର ବେଗ ଘଣ୍ଟାପ୍ରତି ୫୦-୬୦ କିମି ରହିପାରେ । ଏହାସହ କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଅନୁଗୁଳ, ଢେଙ୍କାନାଳ, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାକୁ ବର୍ଷା ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୩୦ରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ମୟୂରଭଞ୍ଜ, କେନ୍ଦୁଝର, ନୟାଗଡ଼, ପୁରୀ, ଗଞ୍ଜାମ, ଖୋର୍ଦ୍ଧା, ଅନୁଗୁଳ, ଢେଙ୍କାନାଳ, ବୌଦ୍ଧ, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାକୁ କାଳବୈଶାଖୀ ବର୍ଷା ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସବୁ ଜିଲ୍ଲାଗୁଡ଼ିକରେ ପବନର ବେଗ ଘଣ୍ଟାପ୍ରତି ୩୦ରୁ ୪୦ କିମି ରହିପାରେ ।

### ଚଳିତ...

ଉପକୂଳ ଓଡ଼ିଶା ଓ ପଶ୍ଚିମବଙ୍ଗରେ ଗରମ ଅଧିକ ଅନୁଭୂତ ହେବାକୁ ଥିବାବେଳେ ପଶ୍ଚିମ ଓଡ଼ିଶା ସମେତ ସଂଲଗ୍ନ ରାଜ୍ୟରେ ସ୍ୱାଭାବିକ ରହିବ । ଏହି ଦୁଇ ମାସରେ ଉତ୍ତର ଭାରତରେ ଗରମ ଖୁବ୍ ଅଧିକ ରହିପାରେ ।

ଜୁଲାଇ ଓ ଅଗଷ୍ଟରେ ଓଡ଼ିଶା ସମେତ ସଂଲଗ୍ନ ରାଜ୍ୟମାନଙ୍କରେ ତାପମାତ୍ରା ସ୍ୱାଭାବିକ ଠାରୁ ଅଧିକ ରହିବାକୁ ବେଳେ ଉପକୂଳ ଓଡ଼ିଶା ଓ ପଶ୍ଚିମବଙ୍ଗରେ ସବୁଠାରୁ ଅଧିକ ଗରମ ରହିବ । ଅନ୍ୟପଟେ ଜୁଲାଇରୁ ଅଗଷ୍ଟ ମଧ୍ୟଭାଗରେ ଓଡ଼ିଶା, ଛତିଶଗଡ଼ ଓ ପଶ୍ଚିମବଙ୍ଗରେ ବର୍ଷା କମିବାର ସମ୍ଭାବନା ରହିଛି । ସମ୍ଭବତଃ ବର୍ଷା ଛାଡ଼ିଯିବା ହେତୁ ଗରମ ଅଧିକ ହେବ ।

ଆଗାମୀରେ ଓଡ଼ିଶାରେ ଚାଲୁ ରହିଥିବା ଗରମରୁ ନିସ୍ତାର ନାହିଁ । ଅବଶ୍ୟ ମେ'ଠାରୁ ସାମାନ୍ୟ କମିବ । ତେବେ ଉପକୂଳ ଜିଲ୍ଲାରେ କାଳବୈଶାଖୀ ଆସନ୍ତା ମେ' ୩ ତାରିଖ ପର୍ଯ୍ୟନ୍ତ ଚାଲୁ ରହିଥିବାର ସମ୍ଭାବନା ହେତୁ ଗରମ କିଛି କମିବ । କିନ୍ତୁ ଗୁଳୁଗୁଳି ବଢ଼ିବ । ରାଜ୍ୟରେ ଚାଷୀମାନେ ଜୁଲାଇରୁ ଅଗଷ୍ଟ ପର୍ଯ୍ୟନ୍ତ ସମ୍ଭାବ୍ୟ କମ ବର୍ଷାକୁ ଠିକ ଭାବେ ମୁକାବିଲା କରିବାକୁ ପରାମର୍ଶ ଦେଇଛନ୍ତି ଶ୍ରୀ ପଶୁପାଳକ ।

### ୯୫୩୭...

ଅର୍ଥ ମଧ୍ୟ ଫେରସ୍ତ କରାଯିବଛ ଏହି ୪ ଟି ବ୍ୟାଙ୍କର ୧୭, ୮୫୯ ଜଣ ଜମାକାରୀଙ୍କୁ ୬ କୋଟିରୁ ଅଧିକ ଟଙ୍କା ଫେରସ୍ତ କରାଯିବ । ଏହି ଅବସରରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଅନେକ ଅବିସ୍ମରଣୀୟ ଅବଦାନ ମଧ୍ୟରୁ ଏକ ପ୍ରମୁଖ ଅବଦାନ ଥିଲେ ଓଡ଼ିଶାରେ ସମବାୟ ଆନ୍ଦୋଳନ ।

ଉତ୍କଳ ଗୌରବଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାରେ ପ୍ରାୟ ୫୦ ଲକ୍ଷ ଚାଷୀ ସମବାୟ ଆନ୍ଦୋଳନ ସହିତ ଜଡ଼ିତ । ୨୦୩୬ ସୁଦ୍ଧା ରାଜ୍ୟର ସମସ୍ତ କୃଷକଙ୍କୁ ସମବାୟ ସହିତ ଯୋଡ଼ିବା ଆମର ଲକ୍ଷ୍ୟ । ଏଥିପାଇଁ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଗୋଟିଏ ଗଠନ କରାଯିବାର ମଧ୍ୟ ଲକ୍ଷ୍ୟ ରହିଛି ।

ମୁଖ୍ୟମନ୍ତ୍ରୀ କହିଥିଲ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦାୟିତ୍ୱ ନେବା ପରଠାରୁ ଦେଶର ବିଭିନ୍ନ କ୍ଷେତ୍ର ସହିତ ସମବାୟ କ୍ଷେତ୍ରକୁ ମଧ୍ୟ ସଶକ୍ତ କରିଛନ୍ତି । ସମବାୟକୁ ଏକ ସ୍ୱତନ୍ତ୍ର ମନ୍ତ୍ରାଳୟ କରାଯାଇ ଅମିତ ଶାହାଜୀଙ୍କ ନେତୃତ୍ୱରେ ପରିଚାଳନା କରାଯାଉଛି । ଗୁଜରାଟ ହେଉଛି ସମବାୟର ଏନ୍ତୁଡ଼ିଶାଳ । ମୋଦୀଜୀଙ୍କ ନେତୃତ୍ୱରେ ସେଠାରେ ସମବାୟ ଆନ୍ଦୋଳନ ଏକ ଗଣ ଆନ୍ଦୋଳନରେ ପରିଣତ ହୋଇପାରିଛି ବୋଲି ମତ ଦେଇ ସେ କହିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଓଡ଼ିଶାରେ ମଧ୍ୟ ସମବାୟ ଆନ୍ଦୋଳନରେ ପରିଣତ କରାଯିବ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ୨୭୧୧ ଟି ପିଏସିଏସ୍ ଥିବାବେଳେ ବର୍ତ୍ତମାନ ଆଉ ୧୫୪୨ଟି ନୂଆ ପିଏସିଏସ୍ ଗଠନ କରାଯାଇଛି । ଏଇ ନୂଆ ପିଏସିଏସ୍‌ଗୁଡ଼ିକୁ ୫ ଲକ୍ଷ ଟଙ୍କା ଲେଖାଏଁ ସିଡ୍ ମନି ଦିଆଯିବା ପାଇଁ ନିଷ୍ପତ୍ତି ନିଆଯାଇଛି ।

ଏହି ଅବସରରେ ରାଜ୍ୟର ସମବାୟ ସଂସ୍ଥାଗୁଡ଼ିକୁ ସଶକ୍ତ କରିବା ପାଇଁ ଗୁଜରାଟ ଆନନ୍ଦ ସ୍ଥିତ ତ୍ରିଭୁବନ ସମବାୟ ବିଶ୍ୱ ବିଦ୍ୟାଳୟ ଅନ୍ତର୍ଗତ ଇର୍ମା ସ୍କୁଲ ସହିତ ରାଜ୍ୟ ସରକାରଙ୍କ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ରାଜ୍ୟ ସରକାରଙ୍କ ପକ୍ଷରୁ ରେଜିଷ୍ଟ୍ରର ଅଫ୍ କୋ ଅପରେଟିଭ୍ ସୋସାଇଟିର ସିଦ୍ଧାର୍ଥ ଦାସ ଏବଂ ଇର୍ମା ସ୍କୁଲର ନିର୍ଦ୍ଦେଶକ ଉମାକାନ୍ତ ଦାଶ ଏମ୍‌ଓୟୁ ସ୍ୱାକ୍ଷର କରିଥିଲେ । ସମବାୟ ସଂସ୍ଥାଗୁଡ଼ିକର ସୁପରିଚାଳନା ପାଇଁ ଏହା ଏକ ନଲେଜ ପାର୍ଟନର ଭାବେ କାର୍ଯ୍ୟ କରିବ ।

କାର୍ଯ୍ୟକ୍ରମରେ ଯୋଗ ଦେଇ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଲେ ଯେ, ଭାରତୀୟ ସଂସ୍କୃତିର ଚିନ୍ତାଧାରା 'ବହୁଜନ ହିତାୟ, ବହୁଜନ ସୁଖାୟ'ର ମୌଳିକ ଆଦର୍ଶରେ ସମବାୟ ଗୁଡ଼ିକ ଗଠନ କରାଯାଇଛି । ପୂର୍ବ ସରକାର ଜମାକାରୀଙ୍କ ଦୁଃଖ ବୁଝିବାକୁ ଚେଷ୍ଟା କରିନଥିଲେ । ତେବେ ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ଏକ ଦରଦୀ ହୃଦୟର ପରିଚୟ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜମାକାରୀଙ୍କ ଅର୍ଥ ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଆଜି ସେହି ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ସେ କହିଥିଲେ । ବୈଠକରେ ବିଭାଗୀୟ ସଚିବ ରାଜେଶ ପ୍ରଭାକର ପାଟିଲ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ ।

### ରାଜଧାନୀରୁ...

ସୋମବାର ଘଟଣା ପୂର୍ବରୁ ବହୁବାର ଗଞ୍ଜେଇ ଚାଲାଣର ପର୍ଦ୍ଦାଫାଶ କରିଛି ଓଡିଶା ପୋଲିସ। ଓଡିଶା ଗଞ୍ଜେଇର ଚାହିଦା ଦେଶ ବିଦେଶରେ ଥିବାରୁ ଆନ୍ତରାଜ୍ୟ ଚାଲାଣକାରୀମାନେ ଶତ୍ରୁତା ସହ ପୋଲିସ ଆଖିରେ ଧୂଳି ଦେଇ ବିଭିନ୍ନ ଉପାୟରେ ଗଞ୍ଜେଇ ରାଜ୍ୟ ବାହାରକୁ ଚାଲାଣ କରୁଛନ୍ତି। ଓଡିଶା ପୋଲିସ ସେମାନଙ୍କ ଉପରେ ସତର୍କ ନଜର ରଖିଥିବାରୁ ବହୁ ସମୟରେ ଧରାପଡିଯାଉଛନ୍ତି।

### ୨୬ ରାଫେଲ...

ଭାରତୀୟ ବାୟୁସେନା ୩୬ ରାଫେଲ ଯୁଦ୍ଧ ବିମାନକୁ ପରିଚାଳନା କରୁଛି । ଏବେ ନୌସେନାରେ ରୁଷ୍ ନିର୍ମିତ ମିଗ୍-୨୯ ଜେଟ୍ ରହିଛି । ଭାରତ ତା'ର ସେନାକୁ ଆଧୁନିକୀକରଣ କରିବାକୁ ଚାହୁଁଛି । ରୁଷ୍ ଉପରେ ନିର୍ଭରଶୀଳତା କମାଇବା ଲାଗି ଉଦ୍ୟମ ଜାରି ରହିଛି । ସେଥିଲାଗି ଘରୋଇ କ୍ଷେତ୍ରରେ ଅସ୍ତ୍ର ଉତ୍ପାଦନକୁ ଗୁରୁତ୍ୱ ଦିଆଯାଉଛି । ଭାରତୀୟ ନୌସେନା ଏବେ ଭାରତ ମହାସାଗରରେ ଏକ ଦଶନ୍ଧୀ ଧରି ଚୀନ୍‌ର ଉପସ୍ଥିତି ଉପରେ ନଜର ରଖିଛି ।

### ବିଶୃଙ୍ଖଳିତ...

ଏହି ତାଲିକାରେ ତୃତୀୟ ଓ ପ୍ରଥମ ବର୍ଷର ଅଧିକାଂଶ ଛାତ୍ରଛାତ୍ରୀ ଥିବା ଜଣାପଡିଛି । ଜରିମାନା ରାଶି ବିଶ୍ୱବିଦ୍ୟାଳୟର ଷ୍ଟୁଡେଣ୍ଟ ଏକ୍ଟିଭିଟି ପାଣ୍ଠିରେ ଜମା ରହିବ । ଏହାକୁ ଆସନ୍ତା ମାସ ୯ତାରିଖ ସୁଦ୍ଧା ପୈଠ କରାନଗଲେ ଜରିମାନା ରାଶି ଉପରେ ଦିନ ପିଛା ୧୦୦ଟଙ୍କା ଲେଖାଁଏ ସୁଧ ଦେବାକୁ ଉଲ୍ଲେଖ ରହିଛି । ସେହିପରି ଏହି ୧୦୦ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ କେତେକଙ୍କୁ ସାବଧାନ ନୋଟିସ୍ ଜାରି କରାଯାଇଛି । ଏହା ବ୍ୟତିତ ଉକ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୮୪ଜଣ ଛାତ୍ରଛାତ୍ରୀ ବ୍ୟକ୍ତିଗତ ଭାବେ ଭବିଷ୍ୟତରେ ବିଶୃଙ୍ଖଳା କାର୍ଯ୍ୟରେ ସାମିଲ ହେବେ ନାହିଁ ବୋଲି ବିଶ୍ୱବିଦ୍ୟାଳୟର ଡିଏସ୍‌ଡବ୍ଲୁ କାର୍ଯ୍ୟାଳୟରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି । ଏଥିସହ ସେମାନଙ୍କ ପକ୍ଷରୁ ଅଭିଭାବକ ମାନେ ମଧ୍ୟ ଅନୁରୂପ ଧରଣ ସତ୍ୟପାଠ ଦାଖଲ କରିବେ ବୋଲି ଜଣାପଡିଛି ।

### କୋଟି କୋଟି...

ନିଆଁକୁ ସମ୍ପୂର୍ଣ୍ଣ ଆୟତ କରିଥିବା ବେଳେ ଏଠାରେ ଆମର ସ୍କ୍ରପ ରହୁଥିଲା ଏବଂ ଏହାର ତଦନ୍ତ କରାଯିବ ବୋଲି ଆଇଓସିଏଲ ପାଇପ ଲାଇନ ଚିଫ ଜେନେରାଲ ମ୍ୟାନେଜର ପ୍ରକାଶ କରିଛନ୍ତି। ମାସକ ମଧରେ ବନ୍ଦର ନଗରୀ ପାରାଦୀପରେ ବଡ ବଡ ଅଗ୍ନିକାଣ୍ଡ ସମସ୍ତଙ୍କ ନିଦ ହଜାଇ ସାରିଲାଣି । ଏ ନେଇ ସଚେତନତାର ଅଭାବ ନା ଆଉ କିଛି ତାହା ଏବେ ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଗଞ୍ଜେଇ ଜବତ, ମହିଳା ଗିରଫ

ବାଲୁଗାଁ ,(ସବ୍ୟୁ) :ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ଏକ ଟିମ ସୋମବାର ଚଢ଼ାଉ କରି ବାଣପୁର ଥାନା କୁମାରଙ୍ଗ ଶାସନ ଗ୍ରାମରୁ ୧୦କିଲୋ ୫୦୦ ଗ୍ରାମ ଓଜନର ଗଞ୍ଜେଇ ଜବତ କରିଛନ୍ତି । ଏଥିରେ ସମ୍ପୃକ୍ତ ବ୍ୟବସାୟୀ ଉକ୍ତ ଗ୍ରାମର କସ୍ତୁରୀ ଦାସ (୪୫)ଙ୍କୁ ଗିରଫ କରାଯାଇଛି । ଜବତ ଗଞ୍ଜେଇର ମୂଲ୍ୟ ୧ ଲକ୍ଷ ୫ହଜାର ଟଙ୍କା ହେବ ବୋଲି ବିଭାଗୀୟ ଆକଳନରୁ ଜଣାପଡିଛି । ବିଭାଗୀୟ ପକ୍ଷରୁ ଏ ନେଇ ଏକ ମାମଲା ରୁଜୁ ପରେ ଅଭିଯୁକ୍ତ ମହିଳାଙ୍କୁ ଖୋର୍ଦ୍ଧା କୋର୍ଟରେ ହାଜର କରାଯାଇଥିଲା । ତେବେ ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଟାଙ୍ଗୀ ରେଞ୍ଜ ନିରୀକ୍ଷକ ରମାକାନ୍ତ ଭୋଇଙ୍କ ତତ୍ୱାବଧାନରେ ଏହି ଚଢ଼ାଉ କରାଯାଇଥିଲା। ଟାଙ୍ଗୀ ଏ ଏସ ଆଇ ରାମଚନ୍ଦ୍ର ଜେନା, ସଞ୍ଜୟ କୁମାର ସୁବୁଦ୍ଧି, ସୁନିତା ମହାରଣା, କନେଷ୍ଟବଳ ଆଶିଷ ପ୍ରଧାନ, ରଂଜିତ ପଟେଲ, ମନୋଜ ଜୟସିଂ, ବିକାଶ ରାଉତ,କାଳୁ ପ୍ରଧାନ ପ୍ରମୁଖ ଏହି ଚଢ଼ାଉରେ ସାମିଲ ହୋଇଥିଲେ।

# ଲୁହାପଥର ପରିବହନ ପାଇଁ ପାଇପ ଲାଇନ କାମ ବନ୍ଦ କଲେ ଟ୍ରକ ମାଲିକ

କେନ୍ଦୁଝର, (ସ୍ୱପ୍ନ/ସବ୍ୟୁ) : ପାଇପ୍ ଲାଇନ ଯୋଗେ ଲୁହାପଥର ପରିବହନ କୁ ବିରୋଧ କରି କେନ୍ଦୁଝର ଜିଲ୍ଲା ଟ୍ରକମାଲିକ ସଂଘ,ଯୋଡ଼ା ଟ୍ରକ ମାଲିକ ସଂଘ, ଆଞ୍ଚଳିକ ଟ୍ରକ ମାଲିକ ସଂଘ, ବଡ଼ବିଲ ଟ୍ରକ ମାଲିକ ସଂଘ, ଗୁଆଲି ଟ୍ରକ ମାଲିକ ସଂଘ , ଭଦ୍ରାସାହି ଟ୍ରକ ମାଲିକ ସଂଘ ଦ୍ୱାରା ଗଠିତ କୋର କମିଟି ରେ ଥିବା ସଦସ୍ୟ ଓ ଟ୍ରକ ମାଲିକମାନେ ରବିବାର ଦିନ କେନ୍ଦୁଝର ଜିଲ୍ଲାର ଗୋପାଳପୁର, କତରାବେଡା, ଘଟଗାଁ ଓ ଆନନ୍ଦପୁର ଅଂଚଳରେ ଚାଲୁଥିବା ପାଇପ ଲାଇନ କାମକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରିଛନ୍ତି ।କୋର କମିଟି ସଦସ୍ୟ ମାନେ କହିଛନ୍ତି ଯେ ବିଗତ ଦିନ ମାନଙ୍କରେ ପାଇପ୍ ଲାଇନ ମାଧମରେ ଲୁହାପଥର ପରିବହନକୁ ବିରୋଧ କରି ଦୁଇ ଦୁଇ ଥର କାମ ବନ୍ଦ କରିଥିଲେ । ଜିଲ୍ଲା ଟ୍ରକ ଗୁଡ଼ିକୁ ଖଣିଜ ପରିବହନ କାର୍ଯ୍ୟରେ ଅଗ୍ରାଧିକାର ଦାବିକୁ ବହୁବାର ଲିଖିତ ତଥା ଧର୍ମଘଟ ଜରିଆରେ ସରକାରଙ୍କୁ ଜଣାଇଛନ୍ତି । କିନ୍ତୁ ଦୁଃଖ ଓ ପରିତାପର ବିଷୟ ବର୍ତ୍ତମାନ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ କିମ୍ବା ରାଜ୍ୟ ସରକାରଙ୍କ ତରଫରୁ ଟ୍ରକ ମାଲିକଙ୍କ ସ୍ୱାର୍ଥ ତଥା ଟ୍ରକ ଦ୍ୱାରା ଲୁହାପଥର ପରିବହନ ବ୍ୟବସାୟ ବିଷୟରେ କୌଣସି ପଦକ୍ଷେପ ନିଆଗଲା ନାହିଁ ।ଯାହାର ଫଳ ସ୍ୱରୂପ ଜିଲ୍ଲାର ହଜାର ହଜାର ଟ୍ରକ କାର୍ଯ୍ୟ ନପାଇ ଠିଆ ହୋଇ ରହିଛନ୍ତି ।ସୂଚନା ଯୋଗ୍ୟ ଯେ କେନ୍ଦୁଝର ଜିଲ୍ଲା ଏକ ଖଣି ଖାଦାନ ପୂର୍ଣ୍ଣ ଜିଲ୍ଲା ହୋଇଥିବାରୁ ଜିଲ୍ଲାର ଶିକ୍ଷିତ ବେକାର ଯୁବକ ଯୁବତୀ ମାନେ ଟ୍ରକ ଯୋଗେ ଲୁହ ପଥର ପରିବହନ ବ୍ୟବସାୟକୁ ନିଜର ମୁଖ୍ୟ ବ୍ୟବସାୟ ଭାବରେ ଗ୍ରହଣ କରି ନେଇଛନ୍ତି ଓ ଏହି ପରିବହନ ବ୍ୟବସାୟ କରି ଗାଡି ର ବ୍ୟାଙ୍କ୍ ଋଣ ଶୁଝିବା ସହ ନିଜର ପରିବାର ପ୍ରତିପୋଷଣ କରି ଆସୁଛନ୍ତି । କେବଳ ଯେ ଗାଡି ମାଲିକ ମାନେ ଏହି ବ୍ୟବସାୟରୁ ଉପକୃତ ହେଉଛନ୍ତି ତାହା ନୁହେଁ ବରଂ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଏହି ବ୍ୟବସାୟ ଉପରେ ଜିଲ୍ଲାର ସମସ୍ତ ବ୍ୟକ୍ତି ବିଶେଷ ର୍ନିଭରଶୀଳ । ଏହି ଟ୍ରକ ପରିବହନ ବ୍ୟବସାୟ ଉପରେ ଜିଲ୍ଲାର ସମ୍ପୂର୍ଣ ଆର୍ଥିକ ସ୍ଥିତି ମଧ୍ୟ ନିର୍ଭର କରୁଛି ।ପାଇପ ଲାଇନ ରେ ଲୁହାପଥର ପରିବହନ ହେଲେ ଜିଲ୍ଲାରେ ଉତ୍କଟ ଜଳାଭାବ ଦେଖାଦେବ ।ତେଣୁ ପାଇପ୍ ଲାଇନ୍ କାମକୁ ତୁରନ୍ତ ବନ୍ଦ ନକଲେ ଆଗାମୀ ଦିନରେ ଏହି ବିରୋଧ କୁ ଜୋରଦାର କରାଯିବ ବୋଲି କହିଛନ୍ତି କୋର କମିଟିର ସଦସ୍ୟମାନେ ।

# ବିଧାୟକଙ୍କ ଗାଡ଼ି ଉପରେ ଆକ୍ରମଣ : ଡ୍ରାଇଭର ଆହତ

ପିପିଲି ,(ସବ୍ୟୁ) :ମଙ୍ଗଳପୁର ପଂଚାୟତ ଅନ୍ତର୍ଗତ ବରଜୁପାଟଣା ଗ୍ରାମରେ ସୋମବାର ସନ୍ଧ୍ୟା ପ୍ରାୟ ୬ଟା ସମୟରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ଗାଡି ଉପରେ ଆକ୍ରମଣ କରାଯିବା ସହ ତାଙ୍କ ଡ୍ରାଇଭରଙ୍କ ଉପରେ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି । ଏଥିରେ ବିଧାୟକଙ୍କ ଡ୍ରାଇଭର ଆହତ ହୋଇଥିବା ବେଳେ ଗାଡି ମଧ କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି । ପୁରୀ ସାଂସଦ ଓ ପିପିଲି ବିଧାୟକ ବରଜୁପାଟଣା ଗ୍ରାମରେ ଆୟୁଷ୍ମାନ କାର୍ଡ ବାଣ୍ଟିବା କାର୍ଯ୍ୟରେ ବ୍ୟସ୍ତ ଥିବା ବେଳେ ଏହି ଘଟଣା ଘଟିଛି । ଗ୍ରାମ ମୁଣ୍ଡରେ ରାସ୍ତା କଡରେ ଠିଆ ହୋଇଥିବା ବିଧାୟକଙ୍କ ଗାଡିକୁ ପଛରୁ ଏକ ବାଇକ୍ ଧକ୍କା ଦେଇଥିଲା । ଗାଡି ଡ୍ରାଇଭର ଟୁଟୁ ପରିଡା ଏସଂପର୍କରେ ବାଇକ ଚାଳକକୁ ପଚାରିବାରେ ସେ ଉତ୍ୟକ୍ତ ହୋଇ ଟୁଟୁଙ୍କ ଉପରେ ଆକ୍ରମଣ କରିଥିଲା । ଏକ ପ୍ଲାଷ୍ଟିକ୍ ଚୌକି ଆଣି ବିଧାୟକଙ୍କ ଗାଡି ଉପରେ ବାରମ୍ବାର ଆକ୍ରମଣ କରିବା ସହ ଟୁଟୁଙ୍କ ଉପରେ ଆକ୍ରମଣ କରି ତାଙ୍କୁ ଆହତ କରିଥିଲା । ଖବର ପାଇ ପିପିଲି ପୁଲିସ ଘଟଣାସ୍ଥଳରେ ପହଂଚି ଆକ୍ରମଣକାରୀ ଯୁବକକୁ ଧରିବା ସହ ତାକୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି । ତା' ବାଇକକୁ ମଧ୍ୟ ପୁଲିସ ଜବତ କରିଛି । ଖବର ଲେଖାଯିବା ପର୍ଯ୍ୟନ୍ତ ଏନେଇ ପୁଲିସରେ କୌଣସି ଲିଖିତ ଅଭିଯୋଗ ହୋଇନଥିବା ସୂଚନା ମିଳିଛି ।

# ଯନ୍ତ୍ରଣାମୁକ୍ତ ଶରୀର ସଚେତନତା




ଭୁବନେଶ୍ୱର (ସବ୍ୟୁ) : ଶିବଶକ୍ତି ନଗର ୱେଲଫେୟାର ଆସୋସିଏସନ ଓ ଶିବଶକ୍ତି ନଗର ସିନିଅର ସିଟିଜେନ ୱେଲଫେୟାର ଟ୍ରଷ୍ଟ, ଅଣ୍ଡିଲୋ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଓ ମାଗଣା ରକ୍ତ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଚେତନତା ଶିବିରରେ ହେଲଥ ଭିଲେଜ ହସ୍ପିଟାଲ, ନୟାପଲ୍ଲୀର ପ୍ରଫେସର ଡ଼ ଶୋଭନ କୁମାର ରଥ ଯୋଗଦେଇ ଯନ୍ତ୍ରଣା ମୁକ୍ତ ଓଡିଶା ଉପରେ ଗୁରୁତ୍ୱଆରୋପ କରି ପିଠି ଯନ୍ତ୍ରଣା, ବେକ ଯନ୍ତ୍ରଣା, ଆଣ୍ଠୁ ଦରଜ, ଫରୋଜନ ସୋଲଜର, ଗଣ୍ଠି ଦରଜ, ହାଡ଼ ପୋରିଆରୁ ଯନ୍ତ୍ରଣାରୁ ପାଇବାର ବିଭିନ୍ନ ଚିକିତ୍ସା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଜ୍ୟୋତି ରଞ୍ଜନ ମିଶ୍ର ବିନା ଅପେରସନରେ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଏଥି ସହିତ ଆପୋଲ ଡ୍ରାଷ୍ଟିକ ସଂଗ୍ରହ କେନ୍ଦ୍ର ଦେୟ ମୁକ୍ତ ରକ୍ତ ପରୀକ୍ଷା ଶତାଧିକ ରୋଗୀଙ୍କର କରାଇଥିଲେ । ରାଣ୍ଡମ, ଫାଷ୍ଟିଙ୍ଗ, ପି ପି, କଲୋଷ୍ଟ୍ରାଲ ଓ ଭିଟାମିନ ଡି ଇତ୍ୟାଦି ବୟସ୍କ ବ୍ୟକ୍ତି ଓ ମହିଳା ମାନଙ୍କର କରାଯାଇଥିଲା । ଆସୋସିଏସନର ସଭାପତି ପ୍ରିୟନାଥ ଦାସ ଓ ସମ୍ପାଦକ ପ୍ରତାପ କୁମାର ସରଙ୍ଗୀ ମଞ୍ଚ ପରିଚାଳନା କରିଥିଲେ । ଆସୋସିଏସନ ବରିଷ୍ଠ ସଦସ୍ୟ ବେଣୁଧର ମିଶ୍ର, ନିର୍ମଳ ପଣ୍ଡା ବିଜୟ କୁମାର ଖଟୁଆ, ସଂଜୀବ ଦାସ,ଅମୂଲ୍ୟ ପରିଡା ଓ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଅସୋସିଏସନ ନିର୍ବାଚନ ଅଧିକାରୀ ଅଧାପକ ରମାକାନ୍ତ ପାଣି ଉପସ୍ଥିତ ସଭିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପିପିଲି ଗାଁ ପଡ଼ାରେ ଘର ଭଙ୍ଗାକୁ ନେଇ ତେଜିଲା ବିବାଦ

ପିପିଲି ,(ସବ୍ୟୁ) :ସୋମବାର ପିପିଲି ନିକଟବର୍ତ୍ତୀ ଗାଁ ପଡ଼ା ମୌଜା ରେ ଥିବା ଏକ କୋଠା ଘରକୁ ପ୍ରଶାସନ ଭାଙ୍ଗିବା ନେଇ ବିବାଦ ତେଜିବାର ଲାଗିଛି। ଏ ସମ୍ପର୍କରେ ଘର ମାଲିକ ତଥା ସମାଜ ସେବୀ ସରୋଜ କୁମାର ପ୍ରଧାନ ଏକ ସାମ୍ବାଦିକ ସମ୍ମିଳନୀ ରେ କହିଛନ୍ତି ଉକ୍ତ ମୌଜା ସ୍ଥିତ ସରକାରୀ ଜମି ୧୦୨ ପ୍ଲଟରେ ପଚାଶ ପରିବାର ଘର କରିବା ସହିତ ତାଙ୍କ ଘର ପାର୍ଶରେ ଏକାଧିକ ପକ୍କା ଘର ର୍ନିମିତ ହୋଇଛି।ମାତ୍ର ଉଦେଶ୍ୟ ମୂଳକ ଭାବେ ଅନ୍ୟ ମାନଙ୍କୁ ନୋଟିସ ନକରି କେବଳ ତାଙ୍କ ଘର ଭାଙ୍ଗିବା ପାଇଁ ପିପିଲି ତହସିଲଦାର ନୋଟିସ ଦେବା ପରେ ଶ୍ରୀଯୁକ୍ତ ପ୍ରଧାନ ଓଡିଶା ମାନବିକ ଅଧିକାର କମିଶନ ଙ୍କ ଦ୍ୱାରସ୍ଥ ହୋଇଥିଲେ। କମିଶନ ସରୋଜ ପ୍ରଧାନ ଙ୍କ ମାମଲାକୁ ବିଚାରକୁ ନେଇ ତାଙ୍କ ଘର ନଭାଙ୍ଗିବା ପାଇଁ ଏକ ମଧବର୍ତ୍ତୀ କାଳୀନ ସ୍ଥଗିତାଦେଶ ଜାରି କରିଥିଲେ।ଏହି ନିର୍ଦ୍ଦେଶ ନାମାକୁ ଶ୍ରୀଯୁକ୍ତ ପ୍ରଧାନ ତହସିଲଦାର ହୃଷିକେଶ ତ୍ରିପାଠୀ ଏବଂ ଆଇ ଆଇ ସି ସୌମେନ୍ଦୁ ଶେଖର ତ୍ରିପାଠୀଙ୍କୁ ଦେଇଥିଲେ ।ମାତ୍ର ପିପିଲି ତହସିଲଦାର ଏବଂ ଥାନା ଆଇ ଆଇ ସି ଉକ୍ତ ସ୍ଥଗିତାଦେଶ ନିର୍ଦ୍ଦେଶ ନାମା କୁ ନମାନି ଜବରଦସ୍ତ ଜେସିପି ଲଗାଇ କୋଠା ଘରଟିକୁ ଭାଙ୍ଗି ଦେଇଛନ୍ତି। କମିଶନଙ୍କ ନିର୍ଦ୍ଦେଶକୁ ବେଖାତିର କରି ରାଜନୈତିକ ଉଦ୍ଦେଶ୍ୟ ରଖି ସ୍ଥାନୀୟ ନେତାଙ୍କ ଚାପରେ ତହସିଲଦାର ସରୋଜ ପ୍ରଧାନଙ୍କ ଘର ଭାଙ୍ଗି ଥିବାର ଦଳିତ ଆଦିବାସୀ ସଙ୍ଘ ମୁଖ୍ୟ ବିଜୟ କୁମାର ସେଠୀ ଏହି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ।


**GOVERNMENT OF ODISHA**
**e-Procurement Notice, ANGUL (R&B) DIVISION**
B-57
**Bid Identification No. 02 of 2025-26**
**e-mail ID- angulrbdivision@yahoo.co.in**

| | | |
|---|---|---|
| 1. Number of Works | : | 04 (Four) number of Electrical works<br>02 (Two) number of building works |
| 2. Approximate estimated cost | : | Varies from 11.00 lakh to 78.00 lakh |
| 3. Period of completion | : | 02 (Two) to 12(Twelve) Calendar months |
| 4. Date & Time of availability of bid document In the portal | : | Dt. 29.04.2025 at 10.00 A.M. |
| 5. Last date / Time for receipt of bid in the portal | : | Dt. 14.05.2025 up to 5.00 P.M. |
| 6. Date of opening Bid | : | Dt. 15.05.2025 at 11.00 A.M. |
| 7. Name and address of the Office Inviting Bid | : | Superintending Engineer, Angul (R&B) Division, Angul |

8. The bidders must participate in ONLINE bidding only.
Further details can be seen from the e-procurement portal https:/tendersodisha.gov.in

**Sd/- Superintending Engineer, Angul (R&B) Division**

**KASTURBA GANDHI BALIKA VIDYALAYA, BHALUKA AT/PO-JHUMPURA, BLOCK- JHUMPURA, DIST- KEONJHAR. PIN-758031**
N-15
Letter No. 655 Date. 23.04.2025
**TENDER CALL NOTICE**
(Sealed tenders are invited from registered supplier/firms having own sale counter GST registration vilid PAN & IT (Certificate 2025-26 for supply recurring/non-recurring items/articles for KGBV Hostel. The tender paper Contatining Detailed scope of work along with terms and conditions hoist at. www.keonjhar.odisha.gov.in. And notice board of KGBV, BEO, JHUMPURA, BD0<JHUMPURA, DPC,SSA keonjhar.. Last date of receipt of the tender paper is 12.05.2025. at 11 A.M.
The autliority reserves Uie nght to cancel all or any/part of the lender without assigning any reason thereof.

**AFFIDAVIT**
By virtue of an Affidavit Before Executive magistrate, Banki No:1220/ Dt,17.04.2025 I Santosh kumar samantara ,S/O kabi chandra samantaray Age 44 years old,vill: Goudachheli, P,O: Balabhadrapur , PS:Baideswar, Dist: Cuttack declared that I have changed my daughter's name From Smruti Prangya Samantara to Shruti Prangya Samantara. Henceforth She shall be known as Shruti Prangya Samantara for all purpose
**Sd/ Santosh Kumar samantara**

**AFFIDAVIT**
By virtue of an affidavit sworn before Executive Magistrate, Kakatpur, Dated 28/4/2025, I Lipina Behera w/o Basanta Behera, At-Nilakanthapur, Po-Gambharipada, Ps- Kakatpur, Dist-Puri, Odisha, Pin-752108,Declare that I have changed my (old name) Lipina Das To (New name) Lipina Behera,Henceforth, I shall be known as Lipina Behera, For all Purposes
**Lipina Behera**

**AFFIDAVIT**
**By virtue of an Affidavit before Executive Magistrate Bhubaneswar I Babita Agarwal, aged about 54 years W/O-Shiv Kumar Agarwal resident of Plot No. 74, Chandrakala, Ashok Nagar, Unit-2, Bhubaneswar, Khordha, Odisha, Pin-751009, declare by this Affidavit dated 28.04.2025 that in my passport my name is mentioned Babita Agarwalla instead of Babita Agarwal. Both is same person, Henceforth I shall be known as Babita Agarwal for all purposes.**

**AFFIDAVIT**
By virtue of an Affidavit sworn before Executive Magistrate Bhubaneswar vide Serial No. 146 Dt. 28.04.2025, I, Sripati patra resident of At/PO/P.S.-Balipatna, Dist. Khordha, Odisha, PIN-752102 declare that I have changed my name from Sripati Ranjan Patra to Sripati Patra. Henceforth I shall be known as Sripati Patra for all purposes.
**Sripati Patra**

**ବିଜ୍ଞାପନ**
ଏତଦ୍ୱାରା ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ନିମନ୍ତେ ଆଗ୍ରହୀ ସମସ୍ତ ଛାତ୍ର ଛାତ୍ରୀଙ୍କ ଅଭିଭାବକମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଛି ଯେ, ଶିକ୍ଷା ଅଧିକାର ଅଧିନିୟମ-୨୦୦୯ ଅନୁଯାୟୀ ଶତକଡ଼ା ୨୫ ଭାଗ ପିଲାଙ୍କୁ ଯଥା-ଅନୁସୂଚିତ ଜାତି/ ଅନୁସୂଚିତ ଜନଜାତି ବିପିଏଲ୍/ ନିମ୍ନ ଆୟକାରୀ (ବାର୍ଷିକ ୫୦ ହଜାରରୁ କମ୍) ମାଗଣାରେ ଶିକ୍ଷା ପାଇବା ପାଇଁ ସୁଯୋଗ ଥିବାରୁ ଆପଣମାନେ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିବା ପାଇଁ ଅନୁରୋଧ ।
**ଜ୍ଞାନ ବିଜ୍ଞାନ ବିଦ୍ୟାଳୟ, ଅରିଲୋ**
**ସୁଦର୍ଶନ, ତିର୍ତ୍ତୋଲ, ଜଗତ୍‌ସିଂହପୁର**
(ବି.ଦ୍ର: ଆବେଦନ ତା.୧୮.୩.୨୦୨୫ ଠାରୁ ଚାଲୁଅଛି)
**ଯୋଗାଯୋଗ : ୯୩୩୭୩୩୧୨୩୧**

**ଦ.ପୂ. ରେଳପଥ - ଟେଣ୍ଡର**
**ଟେଣ୍ଡର ନୋଟିସ ନଂ. : ଇଲେକ୍ଟ-ଓଟି-୨୫-୨୬-ଏସପିପି୨-୪, ତାରିଖ : ୨୫.୦୪.୨୦୨୫** । ଭାରତର ରାଷ୍ଟ୍ରପତିଙ୍କ ତରଫରୁ ସିନିୟର ଡିଭିଜନାଲ ଇଲେକ୍‌ଟ୍ରିକାଲ ଇଞ୍ଜିନିୟର (ଜି) / ସାନ୍ତ୍ରାଗାଛି, ଦ.ପୂ.ରେଳପଥ, ଖଡଗପୁର ଡିଭିଜନ ନିମ୍ନ ସୂଚିତ ବିବରଣୀ ଅନୁଯାୟୀ ୱେବସାଇଟ୍ **www.ireps.gov.in** ରେ ଇ-ଟେଣ୍ଡରିଂ ଜରିଆରେ ସମ୍ପୃକ୍ତ ଯୋଗ୍ୟ କଣ୍ଟ୍ରାକ୍ଟରଙ୍କ ଠାରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ସଂପୃକ୍ତ କଣ୍ଟ୍ରାକ୍ଟର ମାନଙ୍କୁ କେବଳ ଅନ୍‌ଲାଇନ ଜରିଆରେ, ୱେବସାଇଟ୍ **www.ireps.gov.in** ରେ ସେଥିପାଇଁ ଆବେଦନ କରିବାକୁ ଅନୁରୋଧ କରାଯାଉଛି । ଏହି ଟେଣ୍ଡର ଲାଗି ଅଫଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ସବିଶେଷ ବିବରଣୀ ପାଇଁ ଡକୁମେଣ୍ଟ ସେକ୍ସନରେ ଅପଲୋଡ୍ ହୋଇଥିବା ଟେଣ୍ଡର ଡକୁମେଣ୍ଟକୁ ଦୟାପୂର୍ବକ ସାବଧାନତାର ସହ ପଢ଼ନ୍ତୁ । **କାର୍ଯ୍ୟର ନାମ :** ସାନ୍ତ୍ରାଗାଛି ଅଧିନରେ (ଫେଜ୍-୨) ଥିବା ସୋଲାର ପାୱାର ପ୍ଲାଣ୍ଟର ଯୋଗାଣ, ସଂସ୍ଥାପନ ଏବଂ ଇରେକ୍‌ସନ । **ଟେଣ୍ଡର ମୂଲ୍ୟ :** ଟ. ୧୪,୯୭,୦୭,୭୭୮.୫୭ । **ଇଏମ୍‌ଡି/ବିଡ୍ ସିକ୍ୟୁରିଟି :** ଟ. ୮,୯୮,୫୦୦/- । **ଟେଣ୍ଡର ବନ୍ଦ ତାରିଖ ଓ ସମୟ :** ୧୯.୦୫.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକା । ଟେଣ୍ଡର ନୋଟିସ୍, ଟେଣ୍ଡର ଡକୁମେଣ୍ଟ ଏବଂ ଅନ୍ୟାନ୍ୟ ବିବରଣୀ **www.ireps.gov.in** ରେ ଉଲ୍ଲେଖ ଅଛି । **(PR-86)**

**AFFIDAVIT**
**I, DILLIP KUMAR MOHAPATRA AGE ABOUT 59 YRS S/O- DHULESWAR MOHAPATRA, RESIDENT OF N1-A/68 IRC VILLAGE, PO/PS-NAYAPALLI, BHUBANESWAR PIN-751015, ODISHA DECLAR BY THIS AFFIDAVIT NO-110, DT-28.04.2025 THAT NOW ONWARDS I SHALL BE KNOWN AS DILIP KUMAR MOHAPATRA FOR ALL FUTURE PURPOSES.**

**AFFIDAVIT**
By virtue of an affidavit before Executive Magistrate, Bhubaneswar vide No. C.F. No- 114, Date. 28.04.25. I Jhari Behera, W/O- Rushi Behera, At-Belapada, Po-Achyutpur, VTC-Jagannathpur, Sub District - Jankia, Dist-Khorda, State - Odisha, Pin-752021 declare that I have changed my surname from Jhari Dei to Jhari Behera. Henceforth I will be known as Jhari Behera for all purposes.
**Jhari Behera**

**LOST**
The original ROR bearing Khata No- 583/340, Plot No- 1000, Area Ac0.102 dec, Status - Pattadar Mouza- Bhubaneswar Sahar, Unit No -14, Madhusudan Nagar, Dist- Khurda, Odisha, record in the name of Sri Manonjay Rath, S/o -Sri Rabindra Nath Rath vide Mutation Case No- 27517/2021 has been lost by Sri Manonjay Rath, S/o - Sri Rabindra Nath Rath on the way to Tahsil Office Bhubaneswar in this regard FIR has been registered at capital police station BBSR. Vide station diary No.019. Dt- 04.12.2024. I Mr. Manonjay Rath, S/O- Sri. Rabindra Nath Rath (Mob-9437032110) Wish to Create Charge viz mortgage on the said property for a loan facility from State Bank of India. HLC Bhubaneswar, Branch Code- 04485 for Construction Over there.

**LOST**
**I Alok Kumar Maharana (30) S/O.-Bhagirathi Maharana of Village At/Po-Kalikaprasad, PS/Dist.-Nayagarh, state that my Original RSD No.1413,Date 18.04.1995,Khata No.2,Plot No.-185,Area A0.05 Dec., Tahasil Nayagarh is lost some where on the way from Xerox center to my home on 20.03.2025, of any benevolent as got the missing kindly contact by No. 7978383363 .**
**This affidavit has been published to avail mortgage from SBI, ACB Nayagarh (03944) & to create mortgage against the said property an FIR lodged on 25/03/2025 at Sarankul, PS regarding the same.**

**AFFIDAVIT**
I, Sajar Hati, Aged (43), S/o- Rakhya Hati, Resident of At- Tentulikhunti, Po- Ganrei, Ps- Muribahal, Dist- Balangir, Odisha. Declare that this affidavit no. 51, dated. 17.04.2025. I have changed my daughter's name from Niturupa Hati, D/o- Sajal Hati to Nirupama Hati, D/o- Sajar Hati. Henceforth, she shall be known as Nirupama Hati, D/o- Sajar Hati for all purposes.
**Sd/- Sajar Hati**

**AFFIDAVIT**
I, Purusottam Rout, S/o- Managobinda Rout, Residing At- Lankapada, Po- Chhanijanga, Via- Brahmakundi, Dist- Puri, Aadhar No. 227320934942. Declare that this affidavit no. 140, dated. 07.04.2025. I have changed my daughter's name from Rupa Sri Rout to Rupashree Rout. Henceforth, she shall be known as Rupashree Rout for all purposes.
**Sd/- Purusottam Rout**

**ବିଜ୍ଞାପନ**
**ଅତିରିକ୍ତ ସହକାରୀ ଦେବୋତର କମିଶନରଙ୍କ ଅଦାଲତ, କଟକ**
**ଓ.ଏ. ନଂ. ୧୧/୨୦୨୫ ଧା୪୧ରା**
**ଶ୍ରୀ ମଦନ ଗୋପାଳ ଜୀଉ ବିଜେ କେଶୀ ତରଫରୁ**
**ମାର୍ଫତ ରମଣୀକାନ୍ତ ମହାପାତ୍ର ...ଦରଖାସ୍ତକାରୀ**
**ବନାମ**
**ହିନ୍ଦୁ ସର୍ବସାଧାରଣ ଓଗେର ...ଅପରପକ୍ଷ**
**ଦେୱାନୀ କାର୍ଯ୍ୟବିଧି ଆଇନର ଆଦେଶ ନଂ୧ ନିୟମ ୮ ଅନୁଯାୟୀ**
ଏତଦ୍ୱାରା ସମସ୍ତ ହିନ୍ଦୁ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି କି ଯେ ବାଲେଶ୍ୱର ଜିଲ୍ଲା, ସଦର ଥାନା ଅନ୍ତର୍ଗତ ମୌଜା ଇଣାଣୀରେ ଥିବା ଶ୍ରୀ ମଦନ ଗୋପାଳ ଜୀଉ ବିଜେ କେଶୀ, ମାର୍ଫତ ରମଣୀକାନ୍ତ ମହାପାତ୍ର ଠାକୁରଙ୍କୁ ନିଜ ଘରୋଇ ଠାକୁର ଓ ଠାକୁରଙ୍କ ନାମରେ ଥିବା ନିମ୍ନ ତଫସିଲ ସମ୍ପତି ଦେବୋତର ସମ୍ପତି ନୁହେଁ ବୋଲି ଦାବି କରି ଅତ୍ର ଅଦାଲତରେ ଉପରୋକ୍ତ ମକଦ୍ଦମା ଦାଖଲ କରିଛନ୍ତି । ଏଥିରେ ହିନ୍ଦୁ ସର୍ବସାଧାରଣଙ୍କ ତରଫରୁ ଶ୍ରୀ ସତ୍ୟପ୍ରକାଶ ପତି, ପି- ବିଷ୍ଣୁପଦ ପତି ଓ ବିଜୟ କୁମାର ଜେନା, ପି- ଅନନ୍ତ ଚନ୍ଦ୍ର ଜେନା ମାନଙ୍କୁ ପ୍ରତିନିଧି ଭାବେ ପକ୍ଷ ଭୁକ୍ତ କରିଛନ୍ତି । ଏଣୁ ଉପରୋକ୍ତ ଦାବୀ ଓ ପ୍ରତିନିଧିତ୍ୱରେ କାହାର କୌଣସି ଦାବୀ ବା ଆପତି ଥିଲେ ଅତ୍ର ଅଦାଲତରେ ଆସନ୍ତା ୩୦.୫.୨୦୨୫ରିଖ ଦିବା ଘ.୧୦.୩୦ଟିକାରେ ନିଜେ କିମ୍ବା କ୍ଷମତା ପ୍ରାପ୍ତ ଓକିଲଙ୍କ ଜରିଆରେ ହାଜର ହୋଇ ଦାବି ବା ଆପତି କରିପାରିବେ, ଧାର୍ଯ୍ୟ ତାରିଖାରେ ମକଦ୍ଦମା ଆଇନ ଅନୁଯାୟୀ ବିଚାର କରାଯିବ ।
ଏହାକୁ ଅଦାଲତରେ ଆଦେଶ ଓ ମୋହର କ୍ରମେ ତଫସିଲ୍ ବୃତିରେ, ମୌଜା - ଇଣାଣୀ, ଖାତା ନଂ - ୨୬୫/୧୦୭, ପ୍ଲଟ ନଂ ୫୫୭, ରକବା - ଏ୨.୩୦ଡ଼ି. ଓ ଖାତା ନଂ - ୨୬୫/୫୪, ପ୍ଲଟ ନଂ ୫୩୯, ରକବା - ଏ.୧.୨୦ଡ଼ି. । ସମୁଦାୟ ଏ ୩.୫୦ଡ଼ି.
**ସ୍ୱା/-ଶ୍ରୀ ପ୍ରକାଶ କୁମାର କର, ଓ.ଜେ.ଏସ୍(୧)**
**ଅତିରିକ୍ତ ସହକାରୀ ଦେବୋତର କମିଶନର, କଟକ ।**

### କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ସମାବେଶ

# ସମ୍ବିଧାନ ସଶକ୍ତ ହେଲେ ଗଣତନ୍ତ୍ର ସଶକ୍ତ ହେବ : ଭକ୍ତ



ଭୁବନେଶ୍ୱର,(ସବ୍ୟୁ): ପ୍ରଦେଶ କଂଗ୍ରେସ ପକ୍ଷରୁ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ରାଜମହଲ ଛକ ଠାରୁ ମାଷ୍ଟରକ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ସମ୍ବିଧାନ ବଞ୍ଚାଅ ଯାତ୍ରା କରାଯାଇଥିଲା। ଏହା ପରେ ମାଷ୍ଟରକ୍ୟାଣ୍ଟିନ ଛକରେ ସମ୍ବିଧାନ ବଞ୍ଚାଅ ସମାବେଶ ହୋଇଥିଲା ।

ଏହି ଅବସରରେ ଶ୍ରୀ ଦାସ କହିଥିଲେ, ଦେଶର ସମ୍ବିଧାନ ଆଜି ସଙ୍କଟରେ । ସମ୍ବଧାନର ସୁରକ୍ଷା ପାଇଁ ଲଢ଼େଇ କରିବା ପ୍ରତ୍ୟେକ ରାଜନୈତିକ ଦଳର କର୍ତ୍ତବ୍ୟ ତଥା ସାଧାରଣ ଜନତାଙ୍କର ମଧ କର୍ତ୍ତବ୍ୟ । ସମ୍ବିଧାନ ସଶକ୍ତ ହେଲେ ଆମ ଗଣତନ୍ତ୍ର ସଶକ୍ତ ହେବ ଓ ଆମ ଅଧିକାର ସୁରକ୍ଷିତ ରହିବ। ଭାରତବର୍ଷର ସାଧାରଣ ଜନତାଙ୍କୁ ଏଭଳି ପରସ୍ଥିତି ପାଇଁ ସଚେତନ କରିବାକୁ ପଡ଼ିବ। ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଲେ ଯେ ଦେଶରେ ବିଜେପି ସରକାର ଏକ ନୂଆ ସମ୍ବିଧାନ ପ୍ରଣୟନ ପାଇଁ ଅପଚେଷ୍ଟା କରୁଛି। ଦୁର୍ନୀତି ବିଜେପିର ନୀତି ହୋଇଛି । ଆଜି ଭାରତବର୍ଷର ଖଣିଜ ସମ୍ପଦ, ଜଳ ସମ୍ପଦ, ଜଙ୍ଗଲ ସମ୍ପଦକୁ ବ୍ୟବସାୟୀଙ୍କ ମଧରେ ବଣ୍ଟନ କରାଯାଉଛି । ସାମ୍ବିଧାନିକ ଅନୁଷ୍ଠାନ ଗୁଡ଼ିକଉପରେ ପ୍ରହାର କରାଯାଉଛି। ଆଦିବାସୀମାନଙ୍କ ସାମ୍ବିଧାନିକ ଅଧିକାରକୁ ଉଲ୍ଲଙ୍ଘନ କରାଯାଉଛି। ଏହି ସମ୍ବିଧାନ ବଞ୍ଚାଅ ସମାବେଶରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଜଗନ୍ନାଥ ପଟ୍ଟନାୟକ, ବିଧାୟକ ରାମଚନ୍ଦ୍ର କାଡାମ, ଶରତ ପଟ୍ଟନାୟକ, ଶରତ ରାଉତ, ସୁରେଶ କୁମାର ରାଉତରାୟ, ଏଆଇସି ସସମ୍ପାଦକ ଶାହାନୱାଜ ଚୌଧୁରୀ, ବିଧାୟକ ସିଏସରାଜନ ଏକ୍କା, ବିଧାୟକ ରମେଶ ଜେନା, ବିଧାୟକ ଅଶୋକ ଦାସଙ୍କ ସମେତ ସମସ୍ତ ଜିଲ୍ଲା କଂଗ୍ରେ ସଭାପତି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ

ସୋର,(ସବ୍ୟୁ) :ସୋର ତହସିଲ ଅଧିନସ୍ଥ ବିଭିନ୍ନ ଅଞ୍ଚଳର ଲୋକମାନଙ୍କୁ ସୋର ତହସିଲ ପରିସରରେ ପଟା ବଣ୍ଟନ କରାଯାଇଛି।ଏହି କାର୍ଯ୍ୟକ୍ରମରେ ଲୋକେ ଆବେଦନ କରିଥିବା ଜମିର କିସମ ପରିବର୍ତ୍ତନ କରାଯାଇ ସ୍ଥିତିବାନ ଭାବେ ୧୩୦ ଜଣଙ୍କୁ ଓ ବସୁନ୍ଧରା ଯୋଜନାରେ ୨ ଜଣଙ୍କୁ ଏହି ପଟ୍ଟା ବଣ୍ଟନ କରାଯାଇଛି। ଆଜି ମଧହ୍ନରେ ସୋର ତହସିଲ ପରିସରରେ ରାଜସ୍ୱ ବିଭାଗର ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂଙ୍କ ଉପସ୍ଥିତିରେ ସୋର ତହସିଲଦାର ଶେଖ ସାଗିର ଓ ଅତିରିକ୍ତ ତହସିଲଦାର ଦେିତାର୍ଡି ମର୍ଳକ ଲୋକମାନଙ୍କୁ ପଟ୍ଟା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ତହସିଲର ସମସ୍ତ କର୍ମଚାରୀ ମାନେ ପରିଚାଳନାରେ ସହଯୋଗ କରିଥିଲେ।

## ପୁରୀ-ବାଙ୍ଗିରିପୋଷି-ପୁରୀ ସୁପର ଫାଷ୍ଟ ଏକ୍ସପ୍ରେସ ଏଲଏଚବି କୋଚ ସହ ଚଳାଚଳ କରିବ



ଭୁବନେଶ୍ୱର, (ସବ୍ୟୁ): ୧୨୮୯୨/୧୨୮୯୧ ପୁରୀ-ବାଙ୍ଗିରିପୋଷି-ପୁରୀ ସୁପର ଫାଷ୍ଟ ଏକ୍ସପ୍ରେସକୁ ଆଧୁନିକ ଲିଙ୍କେ ହଫମାନ ବୁଶ (ଏଲ୍‌ଏଚ୍‌ବି)କୋଚ ଚଳାଚଳ କରାଯିବ ପାଇଁ ରୂପାନ୍ତରିତ କରାଯାଇଛି ଯାହା ଯାତ୍ରୀମାନଙ୍କୁ ଉନ୍ନତ ନିରାପତ୍ତା ଏବଂ ଆରାମ ପ୍ରଦାନ କରିଥାଏ ଆଜି ପୂର୍ବାହ୍ଣରେ ବାଙ୍ଗିରିପୋଷି ରେଳ ଷ୍ଟେସନରୁ ଏହି ରୂପାନ୍ତରିତ ଟ୍ରେନ ସେବାର ଶୁଭାରମ୍ଭ କରାଯାଇଛି । ପୁରୀ-ବାଙ୍ଗିରିପୋଷି-ପୁରୀ ସୁପର ଫାଷ୍ଟ ଏକ୍ସପ୍ରେସ ଏଲଏଚବି କୋଚ ସହିତ ନିୟମିତ ସେବା ୨୯ ଏପ୍ରିଲ୍ ୨୦୨୫ ଠାରୁ ପୁରୀରୁ ଏବଂ ୩୦ ଏପ୍ରିଲ୍ ୨୦୨୫ ଠାରୁ ବାଙ୍ଗିରିପୋଷିରୁ ଆରମ୍ଭ ହେବ ପୂର୍ବରୁ ଏହି ଟ୍ରେନଟି ପାରମ୍ପରିକ ଆଇସିଏଫ କୋଚ ସହିତ ଚଳାଚଳ କରୁଥିଲା

ରୂପାନ୍ତରିତ ଟ୍ରେନ୍ ସଂରଚନାରେ ଗୋଟିଏ ଏସି ଚେୟାର କାର, ୬ଟି ଦ୍ୱିତୀୟ ଶ୍ରେଣୀ ସଂରକ୍ଷିତ ଆସନ କୋଚ୍, ୫ଟି ସାଧାରଣ ଦ୍ୱିତୀୟ ଶ୍ରେଣୀ କୋଚ୍, ଗୋଟିଏ ଗାର୍ଡ ତଥା ପାୱାର କାର୍ ଏବଂ ଦିବ୍ୟାଙ୍ଗଜନ ଯାତ୍ରୀଙ୍କ ପାଇଁ ଗୋଟିଏ ଗାର୍ଡ ତଥା ଦ୍ୱିତୀୟ ଶ୍ରେଣୀ କୋଚ୍ ରହିଛି ବାଙ୍ଗିରିପୋଷି ଠାରେ ଆୟୋଜିତ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅନେକ ସମ୍ମାନିତ ବ୍ୟକ୍ତି ଯୋଗ ଦେଇଥିଲେ ଯେଉଁଥିରେ ମୟୂରଭଞ୍ଜ (ଲୋକସଭା)ର ମାନ୍ୟବର ସାଂସଦ ଶ୍ରୀ ନବ ଚରଣ ମାଝୀ, ମାନନିୟା ରାଜ୍ୟସଭା ସାଂସଦ ଶ୍ରୀମତୀ ମମତା ମହାନ୍ତ, ବାଙ୍ଗିରିପୋଷି ବିଧାୟିକା ଶ୍ରୀମତୀ ସଞ୍ଜଳୀ ମୁର୍ମୁ ଏବଂ ସରସକଣାର ମାନ୍ୟବର ବିଧାୟକ ଶ୍ରୀ ଭାଦବ ହାଁସଦା ପ୍ରମୁଖ ସାମିଲ ଥିଲେ । ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଯାହା ଭୁବନେଶ୍ୱରରେ ରାଜ୍ୟ ରାଜଧାନୀ ମଧଦେଇ ଓଡ଼ିଶାର ଉପକୂଳ ଏବଂ ଉତ୍ତର ଓଡ଼ିଶାର ଆଦିବାସୀ ଅଞ୍ଚଳଗୁଡ଼ିକୁ ସଂଯୋଗ କରୁଛି ।

## ଯାତ୍ରୀଙ୍କୁ ଯମ ଯନ୍ତ୍ରଣା ଦେଉଛି ସୋର-କୁପାରୀ ରାଜ୍ୟପଥ

ଖଇରା,(ସବ୍ୟୁ) : ବାଲେଶ୍ୱର ଜିଲ୍ଲା ପ୍ରମୁଖ ରାଜ୍ୟ ରାଜପଥ ଭାବେ ମାନ୍ୟତା ଲାଭ କରିଥିବା ସୋର-କୁପାରୀ ରାସ୍ତାରେ ଏବେ ପ୍ରତି ମୁହୂର୍ତ୍ତରେ ଯାତ୍ରୀଙ୍କୁ ବିପଦର ସମ୍ମୁଖିନ ହେବାକୁ ପଡୁଛି । ଦୁର୍ଘଟଣା ଏବେ ସାଧାରଣ ଘଟଣାରେ ପରିଣତ ହୋଇ ଗଲାଣି । ରାତି ପାହିଲେ ମୃତ କି ଆହତ ଖବର କାନରେ ବାଜୁଛି ।ନିର୍ବାଚିତ ପ୍ରତିନିଧି କି ପ୍ରଶାସନ ଏଭଳି ସ୍ପର୍ଶକାତର ବିଷୟ ପ୍ରତି ଗୁରୁତ୍ୱ ଦେଉନଥିବା କୁହାଯାଉଛି । ଯାତ୍ରୀ ଜିବନହାନୀ କଥାର ଗୁରୁତ୍ୱ ଉପଲବ୍ଧି କରି ତୁରନ୍ତ ରାସ୍ତାକୁ ପୁନ ନିର୍ମାଣ କି ମରାମତି କରିବାକୁ ଦୈନିକ ଯାତାୟାତ କରୁଥିବା ହଜାର ହଜାର ସଂଖ୍ୟାର ଯାତ୍ରୀ ଜିଲାପାଳ,ପୂର୍ତ୍ତ ବିଭାଗ ତଥା ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି । ଏହି ୩୦କିମି ରାସ୍ତାଟି ୫୭ ନମ୍ବର ରାଜ୍ୟପଥ ସହିତ ମହାତ୍ମାଗାନ୍ଧୀ ମାର୍ଗ ଭାବେ ମାନ୍ୟତା ପାଇଥିଲା । ଉକ୍ତ ରାସ୍ତା ବାଲେଶ୍ୱର, ମୟୁରଭଞ୍ଜ, କେନ୍ଦୁଝର ଜିଲାକୁ ମୁଖ୍ୟତ ସଂଯୋଗ କରୁଥିବା ବେଳେ ଦୈନିକ ଏହି ରାସ୍ତା ଦେଇ ୨୦ ରୁ ଅଧିକ ବସ ଭୁବନେଶ୍ୱର,ବାଲେଶ୍ୱର,ଭଦ୍ରକ ଓ କେନ୍ଦୁଝର ଓ ବାରିପଦା ଇତ୍ୟାଦି



ପ୍ରମୁଖ ସହରକୁ ଗମନାଗମନ କରିଥାନ୍ତି । କେବଳ ସେତିକି ନୁହେଁ ଶାରୀଶୁଆ ପାହାଡ ଓ ପାହାଡ ସଂଲଗ୍ନ ବିଭିନ୍ନ କ୍ରସର ରୁ ଶହ ଶହ ସଂଖ୍ୟାର ଟ୍ରଲର ,ଡମ୍ପର ଏହି ରାସ୍ତା ଦେଇ ଧାମରା,ପଶ୍ଚିମବଙ୍ଗ ଭଳି ଦୁର ସ୍ଥାନକୁ ଯିବା ଆସିବା କରିଥାନ୍ତି । ଏଭଳି ପରିସ୍ଥିତିରେ ଅନ୍ୟୁନ ୮ବର୍ଷ ତଳେ ନିର୍ମାଣ ହୋଇଥିବା ରାସ୍ତା ପ୍ରତି କାହାରି ଦୃଷ୍ଟି ନାହିଁ । ଆବଶ୍ୟକ ମରାମତି ଅଭାବରୁ ରାସ୍ତାରେ ସୃଷ୍ଟି ହୋଇଥିବା ଶହ ଶହ ସଂଖ୍ୟାର ଖାଲ ଯାତ୍ରୀଙ୍କୁ ଯମ ଯନ୍ତ୍ରଣା ଦେଉଛି । ୩୦ କିମି ରାସ୍ତା ଅତିକ୍ରମ କରିବାକୁ ଅତିକମରେ ୨ଘଣ୍ଟା ଲାଗୁଛି । କହିବାକୁ ଗଲେ ଏବେ ଏହି ରାସ୍ତାରେ ଗତାଗତ କରୁଥିବା ଯାନବାହନ ଆରୋହୀଙ୍କୁ ଶନିଯଶା ପଡିଥିବା ଆଲୋଚନା ହେଉଛି । ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ସଙ୍ଗିତା ସାହୁଙ୍କୁ ଯୋଗାଯୋଗ କରିବାରେ ଉକ୍ତ ରାସ୍ତା ପାଇଁ ୧୪ କୋଟି ଟଙ୍କାର ଟେଣ୍ଡର ଶେଷ ହୋଇଛି । ହେଲେ ପରବର୍ତ୍ତୀ କାମ ଅଟକି ରହିଥିବାରୁ ରାସ୍ତା ନିର୍ମାଣ ବିଳମ୍ବ ହେଉଥିବା କହିଛନ୍ତି ।

## ପହଲଗାମ୍ ମୃତକଙ୍କ ପାଇଁ ସମୂହ ଦୀପଦାନ




କଟକ, (ସ୍ୱପ୍ର) : ଜାମ୍ମୁ-କାଶ୍ମୀର ପହଲଗାମ୍‌ରେ ପର୍ଯ୍ୟଟକଙ୍କୁ ଆତଙ୍କବାଦୀମାନେ ଗୁଳି କରି ହତ୍ୟା କରିବା ଘଟଣାକୁ ତମାମ୍ ଦେଶରେ ନିନ୍ଦା କରିବା ସହିତ ମୃତକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ବିଭିନ୍ନ ସ୍ଥାନରେ ଦୀପଦାନ କାର୍ଯ୍ୟକ୍ରମ କରାଯାଉଛି । ରବିବାର ସ୍ଥାନୀୟ ୪୭ନଂ ୱାର୍ଡ ମହାନଦୀବିହାର ସ୍ଥିତ ମଙ୍ଗଳା ମନ୍ଦିର ସମ୍ମୁଖରେ ମହାନଦୀ ଫାଉଣ୍ଡେସନ୍ ପକ୍ଷରୁ ସମୁହ ଦୀପଦାନ କରାଯାଇ ମୃତକଙ୍କ ଆତ୍ମାର ସଦ୍‌ଗତି କାମନା କରାଯାଇଛି । ଏହି ସମୂହ ଦୀପଦାନ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ରମାକାନ୍ତ ଲେଙ୍କା, ଆଡଭୋକେଟ୍ ମନୋଜ ଦାସ, ଡଃ କମଳ ପ୍ରସାଦ ମହାନ୍ତି, ଗୁରୁ ପ୍ରସାଦ ପଣ୍ଡା, ଲୋକରଞ୍ଜନ ଦାସ, ଭବାନୀ ଶଙ୍କର ଦାସ, ଗୌତମ ଲେଙ୍କା, ରମଣୀ ରଞ୍ଜନ ଦାସ, ଅଜୟ ସାହୁ ପ୍ରମୁଖ ଯୋଗଦେଇ ମୃତକଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ ।

## ପଞ୍ଚାୟତ ପୋଖରୀରେ ବିଷ ପକାଇଲେ ଦୁର୍ବୃତ୍ତ

କେନ୍ଦ୍ରାପଡା,(ସବ୍ୟୁ) :କେନ୍ଦ୍ରାପଡା ବ୍ଲକ ଓ ପଟ୍ଟାମୁଣ୍ଡାଇ ଥାନା ଅଧିନ ଅରୁଆ ଗ୍ରାମରେ ଥିବା ପଂଚାୟତ ପେପାଖରୀ ରେ କେହି ଦୁର୍ବୃତ ବିଷ ପକାଇ ଦେବାରୁ ଲକ୍ଷାଧିକ ଟଙ୍କାର ବଡ ବଡ ମାଛ ମରି ଭାସୁଥିବା ଦେଖିବାକୁ ମିଳିଛି । ଏନେଇ ମାଛଚାଷ କରିଥିବା ମା ଦୁର୍ଗାଦେବୀ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ ପଟ୍ଟାମୁଣ୍ଡାଇ ଥାନାରେ ଲିଖିତ ଅଭିଯୋଗ କରିବା ସହ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ମା ଦୁର୍ଗାଦେବୀ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ ପଂଚାୟତ ପୋଖରୀ ରେ ମାଛ ଚାଷ କରିବା ପାଇଁ ଲକ୍ଷାଧିକ ଟଙ୍କା ଋଣ କରିଛନ୍ତି । ଏହି ପୋଖରୀରେ ଥିବା ପ୍ରାୟ ୧୨ କ୍ୱିଣ୍ଟାଲ ରୁ ଅଧିକ ମାଛ ହଠାତ୍ ମରି ଭାସିବାରୁ ଗୋଷ୍ଠୀ ପକ୍ଷରୁ ଜିଲ୍ଲା ମତ୍ସ୍ୟ ଅଧିକାରୀ ଓ ସହକାରୀ ମତ୍ସ୍ୟ ଅଧିକାରୀଙ୍କୁ ଯୋଗାଯୋଗ କରି ଏହି କ୍ଷୟକ୍ଷତି କଣ ପାଇଁ ଘଟିଲା ସେ ବିଷୟରେ ନିର୍ଣ୍ଣିତ ନହୋଇ କେହି ବିଷ ପ୍ରୟୋଗ କରିଥିବା ଅଭିଯୋଗ କରିଛନ୍ତି । ତେବେ ଏହି ସ୍ୱୟଂ ସହାୟିକା ଗୋଷ୍ଠୀକୁ ଆର୍ଥିକ ସହାୟତା ପ୍ରଦାନ ସହ କ୍ଷତିପୁରଣ ଦେବାକୁ ସଦସ୍ୟ ମାନେ ଜିଲ୍ଲା ମତ୍ସ୍ୟ ଅଧିକାରୀ, ଥାନା ଅଧିକାରୀ ଓ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଦାବି କରିଥିବା ଜଣାପଡିଛି ।

### କଂଗ୍ରେସ କାର୍ଯ୍ୟାଳୟରେ ମିଶ୍ରଣ ପର୍ବ

## ତିନି ଜିଲ୍ଲାର ବହୁ ନେତା କଂଗ୍ରେସରେ ମିଶିଲେ




ଭୁବନେଶ୍ୱର,(ସବ୍ୟୁ): ପ୍ରଦେଶ କଂଗ୍ରେସ କାର୍ଯ୍ୟକ୍ରମରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସ, ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ସହ ପ୍ରଭାରୀ ସାହାନୱାଜ ଚୌଧୁରୀଙ୍କ ଉପସ୍ଥିତିରେ ଜଗତସିଂହପୁର ଜିଲ୍ଲାର ପସ୍କୋ ବିରୋଧି ଆନ୍ଦୋଳନର ମୁଖ୍ୟ ପୁରୋଧା ଅଭୟ ସାହୁ ଓ ତାଙ୍କ ବହୁ ସମର୍ଥକଙ୍କ ସହ ସୋମବାର କଂଗ୍ରେସରେ ଯୋଗ ଦେଇଛନ୍ତି । ସେହିପରି ମୟୂରଭଞ୍ଜ ଜିଲ୍ଲାର ସରପଞ୍ଚ, ସମିତିସଭ୍ୟା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ, ୱାର୍ଡ ସଭ୍ୟ, ନାୟବସରପଞ୍ଚ ସମେତ ବହୁ ବିଜେଡ଼ି, ଜେଏମଏମ ନେତା କଂଗ୍ରେସ ଦଳରେ ଆନୁଷ୍ଠାନିକ ଭାବେ ଯୋଗ ଦେଇଛନ୍ତି । ପୁରୀ ଜିଲ୍ଲାର ପୂର୍ବତନ ସେନା କର୍ମଚାରୀ ଦୀପକ କୁମାର ଜେନା, ହିନ୍ଦୋଳର ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଜୋସ୍ନାମୟୀ ବେହେରା ପ୍ରମୁଖ ମଧ ତାଙ୍କ ସମର୍ଥକଙ୍କ ସହ କଂଗ୍ରେସରେ ଯୋଗ ଦେଇଛନ୍ତି । ଏହି ଅବସରରେ ଶ୍ରୀ ଦାସ, ଶ୍ରୀ ଲଲ୍ଲୁ କଂଗ୍ରେସ ଦଳରେ ଯୋଗ ଦେଇଥିବା ନେତୃବୃନ୍ଦଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ କଂଗ୍ରେସ ଦଳକୁସ୍ୱାଗତ କରିଥିଲେ ।

## ପ୍ରଫେସର ଅଚ୍ୟୁତାନନ୍ଦ ଦାସଙ୍କ ବିୟୋଗରେ ଶୋକସଭା

ଭୁବନେଶ୍ୱର,(ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (ସୋଆ) ପରିଚାଳିତ ଫ୍ୟାକଲ୍ଟି ଅଫ୍ ଏଗ୍ରିକଲ୍ଚରାଲ୍ ସାଇନସେସ୍ ( ଆଇଏଏସ୍) ର କୀଟତତ୍ୱ ବିଭାଗ ପକ୍ଷରୁ ବିଭାଗୀୟ ମୁଖ୍ୟ ପ୍ରଫେସର ଅଚ୍ୟୁତାନନ୍ଦ ଦାଶଙ୍କ ବିୟୋଗରେ ଏକ ଶୋକ ସଭା ଆୟୋଜିତ ହୋଇଯାଇଛି ।



କୀଟତତ୍ୱ ବିଭାଗ ପକ୍ଷରୁ ବିଭାଗୀୟ ମୁଖ୍ୟ ପ୍ରଫେସର ବ୍ରଜ କିଶୋର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ପ୍ରଫେସର ସନ୍ତୋଷ କୁମାର ପଣ୍ଡା, ପ୍ରଫେସର ପ୍ରଭାତ କୁମାର ଷଡଙ୍ଗୀ , ପ୍ରଫେସର ଏସ୍ ଏମ୍ ଏ ମଣ୍ଡଳ, ଡ. ଭୁବନାନନ୍ଦ ଅଧିକାରୀ, ଡ. ସତ୍ୟନାରାୟଣ ଶତପଥୀ, ଡ. ସ୍ୱୟଂ ସିଂହ, ଡ. ପ୍ରଜ୍ଞା ପତିଙ୍କ ସମେତ ବିଶ୍ୱଜିତ୍ ମିଶ୍ର, ସୁମିତ ସୌରଭ, ସ୍ୱୟମଦୀପ୍ତ ସାମନ୍ତ, ନିଶିଶ୍ମିତା ପରିଡା, ଅମ୍ରିତ ମହାପାତ୍ର ଓ ମାନସୀ ପ୍ରମୁଖ ଯୋଗ ଦେଇଥିଲେ । ଦିବଙ୍ଗତ ପ୍ରଫେସର ଅଚ୍ୟୁତାନନ୍ଦ ଦାଶଙ୍କ ନିରଳସ ଜୀବନ, ଅପ୍ରମିତ ଜ୍ଞାନ, କୀଟତତ୍ୱ ବିଭାଗ ପ୍ରତି ତାଙ୍କର ଅତୁଳନୀୟ ଅବଦାନ ସର୍ବଦା ସମସ୍ତଙ୍କ ପାଇଁ ପ୍ରେରଣା ଓ ଆଦର୍ଶ ହୋଇ ରହିବ ବୋଲି ସମସ୍ତେ ମତ ବ୍ୟକ୍ତ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ ।

### ମଧୁବାବୁଙ୍କ ଜୟନ୍ତୀରେ ରାଜ୍ୟସରକାରଙ୍କୁ ପ୍ରଶ୍ନ କଲା ବିଜେଡି

## ୩୦୦ ଦିନରେ ଡବଲ ଇଞ୍ଜିନ୍ ସରକାରଙ୍କ ଉପଲବ୍ଧି କ'ଣ ?

ଭୁବନେଶ୍ୱର, (ସବ୍ୟୁ): ସରକାରକୁ ଆସିବାର ଶହେ ଦିନ ଭିତରେ ରାଜ୍ୟରେ ଆଖିଦୃଶିଆ କାର୍ଯ୍ୟକରି ଦେଖାଇବୁ ବୋଲି କହିଥିବା ବିଜେପି ସରକାରକୁ ତିନିଶହ ଦିନ ବିତି ଯାଇଥିଲେ ମଧ୍ୟ କୌଣସି ଆଖିଦୃଶିଆ କାର୍ଯ୍ୟହୋଇ ପାରି ନାହିଁ ବୋଲି ବିଜେଡ଼ି ଅଭିଯୋଗ କରିଛି । ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ୧୭୭ତମ ଜୟନ୍ତୀ ଅବସରରେ ସୋମବାର ଶଙ୍ଖଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ସମନ୍ୱୟ କମିଟିର ଅଧକ୍ଷ ଦେବୀ ପ୍ରସାଦ ମିଶ୍ର ଓ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଡ଼ ଅରୁଣ ସାହୁ ମଧୁବାବୁଙ୍କୁଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଓଡ଼ିଆ ଅସ୍ମିତା ନାରା ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାରର ବିଫଳତାକୁ ନେଇ ପ୍ରଶ୍ନ କରିଥିଲେ । ଦେବୀ ପ୍ରସାଦ ମିଶ୍ର କହିଥିଲେ, ସ୍ୱତନ୍ତ୍ର ଓଡିଶା ଗଠନର ଶହେ ବର୍ଷ ପୂର୍ତ୍ତି ଅର୍ଥାତ ୨୦୩୬ ବେଳକୁ ଓଡିଶାକୁ ଏକ ବିକଶିତ ରାଜ୍ୟ ଭାବେ ଗଢିତୋଳିବା ପାଇଁ, ଆଗାମୀ ୪ ବର୍ଷର ରୋଡମ୍ୟାପ ସରକାର ପ୍ରକାଶ କରିବେ କି ? ଓଡିଶା ଲଗାତର ଭାବେ କେନ୍ଦ୍ର ଅବହେଳାର ଶିକାର ହୋଇ ଆସୁଥିବାବେଳେ, ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ବା ଫୋକସଷ୍ଟେଟ୍‌ର ମାନ୍ୟତା ପାଇଁ ବିଜେଡ଼ି ଦାବି କରିଆସୁଛି। ତେବେ ଏହା କେବେ ମିଳିବ । ଡ଼ ଅରୁଣ ସାହୁ କହିଥିଲେ, ଡବଲ ଇଞ୍ଜିନ୍ ଡବଲ ବିକାଶ ନାରା ଦେଇ ସରକାରକୁ ଆସିଥିବା ବିଜେପି ଠାରୁ କେନ୍ଦ୍ରସରକାରଙ୍କ ସ୍ୱତନ୍ତ୍ର ଅନୁଦାନ ପାଇଁ ଆଶା କରାଯାଉଥିଲା ଓଡ଼ିଶାକୁ ମିଳୁଥିବା କେନ୍ଦ୍ରୀୟ ଅନୁଦାନ କେବେ ବୃଦ୍ଧି ହେବ ବୋଲି ସେ ପ୍ରଶ୍ନ କରିଥିଲେ ।

### ୱେଭ୍ସ ଆନିମେସନ ଚଳଚ୍ଚିତ୍ର ପ୍ରତିଯୋଗିତା

## ଫାଇନାଲରେ ଚମକିବେ ଦୁଇ ଓଡ଼ିଆ ପ୍ରତିଭା

ଭୁବନେଶ୍ୱର (ସବ୍ୟୁ): ବିଶ୍ୱ ଦୃଶ୍ୟ ଶ୍ରାବ୍ୟ ଏବଂ ମନୋରଞ୍ଜନ ଶିଖର ସମ୍ମିଳନୀ-ୱେଭ୍ସ ୨୦୨୫ ଆସନ୍ତା ମଇ ୧ତାରିଖରୁ ୪ତାରିଖ ପର୍ଯ୍ୟନ୍ତ ମୁମ୍ବାଇ ଠାରେ ଅନୁଷ୍ଠିତ ହେବ । ଏହି ସମ୍ମିଳନୀ ଦେଶର ସୃଜନଶୀଳ ଯୁବପ୍ରତିଭାମାନଙ୍କୁ ନିଜର ସୃଜନଶୀଳତା ପ୍ରଦର୍ଶନ ନିମନ୍ତେ ମଞ୍ଚ ଯୋଗାଇ ଦେବ । ୱେଭ୍ସ ଅଧୀନରେ



ଆୟୋଜିତ ଆନିମେସନ ଚଳଚ୍ଚିତ୍ର ନିର୍ମାତା ପ୍ରତିଯୋଗିତାର ଫାଇନାଲରେ ଅଂଶଗ୍ରହଣ କରିବା ଲାଗି ସାରା ଦେଶରୁ ୪୨ ଜଣ ଫାଇନାଲିଷ୍ଟଙ୍କୁ ଚୟନ କରାଯାଇଛି । ଓଡ଼ିଶାର ଦୁଇ ଜଣ ପ୍ରତିଯୋଗୀ ଫାଇନାଲକୁ ଉନ୍ନୀତ ହୋଇଛନ୍ତି । ସେମାନେ ହେଲେ ଯାଜପୁର ଧର୍ମଶାଳା ଜାରକା ଅଞ୍ଚଳର ଭାଗ୍ୟଶ୍ରୀ ଶତପଥୀ ଏବଂ ଭୁବନେଶ୍ୱରର ଋଷଭ ମହାନ୍ତି । ଭାଗ୍ୟଶ୍ରୀ ଅହମ୍ମଦାବାଦ ସ୍ଥିତ ରାଷ୍ଟ୍ରୀୟ ଡିଜାଇନ ପ୍ରତିଷ୍ଠାନରେ ଆନିମେସନ ଏବଂ ଚଳଚ୍ଚିତ୍ର ଡିଜାଇନରେ ଅଧ୍ୟୟନ କରୁଛନ୍ତି । ନିଜର ମୌଳିକ ପ୍ରସ୍ତୁତି 'ପସା' ପାଇଁ ସେ ଏଥର ୱେଭ୍ସ ଫାଇନାଲକୁ ଉନ୍ନୀତ ହୋଇଛନ୍ତି । ଅନ୍ୟପକ୍ଷରେ ଭୁବନେଶ୍ୱରର ଋଷଭ ମହାନ୍ତି ମଧ ଅହମ୍ମଦାବାଦ ସ୍ଥିତ ରାଷ୍ଟ୍ରୀୟ ଡିଜାଇନ ପ୍ରତିଷ୍ଠାନରେ ଅଧ୍ୟୟନ କରୁଛନ୍ତି । ସେ ତାଙ୍କ 'ଖଟି' ଆନିମେସନ ପ୍ରାମାଣିକ ଚଳଚ୍ଚିତ୍ର ପାଇଁ ୱେଭ୍ସର ଫାଇନାଲରେ ପହଞ୍ଚିଛନ୍ତି । ଆନିମେସନ ଚଳଚ୍ଚିତ୍ର ର୍ନିମାଣ ପ୍ରତିଯୋଗୀତାର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବା ପ୍ରତିଭାଶାଳୀ ପ୍ରତିଯୋଗୀମାନେ ୱେଭ୍ସ ୨୦୨୫ରେ ନିଜର ପ୍ରକଳ୍ପ ଉପସ୍ଥାପନ କରିବେ । ୩ଜଣ ଶୀର୍ଷ ବିଜେତାଙ୍କୁ ୫ ଲକ୍ଷ ଟଙ୍କା ଲେଖାଏଁ ନଗଦ ପୁରସ୍କାର ଦିଆଯିବ ।

### କାର୍ଯ୍ୟସ୍ଥଳରେ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ପାଇଁ ବିଶ୍ୱ ଦିବସ

## କୃତ୍ରିମ ବୁଦ୍ଧିମତା ଏବଂ ସ୍ମାର୍ଟ ଟେକ୍ନୋଲୋଜିର ଉପଯୋଗ କରିଛି ବେଦାନ୍ତ

ଭୁବନେଶ୍ୱର, (ସବ୍ୟୁ): କାର୍ଯ୍ୟସ୍ଥଳରେ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ପାଇଁ ବିଶ୍ୱ ଦିବସ ଅବସରରେ, ବେଦାନ୍ତ ଲିମିଟେଡ୍ (ଏନଏସଇ:ଭିଇଡିଏଲ) ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଦ୍ୱାରା ସମର୍ଥିତ ଭବିଷ୍ୟବାଣୀ ଏବଂ ଅନ୍ତର୍ଭୁକ୍ତିମୂଳକ ସୁରକ୍ଷାରେ ମୂଳ ଥିବା ଏକ ବ୍ୟାପକ ପଦକ୍ଷେପ ମାଧ୍ୟମରେ ସୁରକ୍ଷା-ପ୍ରଥମ ସଂସ୍କୃତି ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରିଛି। କମ୍ପାନୀ କୃତ୍ରିମ ବୁଦ୍ଧିମତା (ଏଆଇ) ନେତୃତ୍ୱାଧୀନ ମନିଟରିଂ ସିଷ୍ଟମ, ଡ୍ରୋନ୍, ଥକାପଣ ଚିହ୍ନଟ ସିଷ୍ଟମ, ସ୍ମାର୍ଟ ହେଲମେଟ୍ ଏବଂ ଟେଲି-ରିମୋଟ୍ ଅପରେସନ୍ସ ସମେତ ଅନେକ ଅଗ୍ରଣୀ ପ୍ରଯୁକ୍ତିବିଦ୍ୟା ନିୟୋଜିତ କରିଛି, ଯାହା ଏହାର କାର୍ଯ୍ୟକ୍ଷେତ୍ରରେ ଶିଳ୍ପ ସୁରକ୍ଷାକୁ ରୂପାନ୍ତରିତ କରୁଛି । କାର୍ଯ୍ୟସ୍ଥଳରେ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ପାଇଁ ବିଶ୍ୱ ଦିବସ ୨୦୨୫ ର ବିଷୟବସ୍ତୁ କାର୍ଯ୍ୟସ୍ଥଳ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ଉପରେ ଡିଜିଟାଲାଇଜେସନ୍ ଏବଂ କୃତ୍ରିମ ବୁଦ୍ଧିମତା (ଏଆଇ) ର ପ୍ରଭାବ ଉପରେ ଧ୍ୟାନ କେନ୍ଦ୍ରିତ କରିଛି। କାର୍ଯ୍ୟସ୍ଥଳଗୁଡ଼ିକ ଏଆଇ, ରୋବୋଟିକ୍ସ, ଏକ୍ସୋସ୍କେଲେଟନ୍ ଏବଂ ଦୂରବର୍ତ୍ତୀ କାର୍ଯ୍ୟ ସହିତ ବିକଶିତ ହେଉଥିବାରୁ, ଏହି ପ୍ରଯୁକ୍ତିବିଦ୍ୟା ଗୁଡ଼ିକ ସୁଯୋଗ ଏବଂ ଚ୍ୟାଲେଞ୍ଜ ଉଭୟ ଆଣିଥାଏ ।

ଭାରତରେ ବେଦାନ୍ତର ଜିଙ୍କ ବ୍ୟବସାୟ, ଦେଶରେ ପ୍ରଥମ ଯାହା ଭର୍ଚୁଆଲ୍ ରିଆଲିଟି (ଭିଆର)-ଆଧାରିତ ୱିଣ୍ଡର ଟ୍ରେନିଂ ସିମୁଲେଟର ସିଷ୍ଟମକୁ ନିୟୋଜିତ କରିଛି ଯାହା ସାମଗ୍ରୀ ଏବଂ ମାନବଶକ୍ତି ଚଳାଚଳ ପାଇଁ ବ୍ୟବହୃତ ଶାଫ୍ଟ (ଲିଫ୍ଟ) ର କାର୍ଯ୍ୟକୁ ଅନୁକରଣ କରେ। କମ୍ପାନୀ ଭାରତରେ ମଧ ପ୍ରଥମ ଯିଏ ଭିଆର-ଆଧାରିତ ଭୂତଳ ଯାନ ସିମୁଲେଟର ପ୍ରଚଳନ କରିଛି ଯାହା କର୍ମଚାରୀମାନଙ୍କୁ ଖଣିରେ ଯାନ ଚଳାଇବାରେ ତାଲିମ ଦିଏ । ବେଦାନ୍ତର ଆଲୁମିନିୟମ୍ ବ୍ୟବସାୟ ଏହାର କାର୍ଯ୍ୟରେ ସାମଗ୍ରୀ ନିଷ୍କାସନ ପୂର୍ବରୁ ଯାଞ୍ଚ କରିବା ପାଇଁ ଡ୍ରୋନ ମଧ ନିୟୋଜିତ କରିଛି। କମ୍ପାନୀର ତୈଳ ଏବଂ ଗ୍ୟାସ୍ ଭର୍ଟିକାଲରେ, ବେଦାନ୍ତ ରଣନୈତିକ ସ୍ଥାନରେ ଏଆଇ କ୍ୟାମେରା ସହିତ ଏକ ଏଆଇ -ଆଧାରିତ ସୁରକ୍ଷା ନିରୀକ୍ଷଣ ମନିଟରିଂ ସିଷ୍ଟମ କାର୍ଯ୍ୟକାରୀ କରିଛି, ଯାହା ଫଳରେ ମାନୁଆଲ୍ ପ୍ରୟାସରେ ୮୦ ପ୍ରତିଶତ ହ୍ରାସ ଘଟିଛି ଯାହା ଦ୍ୱାରା ସୁରକ୍ଷା ବୃଦ୍ଧି ପାଇଛି । ବେଦାନ୍ତ ଶାର୍କ ଟ୍ୟାଙ୍କ ଇଣ୍ଡିଆ ଅଂଶଗ୍ରହଣକାରୀ ଜର୍ଣ ସେଫ୍ଟି ସହିତ ମଧ ଜଡିତ ହେଉଛି, ଏକ ଷ୍ଟାର୍ଟଅପ୍ ଯାହା ସ୍ମାର୍ଟ ସୁରକ୍ଷା ପିନ୍ଧିବାଯୋଗ୍ୟ ସାମଗ୍ରୀ ବିକାଶରେ ଜଡିତ ଯାହା ବିଭିନ୍ନ ଶିଳ୍ପ ସେଟଅପ୍ଗୁଡ଼ିକରେ ଗରମ ଚାପ ହ୍ରାସ କରିବା ଏବଂ ସଂଯୋଗୀକରଣ ଉନ୍ନତ କରିବା ଉପରେ ଧ୍ୟାନ କେନ୍ଦ୍ରିତ । ବେଦାନ୍ତ ଏହାର କାର୍ଯ୍ୟରେ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଉତ୍ସର୍ଗୀକୃତ, ଯେଉଁଠାରେ ପ୍ରତ୍ୟେକ ବ୍ୟକ୍ତି କାର୍ଯ୍ୟକ୍ଷେତ୍ର ସୁରକ୍ଷା ପାଇଁ ଦାୟୀ । କମ୍ପାନୀ ଏକ 'ଅଭ୍ୟାସ ସମ୍ପ୍ରଦାୟ' ଏବଂ ସୁରକ୍ଷା କମିଟି ପ୍ରତିଷ୍ଠା କରିଛି ଯାହା ସୁରକ୍ଷା ପଦକ୍ଷେପଗୁଡ଼ିକର କାର୍ଯ୍ୟାନ୍ୱୟନ



ତଦାରଖ କରେ । ଏହି ସଂସ୍କୃତିର ମୂଳରେ 'ଦୃଶ୍ୟମାନ-ଅନୁଭୂତ ନେତୃତ୍ୱ' ଅଛି, ଯେଉଁଠାରେ ବ୍ୟବସାୟିକ ଗୁଡ଼ିକ ସେମାନଙ୍କ କ୍ଷେତ୍ରରେ ସର୍ବୋଚ୍ଚ ସ୍ତରର ସୁରକ୍ଷାର ଉଦାହରଣ ଦେବେ ଏବଂ କର୍ମଚାରୀ ଏବଂ ବ୍ୟବସାୟିକ ଅଂଶୀଦାରମାନଙ୍କ ପାଇଁ ଆଦର୍ଶ ଭାବରେ କାର୍ଯ୍ୟ କରିବେ ବୋଲି ଆଶା କରାଯାଏ ।

ବେଦାନ୍ତ ଲିମିଟେଡର ଜଣେ ମୁଖପାତ୍ର କହିଛନ୍ତି, 'ବେଦାନ୍ତରେ, ଆମେ ବିଶ୍ୱାସ କରୁ ଯେ ସୁରକ୍ଷାର ଭବିଷ୍ୟତ ନବସୃଜନ, ଅନ୍ତର୍ଭୁକ୍ତି ଏବଂ ଉଦ୍ଦେଶ୍ୟର ସଂଯୋଗରେ ରହିଛି। ଏଆଇ, ସ୍ମାର୍ଟ ସିଷ୍ଟମ ଏବଂ ଲୋକ-ପ୍ରଥମେ ନେତୃତ୍ୱକୁ ବ୍ୟବହାର କରି, ଆମେ କେବଳ ବିପଦର ପ୍ରତିକ୍ରିୟା କରୁନାହୁଁ – ଆମେ ସେଗୁଡ଼ିକୁ ପୂର୍ବାନୁମାନ ତଥା ପ୍ରତିରୋଧ କରୁଛୁ। ଆମର ପ୍ରତିବଦ୍ଧତା ହେଉଛି ଏପରି କର୍ମକ୍ଷେତ୍ର ସୃଷ୍ଟି କରିବା ଯାହା କେବଳ ଉତ୍ପାଦନକ୍ଷମ ନୁହେଁ, ବରଂ ଗଭୀର ଭାବରେ ସୁରକ୍ଷିତ, ସୁସ୍ଥ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ । ବେଦାନ୍ତ ଏହାର କାର୍ଯ୍ୟ ସଂସ୍କୃତିରେ ସୁରକ୍ଷାକୁ ଗଭୀର ଭାବରେ ସନ୍ନିବେଶ କରିବା ପାଇଁ ଅଗ୍ନି ଏବଂ ଉଦ୍ଧାର ତାଲିମ ସମେତ ସ୍ୱାସ୍ଥ୍ୟ ଏବଂ ସୁରକ୍ଷାର ବିଭିନ୍ନ ଦିଗଗୁଡ଼ିକରେ ନିୟମିତ ତାଲିମରେ ବିନିଯୋଗ କରିଆସୁଛି। ନିର୍ଦ୍ଦିଷ୍ଟ, କ୍ଷଣସ୍ଥାୟୀ କାର୍ଯ୍ୟକଳାପ ପାଇଁ ନିୟୋଜିତ ହୋଇଥିବା ବିପୁଳ ସଂଖ୍ୟକ ଚୁକ୍ତିଭିତିକ ଏବଂ ଭାସମାନ କର୍ମଚାରୀଙ୍କୁ ଦୃଷ୍ଟିରେ ରଖି ଏହା ବିଶେଷ ଗୁରୁତ୍ୱପୂର୍ଣ୍ଣ। ଉଲ୍ଲେଖନୀୟ ଯେ, କମ୍ପାନୀ ଭାରତରେ ପ୍ରଥମ ଯାହାର ସମ୍ପୂର୍ଣ୍ଣ ମହିଳା ଭୂତଳ ଖଣି ଉଦ୍ଧାର ଦଳ ଏବଂ ଅଗ୍ନି ନିର୍ବାପକ ଦଳ ଅଛି । ବେଦାନ୍ତର ବୃତିଗତ ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟିକୋଣ ସାମଗ୍ରିକ। ପ୍ରତ୍ୟେକ କାର୍ଯ୍ୟକ୍ଷମ ଟାଉନସିପରେ ଥିବା ହସ୍ପିଟାଲଠାରୁ ଆରମ୍ଭ କରି ମାଗଣା ବାର୍ଷିକ ଯାଂଚ, ବୀମା ଏବଂ ମାନସିକ ସ୍ୱାସ୍ଥ୍ୟ ପରାମର୍ଶଦାତାଙ୍କ ପର୍ଯ୍ୟନ୍ତ, କମ୍ପାନୀ କର୍ମଚାରୀଙ୍କ ଦ୍ୱାରଦେଶରେ ସ୍ୱାସ୍ଥ୍ୟସେବା ସୁବିଧା ପ୍ରଦାନ କରେ – ଏହାର ପ୍ରମୁଖ ଅଙ୍କୋଲୋଜି କେନ୍ଦ୍ର, ବାଲକୋ ମେଡିକାଲ୍ ସେଣ୍ଟର ମାଧ୍ୟମରେ ମୌଳିକ ସ୍ୱାସ୍ଥ୍ୟ ସେବାଠାରୁ ଆରମ୍ଭ କରି କର୍କଟ ଚିକିତ୍ସା ପର୍ଯ୍ୟନ୍ତ ଆବଶ୍ୟକତାକୁ ପୂରଣ କରେ। ବେଦାନ୍ତ ଦିଲ୍ଲୀ ହାଫ୍ ମାରାଥନ, ବେଦାନ୍ତ ପିଙ୍କ୍ ସିଟି ହାଫ୍ ମାରାଥନ, ବେଦାନ୍ତ ଜିଙ୍କ୍ ସିଟି ହାଫ୍ ମାରାଥନ, କ୍ରୀଡା ଟୁର୍ଣ୍ଣାମେଂଟ, ସୁସଜ୍ଜିତ ଜିମ୍, ସୁଇମିଂ ପୁଲ୍ ଏବଂ କ୍ରୀଡା କମ୍ପ୍ଲେକ୍ସ ଭଳି ପଦକ୍ଷେପଗୁଡ଼ିକ କର୍ମଚାରୀ ଏବଂ ସେମାନଙ୍କ ପରିବାର ମଧ୍ୟରେ ଏକ ଦୃଢ଼ ଫିଟନେସ୍ ସଂସ୍କୃତିକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରେ । ସୁରକ୍ଷା ପ୍ରତି ବେଦାନ୍ତର ଆଭିମୁଖ୍ୟ ଏହାର କାର୍ଯ୍ୟର ସୀମା ବାହାରକୁ ବିସ୍ତାର କରେ। କମ୍ପାନୀ ମୌଳିକ ଅଗ୍ନି ନିରାପତା, ସଡ଼କ ସୁରକ୍ଷା, ବଜ୍ରପାତ ନିରାପତା, ପ୍ରାଥମିକ ଚିକିତ୍ସା ଏବଂ ଏପରିକି ଶାରୀରିକ ସୁରକ୍ଷା ଉପରେ ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ସମ୍ପ୍ରଦାୟଗୁଡ଼ିକୁ ମଧ ସମର୍ଥନ କରେ, ଯେଉଁଥିରେ ଆତ୍ମରକ୍ଷା ପଦକ୍ଷେପ ଅନ୍ତର୍ଭୁକ୍ତ ।

### ଖବର ପ୍ରସାରଣରେ ପକ୍ଷପାତିତା

# ବିବିସିକୁ କେନ୍ଦ୍ରର ନୋଟିସ୍

**ନୂଆଦିଲ୍ଲୀ:** ବିବିସିକୁ କେନ୍ଦ୍ର ସରକାରଙ୍କ ନୋଟିସ୍ । ପହଲଗାମ୍ ଆତଙ୍କୀ ହମଲା ଉପରେ ଖବର ପ୍ରସାରଣ ନେଇ ନୋଟିସ୍ । ବିବିସି ମୁଖ୍ୟଙ୍କୁ କେନ୍ଦ୍ର ସରକାରଙ୍କ ଚିଠି । ପହଲଗାମ୍ ଖବର ପ୍ରସାରଣରେ ପକ୍ଷପାତିତା ନେଇ ସତର୍କ କରାଇଲେ କେନ୍ଦ୍ର ସରକାର । ତେବେ ପହଲଗାମ୍ ଆତଙ୍କୀଙ୍କୁ ଯୋଦ୍ଧା ବୋଲି ଦର୍ଶାଇଛି ବିବିସି । ତେବେ ନୋଟିସ୍ ଜାରି କରାଯିବା ସହ ବିବିସିର ରିପୋର୍ଟିଂ ଉପରେ ନଜର ରଖିଛି ବୈଦେଶିକ ମନ୍ତ୍ରାଳୟ । ସେପଟେ ପାକିସ୍ତାନ ବିରୋଧରେ ଭାରତ ଆରମ୍ଭ କରିଛି ଡିଜିଟାଲ୍ ଷ୍ଟ୍ରାଇକ୍ । ସୋଏବ ଅଖତରଙ୍କ ସମେତ ୧୬ ଜଣକ ୟୁଟ୍ୟୁବରଙ୍କର ଚ୍ୟାନେଲ ଉପରେ ପ୍ରତିବନ୍ଧକ ଲଗାଯାଇଛି । ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଉତ୍ତେଜନାମୂଳକ ଏବଂ ସାମ୍ପ୍ରଦାୟିକ ସମ୍ବେଦନଶୀଳ ବିଷୟବସ୍ତୁ ପ୍ରସାରଣ ପାଇଁ ଭାରତରେ ମୋଟ ୬୩ ମିଲିୟନ୍ ସବସ୍କ୍ରାଇବର୍ ସହିତ ୧୬ଟି ପାକିସ୍ତାନୀ ୟୁଟ୍ୟୁବ୍ ଚ୍ୟାନେଲକୁ ନିଷିଦ୍ଧ କରାଯାଇଛି । କେନ୍ଦ୍ର ଗୃହ ମନ୍ତ୍ରଣାଳୟର ସୁପାରିସରେ ଏହି ୟୁଟ୍ୟୁବ୍ ଚ୍ୟାନେଲଗୁଡ଼ିକୁ ନିଷିଦ୍ଧ କରାଯାଇଛି । ନିଷିଦ୍ଧ ପ୍ଲାଟଫର୍ମଗୁଡ଼ିକରେ ଡନ୍, ସମା ଟିଭି, ଏଆରଓ୍ୱାଇ ନ୍ୟୁଜ୍, ବୋଲ୍ ନ୍ୟୁଜ୍, ରଫତାର, ଜିଓ ନ୍ୟୁଜ୍ ଏବଂ ସୁନୋ ନ୍ୟୁଜ୍ ଭଳି ନ୍ୟୁଜ୍ ଚ୍ୟାନେଲଗୁଡ଼ିକ ଅନ୍ତର୍ଭୁକ୍ତ ।




## ରାଣାର ହାଜତ ମିଆଦ ବଢ଼ିଲା



**ନୂଆଦିଲ୍ଲୀ:** ୨୬/୧୧ ଆତଙ୍କବାଦୀ ଆକ୍ରମଣ ଅଭିଯୁକ୍ତ ତହୱୁର ରାଣାର ହାଜତକୁ ଏନଆଇଏ କୋର୍ଟ ୧୨ ଦିନ ପାଇଁ ବୃଦ୍ଧି କରିଛନ୍ତି । ତହୱୁରକୁ ଆଜି ଦିଲ୍ଲୀର ପଟିଆଲା ହାଉସ କୋର୍ଟରୁ ନିଆଯାଇଥିଲା । ଏଠାକାର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) କୋର୍ଟ ତାଙ୍କ ହାଜତ ଅବଧିକୁ ୧୨ ଦିନ ପାଇଁ ବୃଦ୍ଧି କରିଛନ୍ତି । ୨୬/୧୧ ମୁମ୍ବାଇ ଆକ୍ରମଣର ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କ ମଧ୍ୟରେ ତହୱୁର ହୁସେନ ରାଣା ଏକ ଗୁରୁତ୍ୱପୂର୍ଣ୍ଣ ନାମ । ତାକୁ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ଡେଭିଡ୍ କୋଲମ୍ୟାନ୍ ହେଡଲିର ନିକଟତର ବୋଲି ବିବେଚନା କରାଯାଏ । ହେଡଲି ଏବଂ ରାଣା ସ୍କୁଲ ଦିନରୁ ବନ୍ଧୁ ଥିଲେ । ପରେ ହେଡଲି ସ୍ୱୀକାର କରିଥିଲା ଯେ ସେ ଲସ୍କର-ଏ-ତୈବା ଏବଂ ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆଇଏସଆଇ ପାଇଁ କାମ କରୁଥିଲା ।

ତହୱୁର ହୁସେନ ରାଣା ଜଣେ ପାକିସ୍ତାନୀ ବଂଶୋଦ୍ଭବ କାନାଡିଆନ ନାଗରିକ । ସେ ୧୨ ଫେବୃଆରୀ ୧୯୬୧ ମସିହାରେ ପଞ୍ଜାବ (ପାକିସ୍ତାନ)ର ଚିଚାୱଟନୀରେ ଜନ୍ମଗ୍ରହଣ କରିଥିଲା । ସେ ପାକ୍ ସେନାରେ ଡାକ୍ତର ଭାବରେ କାର୍ଯ୍ୟ କରୁଥିଲା । ଅବସର ପରେ ସେ ନିଜ ପତ୍ନୀଙ୍କ ସହ ଚିକାଗୋ (ଆମେରିକା) ରହୁଥିଲା ଓ ପରେ ସେ କାନାଡିୟ ନାଗରିକତା ହାସଲ କରିଥିଲା ।

### ସାନ ଭାଇକୁ ବୁଝାଇଲେ ବଡ଼ ଭାଇ

# ଭାରତ ସହ ଲାଗିବା ମହଙ୍ଗା ପଡ଼ିବ

**ନୂଆଦିଲ୍ଲୀ:** ଭାରତର ଆକ୍ସନ ଦେଖି ଛାନିଆ ହେଲେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ । ଭାରତ ସହ ନଲାଗିବାକୁ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କୁ ପରାମର୍ଶ ଦେଲେ ପୂର୍ବତନ ପାକ୍ ପ୍ରଧାନମନ୍ତ୍ରୀ । ସାନ ଭାଇ ସହବାଜ ସରିଫଙ୍କୁ ବୁଝାଇଲେ ବଡ଼ ଭାଇ ନୱାଜ୍ ସରିଫ । ଭାରତ ବିରୋଧରେ ନଲାଗିବାକୁ ପରାମର୍ଶ ଦେବା ସହ ଏହା ଭାରି ପଡିପାରେ ବୋଲି କହିଛନ୍ତି ନୱାଜ ସରିଫ୍ । ସାନ ଭାଇକୁ ବଡ ଭାଇ ଭାରତ ବିରୋଧରେ ନଲାଗିବାକୁ କହିଥିବା ପାକିସ୍ତାନର ଖବର କାଗଜରେ ପ୍ରକାଶ ପାଇଥିବା ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି । ସେପଟେ ଭାରତ ସହ କୌଣସି ବି ପରିସ୍ଥିତିରେ ଯୁଦ୍ଧ ନକରିବାକୁ ନୱାଜ କହିଥିବା ବେଳେ ଭାରତ ସହ ଉପୁଜିଥିବା ସ୍ଥିତିର ସମାଧାନ ସହ ଅନ୍ୟ ବାଟରେ କେମିତି ଏହାର ସମାଧାନ ହୋଇପାରିବ ସେନେଇ ବୁଝାଇଛନ୍ତି ନୱାଜ ଆଉ ରୋକଠୋକ୍ କହିଛନ୍ତି ସେ ଯୁଦ୍ଧର ପନ୍ଥାକୁ ଘୋର ବିରୋଧ କରୁଛନ୍ତି । ପହଲଗାମ୍ ଆତଙ୍କୀ ହମଲା ପରେ ଆତଙ୍କବାଦୀଙ୍କ ବିରୋଧରେ ଲଢେଇ ଆରମ୍ଭ କରିଥିବା ଭାରତ ପାକିସ୍ତାନ ବିରୋଧରେ ବଡ଼ ଆକ୍ସନ ନେବା ଆରମ୍ଭ କରିଛି । ଭାରତ ପାକିସ୍ତାନ ବିରୋଧରେ କଡା ଆଭିମୁଖ୍ୟ ଦେଖାଉଥିବାରୁ ବିଲିବିଲେଇ ହୋଇଛି ପାକିସ୍ତାନ । ଜଳ ସ୍ଥଳ ଆକାଶରେ ଭାରତ କଡା ଆଭିମୁଖ୍ୟ ଦେଖାଇବା ଡିଜିଟାଲ୍ ଷ୍ଟ୍ରାଇକ ବି କରିଛି । ଅନ୍ୟପଟେ ବିଭିନ୍ନ ବଡ଼ ବଡ଼ ରାଷ୍ଟ୍ରମାନେ ମଧ୍ୟ ଆତଙ୍କବାଦ ବିରୋଧରେ ଲଢେଇ ପାଇଁ ଯେତେବେଳେ ଭାରତକୁ ସମର୍ଥନ ଜଣାଉଛନ୍ତି ସେତେବେଳେ ଏକାକୀ ପଡିଯାଇଛି ପାକିସ୍ତାନ । ଏତିକି ବେଳେ ରାଗ ସୁଝାଇବାକୁ ଯାଇ ଏଲଓସିରେ ଗୁଳିମାଡ କରୁଛି ପାକିସ୍ତାନ ଏବଂ ଯୁଦ୍ଧ ପାଇଁ ସଜବାଜ ହେଉଛି । ତେବେ ଏସବୁ ଦେଖି ପାକ୍ ପ୍ରଧାନମନ୍ତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି ନୱାଜ୍ ସରିଫ ।

# ସିନ୍ଧୁଜଳ ଚୁକ୍ତି ଉପରେ ମୁହଁ ଖୋଲିଲା ବିଶ୍ୱବ୍ୟାଙ୍କ

**ନ୍ୟୁୟର୍କ :** ୨୨ ଏପ୍ରିଲ୍ ୨୦୨୫ରେ ଜମ୍ମୁ ଏବଂ କାଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପାକିସ୍ତାନ ସହିତ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ କରିଥିଲା । ଏହା ପରେପାକିସ୍ତାନ ଚିନ୍ତିତ ହୋଇ ଏହା ଯୁଦ୍ଧ ପରିସ୍ଥିତି ବୋଲି କହିବା ଆରମ୍ଭ କରିଦେଇଥିଲା ଏବଂ ଏଥିପାଇଁ ବିଶ୍ୱ ବ୍ୟାଙ୍କକୁ ଆବେଦନ କରିବା ବିଷୟରେ କଥାବାର୍ତ୍ତା ଆରମ୍ଭ କରିଦେଇଥିଲା । ବିଶ୍ୱବ୍ୟାଙ୍କ ଏବେ ଏହି ବିଷୟରେ ପ୍ରତିକ୍ରିୟା ଦେଇଛି । ଅନ୍ତର୍ଜାତୀୟ ଗଣମାଧ୍ୟମ ଅନୁସାରେ ବିଶ୍ୱ ବ୍ୟାଙ୍କର ଜଣେ ମୁଖପାତ୍ର କହିଛନ୍ତି କେତେକ ସୀମିତ ଓ ପୂର୍ବପରିଭାଷିତ କାର୍ଯ୍ୟ ପାଇଁ ବିଶ୍ୱବ୍ୟାଙ୍କ ଏହି ଚୁକ୍ତିର ଏକ ସ୍ୱାକ୍ଷରିତ ସଦସ୍ୟ ରହିଛି । କିନ୍ତୁ, ଆମେ ଚୁକ୍ତିର ସଦସ୍ୟ ଦେଶମାନଙ୍କ ଦ୍ୱାରା ନିଆଯାଇଥିବା ଚୁକ୍ତି ସହିତ ଜଡିତ ସାର୍ବଭୌମ ନିଷ୍ପତ୍ତି ଉପରେ ଆମର ମତ ପ୍ରକାଶ କରୁନାହିଁ ।

ବିଶ୍ୱବ୍ୟାଙ୍କର ଏପରି ନିରପେକ୍ଷ ମତ ପାକିସ୍ତାନକୁ ଚିନ୍ତାରେ ପକାଇବା ସ୍ୱାଭାବିକ । କାରଣ ଭାରତ ଦ୍ୱାରା ସିନ୍ଧୁଜଳ ଚୁକ୍ତିକୁ ସୀମିତ ସମୟ ପାଇଁ ସ୍ଥଗିତ ରଖିବା ପରେ ପାକିସ୍ତାନ ଏହାକୁ ଅନ୍ତର୍ଜାତୀୟ ନ୍ୟାୟାଳୟକୁ ନେବାକୁ ଧମକ ଦେଇଥିଲା । ଏହା ସହିତ ପ୍ରସଙ୍ଗକୁ ବିଶ୍ୱବ୍ୟାଙ୍କକୁ ନେବାକୁ ବି ପାକିସ୍ତାନ କହିଥିଲା । ଏବେ ବିଶ୍ୱବ୍ୟାଙ୍କର ଏପରି ମତ ଭାରତକୁ ସୁବିଧାଜନକ ସ୍ଥିତିରେ ରଖିଛି ।



# ଭିସା ରଦ୍ଦ: ଭାରତ ନଛାଡିଲେ ୩ ବର୍ଷ ଜେଲ

**ନୂଆଦିଲ୍ଲୀ:** ଯେଉଁ ପାକିସ୍ତାନୀ ନାଗରିକମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ଭାରତ ନ ଛାଡିବେ ସେମାନଙ୍କୁ ୩ ବର୍ଷ ଜେଲ୍‌ଦଣ୍ଡ ଓ ୩ ଲକ୍ଷ ଟଙ୍କା ଜରିମାନା କରାଯିବ । ସରକାରଙ୍କ ପକ୍ଷରୁ ଏହା ସ୍ପଷ୍ଟ କରାଯାଇଛି ।




୨୬ ତାରିଖ ପରେ କୌଣସି ପାକିସ୍ତାନୀ ନାଗରିକ ଭାରତରେ ନ ରହିବା ଲାଗି ନିର୍ଦ୍ଦେଶ ଦିଆଯାଇଥିଲା । ସେମାନଙ୍କୁ ଯେଉଁ ଭିସା ଦିଆଯାଇଥିଲା ତାହା ବାତିଲ୍ କରାଯାଇଛି । ପହଲଗାମ୍ ଘଟଣା ପରେ ଏହି ପଦକ୍ଷେପ ନିଆଯାଇଛି । ତେବେ ଯେଉଁମାନଙ୍କର ମେଡିକାଲ ଭିସା ରହିଛି ସେମାନେ ୨୯ ତାରିଖ ସୁଦ୍ଧା ଫେରି ଯିବାକୁ କୁହାଯାଇଛି । ଭାରତରେ ୧୨ ପର୍ଯ୍ୟାୟର ଭିସାଧାରୀ ଅଛନ୍ତି । ଆସିବା ପାଇଁ ଭିସା, ବ୍ୟବସାୟ, ଫିଲ୍ମ, ସାମ୍ବାଦିକ, ସମ୍ମିଳନୀ, ଛାତ୍ର ଓ ପର୍ଯ୍ୟଟକମାନଙ୍କୁ ଭିସା ଦିଆଯାଇଥାଏ । ତେବେ ଯେଉଁମାନଙ୍କର ଭିସା ଅବଧି ସରିଯାଇଛି ସେମାନେ ତୁରନ୍ତ ଯିବାପାଇଁ କୁହାଯାଇଛି ଓ ଯେଉଁମାନଙ୍କର ଅବଧି ରହିଥିଲା ତାହାକୁ ବାତିଲ୍ କରାଯାଇଛି । ଅନୁପ୍ରବେଶ ଏବଂ ବିଦେଶୀ ନିୟମ ୨୦୨୫ ଅନୁଯାୟୀ ଜଣେ ବିଦେଶୀଙ୍କ କ୍ଷେତ୍ରରେ ଭିସା ପ୍ରଦାନ ଦିନଠାରୁ ରହିବାକୁ ଅନୁମତି ମିଳିବ । ଯଦି ବୈଧ ପାସ୍‌ପୋର୍ଟ ନଥିବ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏଥିଲାଗି ଜରିମାନା ଓ ଦଣ୍ଡର ବ୍ୟବସ୍ଥା ରହିଛି । ଏମାନଙ୍କୁ ଜେଲ୍ ଦଣ୍ଡ ସହ ଜରିମାନା ବ୍ୟବସ୍ଥା ରହିଛି । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଶୁକ୍ରବାର ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ କଥା ହୋଇ ସବୁ ପାକିସ୍ତାନୀ ନାଗରିକଙ୍କୁ ଖୋଜି ବାହାର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

## ଅନ୍ଧକାରରେ ଫ୍ରାନ୍ସ, ସ୍ପେନ୍, ପର୍ତ୍ତୁଗାଲ

ମାଡ୍ରିଡ୍,୨୬।୯ (ଏଜେନ୍ସି): ବିଦ୍ୟୁତକାଟ୍ ଯୋଗୁଁ ସୋମବାର ରାତିରେ ପର୍ତ୍ତୁଗାଲ, ସ୍ପେନ୍ ଓ ଦକ୍ଷିଣ ଫ୍ରାନ୍ସର ଅଧିକାଂଶ ଭାଗ ଦୀର୍ଘ ସମୟ ଧରି ଅନ୍ଧକାର ରହିଥିଲା । ପରିସ୍ଥିତି ଏଭଳି ହୋଇଥିଲା ଯେ, ଏହି ସବୁ ସହରରେ ସାଧାରଣ ପରିବହନ ବ୍ୟବସ୍ଥା ଭୁଷୁଡି ପଡ଼ିଥିଲା । କେତେକ ସ୍ଥାନରେ ଟ୍ରାଫିକ୍ ଜାମ୍ ଯୋଗୁଁ ସାଧାରଣ ଚଳାଚଳ ବ୍ୟାହତ ହୋଇଥିଲା । ବିମାନ ଚଳାଚଳରେ ବି ବାଧା ଉପୁଜୁଥିଲା । ଏଟିଏମ୍ ଗୁଡିକରେ ମଧ୍ୟ ଅଚଳାବସ୍ଥା ଦେଖା ଦେଇଥିଲା । ଏଟିଏମ୍‌ରୁ ଲୋକେ ଟଙ୍କା ଉଠାଇ ପାରିନଥିଲେ । ସୂଚନା ମୁତାବକ ବିଦ୍ୟୁତଗ୍ରୀଡରେ ବିଭ୍ରାଟ ଯୋଗୁଁ ବିଦ୍ୟୁତ ସରୋବରାହ ବନ୍ଦ ରହିବା ଯୋଗୁଁ ଏଭଳି ଅଚଳାବସ୍ଥା ସୃଷ୍ଟି ହୋଇଥିଲା । କେତେକ ଏହାକୁ ସାଇବର ଆଟାକ୍ ବୋଲି କହୁଥିବା ବେଳେ ପର୍ତ୍ତୁଗାଲ ପ୍ରଧାନମନ୍ତ୍ରୀ ଲୁଇସ୍ ମଣ୍ଟେନଗ୍ରୋ ଏହାକୁ ଅସ୍ୱୀକାର କରିଛନ୍ତି ।

## ଇରାନ୍ ଅଗ୍ନୀକାଣ୍ଡ ମୃତ୍ୟୁସଂଖ୍ୟା ୬୫ରେ ପହଞ୍ଚିଲା

**ତେହେରାନ:** ଇରାନର ସର୍ବବୃହତ ବ୍ୟବସାୟୀକ କୋର୍ଟ ବନ୍ଦର ଆବାସରେ ବିସ୍ଫୋରଣ ପରେ ଲାଗି ଯାଇଥିବା ନିଆଁରେ ପୋଡି ହୋଇ ୬୫ ଜଣ ଲୋକଙ୍କ ଜୀବନ ଗଲାଣି ଏବଂ ୧୦୦୦ରୁ ଅଧିକରୁ ଉର୍ଦ୍ଧ୍ୱ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଇରାନ୍ ବନ୍ଦର କୋଇଲା ଷ୍ଟକ୍‌ୟାର୍ଡରେ ଲାଗିଥିବା ନିଆଁକୁ ଲିଭାଇବା ପାଇଁ ଜୋରଦାର ଅପରେସନ୍ ଆରମ୍ଭ ହୋଇଛି । କୋଇଲା ଡିପୋରେ ଘଟି ଥିବା ବିସ୍ଫୋରଣର କାରଣ ଜାଣିବା ପାଇଁ ତଦନ୍ତ ଜାରି ରହିଛି । ଦୁଇ ଦିନ ତଳେ ଘଟିଥିବା ଏହି ବିସ୍ଫୋରଣ ଜନୀତ ଅଗ୍ନୀକାଣ୍ଡର ଭୟାବହତା ଏବେ ବି କମି ନାହିଁ । ବନ୍ଦର ଅଞ୍ଚଳରୁ ଲୋକମାନଙ୍କୁ ସୁରକ୍ଷିତ ଅଞ୍ଚଳକୁ ସ୍ଥାନନ୍ତର କରାଯାଇଛି । ବନ୍ଦର ଅଞ୍ଚଳରେ ଧୂଆଁ ବ୍ୟାପି ଯାଇଥିବାରୁ ଲୋକମାନେ ଅଣନିଶ୍ୱାସି ହୋଇପଡିଥିବା ରିପୋର୍ଟ ନେଇଛି ।

# ରହିଗଲେ ମା, ଫେରିଗଲେ ଦୁଇ ପିଲା

**ନୂଆଦିଲ୍ଲୀ:** ଜମ୍ମୁ ଓ କାଶ୍ମୀରରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ କେନ୍ଦ୍ର ସରକାର ପାକିସ୍ତାନୀ ନାଗରିକମାନଙ୍କୁ ଦେଶ ଛାଡିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସରକାରଙ୍କ ନିର୍ଦ୍ଦେଶ ପରେ ପଞ୍ଜାବର ଅଟାରୀ-ୱାଘା ସୀମାରେ ଜଣେ ଭାରତୀୟ ମହିଳାଙ୍କୁ ପାକିସ୍ତାନ ପାର ହେବା ସମୟରେ ଅଟକାଯାଇଥିବା ଅଭିଯୋଗ ହୋଇଛି । ଉତ୍ତର ପ୍ରଦେଶର ମିରଟର ବାସିନ୍ଦା ସାନା ଜଣେ ପାକିସ୍ତାନୀ ନାଗରିକଙ୍କୁ ବିବାହ କରିଛନ୍ତି । ହେଲେ ତାଙ୍କ ପାଖରେ ଭାରତୀୟ ପାସପୋର୍ଟ ଥିବାରୁ ତାଙ୍କୁ ସୀମାରେ ଅଟକାଯାଇଛି । ତେବେ ତାଙ୍କର ଏକ ତିନି ବର୍ଷର ପୁଅ ଏବଂ ଏକ ବର୍ଷର ଝିଅଙ୍କ ନିକଟରେ ପାକିସ୍ତାନୀ ପାସପୋର୍ଟ ଥିବାରୁ ସେମାନଙ୍କୁ ଦେଶ ଛାଡ଼ିବାକୁ କୁହାଯାଇଥିଲା । ରବିବାର ସୁଦ୍ଧା ଭାରତ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସ୍ୱଳ୍ପକାଳୀନ ଭିସା ଧାରକଙ୍କ ମଧ୍ୟରେ ୩୦ ବର୍ଷୀୟା ମହିଳା ମଧ୍ୟ ସାମିଲ ଥିଲେ । ୨୦୨୦ ମସିହାରେ କରାଚୀର ଡାକ୍ତର ବିଲାଲଙ୍କୁ ବିବାହ କରିଥିବା ସାନା ସମ୍ପ୍ରତି ତାଙ୍କ ପିତାମାତାଙ୍କୁ ଭେଟିବା ପାଇଁ ତାଙ୍କ ଜନ୍ମସ୍ଥାନକୁ ଆସିଥିଲେ । ସାନା କହିଛନ୍ତି ଯେ ୨୨ ଏପ୍ରିଲରେ ପହଲଗାମରେ ପାକିସ୍ତାନ ସହିତ ଜଡିତ ଆତଙ୍କବାଦୀଙ୍କ ଦ୍ୱାରା ୨୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ପରେ କେନ୍ଦ୍ର ସରକାର ଏକ ନୋଟିସ ଜାରି କରିଥିଲେ । ନୋଟସରେ ସରକାର ପାକିସ୍ତାନୀ ନାଗରିକମାନଙ୍କୁ ଫେରିଯିବାକୁ କହିବା ପରେ ଅଧିକାରୀମାନେ ତାଙ୍କୁ ଦେଶ ଛାଡିବାକୁ କହିଥିଲେ । ତେଣୁ ଶୁକ୍ରବାର ଦିନ ତାଙ୍କ ପିଲାମାନଙ୍କ ସହିତ ସେ ଅଟାରୀ-ୱାଘା ସୀମାକୁ ଚାଲିଗଲେ । କିନ୍ତୁ ସେଠାରେ ତାଙ୍କୁ ଅଟକାଯାଇଥିଲା ଏବଂ ତାଙ୍କ ଭାରତୀୟ ପାସପୋର୍ଟ ଯୋଗୁ ମିରଟ ଫେରିଯିବାକୁ କୁହାଯାଇଥିଲା । ଅଧିକାରୀମାନେ କହିଥିଲେ ଯେ ପାକିସ୍ତାନୀ ପାସପୋର୍ଟ ଥିବା ପିଲାମାନଙ୍କୁ ଫେରିବାକୁ ପଡ଼ିବ । ଏହା ସାନାଙ୍କୁ ଏକ ଦ୍ୱନ୍ଦ୍ୱରେ ପକାଇଥିଲା । ପରିସ୍ଥିତିର ଗମ୍ଭୀରତାକୁ ଅନୁଭବ କରି ସେ କାନ୍ଦିବାକୁ ଲାଗିଲେ । ସାନା ଏବଂ ତାଙ୍କ ପରିବାର ଦେଖିଲେ ଯେ ସେମାନଙ୍କ ଭଳି ଆହୁରି ଅନେକ ମାମଲା ଅଛି, ପିଲାମାନେ ସେମାନଙ୍କ ମା'ଙ୍କୁ ବିଦାୟ ଦେଇ ନିଜ ବାପାଙ୍କ ପାଖକୁ ଏକାକୀ ସୀମା ପାର ହୋଇ ଯିବାକୁ ବାଧ ହୋଇଛନ୍ତି । ମୋ ପିଲାମାନେ ଏଠାରେ ରହିପାରିବେ ନାହିଁ ଏବଂ ମୁଁ ସେଠାକୁ ଯାଇପାରିବି ନାହିଁ, ସେ କାନ୍ଦି କାନ୍ଦି ସାମ୍ବାଦିକମାନଙ୍କୁ କହିଥିବାର ଦେଖିବାକୁ ମିଳିଛି । ପରିବାର ଲୋକ ସୀମାରେ ଥିବା ଅଧିକାରୀମାନଙ୍କୁ ସେମାନଙ୍କର ପରିସ୍ଥିତି ବିଷୟରେ କହିଥିଲେ । ପିଲାମାନେ ବହୁତ ଛୋଟ ଥିବାରୁ ସେମାନଙ୍କ ମା'ଙ୍କ ବିନା ରହିବା ଅସମ୍ଭବ ବୋଲି ଦର୍ଶାଇଥିଲେ । ଅଧିକାରୀମାନେ ସାନାଙ୍କୁ ମିରଟକୁ ଫେରାଇ ଦେଇଥିଲେ ଏବଂ ନୂତନ ସରକାରୀ ନିର୍ଦ୍ଦେଶ ପାଇଁ ଅପେକ୍ଷା କରିବାକୁ କହିଥିଲେ । ସାନା କହିଛନ୍ତି ଯେ ତାଙ୍କ ବିବାହ ପରେ ଏହା ତାଙ୍କର ଦ୍ୱିତୀୟ ଭାରତ ଯାତ୍ରା ଥିଲା, ପ୍ରଥମ ଯାତ୍ରା ପ୍ରାୟ ୩ ବର୍ଷ ପୂର୍ବେ ହୋଇଥିଲା ।

## ବ୍ଲକ୍ ହେଲା ସୋଏବ ଅଖତରଙ୍କ ୟୁଟ୍ୟୁବ ଚ୍ୟାନେଲ୍

**ନୂଆଦିଲ୍ଲୀ:** ପହଲଗାମ ଆକ୍ରମଣ ପରେ ପାକିସ୍ତାନ ବିରୋଧରେ ଗୋଟାଏ ପରେ ଗୋଟାଏ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ଭାରତ ସରକାର । ଏବେ ସରକାର ସୋଏବ ଅଖତରଙ୍କ ସମେତ ୧୬ ଜଣକ ୟୁଟ୍ୟୁବରଙ୍କର ଚ୍ୟାନେଲ୍‌କୁ ଅବରୋଧ କରିଛନ୍ତି ।

ସରକାରୀ ସୂତ୍ର ଅନୁଯାୟୀ, ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଉତ୍ତେଜନାମୂଳକ ଏବଂ ସାମ୍ପ୍ରଦାୟିକ ସମ୍ବେଦନଶୀଳ ବିଷୟବସ୍ତୁ ପ୍ରସାରଣ ପାଇଁ ଭାରତରେ ମୋଟ ୬୩ ମିଲିୟନ୍ ସବସ୍କ୍ରାଇବର୍ ସହିତ ୧୬ଟି ପାକିସ୍ତାନୀ ୟୁଟ୍ୟୁବ୍ ଚ୍ୟାନେଲକୁ ନିଷିଦ୍ଧ କରାଯାଇଛି । କେନ୍ଦ୍ର ଗୃହ ମନ୍ତ୍ରଣାଳୟର ସୁପାରିସରେ ଏହି ୟୁଟ୍ୟୁବ୍ ଚ୍ୟାନେଲଗୁଡ଼ିକୁ ନିଷିଦ୍ଧ କରାଯାଇଛି ।

ନିଷିଦ୍ଧ ପ୍ଲାଟଫର୍ମଗୁଡ଼ିକରେ ଡନ୍, ସମା ଟିଭି, ଏଆରଓ୍ୱାଇ ନ୍ୟୁଜ୍, ବୋଲ୍ ନ୍ୟୁଜ୍, ରଫତାର, ଜିଓ ନ୍ୟୁଜ୍ ଏବଂ ସୁନୋ ନ୍ୟୁଜ୍ ଭଳି ନ୍ୟୁଜ୍ ଚ୍ୟାନେଲଗୁଡ଼ିକ ଅନ୍ତର୍ଭୁକ୍ତ ।



# ଭାରତକୁ ଧମକ ଦେବାର ଦିନକ ପରେ ପାକିସ୍ତାନ ଛାଡିଲେ ବିଲାୱାଲ

**ନୂଆଦିଲ୍ଲୀ:** ରହିଲାନି ମୁହଁ ଫୁଟାଣି, ଜୀବନ ବିକଳରେ ପାକିସ୍ତାନ ଛାଡ଼ି ପଳାଇଲେ ପିପିପି ନେତା ବିଲାୱାଲ ଭୁଟ୍ଟୋ । ନିଜ ପରିବାର ସହ ଦେଶକୁ ପର କରି ପଳାଇଛନ୍ତି ବିଲାୱାଲ । ପହଲଗାମ୍ ହମଲାର ବଦଲା ନେବାକୁ ଭାରତ ଆକ୍ସନ ପରେ ଆକ୍ସନ ନେଉଥିବା ବେଳେ ଏବେ ଭୟ ଆତଙ୍କରେ ଥିବା ପାକିସ୍ତାନ ନେତା ଏବଂ ସେନା ଅଧିକାରୀ ଧିରେଧିରେ ପାକିସ୍ତାନ ଛାଡି ପଳାୟନ କରୁଛନ୍ତି । ଆଉ ଏହାରି ଭିତରେ ଦେଶ ଛାଡି କାନାଡା ପଳାଇଛନ୍ତି ବିଲାୱାଲ । ତେବେ ପଳାୟନର ଦୁଇ ଦିନ ପୂର୍ବରୁ ଭାରତକୁ ଧମକାଇଥିଲେ ବିଲାୱାଲ । ଏକ ଜନସଭାରେ ଭାଷଣ ଦେଇ ଭାରତ ବିରୋଧରେ ଗର୍ଜି ଲୋକଙ୍କୁ ଉସୁକାଉଥିଲେ । ଭାରତ ପାକିସ୍ତାନ ବିରୋଧରେ ଆକ୍ସନ ନେଇ ସିନ୍ଧୁ ନଦୀକୁ ଚୁକ୍ତିକୁ ରଦ୍ଦ କରିବା ପରେ ପ୍ରତିକ୍ରିୟାଶୀଳ ହୋଇ ବିଲାୱାଲ କହିଥିଲେ- ସିନ୍ଧୁ ଆମର ଆଉ ଆମର ହୋଇ ହିଁ ରହିବ... ଏଥିରେ ପାଣି ବହିବ ନଚେତ ସେମାନଙ୍କ ରକ୍ତ ବହିବ... କହି ଭାରତକୁ ଧମକ ଦେଇଥିଲେ ବିଲାୱାଲ । ହେଲେ ବିଡମ୍ବନାର ବିଷୟ ଧମକର ଦିନକ ପରେ ହିଁ ନିଜ ଦେଶ ଛାଡି ପଳାଇଛନ୍ତି ଏ ଭୀରୁ ନେତା । ଭାରତ ବିରୋଧରେ ଗର୍ଜୁଥିବା ବିଲାୱାଲ ଶେଷରେ ପାକିସ୍ତାନକୁ ପର କରି ପଳାଇଛନ୍ତି । ଯେଉଁଥିରେ ତାଙ୍କ ମୁହଁ ଫୁଟାଣିର ଦମ୍ ଜଣାପଡିଛି । ଖାଲି ବିଲାୱାଲ ନୁହଁନ୍ତି ପାକିସ୍ତାନର ଅନେକ ସେନା ଅଧିକାରୀ ସେମାନଙ୍କ ପରିବାରକୁ ଦେଶ ବାହାରକୁ ପଠାଇ ଦେଉଛନ୍ତି । ପରିବାରର ସୁରକ୍ଷା ଦୃଷ୍ଟିରୁ ଏପରି ପଦକ୍ଷେପ ନେଉଛନ୍ତି । କାରଣ ସେମାନେ ଜାଣନ୍ତି ପହଲଗାମ୍ ଆକ୍ରମଣର ବଦଲା ଭାରତ କେତେବେଳେ ବି ନେଇଯିବ ଏବଂ କେତେବେଳେ କିଛି ବି ହୋଇପାରେ ।



## ବାଲେଶ୍ୱର ପ୍ରିମିୟର ଲିଗ୍

# ଡେକାନ ୱାରିୟର ଚାମ୍ପିଅନ




ବାଲେଶ୍ୱର,୨୮।୪ (ସବ୍ୟୁ): ସ୍ଥାନୀୟ ପରମିଟ ପଡ଼ିଆରେ ଚାଲିଥିବା ଅନନ୍ତ ଅନଙ୍ଗ ଓ ରିଲାଏନ୍ସ ଟ୍ରେଣ୍ଡସ ପ୍ରାୟୋଜିତ ୧୨ତମ ବାଲେଶ୍ୱର ପ୍ରିମିୟର ଲିଗ ରବିବାରରେ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଶିବାଜୀ ଟାଇଟନ୍ସ ଏବଂ ଡେକାନ ୱାରିୟର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଡେକାନ ୱାରିୟର ପ୍ରଥମେ ଟସ ଜିତି ବ୍ୟାଟିଂ ନିଷ୍ପତି ନେଇଥିଲା ଏବଂ ଶିବାଜୀ ଟାଇଟନ୍ସକୁ ବୋଲିଂ କରିବା ପାଇଁ ଆମନ୍ତ୍ରଣ କରିଥିଲା। ଡେକାନ ୱାରିୟର ନିର୍ଦ୍ଧାରିତ ୨୦ଓଭରରୁ ୧୯.୫ଓଭର ଖେଳି ସମସ୍ତ ୱିକେଟ ହରାଇ ୧୮୧ରନ ସଂଗ୍ରହ କରିଥିଲା।ଦଳର ବ୍ୟାଟ୍ସମ୍ୟାନ ସର୍ବେଶ୍ୱର ମହାନ୍ତି ଏବଂ ଅଭିଷେକ ଯାଦବ ଉଭୟ ୪୩ରନ ଲେଖାଏଁ କରିଥିଲା ବେଳେ ଶିବାଜୀ ଟାଇଟନ୍ସର ବୋଲର ଅଧିନାୟକ ପ୍ରକାଶ ବାରିକ ୪ଓଭର ବୋଲିଂ କରି ୨୫ରନ ବ୍ୟୟ କରି ୩ଟି ୱିକେଟ ନେଇଥିଲେ। ଦ୍ୱିତୀୟ ଇନିଙ୍ଗ୍ସରେ ୧୮୨ରନର ବିଜୟ ଲକ୍ଷ୍ୟକୁ ପିଛା କରି ଶିବାଜୀ ଟାଇଟନ୍ସ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା।ମଧ୍ୟ କ୍ରମରେ ବ୍ୟାଟ୍ସମ୍ୟାନ୍ ଗୁରୁଦିପନ ଜେନା ଓ ତାଜ ଖାନ ଶିବାଜୀ ଟାଇଟନ୍ସର ବିଜୟ ଆଶାକୁ ଉଜ୍ଜିବିତ କରିଥିଲେ। ମାତ୍ର ଡେକାନ ୱାରିୟରର ବୋଲର ସର୍ବେଶ୍ୱର ମହାନ୍ତିଙ୍କ ଘାତକ ବୋଲିଂକୁ ସମ୍ମୁଖୀନ ହୋଇ ନପାରି ଶିବାଜୀ ଟାଇଟନ୍ସ୧୬୭ରନ କରି ସମସ୍ତ ୱିକେଟ ହରାଇ ୧୪ରନରେ ପରାଜୟ ବରଣ କରିଥିଲା। ଡେକାନ ୱାରିୟର ବହୁପ୍ରତିକ୍ଷିତ ୧୨ତମ ବାଲେଶ୍ୱର ପ୍ରିମିୟର ଲିଗର ଚମ୍ପିୟାନ ହୋଇଛି । ସର୍ବେଶ୍ୱର ମହାନ୍ତି ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲା ବେଳେ କ୍ଷମାସାଗର ବଳ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଶିବାଜୀ ଟାଇଟନ୍ସର ଉଦିୟମାନ ଖେଳାଳୀ ରାକେଶ ଦାସ ମହାପାତ୍ରଙ୍କୁ ଶ୍ରେଷ୍ଠ ପ୍ରତିଭାବାନ ଖେଳାଳୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ବୋଲର ପୁରସ୍କାର ଅହିତୋଷ ଦାସ ପାଇଥିଲା ବେଳେ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ପୁରସ୍କାର କ୍ଷମାସାଗର ବଳ ବିବେଚିତ ହୋଇଥିଲେ।ଓସିଏ ଆମ୍ପାୟାର ପ୍ରତାପ କୁମାର ପାତ୍ର ଏବଂ ଅଶ୍ୱୀନୀ ସାମଲ ମ୍ୟାଚ ପରିଚାଳନା କରିଥିଲେ। ମ୍ୟାଚ ରେଫରି ଭାବରେ ରାଜୀବ ସେନାପତି ଦାୟିତ୍ୱ ତୁଲାଇଥିଲେ। ବିପିଏଲ କମିଟିର ସଭାପତି ଲକ୍ଷ୍ମୀନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଓଡିଶା ସରକାରଙ୍କ ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ ଯୋଗଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନୀତ ଅତିଥି ଭାବରେ ସରକାରୀ ଦଳର ଉପ ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଦାସ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଓ ସଦର ବିଧାୟକ ମାନସ ଦତ୍ତ ପ୍ରମୁଖ ଯୋଗଦେଇଥିଲେ ।

# ରାଜସ୍ଥାନ ୮ ୱିକେଟ୍‌ରେ ବିଜୟୀ

## ଆଇପିଏଲ୍ ମହାସମର

ଜୟପୁର,୨୮।୪ (ଏଜେନ୍ସି): ଜୟପୁରର ସ୍ୱାଇଁ ମାନସିଂ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଆଇପିଏଲ୍‌ର ୪୭ତମ ମ୍ୟାଚରେ ରାଜସ୍ଥାନ ରୟାଲ୍ସ ୮ ୱିକେଟ୍‌ରେ ବିଜୟ ହାସଲ କରିଛି । ଗୁଜରାଟ ଟାଇଟନ୍ସକୁ ଆଉ ୨୫ଟି ବଲ ବାକିଥାଇ ୮ ୱିକେଟ୍‌ରେ ଗୁଜରାଟ ଟାଇଟନ୍ସକୁ ପରାସ୍ତ କରିଛି । ଗୁଜରାଟ ଟାଇଟନ୍ସ ନିର୍ଦ୍ଧାରିତ ଓଭରରେ ୪ ୱିକେଟ୍ ହରାଇ ୨୦୯ ରନ୍ କରିଥିବା ବେଳେ ରାଜସ୍ଥାନ ରୟାଲ୍ସ ୧୫.୫ ଓଭରରେ ୨ ୱିକେଟ୍ ହରାଇ ୨୧୨ ରନ୍ କରିଥିଲା । ରାଜସ୍ଥାନ ରୟାଲ୍ସର ସର୍ବକନିଷ୍ଠ ଖେଳାଳି ବୈଭବ ସୂର୍ଯ୍ୟବଂଶୀ ୩୮ଟି ବଲରୁ ୧୦୧ ରନ୍ କରି ରେକର୍ଡ କରିଥିଲେ । ଆଜିର ମ୍ୟାଚରେ ରାଜସ୍ଥାନ ରୟାଲ୍ସ ପ୍ରଥମେ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ଗୁଜରାଟ ଟାଇଟନ୍ସ ପକ୍ଷରୁ ସାଇ ସୁଦର୍ଶନ ଓ ଶୁଭମନ ଗିଲ ଆରମ୍ଭରୁ ଲଢୁଆ ବ୍ୟାଟିଂ କରି ଦଳକୁ ବିଜୟ ଦ୍ୱାରଦେଶରେ ପହଞ୍ଚାଇଥିଲେ । ଗିଲ ୮୪ ରନ୍ କରିଥିବା ବେଳେ ସୁଦର୍ଶନ ୩୯ ରନ୍ କରିଥିଲେ । ସେହିପରି ଜସ୍ ବଟଲର ତୃତୀୟ ନମ୍ବରରେ ଆସି ବିସ୍ଫୋରକ ବ୍ୟାଟିଂ ପ୍ରଦର୍ଶନ କରି ୨୬ ବଲ୍‌ରେ ୫୦ ରନ କରିଥିଲେ । ଦଳ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ୍ ହରାଇ ୨୦୯ ରନ କରିଥିଲା । ରାଜସ୍ଥାନ ପକ୍ଷରୁ ମଇସି ତିକସନା ୨ଟି ୱିକେଟ୍ ନେଇଥିବା ବେଳେ ଜୋଫ୍ରା ଆର୍ଚର ଓ ସନ୍ଦୀପ ଶର୍ମା ଗୋଟିଏ ଲେଖାଏଁ ୱିକେଟ୍ ହାସଲ କରିଥିଲେ । ବୈଭବ ସୂର୍ଯ୍ୟବଂଶୀଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଛି ।

ଶତକୀୟ ଇନିଂସ ଖେଳିଥିବା ସୂର୍ଯ୍ୟବଂଶୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଆଇପିଏଲ୍‌ରେ ଏହା ମୋର ପ୍ରଥମ ଶତକ ଥିଲା । ଗତ ୩/୪ ମାସ ହେଲା ଯାହା ଅଭ୍ୟାସ କରୁଛି ତାହାର ଫଳାଫଳ ଦେଖାଉଛି । ବ୍ୟାଟିଂ କରିବା ସମୟରେ ମୁଁ କେବଳ ବଲ ଉପରେ ଧ୍ୟାନ ଦିଏ, ପିଚ୍‌କୁ ଦେଖେ ନାହିଁ । ଆଇପିଏଲ ରେ ଶତକ କରିବା ସ୍ୱପ୍ନ ପରି ଲାଗୁଛି । କୌଣସି ଭୟ ନାହିଁ, ବୋଲରମାନେ ତାଙ୍କୁ ଟାର୍ଗେଟ କରୁଛନ୍ତି କି ନାହିଁ ସେଥି ପ୍ରତି ଧ୍ୟାନ ନଦେଇ ମୁଁ କେବଳ ଖେଳିବା ଉପରେ ନଜର ରଖୁଛି ।






### ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ବେଙ୍ଗାଲୁରୁ | ୧୦ | ୭ | ୩ | ୧୪ |
| ଗୁଜରାଟ | ୮ | ୬ | ୨ | ୧୨ |
| ମୁମ୍ବାଇ | ୧୦ | ୬ | ୪ | ୧୨ |
| ଦିଲ୍ଲୀ | ୯ | ୬ | ୩ | ୧୨ |
| ପଞ୍ଜାବ | ୯ | ୫ | ୩ | ୧୧ |
| ଲକ୍ଷ୍ନୌ | ୧୦ | ୫ | ୫ | ୧୦ |
| କୋଲକାତା | ୯ | ୩ | ୫ | ୭ |
| ସନ୍‌ରାଇଜର୍ସ | ୯ | ୩ | ୬ | ୬ |
| ରାଜସ୍ଥାନ | ୧୦ | ୩ | ୭ | ୬ |
| ଚେନ୍ନାଇ | ୯ | ୨ | ୭ | ୪ |

### ଆଜିର ମ୍ୟାଚ

**ଦିଲ୍ଲୀ–କୋଲକାତା**
**ସମୟ: ରାତି ୭.୩୦**
**ସ୍ଥାନ: ଦିଲ୍ଲୀ**
**ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ହଟ୍‌ଷ୍ଟାର**

# ନୀତାଙ୍କ ସହ ମୁମ୍ବାଇ ଇଣ୍ଡିଆନ୍ସକୁ ଉତ୍ସାହିତ କରିଥିଲେ ହଜାର ହଜାରେ ପିଲା

ମୁମ୍ବାଇ,୨୮।୪ (ଏଜେନ୍ସି): ରବିବାର ସନ୍ଧ୍ୟାରେ ଐତିହାସିକ ୱାଙ୍ଖେଡେ ଷ୍ଟାଡିୟମରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ମଧ୍ୟରେ ହୋଇଥିବା ମ୍ୟାଚକୁ ଦେଖିଥିଲେ ହଜାର ହଜାର ଅନୁନ୍ନତ ପୃଷ୍ଠଭୂମିର ପିଲା । ମୁମ୍ବାଇ ଇଣ୍ଡିଆନ୍ସ ଦଳର ନୀଳ ଜର୍ସି ପିନ୍ଧିଥିବା ଏହି ପିଲାମାନଙ୍କୁ ନେଇ ସମଗ୍ର ଷ୍ଟାଡିୟମ ନୀଳ ରଙ୍ଗରେ ଆଚ୍ଛାଦିତ ହୋଇଥିଲା । ପିଲାମାନେ ପ୍ରତ୍ୟେକ ୱିକେଟ୍ ଏବଂ ସଟ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଦଳକୁ ଉତ୍ସାହିତ କରୁଥିଲେ । ନୀତା ଅମ୍ବାନୀଙ୍କ ନେତୃତ୍ୱରେ 'ସମସ୍ତଙ୍କ ପାଇଁ ଶିକ୍ଷା ଏବଂ କ୍ରୀଡ଼ା ଅଭିଯାନ' ମୁମ୍ବାଇର ପ୍ରାୟ ୧୯ ହଜାର ପିଲାଙ୍କ ପାଇଁ ମ୍ୟାଚ୍ ଟିକେଟ୍ ବ୍ୟବସ୍ଥା କରିଥିଲା ଯାହା ଦ୍ୱାରା ପିଲାମାନେ ଷ୍ଟାଡିୟମରେ ମ୍ୟାଚ୍ ଉପଭୋଗ କରିଥିଲେ । ସୂଚନାଯୋଗ୍ୟ ଯେ 'ଶିକ୍ଷା ଏବଂ କ୍ରୀଡ଼ା ସମସ୍ତଙ୍କ ପାଇଁ (ଇଏସଏ)' ରିଲାଏନ୍ସ ଫାଉଣ୍ଡେସନର ଏକ ପ୍ରୟାସ ଏବଂ ସମାଜର ଅନୁନ୍ନତ ପୃଷ୍ଠଭୂମିର ପିଲାମାନଙ୍କ ପାଇଁ ଏକ ବାର୍ଷିକ ଇଏସଏ ଦିବସ ମ୍ୟାଚ୍ ଆୟୋଜିତ କରିଥାଏ ।




ଏହି ସ୍ୱତନ୍ତ୍ର ଦିବସରେ ଅବସରରେ ରିଲାଏନ୍ସ ଫାଉଣ୍ଡେସନର ଅଧ୍ୟକ୍ଷା ନୀତା ଏମ୍ ଅମ୍ବାନୀ କହିଛନ୍ତି, ଏହା କେବଳ ଏକ ମ୍ୟାଚ୍ ନୁହେଁ । ଏହା ଆଶା, ସ୍ୱପ୍ନ ଏବଂ ଖୁସିର ଉତ୍ସବ । ଏହା ସମଗ୍ର ସିଜନରେ ମୁମ୍ବାଇ ଇଣ୍ଡିଆନ୍ସର ସବୁଠାରୁ ପ୍ରିୟ ମ୍ୟାଚ୍ । ପରିବେଶକୁ ଦେଖନ୍ତୁ, ୧୯,୦୦୦ ପିଲା, ସମସ୍ତେ ଅନୁନ୍ନତ ପୃଷ୍ଠଭୂମିରୁ, ସେମାନଙ୍କ ମଧ୍ୟରୁ କିଛି ବିଶେଷ ବା ଭିନ୍ନକ୍ଷମ ପିଲା । ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ପାଇଁ, ଏହା ପ୍ରଥମ ଥର ଯେତେବେଳେ ସେମାନେ ଷ୍ଟାଡିୟମରେ ଏକ ଲାଇଭ୍ ମ୍ୟାଚ୍ ଦେଖୁଛନ୍ତି । ପିଲାମାନେ ଏହାକୁ କିପରି ଉପଭୋଗ କରୁଛନ୍ତି ତାହା ଦେଖିବା ବାସ୍ତବରେ ବେଶ ଆନନ୍ଦଦାୟକ । ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଭାରତ ପାଇଁ ଖେଳୁଥିବା ଅନେକ ଖେଳାଳି ବେଶ ସାଧାରଣ ପୃଷ୍ଠଭୂମିରୁ ଆସିଛନ୍ତି । ଏହା ସେମାନଙ୍କ ପାଇଁ ଏକ ପ୍ରେରଣା ମଧ୍ୟ ଯେ ସେମାନେ ସ୍ୱପ୍ନ ଦେଖିପାରିବେ ଏବଂ ସେମାନେ ଯାହା ହେବାକୁ ଚାହାଁନ୍ତି ତାହା ହୋଇପାରିବେ ।

ଅତ୍ୟନ୍ତ ଖୁସି ଦେଖାଯାଉଥିବା ପିଲାମାନେ ନୀତା ଅମ୍ବାନୀଙ୍କ ସହ କଥା ହୋଇଥିଲେ । ପିଲାମାନଙ୍କ ସହିତ ତାଙ୍କର ଆଲୋଚନା ବିଷୟରେ ନୀତା ଅମ୍ବାନୀ କହିଥିଲେ, ଏକ ଛୋଟ ଝିଅ ମୋତେ କହିଲା ଯେ ସେ ବୁମରାଙ୍କ ଭଳି ହେବାକୁ ଚାହେଁ ଏବଂ ଜଣେ ପୁଅ କେବଳ ରୋହିତ ଶର୍ମାଙ୍କ ସହିତ ହାତ ମିଳାଇବାକୁ ଚାହୁଁଥିବା କହିଥିଲା । ଯଦି ସେମାନଙ୍କର ଆଶା ଏବଂ ଆକାଂକ୍ଷା ପୂରଣ ହୋଇପାରିବ, ତେବେ ସେମାନେ ଉତ୍କର୍ଷରେ ପହଞ୍ଚିପାରିବେ । ଇଏସଏ ର ମୌଳିକ ଉଦ୍ଦେଶ୍ୟ ହେଉଛି ସମସ୍ତଙ୍କ ପାଇଁ ଶିକ୍ଷା ଏବଂ କ୍ରୀଡ଼ା । ମୁଁ ଭାବୁଛି ପିଲାମାନେ ଖେଳ ପଡ଼ିଆରେ ଯେତିକି ଶିଖନ୍ତି, ଶ୍ରେଣୀଗୃହରେ ମଧ୍ୟ ସେତିକି ଶିଖନ୍ତିଛ ମୁଁ ଭାବୁଛି ଆଜି ସ୍ୱପ୍ନ ଏବଂ ଆଶାର ଦିନ । ହୁଏତ ସେମାନଙ୍କ ମଧ୍ୟରୁ ଜଣେ ହରମନପ୍ରୀତ ହୋଇପାରନ୍ତି, କେହି ଜଣେ ରୋହିତ ଶର୍ମା ହୋଇପାରନ୍ତି । ପିତାମାତାଙ୍କୁ ମଧ୍ୟ ବୁଝିବାକୁ ପଡିବ ଯେ ସେମାନେ ସେମାନଙ୍କ ପିଲାମାନଙ୍କୁ ନିଜର ପସନ୍ଦ ବାଛିବାକୁ ଦେବା ଉଚିତ ।

୧୯,୦୦୦ ପିଲାଙ୍କୁ ସେମାନଙ୍କ ଘରୁ ଷ୍ଟାଡିୟମରେ ପହଞ୍ଚାଇବା ଏବଂ ମ୍ୟାଚ ପରେ ସେମାନଙ୍କୁ ସୁରକ୍ଷିତ ଭାବରେ ଘରେ ଛାଡିବା ଏକ ଯୋଜନାବଦ୍ଧ ଏବଂ ବଡ଼ କାମ ଥିଲା । ପ୍ରାୟ ୫୦୦ଟି ବସ୍ ରେ ପିଲାମାନଙ୍କୁ ଷ୍ଟାଡିୟମକୁ ଅଣାଯାଇଥିଲା । ୧ ଲକ୍ଷରୁ ଅଧିକ ଖାଦ୍ୟ ଡବା ପ୍ରସ୍ତୁତ କରାଯାଇଥିଲା ଯାହା ଦ୍ୱାରା କୌଣସି ପିଲା ଯେପରି ଭୋକିଲା ନ ରୁହନ୍ତି ତାହା ସୁନିଶ୍ଚିତ କରାଯାଇଥିଲା । ଏହାର ସ୍ଥାପନା ପରଠାରୁ ରିଲାଏନ୍ସ ଫାଉଣ୍ଡେସନ ଏହାର କ୍ରୀଡା ପଦକ୍ଷେପଗୁଡିକ ମାଧ୍ୟମରେ ସାରା ଭାରତରେ ୨ କୋଟି ୩୦ ଲକ୍ଷରୁ ଅଧିକ ପିଲା ଏବଂ ଯୁବକଯୁବତୀଙ୍କ ଜୀବନକୁ ପ୍ରଭାବିତ କରିଛି । ୨୦୧୦ରେ ଆରମ୍ଭ ହୋଇଥିବା ଇଏସଏ କାର୍ଯ୍ୟକ୍ରମ ଏହି ପଦକ୍ଷେପର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ।

# ମାଲିଙ୍ଗାଙ୍କ ରେକର୍ଡ ଭାଙ୍ଗିଲେ ବୁମରା

ମୁମ୍ବାଇ,୨୮।୪ (ଏଜେନ୍ସି):ଶ୍ରୀଲଙ୍କାର ପୂର୍ବତନ ଦ୍ରୁତ ବୋଲର ଲସିଥ ମାଲିଙ୍ଗାଙ୍କ ନାଁରେ ଥିବା ବହୁଦିନ ତଳର ରେକର୍ଡକୁ ଯଶପ୍ରୀତ ବୁମରା ଭାଙ୍ଗିଛନ୍ତି । ରବିବାରର ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ବିପକ୍ଷ ମୁକାବିଲାରେ ୪ ୱିକେଟ୍ ନେଇ ବୁମରା ମାଲିଙ୍ଗାଙ୍କୁ ଟପି ମୁମ୍ବାଇ ଇଣ୍ଡିଆନ୍ସର ସର୍ବାଧିକ ୱିକେଟ୍ ସଂଗ୍ରହକାରୀ ହୋଇଛନ୍ତି । ଲକ୍ଷ୍ନୌ ପାଳିର ତୃତୀୟ ଓଭରରେ ଏବଂ ନିଜ ସ୍ପେଲ୍ର ପ୍ରଥମ ଓଭରରେ ବୁମରା ଏହି ମାଇଲଖୁଣ୍ଟ ଛୁଇଁଥିଲେ । ଲକ୍ଷ୍ନୌ ଓପନର୍ ଐଦେନ ମାରକ୍ରମଙ୍କୁ ଡିପ୍ ସ୍କୋୟାର୍ ଲେଗ୍ ଅଞ୍ଚଳରେ ନମନ ଧୀରଙ୍କ ହାତରେ କ୍ୟାଚ୍ କରାଇ ନିଜ ନାମକୁ ରେକର୍ଡ ବୁକ୍‌ରେ ସାମିଲ କରିଥିଲେ । ବୁମରା ଏବେ ମୁମ୍ବାଇ ପକ୍ଷରୁ ୧୪୦ ପାଳିରୁ ୧୭୪ ୱିକେଟ୍ ନେଇଛନ୍ତି । ଅନ୍ୟପକ୍ଷରେ ମାଲିଙ୍ଗା ୧୭୦, ହରଭଜନ ସିଂହ ୧୨୭, ମିଚେଲ ମ୍ୟାକ୍ଲିନାଘନ ୭୧ ଓ କିରଣ ପୋଲାର୍ଡ ୬୯ ୱିକେଟ୍ ନେଇ ଏହି କ୍ରମରେ ଦ୍ୱିତୀୟରୁ ପଞ୍ଚମ ସ୍ଥାନରେ ରହିଛନ୍ତି । ଏହି ସଫଳତା ଲାଗି ମୁମ୍ବାଇ ଇଣ୍ଡିଆନ୍ସର ମାଲିକାଣୀ ନୀତା ଅମ୍ବାନୀ ଓ ତାଙ୍କ ପୁଅ ଆକାଶ ଅମ୍ବାନୀ ଠିଆ ହୋଇ ବୁମରାଙ୍କୁ ଅଭିବାଦନ ଜଣାଇଥିଲେ ।

# ପ୍ଲେଅଫରେ ଖେଳିବେ ୪ଟି ଦଳ !

ନୂଆଦିଲ୍ଲୀ,୨୮।୪ (ଏଜେନ୍ସି): ଆଇପିଏଲ ୨୦୨୫ରେ, ଅଧିକାଂଶ ଦଳ ୯ଟି ମ୍ୟାଚ୍ ଖେଳିଛନ୍ତି । ଏବେ ପ୍ରତ୍ୟେକ ଦଳ ପାଖରେ ପ୍ରାୟ ପାଞ୍ଚରୁ ଛଅଟି ମ୍ୟାଚ୍ ଖେଳିବାକୁ ବାକି ଅଛି । ଆଇପିଏଲର ଏହି ସିଜିନ୍ ପ୍ଲେଅଫ୍ ଆଡକୁ ଗତି କରୁଛି ଏବଂ ଧୀରେ ଧୀରେ ପ୍ଲେଅଫରେ ପହଞ୍ଚିବାକୁ ଥିବା ଦଳଗୁଡ଼ିକ ବାବଦରେ ମଧ୍ୟ ସ୍ପଷ୍ଟତା ଆସିବାରେ ଲାଗିଛି । ଏହି ପ୍ଲେଅଫ୍ ଦଳଗୁଡ଼ିକର ନାମ ଚୂଡ଼ାନ୍ତ ହେବା ପୂର୍ବରୁ, ପୂର୍ବତନ ଭାରତୀୟ କ୍ରିକେଟର ଅନିଲ କୁମ୍ବଲେ ଏକ ଭବିଷ୍ୟବାଣୀ କରିଛନ୍ତି । ଏହି ଭବିଷ୍ୟବାଣୀରେ, ଅନିଲ କୁମ୍ବଲେ ପ୍ଲେଅଫରେ ପହଞ୍ଚିପାରୁଥିବା ଚାରୋଟି ଦଳର ନାମ ଦେଇଛନ୍ତି । ଅନିଲ କୁମ୍ବଲେଙ୍କ ମତରେ, ପ୍ଲେଅଫ୍ ପାଇଁ ଯୋଗ୍ୟତା ଅର୍ଜନ କରିପାରିବା ପ୍ରଥମ ଦଳ ହେଉଛି ଗୁଜରାଟ ଟାଇଟାନ୍ସ । ଜିଟି ବର୍ତ୍ତମାନ ପଏଣ୍ଟ ଟେବୁଲର ଶୀର୍ଷରେ ଅଛି । ଗୁଜରାଟ ଦଳ ୮ଟି ମ୍ୟାଚ୍ ରୁ ୬ଟିରେ ବିଜୟୀ ହୋଇଛି, ଏହି ଦଳ କେବଳ ଦୁଇଟି ମ୍ୟାଚ୍ ରେ ପରାଜୟର ସମ୍ମୁଖୀନ ହୋଇଛି । ପ୍ଲେଅଫରେ ଦ୍ୱିତୀୟ ଦଳ ହେଉଛି ଦିଲ୍ଲୀ କ୍ୟାପିଟାଲ୍ସ, ଏହି ଦଳ ପଏଣ୍ଟ ଟେବୁଲରେ ଦ୍ୱିତୀୟ ସ୍ଥାନରେ ଅଛି । ଡିସି ମଧ୍ୟ ୮ଟି ମ୍ୟାଚ୍ ରୁ ୬ଟି ଜିତିଛି ଏବଂ କେବଳ ଦୁଇଟି ମ୍ୟାଚ୍ ହାରିଛି । ଅନିଲ କୁମ୍ବଲେଙ୍କ ମତରେ, ଏହି ଆଇପିଏଲ ସିଜିନରେ ମୁମ୍ବାଇ ଇଣ୍ଡିଆନ୍ସ ତୃତୀୟ ସ୍ଥାନ ଅଧିକାର କରିବ, ଯେତେବେଳେ ବର୍ତ୍ତମାନ ମୁମ୍ବାଇ ପଏଣ୍ଟ ଟେବୁଲରେ ପଞ୍ଚମ ସ୍ଥାନରେ ଅଛି । ଏହି ଆଇପିଏଲ ସିଜିନରେ ଏମଆଇର ଆରମ୍ଭ ବହୁତ ଖରାପ ଥିଲା, କିନ୍ତୁ ଲଗାତାର ଚାରିଟି ବିଜୟ ସହିତ, ମୁମ୍ବାଇ ଦଳ ପ୍ଲେଅଫ୍ ଆଡକୁ ଅଗ୍ରସର ହେଉଛି । ଏମଆଇ ଏପର୍ଯ୍ୟନ୍ତ ୯ଟି ମ୍ୟାଚ୍ ଖେଳିଛି, ଯେଉଁଥିରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଦଳ ୫ଟି ମ୍ୟାଚ୍ ଜିତିଛି, ଯେତେବେଳେ ୪ଟି ମ୍ୟାଚ୍ ରେ ପରାଜୟର ସାମ୍ନା କରିଛିଛ ଅନିଲ କୁମ୍ବଲେଙ୍କ ମତରେ, ପ୍ଲେଅଫରେ ପହଞ୍ଚିବା ପାଇଁ ଚତୁର୍ଥ ଦଳ ପଞ୍ଜାବ କିଙ୍ଗସ୍ କିମ୍ବା ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ହୋଇପାରେ । ଆରସିବି ବର୍ତ୍ତମାନ ପଏଣ୍ଟ ଟେବୁଲରେ ତୃତୀୟ ସ୍ଥାନରେ ଅଛି । ବେଙ୍ଗାଲୁରୁ ବର୍ତ୍ତମାନ ୯ଟି ମ୍ୟାଚ୍ ରୁ ୬ଟି ଜିତିଛି ଏବଂ ୩ଟିରେ ହାରିଛି । ଯେତେବେଳେ ପଞ୍ଜାବ ୯ଟି ମ୍ୟାଚ୍ ରୁ ୫ଟି ଜିତିଛି ଏବଂ ୩ଟିରେ ହାରିଛି, ଗୋଟିଏ ମ୍ୟାଚ୍ ଡ୍ର ରହିଛି ।

# ଜର୍ଣ୍ଣାଲିଷ୍ଟ ପ୍ରିମିୟର ଲିଗ୍: କଲମପୁର ଚାମ୍ପିଅନ

କଲମପୁର,(ସବ୍ୟୁ):କଲମପୁର ମିନି ଷ୍ଟଡିୟମରେ କଲମପୁର ସାମ୍ବାଦିକ ସମୂହ ତରଫରୁ ଆୟୋଜିତ ଜର୍ଣ୍ଣାଲିଷ୍ଟ ପ୍ରିମିୟର ଲିଗ ନକ ଆଉଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି। ଚଳିତ ମାସ ୨୦ ତାରିଖରୁ ଆରମ୍ଭ ହୋଇ ୨୭ ତାରିଖ ଦିନ ଶେଷ ହୋଇଛି । ଟୁର୍ଣ୍ଣାମେଣ୍ଟରେ ୧୧ ଗୋଟି ଗ୍ରାମ ପଞ୍ଚାୟତର ଗୋଟିଏ ଲେଖାଁଏ ଦଳ ସମେତ ସାମ୍ବାଦିକ ଦଳ ମିଶି ୧୨ଟି ଦଳ ଭାଗ ନେଇଥିଲେ । ଉଦଯାପନୀ ଦିବସର ଖେଳ କଲମପୁର ଗ୍ରାମ ପଞ୍ଚାୟତ ଏବଂ ଦେପୁର ଗ୍ରାମ ପଞ୍ଚାୟତ ମଧ୍ୟରେ ଅନୁଷ୍ଠିତ ହେଇ ଥିବା ବେଳେ ଦେପୁର ଗ୍ରାମ ପଞ୍ଚାୟତକୁ ପରାଜୟ କରି କଲମପୁର ଗ୍ରାମ ପଞ୍ଚାୟତ ଦଳ ବିଜୟ ଲାଭ କରି ଚାମ୍ପିଅନ ହୋଇଥିଲେ । ଉଦଯାପନୀ ଦିବସରେ ସାମ୍ବାଦିକ ଶୁଭେନ୍ଦୁ ପଣ୍ଡାଙ୍କ ସଭାପତିତ୍ୱ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ସ୍ୱତନ୍ତ୍ର ଅତିଥି କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀଆ , ମୁଖ୍ୟ ବକ୍ତା ଅଧ୍ୟାପକ ବିଭୂତି ପଟ୍ଟନାୟକ, ସମ୍ମାନୀୟ ଅତିଥି ଭାବେ କଲମପୁର ବ୍ଲକ ଅଧ୍ୟକ୍ଷ ଚିନ୍ତାମଣି ବେହେରା , କଲମପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ସୂର୍ଯ୍ୟକାନ୍ତି ପଣ୍ଡା , ପଣ୍ଡିଗାଁ ପଞ୍ଚାୟତ ସରପଞ୍ଚ କବିତା ଜୈନ , ମୀନଗୁର ପଞ୍ଚାୟତ ସରପଞ୍ଚ ନିହାରିକା ବେହେରା , ଦେପୁର ପଞ୍ଚାୟତ ସରପଞ୍ଚ ଟିଙ୍କଲ ପାତ୍ର , କଲମପୁର ପୂର୍ବତନ ସରପଞ୍ଚ ଚତୁର୍ଭୁଜ ପଣ୍ଡା, ସମାଜସେବୀ ଘନଶ୍ୟାମ ନାଏକ , ବରିଷ୍ଠ ସାମ୍ବାଦିକ ତଥା କଲମପୁର ସମବାୟ ସମିତି ଅଧ୍ୟକ୍ଷ ଶଙ୍କର୍ଷଣ ବେହେରା, ସାମ୍ବାଦିକ ଦୀପକ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ଉଦଯାପନୀ ଖେଳରେ ମ୍ୟାନ ଅଫ ଦ ମ୍ୟାଚ ଓ ମ୍ୟାନ ଅଫ ଦ ସିରିଜ ବିରେନ୍ଦ୍ର ପ୍ରସାଦ ନାଏକ ପାଇଥିବା ବେଳେ କଲମପୁର ଥାନା ଏଏସଆଇ ଶେଖର ଜେନା ଏବଂ ବୁଦ୍ଧିଆମନ୍ତ ଭରା ଶଗଡ଼ିଆ ଖେଳ ପରିଚାଳନା କରିଥିଲେ । ଶାଶ୍ୱତ ପଣ୍ଡା ଓ ସାମ୍ବାଦିକ ରଞ୍ଜନ କୁମାର ସାହୁ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ନିଲାଞ୍ଚଳ ଛତ୍ରିଆ ସ୍କୋର୍ ବୋର୍ଡରେ ଦାୟିତ୍ୱ ନିର୍ବାହ କରିଥିଲେ। ଖେଳ ପରିଚାଳନା କମିଟି ସଭାପତି ରାଜେଶ କୁମାର ସାହୁ, ସମ୍ପାଦକ ଶରତ ଚନ୍ଦ୍ର ସୁନାନୀ, ସୁରେନ୍ଦ୍ର ନାଏକ , ଗଣେଶରାମ ବାଗ, ଚକ୍ରଧର ନାଏକ , ଶେଷଦେବ ନାଏକ, ଭୋଜରାଜ୍ ଛତ୍ରିଆ , ଟୁନା ବିହାରୀ, ସଞ୍ଜୟ ସାହୁ,ଦର୍ଶନ ଗୁପ୍ତା, ସାମ୍ବାଦିକ ପ୍ରମୁଖ ସହଯୋଗ କରିଥିଲେ। ଚାମ୍ପିଅନ କଲମପୁର ପଞ୍ଚାୟତ ଦଳକୁ ୨୦ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସ ଦେପୁର ପଞ୍ଚାୟତ ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଆଖ ପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ କ୍ରୀଡା ପ୍ରେମୀ ଖେଳକୁ ଉପଭୋଗ କରିଥିଲେ ।



# ଜିଲ୍ଲା ଚେସ ଆସୋସିଏସନ ନୂତନ କର୍ମକର୍ତ୍ତା

ନୟାଗଡ଼,୨୮।୪ (ସବ୍ୟୁ): ରାଜ୍ୟ ଚେସ ଆସୋସିଏସନ ଅନୁମୋଦନ କ୍ରମେ ନୟାଗଡ଼ ଜିଲ୍ଲା ଚେସ ଆସୋସିଏସନର ନୂତନ କର୍ମକର୍ତ୍ତା ନିର୍ବାଚନ ନୟାଗଡ଼ କେସି କ୍ଲବ ଠାରେ ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତିକ୍ରମେ ଭାଗିରଥି ଦାସ ସଭାପତି ଓ ଲକ୍ଷ୍ମୀଧର ସାହୁ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଉପସଭାପତି ।ଲାରସେନ ପାତ୍ର, ସହ ସମ୍ପାଦକ ଉମାକାନ୍ତ ମିଶ୍ର ଏବଂ କୋଷାଧ୍ୟକ୍ଷ ଭାବେ ତାରୁନ ଖାଁ ନିର୍ବାଚିତ ହୋଇଥିବା ସୂଚନା ମିଳିଛି। କାର୍ଯ୍ୟକାରୀ କମିଟିକୁ ଅଜିତ କୁମାର ମିଶ୍ର, ସଂଗ୍ରାମ କେଶରୀ ଗୁମାନସିଂ, ପ୍ରକାଶ ମହାପାତ୍ର, ସଞ୍ଜୟ କୁମାର ସ୍ୱାଇଁ, ଭିକାରୀ ଚରଣ ଦାସ, ଧିରେନ କୁମାର ପ୍ରଧାନ ଏବଂ ଶିଶିର କୁମାର ନାୟକ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ବରିଷ୍ଠ ସଦସ୍ୟ ଚିତ୍ତରଞ୍ଜନ ତ୍ରିପାଠୀ ଓ ରିତେଶ କୁମାର ରଥ ଉପଦେଷ୍ଟା ମନୋନୀତ ହୋଇଛନ୍ତି। ଜିଲ୍ଲା ଚେସ ଆସୋସିଏସନ ସାଧାରଣ ପରିଷଦ ବୈଠକରେ ଅନୁଷ୍ଠିତ ଏହି ନିର୍ବାଚନ ପ୍ରକ୍ରିୟାରେ ରିଟର୍ଣ୍ଣିଂ ଅଫିସର ଭାବେ ସଂଗ୍ରାମ ଗୁମାନସିଂ ନିର୍ବାଚନ ଫଳାଫଳ ଘୋଷଣା କରିଥିଲେ। ବ୍ଲକସ୍ତରରେ ଚେସ ଖେଳକୁ ଲୋକାଭିମୁଖୀ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି